# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ମେ ୧୯/୨୦୨୨ (୧୪ ପୃଷ୍ଠା) | Sambalpur, Thursday, May 19/2022 | Page 14 | ₹ 7.00 | ★★

୧୮ଶ ଭାଗ ୧୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

NEWTON COLLEGE OF +2 SCIENCE
NEWTON HIGHER SECONDARY SCHOOL, SAMBALPUR
DEBAIPALI, MAJHIPALI CHOWK, MOB. 9438069105, 9938586082, 9337301382, 9938417517
NEWTON COLLEGE OF +2 SCIENCE | With Learning Associate Virat | COMMENCEMENT OF CLASSES ON 22.05.2022
Admission FOR FOUNDATION COURSE-2022 IS GOING ON
Advance classes for preparation of NEET (Medical) and IIT-JEE (Engineering) for class 10th appeared students will starts from 1st June 2022. Admission is going on...
Admission for CRASH COURSE for 12th Appearing Students is going on.... CLASSES WILL START FROM 6th JUNE-2022
ONE YEAR PREPARATION FOR [ NEET & JEE ] WILL START FROM 25th JULY 2022

# ନୂଆ ରୂପରେ ତାରାତାରିଣୀ ପୀଠ



ତାରାତାରିଣୀଙ୍କ ଶକ୍ତିପୀଠର ରୂପାନ୍ତରଣ କାର୍ଯ୍ୟକ୍ରମରେ ବୁଧବାର ମୁଖ୍ୟ ପୁରୋଧା ଭାବେ ଯୋଗଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ.ପାଣ୍ଡିଆନ।

## ରାଜ୍ୟବାସୀଙ୍କ ମଙ୍ଗଳ କାମନା କଲେ ମୁଖ୍ୟମନ୍ତ୍ରୀ

**■ ଉତ୍କଳୀୟ କଳା ସ୍ଥାପତ୍ୟର ଅନୁପମ ନିଦର୍ଶନ: ନବୀନ**

**■ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସୁବିଧା ଲୋକାର୍ପିତ**

ପୁରୁଷୋତ୍ତମପୁର,(ଡି.ଏନ୍.ଏ.)/ ଭୁବନେଶ୍ୱର,୧୮।୫(ବ୍ୟୁରୋ)

ଗଞ୍ଜାମ ଜିଲାର ଆରାଧ୍ୟା ଦେବୀ ମା' ତାରାତାରିଣୀଙ୍କ ଶକ୍ତିପୀଠରେ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବର ଚତୁର୍ଥ ଦିନ ବୁଧବାର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ପୁରୋଧା ଭାବେ ଯୋଗ ଦେଇଛନ୍ତି। ଏହି ଦିବସକୁ ଏକ ପବିତ୍ର ଦିନ ଭାବରେ ବର୍ଣ୍ଣନା କରି ସେ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ ମା'ଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିବା ସହିତ ପ୍ରତିଷ୍ଠା କାର୍ଯ୍ୟରେ ଯୋଗ ଦେଇଥିଲେ। ସେ କହିଛନ୍ତି, ଓଡ଼ିଶା ଦେବଭୂମି, ଏଠାରେ ଶକ୍ତି ପୂଜାର ପରମ୍ପରା ବହୁ ପ୍ରାଚୀନ। ଓଡ଼ିଶାର ଗାଁ ଗାଁରେ ମା'ଙ୍କର ପୂଜା ଅନାଦି କାଳରୁ ଚାଲିଆସିଛି। ମା' ତାରାତାରିଣୀ ହେଉଛନ୍ତି ଗଞ୍ଜାମର ଇଷ୍ଟଦେବୀ। ଗଞ୍ଜାମବାସୀଙ୍କ ସୁଖଦୁଃଖରେ ଆମେ ମା'ଙ୍କ ଶରଣ ନେଇଥାଉ। ତାଙ୍କ ଆଶୀର୍ବାଦ ଓ ଇଚ୍ଛାରେ ହିଁ ଏହି ମନ୍ଦିର ଭବ୍ୟ ରୂପ ଗ୍ରହଣ କରିଛି। ମୁଁ ଯେବେ ବି ମା'ଙ୍କ ଦର୍ଶନ ପାଇଁ ପୀଠକୁ ଆସିଛି, ମୋତେ ବହୁତ ଭଲ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମା'ଙ୍କ ମନ୍ଦିରର ନୂଆ ରୂପକୁ ମୁଖ୍ୟମନ୍ତ୍ରୀ ଓଡ଼ିଶାର କଳା ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଅନୁପମ ନିଦର୍ଶନ ଭାବରେ ବର୍ଣ୍ଣନା କରିଛନ୍ତି। ଏହି କାର୍ଯ୍ୟରେ ନିୟୋଜିତ ଶିଳ୍ପୀ ଓ ☞ପୃଷ୍ଠା-୪

# ବଡ଼ଦାଣ୍ଡ ନାଳରେ ପଡ଼ି ମୃତ୍ୟୁ

**ରାଜ୍ୟର ବିଭିନ୍ନ ସ୍ଥାନରେ ମୁକୁଳା ଡ୍ରେନ୍‌ରେ ପଡ଼ି ଲୋକଙ୍କ ମୃତ୍ୟୁ ଘଟିଥିବାର ଅନେକ ନଜିର ରହିଥିବାବେଳେ ପୁରୀ ବଡ଼ଦାଣ୍ଡରେ ଘଟିଛି ଅନୁରୂପ ଏକ ଘଟଣା। ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ରିକ୍ସାଚାଳକ ମୁକୁଳା ନାଳରେ ପଡ଼ି ପ୍ରାଣ ହରାଇଛନ୍ତି। ପ୍ରଶାସନିକ ଦାୟିତ୍ୱହୀନତା ଯୋଗୁ ନାଳକୁ ଉପଯୁକ୍ତଭାବେ ଘୋଡ଼ା ଯାଇ ନ ଥିବାରୁ ଏକ ନିରୀହ ଜୀବନ ଚାଲିଗଲା। ଆଉ କେତେ ଜୀବନ ଗଲା ପରେ ସରକାରଙ୍କ ଚେତା ପଶିବ ତାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି।**

ପୁରୀ ଅଫିସ୍, ୧୮।୫

ପୁରୀ ସହର ମାର୍କେଟ ଛକ ନିକଟସ୍ଥ ବଡ଼ଦାଣ୍ଡ ପାର୍ଶ୍ୱରେ ଥିବା ଏକ ମୁକୁଳା ନାଳରେ ପଡ଼ି ଜଣେ ରିକ୍ସା ଚାଳକଙ୍କ ଜୀବନ ଯାଇଛି। ନିଧି ଭୋଇ(୪୧) ନାମକ ରିକ୍ସାଚାଳକ ମଙ୍ଗଳବାର ରାତିରେ ନାଳରେ ପଡ଼ିଯାଇ ଉଠିପାରି ନ ଥିଲେ। ଫଳରେ ଶ୍ୱାସରୁଦ୍ଧ ହୋଇ ତାଙ୍କର ପ୍ରାଣବାୟୁ ଉଡ଼ିଗଲା। ଅନ୍ଧାର ରାତିରେ ସହାୟତା ପାଇଁ ଚିତ୍କାର କରିଥିଲେ ମଧ୍ୟ ସାହାଯ୍ୟ କରିବାକୁ କେହି ନ ଥିଲେ। ବୁଧବାର ଭୋର ସମୟରେ ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ☞ପୃଷ୍ଠା-୪

# ୩୧ ବର୍ଷ ପରେ ମୁକୁଳିଲେ ପେରାରିଭଲନ୍

**ରାଜୀବ ଗାନ୍ଧୀ ହତ୍ୟାକାଣ୍ଡ**



ଏ.ଜି. ପେରାରିଭଲନ

ନୂଆଦିଲ୍ଲୀ,୧୮।୫: ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ହତ୍ୟା ମାମଲାର ଅଭିଯୁକ୍ତ ଏ.ଜି. ପେରାରିଭଲନ୍ ୩୧ ବର୍ଷ ଧରି ଜେଲରେ ରହିବା ପରେ ବୁଧବାର ମୁକୁଳିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୪୨ ଅନୁସାରେ ସୁପ୍ରିମକୋର୍ଟ ନିଜ ଇଚ୍ଛାଧୀନ କ୍ଷମତାର ବ୍ୟବହାର କରି ତାଙ୍କୁ ମୁକ୍ତ କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ନଳିନୀ ଶ୍ରୀହାରନ୍ ଓ ତାଙ୍କ ଶ୍ରୀଲଙ୍କା ନାଗରିକ ସ୍ୱାମୀ ମୁରୁଗାନ୍‌ଙ୍କ ସମେତ ଅବଶିଷ୍ଟ ୬ ଦୋଷୀଙ୍କ ମୁକ୍ତି ପାଇଁ ପଥ ପରିଷ୍କାର କରିପାରେ ବୋଲି କୁହାଯାଉଛି। (ଅଧିକ ରିପୋର୍ଟ ପୃଷ୍ଠା ୨)




# ୩୨ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ରାଜ୍ୟରେ ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇବା ସହ କୃଷକଙ୍କ ଆୟ ବୃଦ୍ଧି କରିବାକୁ ରାଜ୍ୟ ସରକାର ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିଛନ୍ତି। ଶୁଷ୍କ ଓ ପାହାଡ଼ିଆ ଅଞ୍ଚଳ ସମେତ ୩୫ ପ୍ରତିଶତ ଜଳସେଚନ ନ ଥିବା ବ୍ଲକଗୁଡ଼ିକରେ ମଧ୍ୟ ଜଳସେଚନ ବ୍ୟବସ୍ଥା କରିବାକୁ ସରକାର ଯୋଜନା କରିଛନ୍ତି। କେବଳ ସେତିକି ନୁହେଁ, ନଦୀନାଳଗୁଡ଼ିକରେ ଆଡ଼ିବନ୍ଧ ନିର୍ମାଣ କରି ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ସହ ପାନୀୟ ଜଳ ସମସ୍ୟା ଦୂର ଉପରେ ମଧ୍ୟ ଫୋକସ ଦିଆଯାଇଛି। ଏଥିପାଇଁ ପର୍ଯ୍ୟାପ୍ତ ବ୍ୟୟବରାଦ ମଧ୍ୟ କରାଯାଇଛି। ବୁଧବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୩୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ମରାଯାଇଛି।

ରାଜ୍ୟର ଶୁଷ୍କ ଓ ପଥୁରିଆ ଅଞ୍ଚଳରେ ଆସନ୍ତା ୫ ବର୍ଷ ମଧ୍ୟରେ ୧ ଲକ୍ଷ ଗଭୀର ନଳକୂପ ଖନନ କରାଯିବ। ବିଜୁ କୃଷକ ବିକାଶ ଯୋଜନା ଗଭୀର ନଳକୂପ ସେଚ

## ଚାଷୀ, ଚାଷ ଚିନ୍ତା

**■ ପାହାଡ଼ିଆ ଅଞ୍ଚଳରେ ଖୋଳାଯିବ ୧ ଲକ୍ଷ ଗଭୀର ନଳକୂପ**

**■ ନଦୀ, ନାଳରେ ନିର୍ମାଣ ହେବ ୧୨୮୦ ଆଡ଼ିବନ୍ଧ**

**■ ପାଣ୍ଡରା ନିକଟରେ ନିର୍ମାଣ ହେବ ଆଡ଼ିବନ୍ଧ**

କାର୍ଯ୍ୟକ୍ରମରେ ରାଜ୍ୟର ୨୬ଟି ଜିଲାର ୨୫୬ ବ୍ଲକରେ କାର୍ଯ୍ୟକାରୀ କରାଯିବ। ଏହି ଯୋଜନାରେ ଉଭୟ ଖରିଫ ଓ ରବିଚାଷ ପାଇଁ ଜଳସେଚନ ବ୍ୟବସ୍ଥା ହେବ। ଏହି ଯୋଜନାରେ ୫ ଲକ୍ଷ ହେକ୍ଟର ଖରିଫ ଓ ୨ ଲକ୍ଷ ହେକ୍ଟର ରବି ଫସଲ ପାଇଁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଏ ବାବଦରେ ୪୧୯୮.୧୬ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ୨୦୨୧-୨୨ରୁ ୨୦୨୫-୨୬ ମଧ୍ୟରେ କାର୍ଯ୍ୟକାରୀ କରାଯିବ। ☞ପୃଷ୍ଠା-୪

### ନାଲକୋ ଆଲୁମିନିୟମ ପାର୍କ ୪୨୮.୯୫ କୋଟି

ଇଡ୍‌କୋ ମାଧ୍ୟମରେ ଅନୁଗୋଳରେ କାର୍ଯ୍ୟକାରୀ ହେବାକୁ ଥିବା ମେଗା ଆଲୁମିନିୟମ ପାର୍କର ବିକାଶ ପାଇଁ ଆର୍ଥିକ ସହାୟତା ଯୋଜନାକୁ ବୁଧବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ରାଜ୍ୟ ସରକାର ଏହି ଆଲୁମିନିୟମ ପାର୍କର ବିକାଶ ପାଇଁ (୨୦୨୧-୨୨ରୁ ୨୦୨୪-୨୫) ମଧ୍ୟରେ ୪୨୮.୯୫ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହା ୩ ବର୍ଷ ମଧ୍ୟରେ ଶେଷ ହେବ।

### ୨୪ ଘରୋଇ ହାଇସ୍କୁଲକୁ ମିଳିବ ଅନୁଦାନ

ରାଜ୍ୟର ୨୪ଟି ଘରୋଇ ହାଇସ୍କୁଲକୁ ରାଜ୍ୟ ସରକାର ଅନୁଦାନ ପରିସରଭୁକ୍ତ କରିଛନ୍ତି। ଅନୁଦାନ ଆଦେଶ -୨୦୧୩ ଅନୁଯାୟୀ ରାଜ୍ୟ ସରକାରଙ୍କୁ ଯୋଗ୍ୟ ବିବେଚିତ ହାଇସ୍କୁଲଗୁଡିକୁ ଅନୁଦାନ ଯୋଗାଇ ଦେବେ। ସେହି ସ୍କୁଲଗୁଡିକରେ କାର୍ଯ୍ୟରତ ୪୭ ଜଣ ଶିକ୍ଷକ ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ୬୮.୫୫ ଲକ୍ଷ ଟଙ୍କା ଖର୍ଚ୍ଚ ଭାର ବହନ କରିବେ। ସ୍କୁଲ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଏହି ପ୍ରସ୍ତାବ ଦିଆଯାଇଥିଲା ।

### ଡ୍ରିମ୍ସ ହେବ ବିଶ୍ୱବିଦ୍ୟାଳୟ

କଟକ ଟାଙ୍ଗୀସ୍ଥିତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ରୂପାନ୍ତରିତ ହେବ। ଏ ନେଇ ଆଇନ ପ୍ରଣୟନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏହାଦ୍ୱାରା ଡ୍ରିମ୍ସ ରାଜ୍ୟରେ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ପରିଣତ ହେବ। ଏଥିପାଇଁ ଉକ୍ତ ସଂସ୍ଥା ରାଜ୍ୟ ସରକାରଙ୍କୁ କୌଣସି ଆର୍ଥିକ ସହାୟତା ଦାବି କରିପାରିବ ନାହିଁ। ଏହାଦ୍ୱାରା ରାଜ୍ୟରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ବିଷୟରେ ଶିକ୍ଷାଦାନ ଓ ଗବେଷଣାର ପରିସର ବୃଦ୍ଧି ପାଇବ। ଏହି ପ୍ରସ୍ତାବରେ ଆଇନ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଅର୍ଥ ବିଭାଗ ସହମତି ପ୍ରଦାନ କରିଛନ୍ତି।

**ଆଜିର ସମ୍ପାଦକୀୟ** ଇତିହାସ, ପୌରାଣିକ କଥା ଓ କିମ୍ବଦନ୍ତୀ




# ବେଦିରେ କନ୍ୟା ଅମଙ୍ଗ, ବର ଅଚେତ



ବେଦିରେ ହାତରୁ ଶଙ୍ଖା ଖୋଲୁଛନ୍ତି କନ୍ୟା। ନିକଟରେ ଅଚେତ ହୋଇପଡ଼ିଥିବା ବର।

ବାଲିଆପାଳ, ୧୮।୫(ସ୍ୱ.ପ୍ର.)

ବେଦୀ ସଜା ହୋଇଥିଲା। ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନଙ୍କ ଉପସ୍ଥିତିରେ ବୈଦିକ ରୀତିନୀତିରେ ଚାଲିଥିଲା ବିବାହ କାର୍ଯ୍ୟ। ବର କନ୍ୟାଙ୍କ ହାତଗଣ୍ଠି ବି ପଡିସାରିଥିଲା। ହେଲେ କନ୍ୟାଙ୍କୁ ବର ସିନ୍ଦୂର ପିନ୍ଧାଇବା ବେଳେ ସବୁ କିଛି ଓଲଟପାଲଟ ହୋଇଗଲା। ହଠାତ୍ କନ୍ୟା ବେଦୀ ଉପରୁ ଉଠି ତାଙ୍କର ସ୍ୱାମୀ ଅଛନ୍ତି, ପୂର୍ବରୁ ସେ ବାହା ହୋଇ ସାରିଛନ୍ତି ବୋଲି କହି ହାତରୁ ଶଙ୍ଖା ଖୋଲି ଫିଙ୍ଗିବା ଆରମ୍ଭ କରିଦେଇଥିଲେ। ତାଙ୍କ ପରିବାର ଲୋକେ ଅଟକାଇବାକୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ। ସେ ବେଦୀ ଛାଡି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କ ପରିବାର ଲୋକେ ଅଟକାଇ ମାରପିଟ୍ କରିଥିଲେ। କନ୍ୟାଙ୍କର ଏପରି କାଣ୍ଡ ଦେଖି ବେଦୀ ଉପରେ ନିର୍ବାକ ହୋଇ ବସିଥିବା ବର ଚେତାଶୂନ୍ୟ ହୋଇପଡିଥିଲେ। ବରଘର ପକ୍ଷରୁ କାନ୍ଦବୋବାଳି ଆରମ୍ଭ ହୋଇଥିଲା। ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳରେ ବୁଧବାର ଘଟିଥିବା ଏଭଳି ଅଭାବନୀୟ ଘଟଣାର ଭିଡିଓ ଭାଇରାଲ ହେବା ପରେ ସ୍ଥାନୀୟ ଅଞ୍ଚଳରେ ☞ପୃଷ୍ଠା-୪



ଜମ୍ମୁ-କଶ୍ମୀର ପୁଞ୍ଚ୍ ଜିଲା ଜଙ୍ଗଲରେ ତିନିଦିନ ହେଲା ନିଆଁ ଲାଗିଛି। ଏଥିଯୋଗୁ ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଏକାଧିକ ଲ୍ୟାଣ୍ଡମାଇନ୍ସ ବିସ୍ଫୋରଣ ଘଟିଛି। ଅନୁପ୍ରବେଶକାରୀଙ୍କ ଉଦ୍ଦେଶ୍ୟରେ ବିଛାଯାଇଥିବା ଲ୍ୟାଣ୍ଡମାଇନ୍ସରେ ନିଆଁ ଲାଗିବାରୁ ଏଲ୍‌ଓସି ନିକଟରେ ପାଖାପାଖି ଡଜନାଧିକ ବିସ୍ଫୋରଣ ହୋଇଥିବା ଜଣେ ସେନା ଅଧିକାରୀ କହିଛନ୍ତି। ବୁଧବାର ସକାଳେ ଧରମଶାଳା ବ୍ଲକ୍‌ରେ ନିଆଁକୁ ଆୟତ୍ତ କରାଯାଇଥିବା ସେନା ପକ୍ଷରୁ କୁହାଯାଇଛି।



## ସଂକ୍ଷେପରେ

### ପୁଟିନ୍‌ଙ୍କ ଅସ୍ତ୍ରୋପଚାର

ମସ୍କୋ, ୧୮।୫: ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ରକ୍ତ କର୍କଟରେ ପୀଡ଼ିତ ଥିବା ନେଇ ଚର୍ଚ୍ଚା ଲାଗି ରହିଥିବାବେଳେ ତାଙ୍କ ଶରୀରରେ ଅସ୍ତ୍ରୋପଚାର କରାଯାଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଗତ ୧୨ ତାରିଖ ରାତିରେ ପୁଟିନ୍‌ଙ୍କ ଅସ୍ତ୍ରୋପଚାର ହୋଇଥିବା ଏବଂ ତାହା କ୍ୟାନ୍‌ସର ସଂକ୍ରାନ୍ତୀୟ ନୁହେଁ ବୋଲି ଏଥିରେ କୁହାଯାଇଛି। ଏଥିଯୋଗୁ ପୁଟିନ୍ ତାଙ୍କ ଅଫିସରମାନଙ୍କ ସହ ସ୍ଥିର ହୋଇଥିବା ଏକ ବୈଠକରେ ଯୋଗ ନ ଦେଇ ପୂର୍ବରୁ ରେକର୍ଡ କରିଥିବା ଭିଡିଓ ମିଟିଂରେ ଚାଲିଥିଲା ବୋଲି ଜଣାପଡ଼ିଛି। ନିକଟରେ ରୁଷିଆ ବିଜୟ ଦିବସ ଅବସରରେ ପୁଟିନ୍‌ଙ୍କୁ ସର୍ବସାଧାରଣରେ ଦେଖିବାକୁ ମିଳିଥିଲା। ଏହି ସମୟରେ ପୁଟିନ୍ ତାଙ୍କ ଗୋଡ଼କୁ ଏକ ମୋଟା କପଡ଼ାରେ କଭର କରିଥିବାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।



### ଦୋଷ ମାନିଲେ ଯୁଦ୍ଧ ଅପରାଧୀ



କିଭ୍, ୧୮।୫: ୟୁକ୍ରେନ୍‌ରେ ନୀରିହ ଜନସାଧାରଣଙ୍କୁ ହତ୍ୟା ଭଳି ଯୁଦ୍ଧ ଅପରାଧ ଘଟାଇଥିବା ଜଣେ ୨୧ ବର୍ଷୀୟ ରୁଷୀୟ ସୈନ୍ୟ ଭାଦିମ୍ ଶିଶିମାରିନ୍ କିଭ୍ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେ ୟୁକ୍ରେନ୍‌ରେ ଜଣେ ୬୨ ବର୍ଷୀୟ ନିରସ୍ତ୍ର ବୃଦ୍ଧଙ୍କୁ ଗୁଳି କରି ହତ୍ୟା କରିଥିବା କଥା ସ୍ୱୀକାର କରିଛନ୍ତି। କିଭ୍‌ର ଏକ କୋର୍ଟରେ ଶିଶିମାରିନ୍‌ଙ୍କୁ ହାତକଡ଼ି ଲଗାଯାଇ ହାଜର କରାଯାଇଥିଲା। ସେଠାରେ ମୃତକଙ୍କ ସ୍ତ୍ରୀ ମଧ୍ୟ ଉପସ୍ଥିତ ଥିଲେ। ଶିଶିମାରିନ୍ ଏବଂ ଅନ୍ୟ ୪ ଜଣ ଏକ କାର୍ ଚୋରି କରି ଯାଉଥିବାବେଳେ ଚୁପାଖିଭ୍‌ଖାଠାରେ ସାଇକେଲରେ ଥିବା ବୃଦ୍ଧଙ୍କ ଉପରକୁ ଗୁଳି ଚଳାଇଥିବା ମାନିଛନ୍ତି। ଜନସାଧାରଣଙ୍କୁ ମଧ୍ୟ ହତ୍ୟା କରିବାକୁ ନିର୍ଦ୍ଦେଶ ରହିଥିଲା ବୋଲି ଶୁଣାଣିବେଳେ ଜଣାପଡ଼ିଛି। ଗୁରୁବାର ଏହାର ପରବର୍ତ୍ତୀ ଶୁଣାଣି ହେବ। ରୁଷିଆ ୟୁକ୍ରେନ୍‌ରେ ଅଦ୍ୟାବଧି ୧୦ ହଜାରରୁ ଉର୍ଦ୍ଧ୍ୱ ଯୁଦ୍ଧ ଅପରାଧ ଘଟାଇଥିବା କିଭ୍ ପକ୍ଷରୁ ଚିହ୍ନଟ କରାଯାଇଛି। ଗତ ଫେବୃୟାରୀ ୨୪ରେ ପଡ଼ୋଶୀ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠୁ ଏହା ହେଉଛି କୌଣସି ରୁଷୀୟ ସୈନ୍ୟଙ୍କ ବିରୋଧରେ ପ୍ରଥମ ବିଚାର।

### ନାବାଳିକାଙ୍କୁ ବିକ୍ରି ଅଭିଯୋଗରେ ବାଂଲାଦେଶୀ ଦମ୍ପତିଙ୍କୁ ମୃତ୍ୟୁ ଦଣ୍ଡ

ଢାକା, ୧୮।୫: ବାଂଲାଦେଶର ଏକ ଦମ୍ପତି ନାବାଳିକାଙ୍କୁ ଭାରତର ଏକ ବେଶ୍ୟାଳୟରେ ବିକ୍ରି କରିବା ଅଭିଯୋଗରେ ଖୁଲନା କୋର୍ଟ ସମ୍ପୃକ୍ତ ଦମ୍ପତିଙ୍କୁ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୦୯ରେ ଶାହିନ୍ ଶେଖ୍ ଏବଂ ଆସ୍‌ମା ବେଗମ ବାଂଲାଦେଶର ଜଣେ ୧୭ ବର୍ଷୀୟା ଝିଅଙ୍କୁ ଚାକିରିର ପ୍ରଲୋଭନ ଦେଖାଇ ଭାରତ ଆଣିଥିଲେ। ଚାକିରି ଦେବା ପରିବର୍ତ୍ତେ ଦମ୍ପତି ନାବାଳିକାଙ୍କୁ ବିକ୍ରି କରି ଦେଇଥିଲେ। ନାବାଳିକାଙ୍କ ମା' ଏ ନେଇ ଖଞ୍ଜହାନ ଅଲି ପୋଲିସ ଷ୍ଟେଶନରେ ଅଭିଯୋଗ କରିଥିଲେ। ଝିଅକୁ ଫେରାଇ ଆଣିବା ପାଇଁ ଏହି ଦମ୍ପତି ପରେ ନାବାଳିକାଙ୍କ ପରିବାରକୁ ଟଙ୍କା ମାଗିଥିଲେ।

# ୬ ଦୋଷୀଙ୍କ ମୁକ୍ତି ପଥ ଫିଟିପାରେ

ନୂଆଦିଲ୍ଲୀ/ଚେନ୍ନାଇ, ୧୮।୫

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ହତ୍ୟା ମାମଲାରେ ଏ.ଜି. ପେରାରିଭଲନ୍ ମୁକୁଳିବା ପରେ ଦୋଷୀ ସାବ୍ୟସ୍ତ ହୋଇ ଜେଲଦଣ୍ଡ ଭୋଗୁଥିବା ସନ୍ଥନ, ମୁରୁଗାନ, ନଳିନୀ, ରବର୍ଟ ପାୟସ୍, ଜୟକୁମାର ଓ ରବୀନ୍ଦ୍ରନ୍‌ଙ୍କ ମୁକ୍ତି ପଥ ପରିଷ୍କାର ହୋଇଛି। ପେରାରିଭଲନ୍ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ କାରାଦଣ୍ଡ ଭୋଗିସାରିଥିବାରୁ ତାଙ୍କୁ ଅବଶିଷ୍ଟ ଦଣ୍ଡରୁ ମୁକ୍ତ କରାଯାଉ ବୋଲି ୨୦୧୮ରେ ତାମିଲନାଡୁ ସରକାର ସୁପାରିସ କରିଥିଲେ। ଏହାସତ୍ତ୍ୱେ ତାଙ୍କୁ ମୁକ୍ତ କରା ନ ଯିବାରୁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜକ୍ଷମା ଆବେଦନ ଉପରେ ବିଚାର କରିବା ପାଇଁ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ମଧ୍ୟରୁ କିଏ ଉପଯୁକ୍ତ କର୍ତ୍ତୃପକ୍ଷ ତାକୁ ନେଇ ଏହି ମାମଲାରେ ଆଇନଗତ ବିବାଦ ଦେଖାଦେଇଥିଲା। ଭାରତୀୟ ଦଣ୍ଡ ସଂହିତା (ଆଇପିସି) ଦଫା ୩୦୨ ସମ୍ପର୍କିତ ରାଜକ୍ଷମା ଉପରେ ରାଷ୍ଟ୍ରପତି ହିଁ ନିଷ୍ପତ୍ତି ନେଇପାରିବେ ବୋଲି କେନ୍ଦ୍ର ସରକାର ଯୁକ୍ତି ବାଢ଼ିଥିଲେ। ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ତଥା ବି.ଆର୍. ଗବାଇଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ରାଜୀବ ଗାନ୍ଧୀ ହତ୍ୟାକାଣ୍ଡର ସମସ୍ତ ୭ ଦୋଷୀଙ୍କୁ ଦଣ୍ଡାଦେଶ ଅବଧି ଶେଷ ହେବା ପୂର୍ବରୁ ମୁକ୍ତ କରିବା ପାଇଁ ତାମିଲନାଡୁ କ୍ୟାବିନେଟ୍ ରାଜ୍ୟପାଳଙ୍କୁ ପରାମର୍ଶ ଦେଇଥିଲା। ଆଜୀବନ କାରାଦଣ୍ଡାଦେଶ ଭୋଗୁଥିବା ପେରାରିଭଲନ୍‌ଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ସମ୍ବିଧାନର ଅନୁଚ୍ଛେଦ ୧୬୧ ଅନୁସାରେ ରାଜକ୍ଷମା ଆବେଦନ ଉପରେ ରାଜ୍ୟପାଳ ନିଷ୍ପତ୍ତି ନେବାରେ ଅତ୍ୟଧିକ ବିଳମ୍ବ କରିବାରୁ ତାଙ୍କୁ ମୁକ୍ତ କରାଯାଇଛି। ପ୍ରକାଶ ଯେ, ୨୦୨୨ ମେ' ୧୧ରେ ରାଜ୍ୟ ସରକାରଙ୍କ ସୁପାରିସକୁ ଗ୍ରହଣ କରି ଅଦାଲତ ଏହି ମାମଲାର ରାୟ ସଂରକ୍ଷିତ ରଖିଥିଲେ।

## ନିଷ୍ପତ୍ତି ନେବେ ତାମିଲନାଡୁ ସରକାର



ନଳିନୀ ଶ୍ରୀହରନ

ରାଜୀବ ଗାନ୍ଧୀଙ୍କ ହତ୍ୟା ମାମଲାରେ ଜେଲଦଣ୍ଡ ଭୋଗୁଥିବା ଅବଶିଷ୍ଟ ୬ ଦୋଷୀଙ୍କ ମୁକ୍ତି ନିଷ୍ପତ୍ତି ନିଆଯିବ ବୋଲି ବୁଧବାର ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍ କହିଛନ୍ତି। ସୁପ୍ରିମକୋର୍ଟ ଏ. ଜି. ପେରାରିଭଲନ୍‌ଙ୍କ ମୁକ୍ତି ପାଇଁ ନିର୍ଦ୍ଦେଶ ଦେବା ପରେ ଖବରଦାତାଙ୍କୁ ଷ୍ଟାଲିନ୍ କହିଛନ୍ତି, ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ସରକାର ଅନୁଧ୍ୟାନ କରିବେ। ଏଥିସହ ଆଇନ ବିଶେଷଜ୍ଞମାନଙ୍କ ସହତ ବିଚାରବିମର୍ଶ କରି ସେମାନଙ୍କ ମୁକ୍ତି ପାଇଁ ଆବଶ୍ୟକ ପଦକ୍ଷେପ ନେବେ। ପ୍ରକାଶ ଯେ, ୧୯୯୧ରେ ଥେନମୋଝି ରାଜରତ୍ନମ୍ (ଧାନୁ) ନାମ୍ନୀ ଶ୍ରୀଲଙ୍କା ନାଗରିକ ତଥା ଏଲ୍‌ଟିଟିଇର ଆତ୍ମଘାତୀ ମହିଳା ବିସ୍ଫୋରଣ ଘଟାଇ ରାଜୀବଙ୍କୁ ହତ୍ୟା କରିବା ପରଠୁ ସମସ୍ତ ଦୋଷୀ ଜେଲରେ ଦଣ୍ଡାଦେଶ ଭୋଗୁଛନ୍ତି।



୧୯୯୧ ମେ' ୨୧ରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରରେ ରାଜୀବ ଗାନ୍ଧୀଙ୍କୁ ହତ୍ୟା ପୂର୍ବର ଫଟୋ।

## ୨ ବ୍ୟାଟେରି ପାଇଁ ଜେଲରେ ୩୧ ବର୍ଷ

ରାଜୀବ ଗାନ୍ଧୀ ୧୯୯୧ ସାଧାରଣ ନିର୍ବାଚନ ପାଇଁ ମେ' ୨୧ରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରରେ ପ୍ରଚାର କରୁଥିବାବେଳେ ଆତ୍ମଘାତୀ ବିସ୍ଫୋରଣରେ ପ୍ରାଣ ହରାଇଥିଲେ। ଏହି ରାଜନୈତିକ ହତ୍ୟାକାଣ୍ଡ କେବଳ ଭାରତ ନୁହେଁ, ବରଂ ସାରା ବିଶ୍ୱରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ସେତେବେଳେ ଏ.ଜି. ପେରାରିଭଲନ୍‌ଙ୍କୁ ମାତ୍ର ୧୯ ବର୍ଷ ହୋଇଥିଲା। ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ତଥା ଲିବରେଶନ୍ ଅଫ୍ ତାମିଲ ଇଲମ୍ (ଏଲ୍‌ଟିଟିଇ)ର ଶିବାଶରଣଙ୍କ ପାଇଁ ପେରାରିଭଲନ୍ ଦୁଇଟି ୯-ଭୋଲ୍ଟ ବ୍ୟାଟେରି କିଣି ଆଣିଦେଇଥିଲେ। ଉକ୍ତ ବ୍ୟାଟେରିକୁ ରାଜୀବଙ୍କ ହତ୍ୟା ପାଇଁ ପ୍ରସ୍ତୁତ ବୋମାରେ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଥିଲା। ୧୯୯୮ରେ ଆତଙ୍କବାଦ ନିରୋଧୀ କୋର୍ଟ ପେରାରିଭଲନ୍‌ଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ପରବର୍ଷ ସୁପ୍ରିମକୋର୍ଟ ଏହାକୁ ବଳବତ୍ତର ରଖିଥିଲେ ହେଁ ୨୦୧୪ରେ ଆଜୀବନ କାରାଦଣ୍ଡରେ ପରିବର୍ତ୍ତିତ କରିଥିଲେ। ଗତ ମାର୍ଚ୍ଚରେ ଶୀର୍ଷ ଅଦାଲତ ତାଙ୍କୁ ଜାମିନ ଦେଇଥିଲେ। ଜାମିନ ପାଇବା ପରେ ସେ ଜେଲରୁ ତୁରନ୍ତ ମୁକ୍ତି ପାଇଁ ସୁପ୍ରିମକୋର୍ଟରେ ଅପିଲ କରିଥିଲେ। ଅନ୍ୟପକ୍ଷେ କେନ୍ଦ୍ର ସରକାର ଏହାକୁ ବିରୋଧ କରିଥିଲେ। ତାମିଲନାଡୁ ରାଜ୍ୟପାଳ ଏହି ପ୍ରସଙ୍ଗ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିକଟକୁ ବିଚାର ପାଇଁ ପଠାଇଛନ୍ତି। ତେବେ ରାଷ୍ଟ୍ରପତି ଏହା ଉପରେ କୌଣସି ନିଷ୍ପତ୍ତି ନେଇ ନ ଥିବା କେନ୍ଦ୍ର ପକ୍ଷରୁ ଯୁକ୍ତି ବଢ଼ାଯାଇଥିଲା। ସୁପ୍ରିମକୋର୍ଟ ପେରାରିଭଲନ୍‌ଙ୍କୁ ବୁଧବାର ମୁକ୍ତ କରିଛନ୍ତି।



## ଷ୍ଟାଲିନ୍‌ଙ୍କୁ ଧନ୍ୟବାଦ ଦେଲେ

ପେରାରିଭଲନ୍ ଜେଲରୁ ମୁକୁଳିବା ପରେ ଚେନ୍ନାଇ ବିମାନବନ୍ଦରରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କୁ ସାକ୍ଷାତ୍ କରିଛନ୍ତି। ଏଥିସହ ତାଙ୍କ ମୁକ୍ତି ପାଇଁ ପ୍ରୟାସ କରିଥିବାରୁ ରାଜ୍ୟ ସରକାରଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ସତ୍ୟ ଓ ନ୍ୟାୟ ଆମ ସପକ୍ଷରେ ରହିଛି। ଲୋକଙ୍କ ସମର୍ଥନ ଓ ଭଲ ପାଇବା ନ ଥିଲେ ଏହା ସମ୍ଭବ ହୋଇ ନ ଥାଆନ୍ତା। ମୃତ୍ୟୁଦଣ୍ଡର ଆବଶ୍ୟକତା ନ ଥିବା ମୁଁ ଦୃଢ଼ ଭାବେ ବିଶ୍ୱାସ କରେ ବୋଲି ପେରାରିଭଲନ୍ କହିଛନ୍ତି।



ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ସୁପ୍ରିମକୋର୍ଟଙ୍କ ଏହି ରାୟକୁ ସ୍ୱାଗତ କରିଛନ୍ତି।

## କେନ୍ଦ୍ରକୁ ଦୋଷ ଦେଲା କଂଗ୍ରେସ

କେନ୍ଦ୍ର ସରକାରଙ୍କ ଶସ୍ତା ରାଜନୀତି ଯୋଗୁ ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀଙ୍କ ମୁକ୍ତିର ବାଟ ଫିଟିଥିବା କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। ଏଆଇସିସି ସାଧାରଣ ସମ୍ପାଦକ ରଣଦୀପ ସୁର୍ଯ୍ୟେୱାଲା କହିଛନ୍ତି, ଏହି ଘଟଣାକ୍ରମକୁ ନେଇ କେବଳ କଂଗ୍ରେସ କର୍ମୀମାନେ ନୁହନ୍ତି, ବରଂ ସମସ୍ତ ଭାରତୀୟ ଦୁଃଖିତ। ଜଣେ ଆତଙ୍କବାଦୀଙ୍କୁ ଆତଙ୍କବାଦୀ ଭଳି ବ୍ୟବହାର କରାଯିବା ଉଚିତ। ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ହତ୍ୟାକାରୀଙ୍କୁ ସୁପ୍ରିମକୋର୍ଟ ମୁକ୍ତ ପାଇଁ ନିର୍ଦ୍ଦେଶ ଦେବା ଆମ ସମସ୍ତଙ୍କୁ ବ୍ୟଥିତ ଓ ନିରାଶ କରିଛି।

## ଦିଲ୍ଲୀ ଉପରାଜ୍ୟପାଳଙ୍କ ଇସ୍ତଫା

ନୂଆଦିଲ୍ଲୀ, ୧୮।୫

ଦିଲ୍ଲୀ ଉପରାଜ୍ୟପାଳ (ଏଲ୍‌ଜି) ଅନିଲ ବୈଜାଲ ବୁଧବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ବ୍ୟକ୍ତିଗତ କାରଣ ଦର୍ଶାଇ ପଦ ଛାଡ଼ିଥିବା ବିଷୟ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିକଟକୁ ପଠାଇଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ୨୦୧୬ ଡିସେମ୍ବର ୨୮ରେ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀର ତତ୍କାଳୀନ ଏଲ୍‌ଜି ନଜିବ ଜଙ୍ଗ ଇସ୍ତଫା ଦେବା ପରେ ୩୧ ତାରିଖରେ ତାଙ୍କ ସ୍ଥାନରେ ଅବସରପ୍ରାପ୍ତ ଅମଲାତନ୍ତ୍ରୀ ଅନିଲ ବୈଜାଲଙ୍କୁ ଅବସ୍ଥାପିତ କରାଯାଇଥିଲା। ୧୯୬୯ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ବୈଜାଲ ବିଂଶତମ ଉପରାଜ୍ୟପାଳ ରୂପେ ନିଯୁକ୍ତ ହେବା ପୂର୍ବରୁ ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷ (ଡିଡିଏ) ଉପାଧ୍ୟକ୍ଷ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ୨୦୦୪ରେ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ଅମଳରେ ସେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସଚିବ ଥିଲେ। ଏଲ୍‌ଜି ନିଯୁକ୍ତ ହେବା ପରେ ବୈଜାଲ ପ୍ରାୟ ସାଢ଼େ ୪ ବର୍ଷ ଏହି ସାମ୍ବିଧାନିକ ପଦ ସମ୍ଭାଳିଥିଲେ। ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାର ଏବଂ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ମଧ୍ୟରେ କ୍ଷମତା ଅଧିକାରକୁ ନେଇ ଟଣାଓଟରା ଲାଗିରହିଥିବାବେଳେ ଉପରାଜ୍ୟପାଳଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସମସ୍ତଙ୍କ ନଜର ରହିଥିଲା।



## ପ୍ରାଧ୍ୟାପକଙ୍କ ବିରୋଧରେ ମାମଲା

### ଶିବଲିଙ୍ଗ ଉପରେ ଆପତ୍ତିଜନକ ମନ୍ତବ୍ୟ

ନୂଆଦିଲ୍ଲୀ, ୧୮।୫

ଜ୍ଞାନବାପି ମସ୍‌ଜିଦ୍ ପରିସରରେ ଶିବଲିଙ୍ଗ ମିଳିବା ଉପରେ ଆପତ୍ତିଜନକ ମନ୍ତବ୍ୟ ଦେବା ଅଭିଯୋଗରେ ଦିଲ୍ଲୀ ୟୁନିଭର୍ସିଟିର ସହକାରୀ ପ୍ରାଧ୍ୟାପକ ରତନ ଲାଲଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଦିଲ୍ଲୀର ଜଣେ ଆଇନଜୀବୀ ବିନିତ ଜିନ୍ଦଲ ତାଙ୍କ ନାଁରେ ଅଭିଯୋଗ ଆଣିଛନ୍ତି। ରତନ ଲାଲ ଟୁଇଟ୍ କରି ଶିବଲିଙ୍ଗ ସମ୍ପର୍କରେ ଦେଇଥିବା ମନ୍ତବ୍ୟ ଯୋଗୁ ଧାର୍ମିକ ଭାବନାକୁ ଆଘାତ ଦେବାଭଳି ଏବଂ ଏଥିଯୋଗୁ ଉତ୍ତେଜନା ସୃଷ୍ଟି ଆଶଙ୍କା ଥିବା ବିନିତ କହିଛନ୍ତି। ଅନ୍ୟପକ୍ଷରେ ପ୍ରାଧ୍ୟାପକ ରତନ ଲାଲଙ୍କୁ ହତ୍ୟା ଧମକ ମିଳୁଥିବା ସେ ଅଭିଯୋଗ କରିବା ସହ ସରକାରଙ୍କ ତରଫରୁ ସୁରକ୍ଷା ଲୋଡ଼ିଛନ୍ତି। ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଦିଲ୍ଲୀ ଡିସିପି ସାଗର ସିଂ କାଲ୍‌ସି କହିଛନ୍ତି।

## ସତ ପଦାକୁ ଆସୁ: ଆର୍‌ଏସ୍‌ଏସ୍

ନୂଆଦିଲ୍ଲୀ, ୧୮।୫

ବାରାଣସୀ ଜ୍ଞାନବାପି ମସ୍‌ଜିଦକୁ ନେଇ ବିବାଦ ଚାଲିଥିବାବେଳେ ସତ ପଦାକୁ ଆସିବା ଉଚିତ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଯୋଗାଯୋଗ ଶାଖା ଇନ୍ଦ୍ରପ୍ରସ୍ଥ ବିଶ୍ୱ ସମ୍ବାଦ କେନ୍ଦ୍ରର ପ୍ରଚାର ମୁଖ୍ୟ ସୁନିଲ ଆମ୍ବେଡକର ବୁଧବାର କହିଛନ୍ତି। ମସ୍‌ଜିଦ ବାବଦ ସମସ୍ତ ତଥ୍ୟ ସାମ୍ନାକୁ ଆସିବାକୁ ଦିଆଯାଉ ବୋଲି ସେ କହିଛନ୍ତି। ମସ୍‌ଜିଦ ପରିସରରେ ଶିବଲିଙ୍ଗ ମିଳିଥିବା ଜଣାପଡ଼ିଥିବାବେଳେ ଏହାର ସୁରକ୍ଷା ସହ ନମାଜ ବନ୍ଦ ନ କରିବାକୁ ମଙ୍ଗଳବାର ଶୁଣାଣିବେଳେ ସୁପ୍ରିମକୋର୍ଟ କହିଥିଲେ।

# ଇନ୍ଦ୍ରାଣୀ ମୁଖାର୍ଜୀଙ୍କୁ ଜାମିନ



ଶିନା ବୋରା

ଇନ୍ଦ୍ରାଣୀ ମୁଖାର୍ଜୀ

### ଶିନା ବୋରା ହତ୍ୟା ମାମଲା

ନୂଆଦିଲ୍ଲୀ, ୧୮।୫

ବହୁଚର୍ଚ୍ଚିତ ଶିନା ବୋରା ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ପୂର୍ବତନ ମିଡିଆ ଏକ୍‌ଜିକ୍ୟୁଟିଭ୍ ଇନ୍ଦ୍ରାଣୀ ମୁଖାର୍ଜୀଙ୍କୁ ଆଶ୍ୱସ୍ତି ମିଳିଛି। ନିଜ ଝିଅଙ୍କୁ ହତ୍ୟା କରିବା ଅଭିଯୋଗରେ ସାଢ଼େ ୬ ବର୍ଷ ଧରି ଜେଲରେ ଥିବା ଇନ୍ଦ୍ରାଣୀଙ୍କୁ ବୁଧବାର ସୁପ୍ରିମକୋର୍ଟ ଜାମିନ ଦେଇଛନ୍ତି। ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ କହିଛନ୍ତି, ଇନ୍ଦ୍ରାଣୀ ୨୦୧୫ରୁ ଜେଲରେ ଅଛନ୍ତି। ସାଢ଼େ ୬ ବର୍ଷ ଏକ ଦୀର୍ଘ ଅବଧି। ଏହି ମାମଲାରେ ଅଭିଯୋଜନ ପକ୍ଷର ୨୩୭ ସାକ୍ଷୀଙ୍କ ମଧ୍ୟରୁ ଅଦ୍ୟାବଧି ମାତ୍ର ୬୮ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଇଛି। ତେଣୁ ଏହାର ଶୁଣାଣି ଖୁବ୍‌ଶୀଘ୍ର ଶେଷ ହେବାକୁ ଯାଉନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଇନ୍ଦ୍ରାଣୀଙ୍କ ଏକ ପୂର୍ବ ସମ୍ପର୍କରୁ ଜନ୍ମିତ ଶିନା ବୋରା(୨୪) ମୁମ୍ବାଇ ମେଟ୍ରୋ ୱାନ୍‌ରେ ଏକ୍‌ଜିକ୍ୟୁଟିଭ୍ ଭାବେ କାର୍ଯ୍ୟ କରୁଥିବାବେଳେ ୨୦୧୨ ଏପ୍ରିଲ ୨୪ରେ ହଠାତ୍ ନିଖୋଜ ହୋଇଯାଇଥିଲେ। ପରଦିନ ତାଙ୍କ ମୃତଦେହକୁ ମୁମ୍ବାଇ ନିକଟସ୍ଥ ରାଏଗଡ଼ ଜିଲାର ଏକ ଜଙ୍ଗଲରେ ପୋଡ଼ି ଦିଆଯାଇଥିଲା। ପୋଲିସ ଏହାର ୩ ବର୍ଷ ପରେ ପୋଡ଼ା ମୃତଦେହ ପାଇଥିଲା। ୨୦୧୫ ଅଗଷ୍ଟ ୨୫ରେ ମୁମ୍ବାଇ ପୋଲିସ ଇନ୍ଦ୍ରାଣୀଙ୍କ ଡ୍ରାଇଭର ଶ୍ୟାମବର ରାଏଙ୍କୁ ଗିରଫ କରିଥିଲା। ଶ୍ୟାମବର ଏହି ହତ୍ୟାକାଣ୍ଡରେ ତତ୍କାଳୀନ ମିଡିଆ ଟାଇକୁନ୍ ପିଟର ମୁଖାର୍ଜୀ ଓ ତାଙ୍କ ସ୍ତ୍ରୀ ଇନ୍ଦ୍ରାଣୀଙ୍କ ସମ୍ପୃକ୍ତି ଥିବା ପୋଲିସ ଆଗରେ କହିଥିଲେ। ପରେ ଇନ୍ଦ୍ରାଣୀ, ତାଙ୍କ ପୂର୍ବତନ ସ୍ୱାମୀ ସଞ୍ଜୀବ ଖାନ୍ନା ଓ ପିଟରଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଇନ୍ଦ୍ରାଣୀ ଅନେକ ଥର ଜାମିନ ଆବେଦନ କରି ନିରାଶ ହୋଇଥିଲେ। ତେବେ ୨୦୧୫ ଡିସେମ୍ବରରେ ଏହି ହାଇପ୍ରୋଫାଇଲ ମାମଲାର ତଦନ୍ତ ଭାର ହାତକୁ ନେଇଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଦିଆଯାଇଥିବା ପ୍ରମାଣରେ ଅନେକ ତ୍ରୁଟିବିଚ୍ୟୁତି ରହିଥିଲା। ପିଟରଙ୍କ ପୂର୍ବ ବିବାହରୁ ଜନ୍ମିତ ପୁଅ ରାହୁଲଙ୍କ ସହ ନିଜ ଝିଅ ଶିନାଙ୍କ ସମ୍ପର୍କ ବିଷୟ ଜାଣିବା ପରେ ଇନ୍ଦ୍ରାଣୀ ତାଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିଥିଲେ। ଏଥିରେ ପିଟର ଓ ସଞ୍ଜୀବ ମଧ୍ୟ ସମ୍ପୃକ୍ତ ଥିଲେ ବୋଲି ସିବିଆଇ ଦର୍ଶାଇଥିଲା। ଜଷ୍ଟିସ୍ ବି.ଆର୍. ନାଗେଶ୍ୱର ରାଓ ଏବଂ ଏ.ଏସ୍. ବୋପାନ୍ନା ସାମିଲ ଥିବା ଖଣ୍ଡପୀଠ କହିଛନ୍ତି, ଇନ୍ଦ୍ରାଣୀଙ୍କ ବିରୋଧରେ ନିଜ ଝିଅଙ୍କୁ ହତ୍ୟା ପାଇଁ ଅପହରଣ ଅଭିଯୋଗ ରହିଛି। ସେ ଜେଲରେ ୬.୫ ବର୍ଷ ରହିସାରିଲେଣି। କିନ୍ତୁ ଅଭିଯୋଜନ ପକ୍ଷ ୫୦% ସାକ୍ଷୀଙ୍କୁ ମଧ୍ୟ କୋର୍ଟରେ ହାଜର କରାଇପାରି ନାହିଁ। ଏହି ମାମଲାର ଫଇସଲା ଏତେ ଶୀଘ୍ର ହେବାକୁ ଯାଉନାହିଁ।

## ଲୁଣ ଫ୍ୟାକ୍ଟ୍ରି କାନ୍ଥ ଭୁଶୁଡ଼ି ୧୨ ମୃତ



ମୋରବି(ଗୁଜରାଟ), ୧୮।୫

ଗୁଜରାଟର ମୋରବି ଜିଲା ସୌରାଷ୍ଟ୍ର ଅଞ୍ଚଳରେ ଥିବା ଏକ ଲୁଣ ଫ୍ୟାକ୍ଟ୍ରି କାନ୍ଥ ଭୁଶୁଡ଼ି ୧୨ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରାୟ ୨୦ ଜଣ ଆହତ ହୋଇଛନ୍ତି। ଆଉ ୩ ଜଣ ସେଠାରେ ଫସି ରହିଥିବା ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘଟଣାରେ ଶୋକବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସହ ଘଟଣା ବାବଦରେ କଥା ହୋଇଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ଚିକିତ୍ସା ପାଇଁ ୫୦ ହଜାର ଟଙ୍କା ପ୍ରଦାନ କରାଯିବାକୁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ କହିଛନ୍ତି।

ଜିଲା ପ୍ରଶାସନର କହିବା ଅନୁଯାୟୀ, ମଧ୍ୟାହ୍ନ ପ୍ରାୟ ୧୨ଟାରେ ହାଲବାଦ୍ ଜିଆଇଡିସିଠାରେ ଥିବା ଫ୍ୟାକ୍ଟ୍ରିରେ ଲୁଣ ପ୍ୟାକେଜିଂ କାମ ଚାଲୁଥିଲା। ସେଠାରେ ୨୦ରୁ ୩୦ ଶ୍ରମିକ ଥିଲେ। ହଠାତ୍ ଫ୍ୟାକ୍ଟ୍ରି କାନ୍ଥ ଭାଙ୍ଗି ପଡ଼ିବାରୁ ସେମାନେ ତା' ତଳେ ଚାପି ହୋଇଯାଇଥିଲେ। ଖବରପାଇ ଉଦ୍ଧାରକାରୀ ଟିମ୍ ସେଠାରେ ପହଞ୍ଚିଥିଲେ। ଜେସିବି ଦ୍ୱାରା ମୃତଦେହଗୁଡ଼ିକୁ ଭଙ୍ଗା କାନ୍ଥ ଓ ଲୁଣ ବସ୍ତା ତଳୁ ଉଦ୍ଧାର କରାଯାଇଥିଲା। ୧୨ ଜଣଙ୍କ ମୃତ୍ୟୁ ସ୍ପଷ୍ଟ ହୋଇଛି। କେଉଁ କାରଣରୁ କାନ୍ଥ ଭାଙ୍ଗିଲା ତାହା ଜଣାପଡ଼ିନାହିଁ। ଘଟଣାର ତଦନ୍ତ କରାଯିବ। ଫ୍ୟାକ୍ଟ୍ରି ମାଲିକଙ୍କ କିମ୍ବା ପରିଚାଳନା କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏପରି ଘଟିଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ଏସ୍‌ପି ରାହୁଲ ତ୍ରିପାଠୀ କହିଛନ୍ତି।

## ଆଇସିୟୁରେ ମୂଷା କାଟିଦେଲା ମହିଳାଙ୍କ ଆଖିପତା

ଜୟପୁର, ୧୮।୫



ରାଜସ୍ଥାନର କୋଟା ସରକାରୀ ହସ୍ପିଟାଲ ଆଇସିୟୁରେ ଜଣେ ମହିଳାଙ୍କ ଆଖିପତା ମୂଷା କାଟିଦେବା ଘଟଣା ଚର୍ଚ୍ଚାକୁ ଆସିଛି। ପକ୍ଷାଘାତର ଶିକାର ହୋଇଥିବା ଜଣେ ମହିଳା ଆଇସିୟୁରେ ରହି ଚିକିତ୍ସିତ ହେଉଥିବାବେଳେ ତାହା ଭିତରେ ଏକ ମୂଷା ପଶି ତାଙ୍କ ଆଖିପତାକୁ କାଟିଥିବା ସ୍ୱାମୀ ଦେବେନ୍ଦର ସିଂ ଭାଟି ଅଭିଯୋଗ କରିଛନ୍ତି। ଏଥିପାଇଁ ସେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି। ରାଜସ୍ଥାନ ଭାଜପା ମୁଖପାତ୍ର ତଥା ବିଧାୟକ ରାମଲାଲ ଶର୍ମା ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସରକାର କେତେ ଦାୟିତ୍ୱବାନ୍ ତାହା ଏହି ଘଟଣାରୁ ଜଣାପଡୁଛି ବୋଲି ସେ କହିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଘଟଣାର ତଦନ୍ତ ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ଏକ ୩ ଜଣିଆ କମିଟି ଗଠନ କରିଛନ୍ତି।

# ପ୍ରଦୂଷଣ ବର୍ଷକରେ ନେଇଛି ୯୦ ଲକ୍ଷ ଜୀବନ

ନୂଆଦିଲ୍ଲୀ, ୧୮।୫



- ଭାରତରେ ସର୍ବାଧିକ ୨୪ ଲକ୍ଷ ମୃତ୍ୟୁ
- ୪.୬ ଟ୍ରିଲିୟନ ଡଲାର ଆର୍ଥିକ କ୍ଷତି

ସାରା ବିଶ୍ୱରେ ପ୍ରଦୂଷଣ ମୃତ୍ୟୁର ଏକ ପ୍ରମୁଖ କାରଣ ହୋଇ ଉଭାହୋଇଛି। କେବଳ ୨୦୧୯ରେ ପ୍ରଦୂଷଣ ଯୋଗୁ ୯୦ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ିଛନ୍ତି। ସେଥିମଧ୍ୟରୁ କେବଳ ବାୟୁ ପ୍ରଦୂଷଣ ୬୬.୭ ଲକ୍ଷଙ୍କ ଜୀବନ ନେଇଛି ବୋଲି ଲାନ୍‌ସେନ୍ ପ୍ଲାନେଟାରି ହେଲ୍‌ଥ ଦ୍ୱାରା ବୁଧବାର ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଭାରତର ସ୍ଥିତି ବେଶ୍ ଗମ୍ଭୀର ରହିଛି। ଭାରତରେ ପ୍ରଦୂଷଣଜନିତ ମୃତ୍ୟୁ ସର୍ବାଧିକ ରହିଛି। ୨୦୧୯ରେ ଦେଶରେ ୨୪ ଲକ୍ଷ ଲୋକ ପ୍ରଦୂଷଣ ଯୋଗୁ ମୃତ୍ୟୁମୁଖରେ ପଡ଼ିଥିବା ରିପୋର୍ଟରେ ଦର୍ଶାଯାଇଛି।

ରିପୋର୍ଟ ଅନୁସାରେ, ୨୦୧୯ରେ ଭାରତରେ କେବଳ ବାୟୁ ପ୍ରଦୂଷଣ ଯୋଗୁ ୧୬.୭ ଲକ୍ଷ ଲୋକଙ୍କ ଜୀବନ ଯାଇଛି। ଜଳ ପ୍ରଦୂଷଣ ଯୋଗୁ ୫ ଲକ୍ଷଙ୍କ ମୃତ୍ୟୁ ହୋଇଥିବାବେଳେ କାର୍ଯ୍ୟସ୍ଥଳୀରେ ପ୍ରଦୂଷଣ ୧ ଲକ୍ଷ ଏବଂ ସୀସା ସଂସ୍ପର୍ଶରେ ଆସି ୨ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିଛି। ଏହା ତଳକୁ ଚାଇନା ରହିଛି। ଚାଇନାରେ ପ୍ରଦୂଷଣ ଯୋଗୁ ୨୨ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଛି। ବିଶ୍ୱବ୍ୟାପୀ ୧୩ ଲକ୍ଷ ଲୋକଙ୍କ ମୃତ୍ୟୁର କାରଣ ଜଳ ପ୍ରଦୂଷଣ ହୋଇଥିବାବେଳେ ଲିଡ୍ ଏକ୍ସପୋଜର (ସୀସା ସଂସ୍ପର୍ଶରେ ଆସିବା) ଏହି ମୃତ୍ୟୁ ମଧ୍ୟରୁ ଅନ୍ୟତମ ପ୍ରମୁଖ କାରଣ ପାଲଟିଛି। ଏଥିଯୋଗୁ ମୋଟ ୯ ଲକ୍ଷ ଲୋକଙ୍କ ଅକାଳରେ ଜୀବନ ଯାଇଛି। ବିଷାକ୍ତ ସାମଗ୍ରୀ ଉତ୍ପାଦନ ଭଳି କ୍ଷେତ୍ରରେ କାର୍ଯ୍ୟ କରୁଥିବା ୮ ଲକ୍ଷ ୭୦ ହଜାର ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ତର୍ଜାତୀୟ ବିକାଶ ଏଜେଣ୍ଡାରେ ପ୍ରଦୂଷଣ ନିୟନ୍ତ୍ରଣ ସ୍ଥାନିତ ହୋଇଥିଲେ ହେଁ ଏଥିଜନିତ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିବାରେ ଲାଗିଛି ଏବଂ ବିଶେଷ କରି ନିମ୍ନ ଓ ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ଏହା ଏକ ବଡ଼ ଆହ୍ୱାନ ପାଲଟିଛି। ଏଥିଯୋଗୁ ଦେଶଗୁଡ଼ିକର ଅର୍ଥନୀତି ପ୍ରଭାବିତ ହେଉଛି ବୋଲି ହେଲ୍‌ଥ ଆଣ୍ଡ୍ ପଲ୍ୟୁସନ ଉପରେ ଜେନେଭା ଗ୍ଲୋବାଲ ଆଲାଏନ୍ସର ରିଚାର୍ଡ ଫୁଲେର କହିଛନ୍ତି। ବିଶେଷକରି ଦକ୍ଷିଣ-ପୂର୍ବ ଏସିଆରେ ଶିଳ୍ପଜନିତ ପ୍ରଦୂଷଣ ସ୍ତର ବଢ଼ିଥିବା ରିପୋର୍ଟରେ କୁହାଯାଇଛି।

ଅନ୍ୟପକ୍ଷରେ ପ୍ରଦୂଷଣ ଯୋଗୁ ଅତ୍ୟଧିକ ମୃତ୍ୟୁ ବିଶ୍ୱ ଅର୍ଥନୀତିକୁ ବ୍ୟାପକ ପ୍ରଭାବିତ କରିଛି। ୨୦୧୯ରେ ଏହି କାରଣରୁ ୪.୬ ଟ୍ରିଲିୟନ ଡଲାର ଆର୍ଥିକ କ୍ଷତି ହୋଇଛି, ଯାହା କି ମୋଟ ବିଶ୍ୱ ଅର୍ଥନୀତିର ୬.୨ ପ୍ରତିଶତ। ଜଳବାୟୁ ପରିବର୍ତ୍ତନ ଉପରେ ସ୍ୱାଧୀନ ଆନ୍ତଃ ସରକାରୀ ପ୍ୟାନେଲ୍ (ଆଇପିସିସି) ଭଳି ପ୍ରଦୂଷଣ ଉପରେ ଏକ ପଲିସି ପ୍ୟାନେଲ ଗଠନ କରିବା ନିମନ୍ତେ ରିପୋର୍ଟରେ ପ୍ରସ୍ତାବ ଦିଆଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୨,୪୩,୭୪,୩୨୭ | ୬୨,୯୩,୪୦୧ | ୪୯,୪୩,୧୬,୬୧୨ |
| ଭାରତ | ୪,୩୧,୨୭,୧୯୯ | ୫,୨୪,୨୯୩ | ୪,୨୫,୮୭,୨୫୯ |
| ଓଡ଼ିଶା | ୧୨,୮୮,୩୨୭ | ୯୧୨୬(+୫୩) | ୧୨,୭୯,୦୪୦ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ପ୍ରଜାକୋର୍ଟରେ ଯୁବକଙ୍କୁ ପିଟିପିଟି ହତ୍ୟା

## ଗୁଣି ଗାରେଡ଼ି ସନ୍ଦେହ, ୫ ଅଟକ

ମାଲକାନଗିରି/କାଲିମେଳା, ୧୮।୫ (ଡି.ଏନ୍.ଏ.)

ଗୁଣି ଗାରେଡ଼ି ସନ୍ଦେହରେ ପ୍ରଜାକୋର୍ଟରେ ଜଣେ ଯୁବକଙ୍କୁ ଠେଙ୍ଗାରେ ପିଟିପିଟି ହତ୍ୟା କରାଯାଇଛି। ମୃତକ ହେଲେ ପଦିଆ ମାଡକାମି। ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ କାଙ୍ଗୁରୁକୋଣ୍ଡା ଗ୍ରାମରେ ବୁଧବାର ଏପରି ଘଟଣା ଘଟିଛି। ଏହି ଘଟଣା ସାଧାରଣରେ ଆଲୋଡ଼ନ ଖେଳାଇ ଦେଇଛି। ୫ଜଣଙ୍କୁ ଅଟକ ରଖି ପୋଲିସ ତଦନ୍ତ ଆରମ୍ଭ କରିଛି।

ଖବରରୁ ଜଣାପଡ଼ିଛି କାଙ୍ଗୁରୁକୋଣ୍ଡା ଗ୍ରାମର ପଦିଆ ନିଜ ଘରେ ସବୁ ସମୟରେ ପୂଜାର୍ଚ୍ଚନା କରୁଥିଲେ। ତାଙ୍କୁ ଗ୍ରାମବାସୀ ଦୀର୍ଘଦିନ ହେଲା ଗୁଣିଆ ରୂପେ ସନ୍ଦେହକରି ଆସୁଥିଲେ। ଗତ ଏକ ସପ୍ତାହ ତଳେ ପଦିଆଙ୍କ ପରିବାରର ଜଣେ ସମ୍ପର୍କୀୟ ମହିଳା ଦେବେ ମାଡକାମି ରୋଗାକ୍ରାନ୍ତ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସାଳୟକୁ ନ ନେଇ ବିଭିନ୍ନ ଗୁଣିଆ ଓ ଦିଶାରିଙ୍କୁ ଦେଖାଉଥିଲେ। ପରେ ସମ୍ପୃକ୍ତା ମହିଳାଙ୍କର ମୃତ୍ୟୁ ହୋଇଥିଲା। ପଦିଆ ଗୁଣି ଗାରେଡ଼ି କରି ତାଙ୍କୁ ମାରି ଦେଇଥିବା ପରିବାର ଲୋକେ ସୂଚନା ପାଇଥିଲେ। ଗ୍ରାମବାସୀ ମଧ୍ୟ ପଦିଆଙ୍କୁ ସନ୍ଦେହ କରିଥିଲେ। ମୃତ ମହିଳାଙ୍କ ବୁଧବାର ଦଶାହ ଥିଲା। ଏହି କାର୍ଯ୍ୟ ପାଇଁ ଗ୍ରାମରେ ପ୍ରଜାକୋର୍ଟ ବସିଥିଲା। ବୈଠକରେ ପଦିଆ ଓ ତାଙ୍କ ପୁଅ ବିରାଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। ଆଲୋଚନା ଚାଲିଥିବା ବେଳେ ହଠାତ୍ ଗ୍ରାମର ମୁକୁନ୍ଦ ମାଡକାମି, ଫିଦା ମାଡକାମି, କାନା ମାଡକାମି, ଇର୍ମା ମାଡକାମି, ଗଙ୍ଗା ମାଡକାମି ପଦିଆଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଠେଙ୍ଗାରେ ପିଟି ପିଟି ବୈଠକ ସ୍ଥଳରେ ତାଙ୍କୁ ମାରି ଦେଇଥିଲେ। ସେଠାରେ ଉପସ୍ଥିତ ଥିବା ପୁଅ ବିରା ପଦିଆଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ଗ୍ରାମବାସୀ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ସେ ଜୀବନ ବଞ୍ଚାଇବାକୁ ସେଠାରୁ ଦୌଡ଼ି ପଳାଇଥିଲେ। ଖବର ପାଇ କାଲିମେଳା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ୧୩୯/୨୨ରେ ଏକ ମାମଲା ରୁଜୁ ହୋଇଛି। ୫ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଅନ୍ୟ ୩ଜଣ ଫେରାର ଅଛନ୍ତି। କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦାରଖ କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି କାଲିମେଳା ଥାନା ଅଧିକାରୀ ରଘୁନାଥ ମାଝି କହିଛନ୍ତି।

# ପାଣିଟାଙ୍କି ନିକଟରେ ମୃତା ମହିଳା

- ହତ୍ୟା ନା ଆତ୍ମହତ୍ୟା, ସନ୍ଦେହରେ ପୋଲିସ
- ପରିଚୟ ଚିହ୍ନଟ ପାଇଁ ଫଟୋ ଜାରି

କଟକ ଅଫିସ,୧୮।୫

କଟକ ବିଡ଼ାନାସୀ ଥାନା ଅନ୍ତର୍ଗତ କୃଷକ ବଜାରସ୍ଥିତ ପାଣିଟାଙ୍କି ନିକଟରୁ ବୁଧବାର ସକାଳେ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ମହିଳାଙ୍କୁ ହତ୍ୟା କରାଯାଇଥିବା ପୋଲିସ ପ୍ରଥମେ ସନ୍ଦେହ କରିଥିଲା। ହେଲେ ନିକଟରେ ଥିବା ପାଣିଟାଙ୍କି ଉପରେ ଏକ ପର୍ସ ମଧ୍ୟରେ ହାତଲେଖା ସୁଇସାଇଡ୍ ନୋଟ୍ ସହ ବିଷ ବୋତଲ, ପାଣି ବୋତଲ ଏବଂ ଚପଲ ଥିବା ଦେଖିବାକୁ ପାଇବା ପରେ ମହିଳା ଜଣକ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। ମୃତା ମହିଳାଙ୍କ ପରିଚୟ ମିଳିପାରି ନ ଥିବାବେଳେ ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ସବୁ ଦିଗକୁ ଦେଖି ତଦନ୍ତ ଆରମ୍ଭ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଅପରପକ୍ଷରେ ଏହି ସୁଉଚ୍ଚ ପାଣିଟାଙ୍କିର ଚାରି ପାର୍ଶ୍ୱରେ ବାଡ଼ ନ ରହିବାରୁ ରାତିରେ ଏଠାରେ ଅସାମାଜିକଙ୍କ ଆଡ୍ଡା ଜମୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।



ବୁଧବାର ସକାଳେ ପାଣିଟାଙ୍କି ନିକଟରେ ମହିଳାଙ୍କ ମୃତଦେହ ମୁହଁମାଡ଼ି ପଡ଼ିଥିବା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ବିଡ଼ାନାସୀ ପୋଲିସ, ଡିସିପି ମିଶ୍ର ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅପରପକ୍ଷରେ ମହିଳାଙ୍କ ମୃତଦେହ ନିକଟରେ ଏକ ଖାଲି ମଦ ବୋତଲ, ବାଇକ୍ ଚକର ଚିହ୍ନ ଥିବା ଜଣାପଡ଼ିବା ପରେ ଏହା ଆତ୍ମହତ୍ୟା ନା ହତ୍ୟା ସେନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ବଳାତ୍କାର ପରେ ମହିଳାଙ୍କୁ ହତ୍ୟା କରାଯାଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରିଛନ୍ତି। ମୃତାଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କର ଆନୁମାନିକ ବୟସ ୨୦ରୁ ୨୫ ମଧ୍ୟରେ ହେବ। ମହିଳା ଜଣକ ବ୍ଲୁ (ଡେନିମ୍) ରଙ୍ଗର ଜିନ୍ସ ପିନ୍ଧିଥିବାବେଳେ ବ୍ଲୁ-ହ୍ୱାଇଟ ଛିଟ ଏକ ଟପ୍ ପିନ୍ଧିଛନ୍ତି। ତେଣୁ ପରିଚୟ ଚିହ୍ନଟ ପାଇଁ ମହିଳାଙ୍କ ଫଟୋକୁ ପୋଲିସ ବିଭିନ୍ନ ସ୍ଥାନରେ ଜାରି କରିଛି।

# ପାନୀୟ ଜଳ ପ୍ରକଳ୍ପ: ୭୧୧.୯୦ କୋଟିର ଟେଣ୍ଡରକୁ ଅନୁମୋଦନ

ଭୁବନେଶ୍ୱର,୧୮।୫(ବ୍ୟୁରୋ)

## କ୍ୟାବିନେଟ ନିଷ୍ପତ୍ତି

- ମୟୂରଭଞ୍ଜ, ସମ୍ବଲପୁର ଜିଲା ୮୬୯ ଗ୍ରାମର ୫.୨୭ ଲକ୍ଷ ଲୋକ ଉପକୃତ ହେବେ

ଗ୍ରାମାଞ୍ଚଳରେ ଲୋକମାନଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ମୟୂରଭଞ୍ଜ ଓ ସମ୍ବଲପୁର ଜିଲାର ୮୬୯ ଗ୍ରାମର ୫.୨୭ ଲକ୍ଷ ଲୋକଙ୍କୁ ପାନୀୟ ଜଳ ଯୋଗାଇଦେବା ପାଇଁ ବ୍ୟବସ୍ଥା ହୋଇଛି । ଓ୍ୟାଡସି ଯୋଜନାରେ ରାଜ୍ୟର ମୟୂରଭଞ୍ଜ ଜିଲାରେ ୨ଟି ବୃହତ୍ ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ୩୭୭.୨୩ କୋଟି ଟଙ୍କାର ଟେଣ୍ଡରକୁ ବୁଧବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଉକ୍ତ ପ୍ରକଳ୍ପ ଦ୍ୱାରା ଜିଲାର ୪ଟି ବ୍ଲକ ଅଧୀନରେ ଥିବା ୬୨ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୪୮୪ ଗ୍ରାମରେ ବାସ କରୁଥିବା ୩.୨୩ ଲକ୍ଷ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ସେଥିରୁ ଉଦଳା ବ୍ଲକ ଅଧୀନରେ ଥିବା ୧୨ଟି ପଞ୍ଚାୟତର ୮୮ଟି ଗ୍ରାମର ୭୨, ୭୬୩, ଖୁଣ୍ଟା ବ୍ଲକର ୧୪ ପଞ୍ଚାୟତର ୧୨୮ ଗ୍ରାମର ୭୩,୮୮୨, ବଡ଼ସାହି ବ୍ଲକ ୩୦ ପଞ୍ଚାୟତର ୨୧୦ ଗ୍ରାମର ୧,୪୬,୨୩୨ ଏବଂ ଜି.ବି. ନଗର ବ୍ଲକ ଅଧୀନରେ ଥିବା ୬ ପଞ୍ଚାୟତର ୫୮ ଗ୍ରାମର ୩୦, ୫୩୭ ଜଣ ଲୋକ ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨ ବର୍ଷ ମଧ୍ୟରେ ଶେଷ ହେବ। ସେହିପରି ଏହି ଯୋଜନାରେ ରରୁଆଁ ଏବଂ ଶୁକ୍ରୁଳି ବ୍ଲକର ୧୯ଟି ପଞ୍ଚାୟତ ଅଧୀନରେ ଥିବା ୧୬୪ ଗ୍ରାମର ୧,୧୩,୫୪୦ ଜଣଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ। ସେଥିରୁ ରରୁଆଁ ବ୍ଲକର ୭୭ ଗ୍ରାମର ୫୦,୯୪୬ ଓ ଶୁକ୍ରୁଳି ବ୍ଲକର ୮୭ ଗ୍ରାମର ପ୍ରାୟ ୬୨,୫୯୪ ଜଣଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ପାଇଁ ଆହୂତ ୧୫୧ କୋଟି ୪୩ ଲକ୍ଷ ୨୮ ହଜାର ୨୪୦ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ କାର୍ଯ୍ୟ ୨୪ ମାସ ମଧ୍ୟରେ ଶେଷ ହେବ।

ସେହିପରି ରାଜ୍ୟ ସରକାର ଜଳଜୀବନ ମିଶନ ଯୋଜନାରେ ସମ୍ବଲପୁର ଜିଲାର ୨ଟି ବ୍ଲକକୁ ଗୋଟିଏ ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଜରିଆରେ ପାନୀୟ ଜଳ ଯୋଗାଇ ଦେବାକୁ ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ଆହ୍ୱାନ କରାଯାଇଥିବା ୧୮୩ କୋଟି ୨୩ ଲକ୍ଷ ୮୨ ହଜାର ୬୭୦ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ ଦ୍ୱାରା ଜିଲାର ୨ଟି ବ୍ଲକ ଅଧୀନରେ ଥିବା ୩୭ ପଞ୍ଚାୟତର ୨୨୧ ଗ୍ରାମର ୧,୩୧,୫୮୭ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ କାର୍ଯ୍ୟ ୨୪ ମାସ ମଧ୍ୟରେ ଶେଷ ହେବ।

## ବରଗଡ଼ ମୁଖ୍ୟ କେନାଲ ମରାମତି ପାଇଁ ୧୬୦ କୋଟି

ବରଗଡ ମୁଖ୍ୟ କେନାଲ ହୀରାକୁଦ ସେଚାଞ୍ଚଳର ଏକ ପ୍ରମୁଖ କେନାଲ। ଏହାଦ୍ୱାରା ୧୯୬୨ ମସିହାରୁ ଓଡ଼ିଶାର ୪ଟି ଜିଲା ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର ଓ ବଲାଙ୍ଗୀରରେ ଖରିଫ ଋତୁରେ ୧,୩୦,୨୩୫ ହେକ୍ଟର ଏବଂ ରବିଋତୁରେ ୯୮,୯୫୮ ହେକ୍ଟର ଚାଷଜମିକୁ କୌଣସି ସ୍ୱତନ୍ତ୍ର ମରାମତି ଓ ରକ୍ଷଣାବେକ୍ଷଣ ବିନା ଜଳସେଚନ ଚାଲିଛି। କେନାଲର ଉଭୟ ପାର୍ଶ୍ୱ ମାଟି ଖାଇଯାଇଥିବାରୁ ବର୍ତ୍ତମାନ ମୁଖ୍ୟ କେନାଲର ଜଳପ୍ରବାହ କ୍ଷମତା କ୍ରମଶଃ ହ୍ରାସ ପାଉଛି। ତେଣୁ ଏହି ପ୍ରକଳ୍ପ ଲାଗି ୧୬୦ କୋଟି ୩୩ ଲକ୍ଷ ଟଙ୍କାର ଟେଣ୍ଡରକୁ ଅନୁମତି ମିଳିଛି। ପ୍ରକଳ୍ପ କାମ ଆସନ୍ତା ୨୪ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି।

# ନାଭାଲ ଆଣ୍ଟିଶିପ୍ ମିଶାଇଲ୍‌ର ସଫଳ ପରୀକ୍ଷଣ

## ଦେଶରେ ପ୍ରଥମ

ବାଲେଶ୍ୱର ଅଫିସ,୧୮।୫

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ(ଡିଆରଡିଓ) ଏବଂ ଭାରତୀୟ ନୌସେନା ପକ୍ଷରୁ ବୁଧବାର ପ୍ରଥମଥର ଲାଗି ନାଭାଲ ଆଣ୍ଟିଶିପ୍ ମିଶାଇଲ(କ୍ଷେପଣାସ୍ତ୍ର)ର ପରୀକ୍ଷଣ ହୋଇଛି। ଏଥିରେ ଆକାଶ ମାର୍ଗରୁ ମିଶାଇଲକୁ ହେଲିକପ୍ଟରରୁ ଜାହାଜ(ଶିପ୍)କୁ ଟାର୍ଗେଟ କରାଯାଇଥିଲା। ପରୀକ୍ଷଣ ସଫଳ ହୋଇଥିବା ନେଇ ଡିଆରଡିଓ ପକ୍ଷରୁ ସୂଚନା ମିଳିଛି।

ଡିଆରଡିଓ ଏବଂ ଭାରତୀୟ ନୌସେନାର ମିଳିତ ଉଦ୍ୟମରେ ସ୍ୱଦେଶୀ-ଜ୍ଞାନ କୌଶଳରେ ବିକଶିତ ନାଭାଲ୍ ଆଣ୍ଟିଶିପ୍ ମିଶାଇଲ୍‌ର ଏହା ପ୍ରଥମ ଫ୍ଲାଇଟ୍-ଟେଷ୍ଟ। ଏହି ପରୀକ୍ଷଣ ପାଇଁ ଏକ ସ୍ୱଦେଶୀ ବିକଶିତ ଲଞ୍ଚର ସହିତ କେତେକ ନୂତନ ପ୍ରଯୁକ୍ତିବିଦ୍ୟାକୁ ପ୍ରୟୋଗ କରାଯାଇଛି। ଏଥିରେ ଅତ୍ୟାଧୁନିକ ନାଭିଗେଶନ୍ ସିଷ୍ଟମ୍ ଏବଂ ଇଣ୍ଟିଗ୍ରେଟେଡ୍ ଆଭିଏନିକ୍ସ ବ୍ୟବହୃତ ହୋଇଛି। ଚାନ୍ଦିପୁର ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର)ରୁ ପୂର୍ବାହ୍ନ ୮ଟା ୫୦ରେ ଏକ ନାଭାଲ ହେଲିକପ୍ଟରରୁ ଏହି ମିଶାଇଲ୍‌କୁ ଗଭୀର ସମୁଦ୍ର ଭିତରେ ଥିବା ଏକ ଜାହାଜକୁ ଉତ୍‌କ୍ଷେପିତ କରାଯାଇଥିଲା। ଏହି କ୍ଷେପଣାସ୍ତ୍ର ସମୁଦ୍ର ସ୍କିମିଂ ଟ୍ରାଜେକ୍ଟୋରୀ ଅନୁସରଣ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିବା ନେଇ ଡିଆରଡିଓ ପକ୍ଷରୁ କୁହାଯାଇଛି। ଏହି ପରୀକ୍ଷଣ ସମୟରେ ଭାରତୀୟ ନାଭାଲ ୟୁନିଟ୍‌ର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଭାରତୀୟ ନୌସେନା ଏବଂ ସହଯୋଗୀ ଦଳଗୁଡ଼ିକୁ ଏହି ପରୀକ୍ଷଣ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ମିଶାଇଲ ସିଷ୍ଟମ ସ୍ୱଦେଶୀ ଡିଜାଇନ୍ ଏବଂ ବିକାଶରେ ଭାରତ ଏକ ଉଚ୍ଚସ୍ତରର ଦକ୍ଷତା ହାସଲ କରିଛି। ଡିଆରଡିଓ ଚେୟାରମ୍ୟାନ୍ ଡ.ସତୀଶ ରେଡ୍ଡୀ ମିଶନ ଉଦ୍ଦେଶ୍ୟକୁ ସଫଳତାର ସହ ପ୍ରମାଣ କରିବା ପାଇଁ ସମସ୍ତ ପ୍ରକଳ୍ପ ଦଳର ଉଦ୍ୟମକୁ ପ୍ରଶଂସା କରିଛନ୍ତି। ତେବେ ଏଭଳି ସଫଳତା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିଆରଡିଓ ଏବଂ ଭାରତୀୟ ନୌସେନାକୁ ଶୁଭେଚ୍ଛା ଜଣାଇଛନ୍ତି।



ଆଣ୍ଟିଶିପ୍ ମିଶାଇଲ୍‌ର ପରୀକ୍ଷଣ ସମୟରେ ନାଭାଲ୍ ୟୁନିଟ୍‌ର ଜାହାଜ।

# ‘ଅସହ୍ୟ କରୁଛି ବିଜୁଳି କାଟ’

ଭୁବନେଶ୍ୱର,୧୮।୫(ବ୍ୟୁରୋ)

## ପ୍ରଥମେ ଗୃହ, ଏବେ ଷ୍ଟାଣ୍ଡିଂ କମିଟିର ଉଦ୍‌ବେଗ

- ମେଣ୍ଟେନାନ୍ସ, କ୍ୟାପିଟାଲ ୱାର୍କ ପାଇଁ ବିଜୁଳି କାଟ: ସଚିବ
- କଥାବାର୍ତ୍ତା ହୋଇଛି, ଏବେ କେବଳ ସକାଳେ ମେଣ୍ଟେନାନ୍ସ କାମ: ଟାଟା

ବିଧାନସଭା ଷ୍ଟାଣ୍ଡିଂ କମିଟି-୧୦ର ତୃତୀୟ ବୈଠକ ବୁଧବାର ପୂର୍ବାହ୍ନରେ ବିଧାୟକ ସୁବ୍ରତ ତରାଇଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟୁତ୍ କାଟକୁ ନେଇ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହା ପ୍ରଥମ ଥର ନୁହେଁ ବରଂ ଗତଥର ଗୃହ କମିଟି ବୈଠକରେ ମଧ୍ୟ ବିଜୁଳି କାଟକୁ ନେଇ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବିଜୁଳି କାଟ ନ କରିବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ପିଲାମାନଙ୍କ ପଢ଼ାକୁ ଧ୍ୟାନଦେବା ନେଇ ସେ କହିଥିଲେ। ହେଲେ କିଛି ଫରକ ପଡ଼ିଲା ନାହିଁ। ପୂର୍ବରୁ ଯେମିତି ବିଦ୍ୟୁତ୍ କାଟ ହେଉଥିଲା ଏବେ ବି ରାଜ୍ୟର ବିଭିନ୍ନ ସ୍ଥାନରେ ସମାନ ସ୍ଥିତି ରହିଛି। ତେବେ ଶକ୍ତି ସଚିବ ଏବଂ ଟାଟା ପାୱାର ଅଧିକାରୀ ମେଣ୍ଟେନାନ୍ସ ପାଇଁ ବିଜୁଳି କାଟ ହେଉଥିବା ଯୁକ୍ତି ବାଢ଼ିଛନ୍ତି।

ଷ୍ଟାଣ୍ଡିଂ କମିଟି ବୈଠକରେ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ବିଧାୟକ ତରାଇ ଆଲୋକପାତ କରିବା ସହ ଗ୍ରୀଷ୍ମଦିନେ ବିଦ୍ୟୁତ୍ କାଟ ନ କରିବାକୁ ପରାମର୍ଶ ଦେଇଛନ୍ତି । ଜନସାଧାରଣ ମୁଖ୍ୟତଃ ଛାତ୍ରୀଛାତ୍ର, ବୃଦ୍ଧାବୃଦ୍ଧଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିକୋଣରୁ ଗ୍ରୀଷ୍ମଦିନେ ବିଜୁଳି କାଟ ନ କରିବା ଓ ବର୍ଷାଦିନ ପୂର୍ବରୁ ୩୩/୧୧ କେଭି ଗ୍ରୀଡ୍ ଷ୍ଟେଶନ ସ୍ଥାପନ କାର୍ଯ୍ୟ ଶେଷ କରିବାକୁ କମିଟି ନିର୍ଦ୍ଦେଶ ଦେଇଛି। ଅନେକ ଗ୍ରାମକୁ ବିଦ୍ୟୁତ୍ ତାର ସଂଯୋଗ ହୋଇଛି ହେଲେ ଟ୍ରାନ୍ସଫର୍ମର ଅକାମୀ ହେବା ଦ୍ୱାରା ବିଦ୍ୟୁତ୍ ଯୋଗାଣ ହୋଇପାରୁନାହିଁ। ଅଥଚ ଗ୍ରାମବାସୀଙ୍କ ପାଖକୁ ମାସିକ ହାରାହାରି ବିଦ୍ୟୁତ୍ ବିଲ୍ ଆସୁଛି ବୋଲି ଅନେକ ସ୍ଥାନରେ ଜନସାଧାରଣ ଅଭିଯୋଗ କରୁଛନ୍ତି। ଏଭଳି ସ୍ଥଳେ ହାରାହାରି ବିଦ୍ୟୁତ୍ ବିଲ୍ ନ ଦେବାକୁ କମିଟି ନିର୍ଦ୍ଦେଶ ଦେଇଛି। ଅନ୍ୟପଟେ ରାତିରେ ବିଜୁଳି କାଟ ନ କରି ପାୱାର ଆଉଟେଜ କମାଇବାକୁ ବିତରଣ କମ୍ପାନୀକୁ କମିଟି ନିର୍ଦ୍ଦେଶ ଦେଇଛି। ଜଣେ ଉପଭୋକ୍ତା କହିଛନ୍ତି, ଘଣ୍ଟାଘଣ୍ଟା ଧରି ବିଜୁଳି କାଟ କଲେ କେମିତି ହେବ। ରାଜ୍ୟ ସରକାରଙ୍କୁ ଏତିକି ଅନୁରୋଧ, ମୁଖ୍ୟ ଶାସନ ସଚିବ ଜିଲାପାଳ, ସ୍ଥାନୀୟ ନିର୍ବାହୀ ଯନ୍ତ୍ରୀମାନଙ୍କ ଜରିଆରେ କେଉଁଠାରେ କେତେ ସମୟ ଲେଖା କାହିଁକି ବିଜୁଳି କଟୁଛି ତା’ର ସମୀକ୍ଷା କରି ରିପୋର୍ଟ ନିଅନ୍ତୁ ବୋଲି ସେ କହିଛନ୍ତି।

ତେବେ ବୈଠକ ପରେ ଶକ୍ତି ସଚିବ ନିକୁଞ୍ଜ ଧଳ କହିଛନ୍ତି, ରାଜ୍ୟରେ ଏବେ ବିଜୁଳି ସମସ୍ୟା ନାହିଁ। ପିକ୍ ସମୟରେ ରାଜ୍ୟକୁ ୪ ହଜାରରୁ ୪ ହଜାର ୫୦୦ ମେଗାୱାଟ୍ ବିଜୁଳି ଆବଶ୍ୟକ ପଡୁଛି। ଚଳିତ ମାସ ଆରମ୍ଭରୁ ଏହି ଚାହିଦା ପୂରଣ ହେଉଛି। ହେଲେ ବିଭିନ୍ନ ପ୍ରକାର ମେଣ୍ଟେନାନ୍ସ ଏବଂ କ୍ୟାପିଟାଲ ୱାର୍କ ଲାଗି ବିଜୁଳି କାଟ ହେଉଛି ବୋଲି ବିତରଣ କମ୍ପାନୀ କହୁଛନ୍ତି। ତେବେ ଖରାଦିନ ଚାଲିଥିବାରୁ ପାୱାର ଆଉଟେଜକୁ କମାଇବାକୁ ସେମାନଙ୍କୁ କୁହାଯାଇଛି ବୋଲି ଧଳ କହିଛନ୍ତି। ଅନ୍ୟପଟେ ଟାଟା ପାୱାର ଦକ୍ଷିଣର ସିଇଓ ଭାସ୍କର ସରକାର କହିଛନ୍ତି, ଗତ ୨ବର୍ଷ କୋଭିଡ୍ ଓ ବାତ୍ୟା ଯୋଗୁ ମେଣ୍ଟେନାନ୍ସ କାମ ହୋଇପାରି ନ ଥିଲା। ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇବା ଲାଗି ମେଣ୍ଟେନାନ୍ସ କାମ କରାଯାଉଛି। କଥାବାର୍ତ୍ତା ସରିଛି, ଏଣିକି କେବଳ ସକାଳ ସମୟରେ ମେଣ୍ଟେନାନ୍ସ କାମ କରାଯିବ। ଯେତେ କମ୍ ବିଜୁଳି କାଟ କରାଯାଇପାରିବ କରାଯିବ ବୋଲି ସେ କହିଛନ୍ତି।



**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାରଙ୍କ କୌଣସି ନୀତି ମଧ୍ୟବିତ୍ତ ଓ ଗରିବଙ୍କ ଆୟ ବୃଦ୍ଧି ପାଇଁ ଉଦ୍ଦିଷ୍ଟ ନୁହେଁ। ବର୍ତ୍ତମାନ ମୁଦ୍ରାସ୍ଫୀତି ବଢ଼ିବାରେ ଲାଗିଥିବାବେଳେ ଲୋକଙ୍କୁ ଦୈନନ୍ଦିନ ଖର୍ଚ୍ଚ ପାଇଁ ଋଣ କରିବାକୁ ପଡ଼ିବ। **-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦିକା**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସୁଇଟି
ପରିବାରବର୍ଗ


ସାଇଅର୍ପଣ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଦର ପଡ଼ିଛି ସୋଦରୀକୁ**
**କୁଆ ନେଇଗଲା ଗୋଦରୀକୁ।**

କେଉଁଠି ଅତି ନ୍ୟୁନସ୍ତରର ଲୋକକୁ ଯେତେ ପଚରାଉଚରା କଲେ ବା ଆଦର କଲେ ବି କିଛି ହେଉନି, ଆଉ କେଉଁଠି ଅତି ଆଶ୍ଚର୍ଯ୍ୟଜନକ ଭାବେ ନ ହେବା କଥା ହୋଇଯାଉଛି। ଅସମ୍ଭବ କଥା ଘଟିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆହେ ଅଜା,**
**ମୁଢ଼ି କି ନଡ଼ିଆ କେଡ଼େ ମଜା।**

ମୁଢ଼ି ଓ ନଡ଼ିଆର ମିଶ୍ରଣ ପାଟିକୁ ଖୁବ୍ ସୁଆଦିଆ ଲାଗିଥାଏ। ସାଧାରଣତଃ ବୟସ ଅଧିକ ହୋଇଗଲେ ଦାନ୍ତ ଝଡ଼ି ଯାଇଥାଏ। ମୁଢ଼ି ନଡ଼ିଆ ଚୋବେଇବା ପାଇଁ ଦାନ୍ତର ଆବଶ୍ୟକତା ରହିଥାଏ। ଦାନ୍ତ ନ ଥିଲେ ମୁଢ଼ି ନଡ଼ିଆ ଚୋବେଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଇ-ଶାସନ ପଦକ୍ଷେପ ଲାଗି ଆଇଟି ବିଭାଗକୁ ରେଫରାଲ ବିଭାଗ ଘୋଷଣା

**ଭୁବନେଶ୍ୱର,୧୮।୫(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ସମସ୍ତ ଇ-ଶାସନ ପଦକ୍ଷେପ ପାଇଁ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି (ଆଇଟି) ବିଭାଗକୁ ରେଫରାଲ ବିଭାଗ ଘୋଷଣା କରିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଏହାଦ୍ୱାରା ପ୍ରୟାସ ଓ ଭିତ୍ତିଭୂମି ଯଥା ପ୍ରୟୋଗ ବିକଶିତ କରିବା, ଡାଟା ସେଣ୍ଟର ଓ କଲ ସେଣ୍ଟର ନକଲିକରଣକୁ ଏଡାଇ ସାମଗ୍ରିକ ଖର୍ଚ୍ଚ କମାଯାଇପାରିବ। ଏହି କାର୍ଯ୍ୟକୁ ସୁଚାରୂପେ ସମ୍ପାଦନ କରିବା ଲାଗି ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ଏହାର ନୋଡାଲ ଏଜେନ୍ସି ଓକାକ୍ ସହିତ ପ୍ରସ୍ତୁତ ରହିଛି। ଏଥିଲାଗି ଭାରତୀୟ ସମ୍ବିଧାନର ଧାରା ୧୬୬ ଅଧୀନରେ ପ୍ରସ୍ତୁତ ନିୟମର ରୁଲ୍-୧୪ରେ ଜାରି ସରକାରୀ କାର୍ଯ୍ୟ ନିୟମାବଳୀର ନିର୍ଦ୍ଦେଶନାମାରେ ଏକ ନୂତନ ଭାଗ -ଭାୟା ସଂଯୋଗ କରାଯିବ।

## ପ୍ରଥମ ପୃଷ୍ଠାରୁ...

### ନୂଆ ରୂପରେ ...

କାରିଗରମାନଙ୍କୁ ବିଶେଷ ଅଭିନନ୍ଦନ ଜଣାଇଛନ୍ତି। ସହଯୋଗ ପାଇଁ ସମସ୍ତଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ମନ୍ଦିରର ନୂଆ ରୂପ ଓ ବିକଶିତ ପରିବେଶ ଅଧିକ ଭକ୍ତ ଓ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାରେ ସହାୟକ ହେବ। ସେମାନଙ୍କ ନିମନ୍ତେ କରାଯାଇଥିବା ବିଭିନ୍ନ ସୁବିଧା ସୁଯୋଗର ଉଚ୍ଚପ୍ରଶଂସା କରିଛନ୍ତି। ଗଞ୍ଜାମର ବିକାଶ ପାଇଁ ଶାନ୍ତି ଓ ସହଯୋଗ ଭିତ୍ତିରେ ସମସ୍ତେ ମିଳିମିଶି କାମ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ବିକଶିତ ବିଭିନ୍ନ ସୁବିଧା ସୁଯୋଗର ଲୋକାର୍ପିତ କରିବା ସହ ଋଷିକୂଲ୍ୟା ନଦୀତଟ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମା' ତାରାତାରିଣୀଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଗଞ୍ଜାମ ଜିଲା ଉତ୍ସବମୁଖରିତ ହୋଇଛି। ଜିଲାର ସବୁଆଡୁ ମା'ଙ୍କ ପୀଠକୁ ଲୋକଙ୍କ ସୁଅ ଛୁଟିଛି। କଳିଙ୍ଗ ସ୍ଥାପତ୍ୟ ଶୈଳୀ ନବନିର୍ମିତ ମନୋରମ ମନ୍ଦିରର ଶୋଭାକୁ ବହୁଗୁଣିତ କରିଛି। ପବିତ୍ର ମନ୍ତ୍ରଧ୍ୱନିର ଉଚ୍ଚାରଣ ତଥା ମଙ୍ଗଳ ବାଦ୍ୟର ନିନାଦରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ପ୍ରତିଷ୍ଠା ଉତ୍ସବରେ ପୁରୀ ଜଗନ୍ନାଥ ମନ୍ଦିର, ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିର, ମା' ସମଲେଶ୍ୱରୀ ମନ୍ଦିର, କେନ୍ଦ୍ରାପଡ଼ା ଶ୍ରୀବଳଦେବ ଜୀଉ ମନ୍ଦିର ସମେତ ରାଜ୍ୟର ବିଭିନ୍ନ ମନ୍ଦିରର ସେବାୟତମାନେ ମଧ୍ୟ ଯୋଗ ଦେଇଥିଲେ। ଏହି ଭବ୍ୟ ମନ୍ଦିର ନିର୍ମାଣରେ ବିଶିଷ୍ଟ ସ୍ଥପତି ପଦ୍ମଭୂଷଣ ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କର ବିଶେଷ ଅବଦାନ ରହିଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ସ୍ତ୍ରୀ ରଜନୀ ମହାପାତ୍ର, ନାତି ସ୍ମିତେଶ ମହାପାତ୍ର, ଅନ୍ୟତମ ସ୍ଥପତି ନାରାୟଣ ତ୍ରିପାଠୀ ଓ ବିନା ପାରିଶ୍ରମିକରେ ମନ୍ଦିର କାର୍ଯ୍ୟରେ ଶ୍ରମଦାନ କରିଥିବା ରାଇପୁରର କୁମାରୀ ଦାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ରାସ୍ତା ଓ କୋଠାବାଡ଼ି ବିଭାଗର ସହକାରୀ ଯନ୍ତ୍ରୀ ସୁରେଶ କୁମାର ମିଶ୍ର ମନ୍ଦିର ଉନ୍ନତି ନିମନ୍ତେ ନେଇଥିବା ପଦକ୍ଷେପକୁ ପ୍ରଶଂସା କରାଯାଇ ତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସୂଚନାଯୋଗ୍ୟ, ବ୍ରହ୍ମପୁରଠାରୁ ୩୦ କି.ମି. ଦୂର ଋଷିକୁଲ୍ୟା ନଦୀ କୂଳରେ ମା' ତାରାତାରିଣୀଙ୍କ ପୀଠ ଏକ ପ୍ରସିଦ୍ଧ ଶକ୍ତିସ୍ଥଳ। କୁମାରୀ ପାହାଡ଼ର ସର୍ବୋଚ୍ଚ ଶିଖରରେ ଦୁଇ ଦେବୀ ମା' ତାରା ଓ ତାରିଣୀ ପୂଜା ପାଆନ୍ତି। ଏହି ପୀଠକୁ ଏକ ନୂଆ ରୂପ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ସାକାର ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଗଞ୍ଜାମ ଜିଲାପାଳ ଥିବା ସମୟରେ ମନ୍ଦିର ରୂପାନ୍ତରର ଭୂମିପୂଜନ କରାଯାଇଥିଲା। ପୂର୍ବରୁ ଭକ୍ତମାନେ ଅନେକ ପାହାଚ ଚଢ଼ି ମା'ଙ୍କ ଦର୍ଶନ ପାଇଁ ଯାଉଥିଲେ। ଏବେ ସେଠାରେ ରୋପ୍ ୱେ ସହ ପୀଠକୁ ସୁନ୍ଦର ରାସ୍ତା ମଧ୍ୟ ତିଆରି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ତାରାତାରିଣୀ ମନ୍ଦିରର ରୂପାନ୍ତରକୁ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମର ପ୍ରକୃଷ୍ଟ ଉଦାହରଣ ଭାବରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରିମଣ୍ଡଳର ସଦସ୍ୟ ବୃନ୍ଦ, ଏମ୍‌ପି, ବିଧାୟକ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି), ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଭକ୍ତମାନଙ୍କ ପାଇଁ ମନ୍ଦିର ପରିସରରେ ଏକ ମନୋଜ୍ଞ ପରିବେଶ ସୃଷ୍ଟି କରାଯାଇଛି। ପ୍ରସାଦ ସେବନ ଗୃହ, ଦୀପ ପ୍ରଜ୍ୱଳନ ସ୍ଥାନ, ବ୍ୟାଖ୍ୟାନ କେନ୍ଦ୍ର, ମୁଣ୍ଡନ କେନ୍ଦ୍ର, ବିଶ୍ରାମସ୍ଥଳ, ସେଣ୍ଟ୍ରାଲ ପ୍ଲାଜା ଓ ଅତ୍ୟାଧୁନିକ ଆଲୋକ ବ୍ୟବସ୍ଥା ଆଦି ନୂତନ ସୁବିଧା ସହିତ ସ୍ୱଚ୍ଛ ପାନୀୟ ଜଳ ଓ ଅନ୍ୟାନ୍ୟ ସୁବିଧାର ବ୍ୟବସ୍ଥା କରାଯାଇଛି। ପାହାଚ ଶ୍ରେଣୀ, ରୋପ୍ ୱେ ଏବଂ ନୂତନ ସଡ଼କ ଦ୍ୱାରା ପୀଠକୁ ଯିବା ପାଇଁ ୩ ପ୍ରକାର ବ୍ୟବସ୍ଥା କରାଯାଇଛି। ଏଥିସହିତ ନଦୀକୂଳ ସଡ଼କକୁ ମଧ୍ୟ ନୂତନ ଭାବେ ନିର୍ମାଣ କରାଯାଇଛି। ଏଠାରୁ ଋଷିକୁଲ୍ୟା ନଦୀର ସୌନ୍ଦର୍ଯ୍ୟକୁ ଅନୁଭବ କରିବାର ସୁଯୋଗ ପର୍ଯ୍ୟଟକମାନଙ୍କ ପାଇଁ ଏକ ଅପୂର୍ବ ଆକର୍ଷଣ ସୃଷ୍ଟି କରିପାରିଛି। ଏ ସମସ୍ତ ବ୍ୟବସ୍ଥା ପାଇଁ ୧୧୫ କୋଟିରୁ ଅଧିକ ଟଙ୍କା ବିନିଯୋଗ କରାଯାଇଛି।

### ୩୨ ପ୍ରସ୍ତାବକୁ ...

ଏହି ଯୋଜନାରେ ପ୍ରତିବର୍ଷ ୧ ଲକ୍ଷ ଚାଷୀ ଅର୍ଥକରୀ ଫସଲ ଉତ୍ପାଦନ କରି ଲାଭବାନ ହୋଇପାରିବେ। ଏଥିସହିତ ସେମାନଙ୍କର ସାମାଜିକ ଓ ଆର୍ଥିକ ବିକାଶ ହେବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ଜଳସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। ସେହିପରି ରାଜ୍ୟରେ ଥିବା ଛୋଟ ଛୋଟ ନଦୀ, ନାଳଗୁଡ଼ିକରେ ୧୨୮୦ ଆଡ଼ିବନ୍ଧ ନିର୍ମାଣ କରାଯିବ। ଏହା ଦ୍ୱାରା ଜଳସେଚିତ ଜମିରେ ସୁନିଶ୍ଚିତ ଜଳସେଚନର ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ୩୫ ପ୍ରତିଶତରୁ କମ୍ ଜଳସେଚିତ ବ୍ଲକଗୁଡ଼ିକରେ ଏହା କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନା ଅଧୀନରେ ଚେକଡ୍ୟାମ ନିର୍ମାଣ ଯୋଜନାକୁ ଆସନ୍ତା ୩ ବର୍ଷ ମଧ୍ୟରେ ଶେଷ କରାଯିବ। ଏଥିରେ ୮୧୧.୪୫ କୋଟି ଟଙ୍କା ବ୍ୟୟରେ ୨୭ ହଜାର ୬୦୦ ହେକ୍ଟର ଚାଷ ଜମିକୁ ଜଳ ସେଚନ ସୁବିଧା କରାଯିବ। ଏହାଦ୍ୱାରା ମୌସୁମୀ ପରବର୍ତ୍ତୀ ସମୟରେ ଗ୍ରାମଗୁଡିକୁ ପାନୀୟ ଜଳର ସୁବିଧା ଯୋଗାଇବା ସହିତ ଭୂତଳ ଜଳସ୍ତର ଅଭିବୃଦ୍ଧିରେ ସହାୟକ ହେବ। ଜଳ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ନଦୀ ଗର୍ଭରେ ବୃହତ ଜଳାଶୟ ସୃଷ୍ଟି କରିବା ଲାଗି ରାଜ୍ୟ ସରକାର ୨୦୧୯-୨୦ରେ ୧୧ ହଜାର ୭୦୦ କୋଟି ଟଙ୍କା ବ୍ୟୟରେ ନଦୀଗର୍ଭ ସୀମିତ ଜଳ ସଂରକ୍ଷଣ ଆନିକଟ ନିର୍ମାଣ ପ୍ରକଳ୍ପ ଯୋଜନା କରିଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ଖୋର୍ଦ୍ଧା ଜିଲା ପାଣ୍ଡରା ଗ୍ରାମ ନିକଟରେ ଏକ ଆଡିବନ୍ଧ ନିର୍ମାଣ ହେବ। ଏହି ପ୍ରକଳ୍ପ ଲାଗି ୧୨୮ କୋଟି ୭ ଲକ୍ଷ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମୋହର ମାରିଛି। ପ୍ରକଳ୍ପ ନିର୍ମାଣ ୨ ବର୍ଷ ମଧ୍ୟରେ ଶେଷ ହେବ। ଏହାଦ୍ୱାରା ଭୁବନେଶ୍ୱର ମହାନଗର ନିଗମ ଓ ବାଲିଅନ୍ତା ତହସିଲର ଲୋକମାନଙ୍କର ପାନୀୟ ଜଳ ଓ ଘରୋଇ ବ୍ୟବହାର ନିମନ୍ତେ ପର୍ଯ୍ୟାପ୍ତ ଜଳ ଉପଲବ୍ଧ ହୋଇ ପାରିବ। ଏହାଛଡା ଜଳାଶୟଟି ସ୍ଥାନୀୟ ଲୋକମାନଙ୍କର ଚାଷ କାର୍ଯ୍ୟ, ଶିଳ୍ପ ଓ ସାମାଜିକ, ଆର୍ଥିକ ଉନ୍ନତୀ ଦିଗରେ ସହାୟତା ହୋଇ ପାରିବ। ଏହାଛଡା ଏହି ପ୍ରକଳ୍ପ ଦ୍ୱାରା ୧୬୧.୭୯ ହେକ୍ଟର ପରିମିତ ଅଞ୍ଚଳରେ ମାଛ ଚାଷ ନିମନ୍ତେ ସହାୟକ ହୋଇ ପାରିବ। ପ୍ରକଳ୍ପ ନିର୍ମାଣ ପରେ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ପ୍ରକଳ୍ପର ରକ୍ଷଣା ବେକ୍ଷଣା ସମ୍ପୃକ୍ତ ସଂସ୍ଥା କରିବ। ଜଳ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ସେହିପରି ସୁନ୍ଦରଗଡ ଜିଲାର କୁହାବାଗା ଗ୍ରାମ ନିକଟରେ ଏକ ଆନିକଟ ନିର୍ମାଣ ହେବ। ଉକ୍ତ ପ୍ରକଳ୍ପରେ ଜଳ ଗର୍ଭସ୍ଥ ଯାନ୍ତ୍ରିକ କାର୍ଯ୍ୟ, ଶକ୍ତି ସଂଯୋଗୀକରଣ, ରାସ୍ତା ସଂଯୋଗୀକରଣ ଓ କର୍ମଚାରୀ ନିବାସ ନିର୍ମାଣ ଆଦି ଅନ୍ତର୍ଭୁକ୍ତ। ଏହାଛଡା ପ୍ରକଳ୍ପର ପ୍ରାତ୍ୟେକ ଅଂଶର ଡିଜାଇନ ଓ ଆକଳନ ତଥା ପ୍ରକଳ୍ପ ନିର୍ମାଣ ପରେ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣା ବେକ୍ଷଣ ସମ୍ପୃକ୍ତ ସଂସ୍ଥା ହାତରେ ରହିବ। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୧୬୨ କୋଟି ଟଙ୍କାଏବଂ ରକ୍ଷଣା ବେକ୍ଷଣ ନିମିତ୍ତ ୯୦ ଲକ୍ଷ ଟଙ୍କାର ଟେଣ୍ଡରକୁ ମଧ୍ୟ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୩୦ ମାସ ମଧ୍ୟରେ ଶେଷ ହେବ। ଉକ୍ତ ପ୍ରକଳ୍ପଟି ସୁନ୍ଦରଗଡ ଜିଲାର ଟାଙ୍ଗରାପଲ୍ଲୀ, ଲେଫ୍ରିପଡା, ବାଲିଶଙ୍କରା ଓ ସଦର ବ୍ଲକର ଲୋକମାନଙ୍କର ପାନୀୟ ଜଳ ଓ ଘରୋଇ ବ୍ୟବହାର ନିମନ୍ତେ ପର୍ଯ୍ୟାପ୍ତ ଜଳ ଉପଲବ୍ଧି କରାଇବ। ଏହାଛଡା ଜଳାଶୟ ସ୍ଥାନୀୟ ଲୋକମାନଙ୍କର ଚାଷ କାର୍ଯ୍ୟ, ଶିଳ୍ପ, ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସହାୟତା କରିବ। ଏଥିସହିତ ୬୨.୫୦ ହେକ୍ଟର ପରିମିତ ଅଞ୍ଚଳର ମାଛ ଚାଷ ନିମନ୍ତେ ସହାୟକ ହୋଇ ପାରିବ।

### ବଡ଼ଦାଣ୍ଡ ନାଳରେ ...

ନିମନ୍ତେ ପଠାଇଛି। ଅପରପକ୍ଷରେ ନାଳ ସଫା ପରେ ସ୍ଲାବ୍ ନ ପକାଯାଇ ଦାୟିତ୍ୱହୀନ ଭାବେ ଏଗୁଡ଼ିକୁ ମୁକୁଳା ଛାଡ଼ି ଦିଆଯାଉଥିବାରୁ ଏଭଳି ଅଘଟଣ ଘଟିଲା ବୋଲି ସ୍ଥାନୀୟ ଲୋକେ କହିବା ସହ ପୌର ପ୍ରଶାସନକୁ ଦାୟୀ କରିଛନ୍ତି। ଜିଲାପାଳ ପୌରସଂସ୍ଥାର ଅଧ୍ୟକ୍ଷ ଦାୟିତ୍ୱରେ ଥିବାରୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ନିଜେ ନେବା ସହ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରନ୍ତୁ ବୋଲି ସାଧାରଣରେ ଦାବି ଉଠିଛି। ବୀରନରସିଂହପୁର ଗୋହରୀ ସାହିର ନିଧି ପ୍ରତିଦିନ ପୁରୀ ଆସି ରିକ୍ସା ଚଳାନ୍ତି। ମାର୍କେଟ ଛକଠାରେ ରାତିରେ ରିକ୍ସା ରଖି ଘରକୁ ଫେରନ୍ତି। ମାତ୍ର ମଙ୍ଗଳବାର ରାତିରେ ସେ ଘରକୁ ଫେରି ନ ଥିଲେ। ବୁଧବାର ଭୋର ସମୟରେ ତାଙ୍କ ମୃତ ଶରୀର ପୁରୀ ବଡ଼ଦାଣ୍ଡ ନାଳରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ କୁମ୍ଭାରପଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲା। ପରିବାର ଲୋକେ ହସ୍ପିଟାଲରେ ପହଞ୍ଚିଥିଲେ। ପୋଷ୍ଟମର୍ଟମ ପରେ ପୁରୀ ସ୍ୱର୍ଗଦ୍ୱାରରେ ନିଧିଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅନ୍ୟପକ୍ଷରେ କୁମ୍ଭାରପଡ଼ା ଥାନା ଆଇଆଇସି ବିଚିତ୍ରାନନ୍ଦ ସେଠୀ କହିଛନ୍ତି ଯେ, ନିଧି ନାଳରେ ପଡ଼ି ପ୍ରାଣ ହରାଇଛନ୍ତି। ଶ୍ୱାସରୁଦ୍ଧ କାରଣରୁ ଏଭଳି ହୋଇଛି ଅଥବା ଅନ୍ୟ କେଉଁ କାରଣରୁ ତାହା ସ୍ପଷ୍ଟ ହୋଇପାରି ନାହିଁ। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ। ତେବେ ନାଳ କାହିଁକି ଖୋଲାଥିଲା ତାହାକୁ ନେଇ ସ୍ଥାନୀୟ ଲୋକେ ଓ ଦୋକାନୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟ ବାସିନ୍ଦା ଶେଷଦେବ ରଥଙ୍କ କହିବାନୁସାରେ ପାଖାପାଖି ୨ ମାସ ହେଲାଣି ନାଳ ସଫା କାମ ସରିଲାଣି। ମାତ୍ର ଏଠାରେ ସ୍ଲାପ୍ ପକାଯାଉ ନାହିଁ। ୪ଫୁଟ୍ ଗଭୀର ନାଳରେ ସ୍ଲାପ୍ ନ ପକାଇବା ଘଟଣାରେ ସ୍ଥାନୀୟ ଦୋକାନୀମାନେ ବାରମ୍ବାର ପୌର କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମାତ୍ର ପ୍ରଶାସନ ଭ୍ରୂକ୍ଷେପ କରିନାହିଁ। ପୌରସଂସ୍ଥାର ଅବହେଳା ପାଇଁ ମୂଲ୍ୟବାନ ଜୀବନଟିଏ ଚାଲିଗଲା। ଯେଉଁଠାରେ ସ୍ଲାପ୍ ପଡ଼ିନାହିଁ, ସେଠାରେ ନିଷିଦ୍ଧାଞ୍ଚଳ ବୋଲି ଲେଖାଯିବା କଥା। ହେଲେ ତାହା ମଧ୍ୟ କରାଯାଇ ନ ଥିବା ରଥ କହିଛନ୍ତି। ଅନ୍ୟପକ୍ଷରେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି ଯେ, ନାଳ ସଫା କାମ ପୂରା ସହରରେ ଚାଲିଛି। ସଂପୃକ୍ତ ସ୍ଥାନରେ ୧୫ ଦିନ ତଳେ ନାଳ ସଫା ହୋଇଥିଲା। ଅନ୍ୟ ସମସ୍ତ ସ୍ଥାନରେ ନାଳ ଉପରେ ସ୍ଲାପ୍ ପଡ଼ିଥିବାବେଳେ ସମ୍ପୃକ୍ତ ସ୍ଥାନରେ ଖୋଲା ରହି ଯାଇଥିଲା। କାହାରି ଜୀବନ ଚାଲିଯିବା ଦୁଃଖଦ ଖବର। ଏନେଇ ଏକ ତଦନ୍ତ କମିଟି ଗଠନ କରିଛୁ। କାହିଁକି ନାଳ ମୁକୁଳା ଥିଲା ସେନେଇ ତଦନ୍ତ ହେବ। ସଫେଇ କାର୍ଯ୍ୟ ଠିକା ସଂସ୍ଥା ଜାଗୃତି କରୁଛି। ଅବହେଳା ପ୍ରଦର୍ଶନ କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାଇଁ କହିଛନ୍ତି।

**'ଆହା ପଦେ କେହି କହିଲେ ନାହିଁ'**

ପୌର ପ୍ରଶାସନର ଅବହେଳା ଯୋଗୁ ସ୍ୱାମୀ ନିଧି ମୁକୁଳା ନାଳରେ ପଡ଼ି ପ୍ରାଣ ହରାଇଲେ, ହେଲେ ଆହା ପଦେ କହିବାକୁ କେହି ଟିକେ ଆସିଲେନି ବୋଲି ସ୍ତ୍ରୀ ସୁଲୋଚନା କ୍ଷୋଭର ସହ କହିଛନ୍ତି। ସ୍ୱାମୀ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ପରିବାରର ସ୍ଥିତି ଖରାପ ଥିବାରୁ ଚଳିବା କଷ୍ଟକର। ଏବେ ୧୨ବର୍ଷ ପୁଅକୁ ପଢ଼ାଇବା ମଧ୍ୟ କାଠିକର ପାଠ ହୋଇଯିବ। ତେଣୁ ପ୍ରଶାସନ କ୍ଷତିପୂରଣ ଦେବାକୁ ଅନୁରୋଧ କରୁଛି।

### ବେଦିରେ କନ୍ୟା ଅମଙ୍ଗ, ...

ଚର୍ଚ୍ଚାର ବିଷୟ ହୋଇଛି। ଏସବୁ ଘଟଣା ପରେ ବରପକ୍ଷ ଲୋକେ ବରକୁ ଫେରାଇ ନେଇଯିବାକୁ ବାଧ୍ୟ ହୋଇଥିଲେ। ଅନ୍ୟପକ୍ଷରେ କନ୍ୟାଙ୍କୁ ତାଙ୍କ ଘର ଲୋକେ ଘରୁ ବାହାର କରିଦେବା ପରେ ସେ ତାଙ୍କ ପ୍ରେମିକଙ୍କ ଘରେ ଆଶ୍ରୟ ନେଇଛନ୍ତି। ବାଲେଶ୍ୱର ଚାଇଲ୍ଡଲାଇନ ଜିଲା ମୁଖ୍ୟ ପ୍ରଶାନ୍ତ ରାଉତ, ବାଲିଆପାଳ ଆଇସିଡିଏସ୍ ସୁପରଭାଇଜର ସ୍ମିପାରାଣୀ ସାହୁ, ବାଲିଆପାଳ ଚାଇଲ୍ଡଲାଇନ ଟିମ୍ ମେମ୍ବର ଉତ୍ତମ କୁମାର ନାୟକ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ପ୍ରାଥମିକ ତଦନ୍ତରୁ କନ୍ୟା ନାବାଳିକା ଥିବା ଚାଇଲ୍ଡଲାଇନ ମୁଖ୍ୟ ରାଉତ ସୂଚନା ଦେଇଛନ୍ତି।


**classifieds Everyday 0674-2580101, 2549302**




**SALE**

Plot for sale, 2000sqft. (10Nos.) per sqft.-2000/- , Yellowzone Gharabari Plot near Tata-Ariana, Vipul Garden backside Ghatikia Mouza-Sankarpur, BBSR. Water & Electricity available, 30'Road NH-16 to 1km. Contact: - 7381564227, 8114744495. D-446

BDA, RERA & SBI Approved 2/3BHK flats, duplex and triplex for sale at Bhubaneswar with all amenities. Contact: 8599097575, 9853089975. D-73245

30' road, gharabari boundary plot electricity gate ଥାଇ ଭୁବନେଶ୍ୱର-ପୁରୀ ମଙ୍ଗଳପୁର ଛକରୁ 1k.m. ପିଚୁ ରାସ୍ତାକୁ ଲାଗି 1500sqft. 6,00,000/-, 9937373013. D-73247

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-435

Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118. D-73216

ଭୁବନେଶ୍ୱର କଳ୍ପନାଠାରୁ 10 କି.ମି. ଦୂରରେ ଗୁଡ଼ିଆ ପୋଖରୀ ଛକ (near KEC College) ଠାରୁ 4 କି.ମି. ବିନାୟକପୁର ଦେଉଳି ମୌଜାରେ ଘରବାଡ଼ି ପ୍ଲଟ୍ 30X50= 1500sqft. ପ୍ଲଟ୍ ଓ 40ft. ମେନ୍ ରୋଡ୍ ସହିତ ବ୍ରାଞ୍ଚ ରୋଡ୍ 30ft., ସବ୍‌ବ୍ରାଞ୍ଚ ରୋଡ୍ 25ft. ତା' ସହିତ ଇଲେକ୍ଟ୍ରି ଆଣ୍ଡ ରୋଡ୍ ଡେଭେଲପମେଣ୍ଟ ସହ ପ୍ରତି sqft. Rs. 599ରେ ମିଳୁଛି। ଯୋଗାଯୋଗ ମୋବାଇଲ ନମ୍ବର- 9938999317, 9938015353. SUVAM CONSTRUCTION. D-475

**PURCHASE**

Required urgently flats duplexes core houses for our esteemed clients. 637 1090682. D-68292

**GENERAL SALE**

2, Passenger LIFT sales and service. Contact: 96 92527969. D-468




Newly open SPA positively health benefit with expert. Contact: 7749976301. D-71995

Mesmerizing, energetic body, mind qualitative relaxing massage experienced therapists. 9668374480. D-73606

Refreshing your mind and body with the best therapy, 7873794731. D-317

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-71994

One hour any therapy by expert therapist @999 only. 9078484455. D-73607

Newly open SPA positively health benefits expert therapist, Kalpana. 7846814019. D-73608

Newly open full body massage ladies and gents. 7750077371. D-71900

Relax, Refresh your body, mind at Saikrupa Spa with best therapies. 8984068077. D-488

**AFFIDAVIT**

By virtue of an affidavit sworn on 18th May 2022 before Executive Magistrate, Puri, I, Jyotsnarani Banita Dash, W/o Late Bikram Chandra Dash. Banita Dash, W/o Late Bikram Chandra Dash and Jyotsnarani Kar, D/o Purna Chandra Kar is the one and same person, residing at Habeli Lane, Dolamandapsahi, Puri. D-73505

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣଙ୍କ ଉଚ୍ଚମନ, ଉତ୍କୃଷ୍ଟ ବିଚାରଧାରା, ମଧୁର କଥା ଜନମନ ହରଣ କରିବ। ପରିବାର ସହଯୋଗରେ କାମ ହାସଲ କରିବାରେ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ ଓ ଅର୍ଥନୈତିକ କାର୍ଯ୍ୟକ୍ରମ ବେଶ୍ ଭଲରେ ଚାଲିବ।

**ବୃଷ** ଚିନ୍ତା ଓ ଯୋଜନାନୁଯାୟୀ ପ୍ରତ୍ୟେକ କାମ ଠିକ୍ ସମୟରେ ସମ୍ପନ୍ନ ହେବ। ଉପର ଅଧିକାରୀମାନେ ସହାନୁଭୂତି ପ୍ରକାଶ କରିବେ। ଆଇନ ଅଦାଲତ, ଯୋଗାଯୋଗ, ସଭାସମିତି ଓ ଗଠନମୂଳକ କାମ କ୍ଷେତ୍ରରେ ସ୍ଥିରତା ଫେରିଆସିବ। ପାରିବାରିକ ସମସ୍ୟାକୁ ସୁଧାରି ନେବା ସକାଶେ ବିଭିନ୍ନ ପ୍ରକାର ଉଦ୍ୟମ କରିପାରନ୍ତି।

**ମିଥୁନ** ନିଜ ସଂସ୍ପର୍ଶରେ ଆସୁଥିବା ଲୋକମାନଙ୍କୁ କଅଁଳିଆ କଥା କହି ମନେଇବାରେ ସମର୍ଥ ହେବେ। ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କର୍ମକ୍ଷେତ୍ରରେ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ଅବଶ୍ୟ ସଫଳତା ମିଳିବ। ଦିନଟି ଆର୍ଥିକ ଦିଗରୁ ବହୁତ ଭଲ ରହିବ।

**କର୍କଟ** ଅନ୍ୟମାନଙ୍କୁ ନିଜେ ଆଡ୍‌ଜଷ୍ଟ ହୋଇ କାମ କରିଚାଲିଲେ କୌଣସି ସମସ୍ୟା ସୃଷ୍ଟି ହେବନାହିଁ। ଆଖିଦେଖା କାମ, କିମ୍ବା ପରୀକ୍ଷା ଓ ଅନୁସନ୍ଧାନ ନ କରି କୌଣସି ସିଦ୍ଧାନ୍ତରେ ଉପନୀତ ହୁଅନ୍ତୁ ନାହିଁ। ଋଣ କରିବାକୁ ପଡ଼ିପାରେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**ସିଂହ** ପରିବାରରେ ଅଭାବବୋଧ ଲାଗିରହିବା ହେତୁ ସମସ୍ତଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ଅସାବଧାନତା ବଶତଃ ଭଲ କରିବାକୁ ଯାଇ ସମସ୍ୟା ଭିତରକୁ ଟାଣି ହୋଇଯିବାକୁ ପଡ଼ିପାରେ। ଆର୍ଥିକ ସ୍ଥିତି ମନ୍ଦ ହେବନି ମାତ୍ର କର୍ମକ୍ଷେତ୍ରରେ ଜମା ଫୁର୍‌ସତ୍ ପାଇବେ ନାହିଁ। ଅତୀତ ଘଟଣାକୁ ବାରମ୍ବାର ଚିନ୍ତାକରି ମାନସିକ ଅଶାନ୍ତି ଅନୁଭବ କରିବେ।

**କନ୍ୟା** ଯାହାକୁ ନିଜର ଭାବିବେ ସେ ସରଳତାର ସୁଯୋଗ ନେବାକୁ ପଛାଇବ ନାହିଁ। ଆଜି ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। ନିର୍ମାଣ, ପରିବହନ, ପ୍ରଶାସନ, ମାଲିମକଦ୍ଦମା ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରୁ ସୁଫଳ ପାଇବେ। କୌଣସି ଆନୁଷ୍ଠାନିକ କାମରେ ଯୋଗ ଦେଲେ ସମ୍ମାନିତ ହେବାର ସୌଭାଗ୍ୟ ଲାଭକରିବେ।

**ତୁଳା** କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପନ୍ନ କରିବାକୁ ଯାଇ ଅସୁସ୍ଥତା ଅନୁଭବ କରିପାରନ୍ତି। ମନର ଭାବକୁ ବନ୍ଧୁ ନିକଟରେ ପ୍ରକାଶ କରିବା ହେତୁ ଭୁଲ୍ ବୁଝାମଣାର ପରିସ୍ଥିତି ସୃଷ୍ଟି ହେବ। କେତେକ କ୍ଷେତ୍ରରେ ଭଲକୁ ମନ୍ଦ ଜ୍ଞାନରେ ଗ୍ରହଣ କରି ମାନସିକ ସନ୍ତୁଳନ ହରାଇବେ। ଅର୍ଥନୈତିକ ଅଭିବୃଦ୍ଧି ଓ କର୍ମକ୍ଷେତ୍ରରେ ସମୟାନୁବର୍ତ୍ତୀ ହେବେ।

**ବିଛା** ସ୍ୱଗୃହୀ ବୃହସ୍ପତି ସମସ୍ତ କାର୍ଯ୍ୟସିଦ୍ଧିର ମାର୍ଗ ଉନ୍ମୁକ୍ତ କରିପାରନ୍ତି। ଭିନ୍ନ ଏକ ପରିବେଶରେ କର୍ମକ୍ଷେତ୍ରରେ ଥିବା ବହୁଦିନର ମନାନ୍ତରର ସମାଧାନ ହୋଇଯିବ। ପାରିବାରିକ ଜୀବନରେ ଉଚିତ ବୁଝାମଣା ରହିବାରୁ ସାମୟିକ ଆଶ୍ୱସ୍ତିଲାଭ କରିବେ। ବ୍ୟବସାୟିକ ସ୍ଥିତି ଓ ପାରିବାରିକ ପରିସ୍ଥିତି କେତେକାଂଶରେ ବ୍ୟାହତ ହୋଇପାରେ।

**ଧନୁ** କୌଣସି କାମ ଶୃଙ୍ଖଳିତ ନ ହେବାରୁ ଧୈର୍ଯ୍ୟଚ୍ୟୁତି ଘଟିବାର ଆଶଙ୍କା ରହିଛି। ବନ୍ଧୁଙ୍କ ପରାମର୍ଶରେ ବ୍ୟବସାୟ ଓ ପରିବହନର ଆଧୁନିକୀକରଣ କରିବାର ଯୋଜନା କରିପାରନ୍ତି। ନିର୍ମାଣ କ୍ଷେତ୍ରରେ ଆବଶ୍ୟକ ଜିନିଷ ଅଭାବରୁ କାର୍ଯ୍ୟ ସ୍ଥଗିତ ରହିପାରେ। ଫେରନ୍ତା ବାଟରେ ଘର ପାଇଁ ମନଲାଖି ଦ୍ରବ୍ୟ କିଣିବା ସକାଶେ ମନ ବଳିବ।

**ମକର** ପରିବାର ମଧ୍ୟରେ ଅସ୍ଥିର ମନୋଭାବ ପ୍ରକାଶ କରିବା ସମସ୍ୟାର କାରଣ ହୋଇପାରେ। କର୍ମକ୍ଷେତ୍ର ଓ ବ୍ୟବସାୟିକ ଦିଗଟି ମନ୍ଦ ହେବ ନାହିଁ କିନ୍ତୁ ପ୍ରତିବନ୍ଧକ ଲାଗିରହିବ। ଦିନ ତମାମ କଠୋର ପରିଶ୍ରମଜନିତ ସାମୟିକ କ୍ଲାନ୍ତି ଅନୁଭବ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବକୁ ନେଇ ନିର୍ମାଣାଧୀନ ଗୃହ, ଯାନବାହନକୁ ଶେଷ ସ୍ପର୍ଶ ଦେବେ।

**କୁମ୍ଭ** ପରିବାରରେ ଅଶାନ୍ତି ପୂର୍ବପରି ଲାଗିରହୁଥିବା ହେତୁ କାମଗୁଡ଼ିକ ଠିକ୍ ଭାବେ ନ ହୋଇପାରେ। ସ୍ୱାସ୍ଥ୍ୟାବସ୍ଥା କ୍ରମଶଃ ଭଲ ଦିଗକୁ ଗତି କରିବାରୁ ଆଶ୍ୱସ୍ତିଲାଭ କରିବେ। ଅଫିସ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ ଏବଂ ପୂର୍ବ ସମସ୍ୟା ଦୂରେଇ ଯିବ। ନିକଟ ସମ୍ପର୍କୀୟଙ୍କ ଅନାଦର ଭାବକୁ ନେଇ ବିଭିନ୍ନ ପ୍ରକାର ଚିନ୍ତା ଲାଗିରହିବ।

**ମୀନ** ବନ୍ଧୁଙ୍କ ଦ୍ୱାରା ପ୍ରଶଂସା, ଆତ୍ମୀୟଙ୍କ ଅନୁରାଗ, ପଡ଼ୋଶୀଙ୍କ ସ୍ନେହ ଓ ଶ୍ରଦ୍ଧା ପାଇବେ। ବୃତ୍ତି, ବାଣିଜ୍ୟ, ଆଲୋଚନା, ଆନୁଷ୍ଠାନିକ କାମ କେତେକାଂଶରେ ସନ୍ତୋଷଜନକ ନ ହୋଇପାରେ। ଆର୍ଥିକ ଦୁରବସ୍ଥା କାରଣରୁ କେତେକ କାମ ଅଟକି ରହିଯିବ। ଆନୁଷ୍ଠାନିକ କାମ କିମ୍ବା ସାଂସ୍କୃତିକ ଅନୁଷ୍ଠାନକୁ ଆମନ୍ତ୍ରିତ ହୋଇପାରନ୍ତି।

# ବଦଳିଲା ଉଚ୍ଚଶିକ୍ଷା ବିଭାଗ ଋଣ ଖିଲାପକାରୀଙ୍କ ସୁଧ ହାର

ଭୁବନେଶ୍ୱର,୧୮।୫(ବ୍ୟୁରୋ): ଉଚ୍ଚଶିକ୍ଷା ଲାଗି ପୂର୍ବରୁ ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ବିଭାଗରୁ ନେଇଥିବା ଶିକ୍ଷା ଋଣର ସୁଧ ହାରରେ ପରିବର୍ତ୍ତନ କରାଯାଇଛି। ଓଡିଶାର ଗରିବ ଏବଂ ମେଧାବୀ ଛାତ୍ରୀଛାତ୍ରମାନଙ୍କ ଉଚ୍ଚଶିକ୍ଷାର ସୁବିଧା ସକାଶେ ଅତୀତରେ ଓଡ଼ିଶା ଲୋନ୍ ଷ୍ଟାଇପେଣ୍ଡ ଫଣ୍ଡରୁ ଋଣ ଆକାରରେ ଆର୍ଥିକ ସହାୟତା ଯୋଗାଇ ଆସୁଥିଲେ। ଏହି ପ୍ରକ୍ରିୟା ୧୯୫୪ରୁ ୨୦୧୬ ପର୍ଯ୍ୟନ୍ତ ସାଧାରଣ, ବୈଷୟିକ ଏବଂ ବ୍ୟବସାୟିକ ଶିକ୍ଷା ନିମନ୍ତେ ଦିଆଯାଉଥିଲା। ଧାର୍ଯ୍ୟ ସମୟ ମଧ୍ୟରେ ଋଣ ପରିଶୋଧ ନ କଲେ ଋଣ ରାଜିନାମା ଅନୁଯାୟୀ ବାର୍ଷିକ ୧୦ % ସୁଧ ଧାର୍ଯ୍ୟ ହୋଇଥିଲା। ହେଲେ ନିଯୁକ୍ତି ପାଇ ନ ଥିବା ଓ ନିଯୁକ୍ତି ପାଇଥିବା ଋଣ ଖିଲାପକାରୀଙ୍କ ଠାରୁ ୧୫% ସୁଧ ଆଦାୟ କରାଯିବା ନିୟମ ଥିଲା। ଆଗରୁ ନିଯୁକ୍ତି ସ୍ଥିତିର ଯାଞ୍ଚ ପାଇଁ ବିଦ୍ୟାର୍ଥୀଙ୍କ ନିଯୁକ୍ତି ପ୍ରମାଣପତ୍ର, ଶିକ୍ଷା ସମାପ୍ତିର ବର୍ଷ ଆଦି ପରଖିବା ଓ ତାପରେ ସୁଧ ହାର ହିସାବ କରି ସେମାନଙ୍କୁ ସୂଚିତ କରିବା ଜଟିଳ ଥିଲା। ହେଲେ ଉଚ୍ଚଶିକ୍ଷା ବିଭାଗ ଏବେ ନିଷ୍ପତ୍ତି ନେଇଛି ଯେ, ନିଯୁକ୍ତି ପାଇଥିବା ଏବଂ ପାଇ ନ ଥିବା ବିଦ୍ୟାର୍ଥୀଙ୍କଠାରୁ ଋଣ ଉପରେ ୧୦% ସୁଧ ଧାର୍ଯ୍ୟ ହୋଇଛି। ସେମାନଙ୍କଠାରୁ କୌଣସି ପ୍ରମାଣପତ୍ର ମଗାଯାଇ ଯାଞ୍ଚ କରିବାର ଆବଶ୍ୟକତା ନାହିଁ। ବିଭାଗ ପକ୍ଷରୁ ସମସ୍ତ ଋଣ ଖିଲାପକାରୀଙ୍କ ସୁଧ ପରିମାଣ ହିସାବ କରି ଏହାର ୱେବସାଇଟ୍‌ରେ ସୂଚିତ କରାଯିବ। ଫଳରେ ବିଦ୍ୟାର୍ଥୀମାନେ ଅନ୍‌ଲାଇନ୍‌ରେ ମୂଳ ଏବଂ ସୁଧ ଦାଖଲ କରିବା ପରେ ଋଣ ପରିଶୋଧ ପ୍ରମାଣପତ୍ର ନେଇଯିବେ।

# ତାରାତାରିଣୀ ପୀଠରେ ଭକ୍ତିମୟ ପରିବେଶ


ମନ୍ଦିରର ରୂପାନ୍ତରଣ କାର୍ଯ୍ୟଗୁଡ଼ିକୁ ଲୋକାର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ।


ମା'ଙ୍କ ପୂଜାର୍ଚ୍ଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ।


ଆଲୋକମାଳାରେ ଝଲସୁଛି ମା'ଙ୍କ ନବନିର୍ମିତ ଭବ୍ୟମନ୍ଦିର।


ତାରାତାରିଣୀ ଶକ୍ତିପୀଠର ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମରେ ବୁଧବାର ଉପସ୍ଥିତ ଶ୍ରଦ୍ଧାଳୁ।

## ବଳାତ୍କାରୀଙ୍କୁ ୨୦ ବର୍ଷ ଦଣ୍ଡାଦେଶ

**କେନ୍ଦୁଝର, ୧୮।୫(ସ୍ୱ.ପ୍ର.)**

କେନ୍ଦୁଝର ଫାଷ୍ଟ ଟ୍ରାକ କୋର୍ଟ ବୁଧବାର ଏକ ବଳାତ୍କାର ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି। ଜଜ ମାନସ ମିଶ୍ର, ଅଭିଯୁକ୍ତ ସାଲୁକା ପିଙ୍ଗୁଆଙ୍କୁ ୨୦ ବର୍ଷ ଜେଲ ଦଣ୍ଡ ଶୁଣାଇବା ସହ ୨୫ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନ ଅନାଦାୟ ଆଉ ଛଅ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବାକୁ ବୋଲି ରାୟରେ ଉଲ୍ଲେଖ ରହିଛି। ସୂଚନା ଅନୁଯାୟୀ, ୨୦୧୮ ମସିହା ଅକ୍ଟୋବର ୧ ତାରିଖରେ ଜଣେ ଚାରି ବର୍ଷର ଶିଶୁକନ୍ୟାଙ୍କୁ ବିସ୍କୁଟ ଦେବାକୁ କହି ପାଖ ଜଙ୍ଗଲକୁ ନେଇ ସାଲୁକା ବଳାତ୍କାର କରିଥିଲେ। ଏ ନେଇ ତେଲକୋଇ ପୋଲିସ ଏକ ମାମଲା (ନଂ.୧୫୧/୨୦୧୮) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ବେକରେ ଫାଶି ଲଗାଇ ୩ ମୃତ

**ରାଉରକେଲା ଅଫିସ,୧୮।୫**

ରାଉରକେଲା ସହରରେ ୩ ଜଣ ଯୁବକ ପୃଥକ୍ ପୃଥକ୍ ସ୍ଥାନରେ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେକ୍ଟର-୩ ଥାନା ଅନ୍ତର୍ଗତ ଜି ବ୍ଲକ ଅଞ୍ଚଳରେ ଜଣେ ଟଲି ଚାଳକ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛି। ସୂଚନାଯୋଗ୍ୟ ସେକ୍ଟର-୨ ସ୍ଥିତ ଜି ବ୍ଲକ ବସ୍ତିରେ ବାସୁଦେବ ରାଏ(୪୨) ବାସ କରନ୍ତି। ବାସୁଦେବ ରାଉରକେଲା ସହରରେ ଟଲି ଚାଳକ ଭାବେ କାମ କରି ନିଜର ପରିବାର ଭରଣ ପୋଷଣ କରିନ୍ତି। ମଙ୍ଗଳବାର ରାତିରେ ନିଜ ପରିବାର ଲୋକଙ୍କ ସହ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ବିଳମ୍ବିତ ରାତିରେ ଘରର ସମସ୍ତ ସଦସ୍ୟ ଶୋଇ ପଡିଥିବାବେଳେ ବାସୁଦେବ ଆଜବେଷ୍ଟସ୍ ଲୁହାପାଇପରେ ଗାମୁଛା ଟାଙ୍ଗି ବେକରେ ଗୁଡ଼ାଇ ଆତ୍ମହତ୍ୟା କରିଥିଲେ। ସକାଳ ହେବାରୁ ପରିବାର ଲୋକେ ଏହି ଦୃଶ୍ୟ ଦେଖି ପୋଲିସକୁ ଖବର ଦେଇଥିଲେ। ଏନେଇ ପୋଲିସ(୧୦।୨୨)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିଭଳି ବ୍ରାହ୍ମଣୀତରଙ୍ଗ ଥାନା ଅର୍ନ୍ତଗତ ସ' ମିଲ ଛକରେ ଏକ ଗ୍ୟାରେଜର ଲୁହା କବାଟରେ ଜଣେ ଯୁବକ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକଙ୍କନାମ ଶେଖ ମୁସତାକ ଅଲ୍ଲୀ(୩୪)। ଅନ୍ୟ ପକ୍ଷେ ଗର୍ଜନ ଅଞ୍ଚଳରେ ବାସ କରୁଥିବା କିଷ୍ଟା ବଡ଼ାଇକ(୧୮) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। କିଷ୍ଟା ବେଦବ୍ୟାସ କଲେଜର ଯୁକ୍ତ୨ରେ ଛାତ୍ର ହୋଇଥିବାବେଳେ ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ। ଏନେଇ ପୋଲିସ (୩୪।୨୨) ଓ (୩୫।୨୨)ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଚୋରି ଡମ୍ପର,ହାଇୱା ଗୁରୁଣ୍ଡିଆ ଜଙ୍ଗଲରୁ ଉଦ୍ଧାର

**କୁଆଁରମୁଣ୍ଡା,୧୮।୫(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ବିଜାବାହାଲ ନିକଟସ୍ଥ ଏକ କ୍ରସର ନିକଟରୁ ଚୋରି ଡମ୍ପର ଓ ହାଇୱାକୁ ବୀରମିତ୍ରପୁର ପୋଲିସ ଜବତ କରିଛି। ଉକ୍ତ ଗାଡ଼ିଦ୍ୱୟକୁ ପୋଲିସ ଗୁରୁଣ୍ଡିଆ ଜଙ୍ଗଲରୁ ଚଳିତ ମାସ ୨ରେ ଉଦ୍ଧାର କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଥିଲା। ହେଲେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବାରୁ ପୋଲିସ ସେମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି ବୋଲି ବୀମରିତ୍ରପୁର ଆଇଆଇସି ମନୋଜମଞ୍ଜରୀ ନାଏକ ସୂଚନା ଦେଇଛନ୍ତି। ଉକ୍ତ ଭାରିଯାନଦ୍ୱୟ ଗତ ଅପ୍ରେଲ ମାସ ୨୦ ତାରିଖରେ ବିଜାବାହାଲରୁ ଚୋରି ହୋଇଥିବା ନେଇ ଗାଡି ମାଲିକ ପ୍ରଦୀପ କୁଣ୍ଡୁ ବୀରମିତ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଚୋରି ଡମ୍ପର ନମ୍ବରଟି ଓଆର୧୪ଏନ୩୮୬୧ ଓ ହାଇୱା ନମ୍ବରଟି ଓଆର ଭି ୪୪୩୩ ହୋଇଥିବା ବେଳେ ଗୁରୁବାର ଉକ୍ତ ଗାଡ଼ିଦ୍ୱୟକୁ ପୋଲିସ ଉକ୍ତ ଗାଡିମାଲିକଙ୍କୁ ଗାଡି ହସ୍ତାନ୍ତର କରିଛି।

## ନାବାଳିକା ୭ ମାସର ଗର୍ଭବତୀ

**କୁତ୍ରା, ୧୮।୫(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅଞ୍ଚଳରେ ଜନୈକା ୧୨ବର୍ଷର ନାବାଳିକା ୭ ମାସର ଗର୍ଭବତୀ ହୋଇଥିବା ନେଇ କୁତ୍ରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘଟଣାରୁ ଜଣାପଡିଛି ଯେ କୁତ୍ରା ଅଞ୍ଚଳର ଜନୈକା ୧୨ବର୍ଷର ନାବାଳିକା ଝିଅକୁ ସେହି ଗ୍ରାମର ଜନୈକ ଯୁବକ ବଳାତ୍କାର କରିଥିବା ନେଇ ନାବାଳିକା ଝିଅର ପରିବାର ଲୋକେ କୁତ୍ରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଉକ୍ତ ନାବାଳିକା ଜଣକ ବର୍ତ୍ତମାନ ୭ ମାସର ଗର୍ଭବତୀ ଥିବା ଡାକ୍ତର ଘୋଷଣା କରିଥିବା ଜଣାପଡିଛି । ଏହାକୁ ନେଇ କୁତ୍ରା ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି ।

**JOB VACANCY**

PARIVARTAN a leading NGO invites application from interested candidates for the following posts.

| Sl. No. | Post | Project | Required Qualification | Remuneration |
|---|---|---|---|---|
| 1 | Project Manager | TI | Post Graduation in Social Science/ MSW with two year's experience | 15000/- |
| 2 | Counsellor | TI | Post Graduate in Psychology/ MSW with two year's experience | 12000/- |
| 3 | ORW | TI | +2 Above with health experience | 7500/- |
| 4 | Accountant- M & E | TI | M.Com/B.Com with one year's experience and Tally | 12000/- |
| 5 | Counsellor | OSC | Post Graduate in Psychology/MSW with two year's experience | 16000/- |
| 6 | Case Worker | OSC | Post Graduate in Psychology/MSW with two year's experience | 15000/- |
| 7 | Accountant | OPELIP | M.Com/B.Com with one year's experience and Tally | 15000/- |

N.B.: Only shortlisted candidate call for interview and Age Limit -21 to 45
Apply within Seven days from the date of advertisement by E-mail
PARIVARTAN
E-mail: parivartan1994@gmail.com, Cell No. 09777519905
Secretary, PARIVARTAN

# ୩ ଜିଲାର ତେଲ କମ୍ପାନୀରେ ଚଢ଼ାଉ

### ଟିକସ ଫାଙ୍କି ସନ୍ଦେହ

**ସମ୍ବଲପୁର, ୧୮।୫(ବ୍ୟୁରୋ)**


ରେଙ୍ଗାଲିସ୍ଥିତ ତୈଳ କମ୍ପାନୀ କାର୍ଯ୍ୟାଳୟରେ ଚଢ଼ାଉ ଚାଲିଛି।

ସମ୍ବଲପୁର ବାଣିଜ୍ୟକର ବିଭାଗ ଏନ୍‌ଫୋର୍ସମେଣ୍ଟ ଟିମ୍ ବୁଧବାର ପଶ୍ଚିମ ଓଡ଼ିଶାର ୩ ଜିଲାରେ ଚଢ଼ାଉ କରିଛି। ରାଇସ୍ ବ୍ରାଣ୍ଡ ତେଲ କମ୍ପାନୀ ଟିକସ ଫାଙ୍କିବା ସନ୍ଦେହରେ ସମ୍ବଲପୁର ସମେତ ବରଗଡ଼ ଓ କଳାହାଣ୍ଡି ଜିଲାରେ ଏହି ଚଢ଼ାଉ ହୋଇଛି। ଟିମ୍ ସଦସ୍ୟ ସିଏ ଅଫିସ୍, କମ୍ପାନୀ ଅଫିସ୍‌ଗୁଡିକରେ ରେକର୍ଡପତ୍ର ଯାଞ୍ଚ କରିଥିଲେ। ଏ ସମ୍ପର୍କରେ ସମ୍ବଲପୁର ବାଣିଜ୍ୟକର ବିଭାଗ ଏନ୍‌ଫୋର୍ସମେଣ୍ଟ ବିଭାଗ ଡେପୁଟି କମିଶନର ଶୁଭ କୁମାର ପଣ୍ଡା କହିଛନ୍ତି, ଏକ ସମୟରେ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ରମ୍ପେଲାଠାରେ ଥିବା ତେଲ କମ୍ପାନୀ, କଳାହାଣ୍ଡି ଜିଲାର ଭବାନୀପାଟଣା, ବରଗଡ଼ ଜିଲାରେ ଥିବା କମ୍ପାନୀରେ ଚଢ଼ାଉ ଚାଲିଛି। ବିଶେଷକରି କମ୍ପାନୀର ବିକ୍ରି, ଉତ୍ପାଦନ, ଆୟ ଓ କର ଦେବାକୁ ନେଇ ଏହି ଚଢାଉ କରାଯାଉଛି। ସମସ୍ତ କାଗଜପତ୍ର ଯାଞ୍ଚ କରାଯାଉଛି। ଯାଞ୍ଚ ପରେ ସତ୍ୟାସତ୍ୟ ସାମ୍ନାକୁ ଆସିବ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଣ୍ଡା କହିଥିଲେ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

### ନାବାଳିକା ବଳାତ୍କାର ଘଟଣା

**ନୟାଗଡ଼ ଅଫିସ,୧୮।୫**

ନୟାଗଡ଼ ଜିଲା ଫାଷ୍ଟ ଟ୍ରାକ୍ କୋର୍ଟରେ ଭାପୁର ବ୍ଲକ ଅଞ୍ଚଳର ଜଣେ ନାବାଳିକା ବଳାତ୍କାର ଘଟଣାର ରାୟ ବୁଧବାର ପ୍ରକାଶ ପାଇଛି। ଜିଲା ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ବିରଞ୍ଚି କୁମାର ରଥ ଏହାର ବିଚାର କରି ବଳାତ୍କାରୀ ଗୋହିରିଆ ଗାଁର ଜିତେନ୍ଦ୍ର ମହାରଣା (୩୫)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୨୦ ହଜାର ଜରିମାନା କରିଛନ୍ତି। ଅନ୍ୟପକ୍ଷେ ପୀଡ଼ିତାଙ୍କୁ ଦେଢ଼ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଓକିଲ ଅମିୟ ପଟ୍ଟନାୟକଙ୍କ ସୂଚନା ଅନୁସାରେ, ୨୦୧୯ ଏପ୍ରିଲ ୧୮ରେ ୧୦ ବର୍ଷର ନାବାଳିକା ବାପାଙ୍କ ସହ ଲୁନାରେ ବନମାଳୀପୁରରୁ ବାହାଡ଼ା ଯାଉଥିଲେ। ବାଟରେ ଖରାପ ହେବା କାରଣରୁ ଲୁନାକୁ ଗଡ଼ାଇ ଗଡ଼ାଇ ବାପଝିଅ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଗୋହିରିଆ ଗାଁର ଜିତେନ୍ଦ୍ର ସେହି ରାସ୍ତାରେ ବାଇକ୍‌ରେ ପଛପାଖରୁ ଆସି ଚାଲି ଚାଲି ଯିବାର କାରଣ ପଚାରିଥିଲେ। ଏପରି କି ଝିଅକୁ ବାହାଡ଼ାରେ ଓହ୍ଲାଇଦେବ ବୋଲି କହିଥିଲେ। ପାଖ ବାଟ ହୋଇଥିବାରୁ ବାପାଝିଅ ଚାଲି ଚାଲି ଯିବେ କହିଥିଲେ। ହେଲେ ଜିତେନ୍ଦ୍ର ବାରମ୍ବାର ବୁଝାଇ ନାବାଳିକା ଝିଅକୁ ସାଙ୍ଗରେ ନେଇ ବାହାଡ଼ାରେ ଛାଡ଼ିଦେବେ କହିଥିଲେ। ହେଲେ ବାହାଡ଼ାରେ ନ ଛାଡ଼ି ନିକଟସ୍ଥ ଶାଳଜଙ୍ଗଲ ପାଖରେ ଥିବା ଏକ ଦୋକାନରୁ ଚା' ପିଇଥିଲେ। ଏପରି କି ନାବାଳିକାଙ୍କୁ ବିସ୍କୁଟ ଦେଇ ମନରେ ବିଶ୍ୱାସ ଜନ୍ମାଇଥିଲେ। ପରେ ଶାଳ ଜଙ୍ଗଲକୁ ନେଇ ବଳାତ୍କାର କରି ଫେରାର ହୋଇଯାଇଥଲେ। ନାବାଳିକା ଜଣକ କାନ୍ଦିବାର ଦେଖି କେତେଜଣ ଲୋକ ପଚାରିଥିଲେ। ଅନ୍ୟପକ୍ଷେ ନାବାଳିକାଙ୍କ ବାପା ମଧ୍ୟ ଝିଅକୁ ଖୋଜି ପାଇ ନ ଥିଲେ। ଚା' ଦୋକାନୀଙ୍କ ସୂଚନା ଅନୁସାରେ, ଶାଳ ଜଙ୍ଗଲକୁ ଯାଇ ଝିଅକୁ ଭେଟି ବଳାତ୍କାର ସମ୍ପର୍କରେ ଜାଣିଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଜିତେନ୍ଦ୍ରଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ଏ ନେଇ ଅଭିଯୋଗ ପରେ ଫତେଗଡ଼ ଥାନା ପୋଲିସ ନଂ.୬୬/୧୯ରେ ମାମଲା ରୁଜୁକରି ଚାର୍ଜଶିଟ୍ ଦାଖଲ କରିଥିଲା। ୧୦ ଜଣ ସାକ୍ଷୀ, ତଦନ୍ତକାରୀ ଅଫିସର ଓ ସରକାରୀ ଅଫିସରଙ୍କ ବୟାନକୁ ଆଧାର କରି ଦଣ୍ଡାଦେଶ ହୋଇଛି।

# ମଣ୍ଡିରେ ଧାନ ବିକି ନ ପାରି ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ

**କୁନ୍ଦୁରା,୧୮।୫(ଡି.ଏନ୍.ଏ.)**

- ଧାରଣାରେ ବସିଲେ ୨୦ରୁ ଊର୍ଦ୍ଧ୍ୱ ଚାଷୀ
- ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ

କୋରାପୁଟ ଜିଲା କୁନ୍ଦୁରା ବ୍ଲକର ଲିମା ଏବଂ ଦିଗାପୁର ପଞ୍ଚାୟତର କେତେଜଣ ଚାଷୀ ଧାନ ବିକ୍ରି କରିବାକୁ ନାମ ପଞ୍ଜୀକରଣ କରୁଥିଲେ ସୁଦ୍ଧା ଗତ ୪ବର୍ଷ ଧରି ମଣ୍ଡିରେ ଧାନ ବିକ୍ରି କରିପାରୁନାହାନ୍ତି। ସେମାନଙ୍କ ନାମରେ ଅନ୍ୟମାନେ ଋଣ ଉଠାଇବା ସହ ଧାନ ବିକ୍ରି କରି ଟଙ୍କା ଆତ୍ମସାତ୍ କରୁଥିବା ଅଭିଯୋଗ ହୋଇଆସୁଛି। ବୁଧବାର ଏହାର ପ୍ରତିବାଦରେ ଜଣେ ଚାଷୀ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କ ନାମ ବଦ୍ରିନାରାୟଣ ଆଚାର୍ଯ୍ୟ।

ଖବରରୁ ଜଣାପଡ଼ିଛି, ଲିମା ଗ୍ରାମର ବଦ୍ରିନାରାୟଣ ୬ ଏକର ଜମିରେ ଚାଷ କରନ୍ତି। ରବିଋତୁରେ ଧାନ ବିକ୍ରି କରିବାକୁ ସେ ନାମ ପଞ୍ଜୀକରଣ କରିବା ଲାଗି କୁନ୍ଦୁରା ସମବାୟ ବିଭାଗ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏଠାରେ ତାଙ୍କ ନାମ ନ ବାହାରିବାରୁ ଟୋକନ ମିଳି ନ ଥିଲା। ଏନେଇ ମଙ୍ଗଳବାର କୁନ୍ଦୁରା ସମବାୟ ବିଭାଗ ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ କୁମାର ସାହୁଙ୍କ ସହ ବଦ୍ରିନାରାୟଣ ଆଲୋଚନାକରି ଏହାର ସମାଧାନ କରା ନ ଗଲେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଥିଲେ। ଏଥିସହ କୁନ୍ଦୁରା ଥାନାରେ ପ୍ରାୟ ୨୦ ଜଣ ଚାଷୀ ମୌଖିକ ଭାବେ ଥାନା ଅଧିକାରୀଙ୍କୁ ଜଣାଇଥିଲେ। ସମସ୍ୟାର ସମାଧାନ ନ ହେଲେ ଆତ୍ମହତ୍ୟା କରିବେ, ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସେମାନେ ମଧ୍ୟ ଚେତାବନୀ ଦେଇଥିଲେ। ରାତିରେ ଥାନା ଅଧିକାରୀ ଏବଂ ସମବାୟ ବିଭାଗ ପରିଚାଳନା ନିର୍ଦ୍ଦେଶକ ବସି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବୁଧବାର ସମସ୍ୟା ସମାଧାନ ହୋଇ ନ ଥିବାରୁ ଚାଷୀମାନେ ସମବାୟ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ତାଙ୍କ ସହ ବଦ୍ରିନାରାୟଣ ଥିଲେ। ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ବଦ୍ରିନାରାୟଣ ଗଛରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ପୋଲିସ ଏବଂ ସାଧାରଣ ଲୋକ ତାଙ୍କୁ ବୁଝାଶୁଝା କରି ତଳକୁ ଓହ୍ଲାଇଥିଲେ। ଘଟଣା ପରେ ତହସିଲଦାର ଆୟୁବ ମଣ୍ଡଳ ଏବଂ ଯୋଗାଣ ନିରୀକ୍ଷକ ମୁରଲୀଧର ହେସା ଜୟପୁର ଉପଜିଲାପାଳ ବେଦବର ପ୍ରଧାନଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଘଟଣାସ୍ଥଳରେ ଉପଜିଲାପାଳ ପ୍ରଧାନ ପହଞ୍ଚି ଧାରଣାରେ ବସିଥିବା ଚାଷୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଏବଂ କୋ-ଅପରେଟିଭ୍ ସୋସାଇଟିର ଡେପୁଟି ରେଜିଷ୍ଟ୍ରାରଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଚାଷୀମାନେ ଧାରଣାରୁ ଓହରିଯାଇଥିଲେ। ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ସୁଶାନ୍ତ ଜେନା, କୁନ୍ଦୁରା ଥାନା ଏସ୍‌ଆଇ ଗୋବିନ୍ଦ ହାଁସଦା,ଏଏସ୍‌ଆଇ ମୀନକେତନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଚାଷୀଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।



ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ– ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ– ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। **–ଶ୍ରୀଅରବିନ୍ଦ**





# ଇତିହାସ, ପୌରାଣିକ କଥା ଓ କିମ୍ବଦନ୍ତୀ

ଦେବଦତ୍ତ ପଟ୍ଟନାୟକ

ପୁରାତନ କାଳର 'ଇତିହାସ' କହିଲେ କଥାକାରଙ୍କ ପ୍ରତ୍ୟକ୍ଷଦର୍ଶୀ ବା ପ୍ରାମାଣିକ କାହାଣୀକୁ ବୁଝାଏ। ଏଣୁ ରାମାୟଣ ଏକ ଇତିହାସ। କାରଣ ଏହାକୁ ବାଲ୍ମୀକି ପ୍ରତ୍ୟକ୍ଷ ଭାବେ ଦେଖି ତାହାର କାହାଣୀ ରଚନା କରିଥିଲେ। ମହାଭାରତ ମଧ୍ୟ ଏକ ଇତିହାସ, କାରଣ ବ୍ୟାସ ପ୍ରତ୍ୟକ୍ଷ ଭାବେ ଦେଖି ତାହାର କାହାଣୀ ସବୁ ଲେଖିଥିଲେ। ବ୍ରିହତଦୈବତ ଏକ ବେଦିକ୍ ପୁସ୍ତକ। ଏହା ଅନେକ ଇତିହାସର ସମାବିଷ୍ଟ। ଋଷିମାନଙ୍କୁ ଭଗବାନଙ୍କ ନିକଟରେ ପହଞ୍ଚିବା ପାଇଁ କିଭଳି ମନ୍ତ୍ର ସକ୍ଷମ କରାଇଥିଲା ସେ ସମ୍ପର୍କରେ ସେମାନେ ସେଥିରେ ଉଲ୍ଲେଖ କରିଥିଲେ। ଏହା ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ସମ୍ପର୍କିତ ପୁରାଣ କାହାଣୀଠାରୁ ଭିନ୍ନ, ଯାହାକୁ ମଣିଷ କେବେ ଦେଖି ନ ଥିଲେ। ତେବେ ଅତୀତର ବିଶ୍ୱାସ ଉପରେ ଆଧାରିତ ହୋଇଥିବାରୁ ଏସବୁକୁ ଏବେ ପୌରାଣିକ କାହାଣୀ ଭାବେ ବର୍ଗୀକୃତ କରାଯାଇଛି। ଆଉ କେତେଜଣ ଇତିହାସକୁ ଏକ କିମ୍ବଦନ୍ତୀ ଭାବେ ବର୍ଗୀକୃତ କରିବାକୁ ଚାହାନ୍ତି। କିନ୍ତୁ ସେଗୁଡ଼ିକୁ କେବେ ବି ଇତିହାସ ଭାବେ ବର୍ଗୀକୃତ କରାଯାଇ ପାରିବ ନାହିଁ, ଯେହେତୁ ବର୍ତ୍ତମାନ ଇତିହାସର ଏକ ବିଶେଷ ଅର୍ଥ ରହିଛି। ଇତିହାସକୁ କିମ୍ବଦନ୍ତୀ ପର୍ଯ୍ୟାୟଭୁକ୍ତ କରିବାକୁ ହେଲେ ପ୍ରମାଣ ଆଧାରରେ କରିବାକୁ ପଡ଼ିବ, ବିଶ୍ୱାସ ବଳରେ ନୁହେଁ।

ଜଣେ ଯେତେବେଳେ ପୌରାଣିକ କଥା ବା କାହାଣୀକୁ ଇତିହାସ ବୋଲି ଦାବି କରେ, ସେତେବେଳେ ଜାଣିବ ଯେ ଜାତୀୟ ଓ ସାଂସ୍କୃତିକ କ୍ଷେତ୍ରକୁ ନ୍ୟୂନ କରି ତାଙ୍କର ଅଗ୍ରଣୀ ସାରଥି ହେବାର ମାନସିକତା ରହିଛି। ପୌରାଣିକ କାହାଣୀ, ଇତିହାସ ପୂର୍ବର ଇତିହାସ–ଏଭଳି ଚିନ୍ତାଧାରାକୁ ଊନବିଂଶ ଶତାବ୍ଦୀରେ ୟୁରୋପୀୟମାନେ ଅଧିକ ପ୍ରଚାର କରିଥିଲେ। ସେମାନେ ଏହାକୁ ଦୃଢ଼ ସମର୍ଥନ କରିଥିଲେ। ୟୁରୋପିଆନ ଯେତେବେଳେ ଖ୍ରୀଷ୍ଟିଆନ ହୋଇଗଲେ, ସେତେବେଳେ ପୌରାଣିକ ପ୍ରମାଣ ଭାବେ ରହିଥିବା ବାଇବେଲର ଚରିତ୍ର ଏନୋକ୍ ଓ ନୋହାକୁ ଇତିହାସର ଚରିତ୍ର ବୋଲି ଜୋର୍ ଦେଲେ। ବାଇବେଲ୍‌ରେ ବର୍ଣ୍ଣିତ ଫଲ୍, ଫ୍ଲଡ୍, ପାର୍ଟିଂ ଅଫ୍ ଦି ସି' ଏବଂ ଭର୍ଜିନ ବାର୍ଥ ଆଦି ଘଟଣା ଇତିହାସର ବିଷୟ ପାଲଟିଗଲେ। ଭାରତରେ ଯେତେବେଳେ ଇସ୍‌ଲାମ ଧର୍ମ ପ୍ରସାର ଲାଭ କଲା, ସପ୍ତଦଶ ଶତାବ୍ଦୀରେ ସୟିଦ ସୁଲତାନଙ୍କ ଭଳି ଲେଖକ ପ୍ରଫେଟ ବା ଈଶ୍ୱରଦୂତଙ୍କ କାହାଣୀ ବେଙ୍ଗଲୀରେ ଲେଖିଲେ। ସେ ସେମାନଙ୍କୁ ଇତିହାସର ଚରିତ୍ର ଭାବେ ଉପସ୍ଥାପନ କଲେ। ସେଥିରେ ସେ କୃଷ୍ଣଙ୍କୁ ଜଣେ ପ୍ରାରମ୍ଭିକ ଈଶ୍ୱରଦୂତ ଭାବେ ସାମିଲ କରିଦେଲେ। ଭାରତରେ ୧,୫୦୦ ବର୍ଷ ପୂର୍ବେ ବାସ କରୁଥିବା ଜୈନ ଲେଖକମାନେ ମଧ୍ୟ ଏଭଳି ଚିନ୍ତାଧାରାର ଆଗୁସାର ଥିଲେ। ହନୁମାନ ମର୍କଟ ନ ଥିଲେ ଓ ରାବଣ ୧୦ ମୁଣ୍ଡିଆ ରାକ୍ଷସ ନ ଥିଲେ, ବରଂ ଉଭୟ ଜ୍ଞାନୀ ବା ପଣ୍ଡିତ ଥିଲେ ବୋଲି ସେମାନେ ଦୃଢ଼ ମତ ଦେଉଥିଲେ। କେବଳ ଏତିକି ନୁହେଁ ତଥ୍ୟଗୁଡ଼ିକର ତ୍ରୁଟିପୂର୍ଣ୍ଣ ଉପସ୍ଥାପନା ଲାଗି ହିନ୍ଦୁ ଲେଖକମାନଙ୍କୁ ଜୈନ ଲେଖକମାନେ ଉପହାସ କରୁଥିଲେ। ସେହି ସମାନ ଲେଖକମାନେ ଦାବି କରୁଥିଲେ ଯେ, ପୁନର୍ଜନ୍ମର ଜୈନ କାହାଣୀଗୁଡ଼ିକ ବାସ୍ତବ ଥିଲା, କାଳ୍ପନିକ ନ ଥିଲା।



ପ୍ରମାଣ ଆଧାରରେ ପୌରାଣିକ କଥା ଓ ଇତିହାସ ମଧ୍ୟରେ ଔପଚାରିକ ପୃଥକୀକରଣ ଧାରା ପ୍ରାୟ ୧୫୦ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା, ଯେତେବେଳେ ଏକ ଐତିହାସିକ ଦାବିକୁ ସିଦ୍ଧ କରିବା ଲାଗି ପ୍ରମାଣର ଆବଶ୍ୟକତା ରହିଥିଲା। ଉଦାହରଣ ସ୍ୱରୂପ, ରାଜା ଆର୍ଥରଙ୍କଠାରୁ ପ୍ରମାଣ ରୂପେ ଏକ ରାଜପତ୍ର ପାଇଥିବା ଇଂଲଣ୍ଡର ବିଶ୍ୱବିଦ୍ୟାଳୟଗୁଡ଼ିକ ଦାବି କରିଥିଲେ। କିନ୍ତୁ ଏବେ ଆମେ ଜାଣିବାକୁ ପାଉଛୁ ଯେ, ଆର୍ଥର ଥିଲେ ଜଣେ କାଳ୍ପନିକ ଚରିତ୍ର। ତାଙ୍କ ଅସ୍ତିତ୍ୱ ସମ୍ପର୍କରେ କୌଣସି ଐତିହାସିକ ପ୍ରମାଣ ନାହିଁ। କାଳ୍ପନିକ ଭାବେ ପ୍ରମାଣକୁ ଆଧାର କରି ଐତିହାସିକମାନେ କହାଣୀଗୁଡ଼ିକୁ ବିଭାଜିତ କରିବା ଲାଗି ବ୍ୟବହାର କରିଛନ୍ତି। କିନ୍ତୁ ଏବେ ଏହିସବୁ କାହାଣୀର ରାଜନୈତିକ ଶକ୍ତି ଅନୁଭବ କରି ସେମାନେ ଇମାଜିନାରି (କାଳ୍ପନିକ), ସୋସିଆଲ କନ୍‌ଷ୍ଟ୍ରକ୍ଟ, ଆଇଡୋଲୋଜି (ବିଚାରଧାରା) ଭଳି ଶବ୍ଦ ବ୍ୟବହାର କରୁଛନ୍ତି। ଅନ୍ୟପଟେ ମିଥ୍ (ପ୍ରାକୃତିକ ଘଟଣାବଳୀ ସମ୍ବଳିତ ପରମ୍ପରାଗତ ଉପାଖ୍ୟାନ) ଶବ୍ଦକୁ ଅଣଦେଖା କରାଯାଇଛି, ଯାହା ବିଶେଷ କରି ପ୍ରମାଣ ରହିଥିବା ସତ୍ତ୍ୱେ ଯେଉଁମାନେ ପୁରାଣ ଓ କିମ୍ବଦନ୍ତୀକୁ ଇତିହାସ ଭାବେ ଦେଖିଆସୁଛନ୍ତି, ସେମାନଙ୍କୁ ଏହା କ୍ଷୁବ୍ଧ କରିଛି। ବହୁସମୟରେ ଏଭଳି ଲୋକେ ରାଜନୈତିକ ସମର୍ଥିତ ଐତିହାସିକମାନଙ୍କୁ ଅବିଶ୍ୱାସ କରିଥାଆନ୍ତି।

ପୌରାଣିକ କାହାଣୀ ଓ କିମ୍ବଦନ୍ତୀଗୁଡ଼ିକ ତଥ୍ୟ ଉପରେ ଆଧାରିତ ନୁହନ୍ତି, କିନ୍ତୁ ସେଗୁଡ଼ିକ ଭିନ୍ନ। ପୌରାଣିକ କାହାଣୀଗୁଡ଼ିକ ପୃଥିବୀର ସୃଷ୍ଟି ଏବଂ ଅନ୍ତ ସହ ସମ୍ପର୍କିତ। ଏଥିପାଇଁ ଏହା ଅଧିକ ଅଧ୍ୟାତ୍ମ। କିମ୍ବଦନ୍ତୀଗୁଡ଼ିକ ଅଧିକ ରାଜନୀତିକ। ସେଗୁଡ଼ିକ ଏକ ବର୍ଗ ବା ସମାଜର ସମ୍ପତ୍ତି ଓ ପରମ୍ପରାଗତ ବୈଧତାକୁ କିମ୍ବା ଦାବିକୁ ସିଦ୍ଧ କରିଥାଆନ୍ତି। ଏଣୁ ରାଜାଙ୍କ କାହାଣୀଗୁଡ଼ିକ, ଯେଉଁଥିରେ ଦେବତା ସେମାନଙ୍କ ନିକଟକୁ ଆସି ସେମାନଙ୍କୁ ଅଲୌକିକ ଆୟୁଧ ଦେଇଥିଲେ, ସେଗୁଡ଼ିକ ବାସ୍ତବରେ କିମ୍ବଦନ୍ତୀ ; ଯେହେତୁ ସେଗୁଡ଼ିକ ରାଜକୀୟ ଦାବିକୁ ସିଦ୍ଧ କରେ ଓ ରାଜତ୍ୱକୁ ବାସ୍ତବରେ ପରିଣତ କରେ। ବିଶ୍ୱରେ ଆମ ଭୂମିକା ସମ୍ପର୍କରେ ପ୍ରକାଶ କରିବାରେ ପୌରାଣିକ ଉପାଖ୍ୟାନଗୁଡ଼ିକ ଅଧିକ କାଳ୍ପନିକ କିମ୍ବା ରୂପାନ୍ତରଣ ହୋଇଥାଆନ୍ତି। ଇଂରେଜମାନେ ଯେତେବେଳେ ଭାରତୀୟ ଇତିହାସ ଲେଖିବା ଆରମ୍ଭ କଲେ, ସେମାନେ ପ୍ରାକୃତିକ ଘଟଣାବଳୀ ସମ୍ବଳିତ ପରମ୍ପରାଗତ ଉପାଖ୍ୟାନକୁ ପୌରାଣିକ କାହାଣୀ ଭାବେ ବର୍ଗୀକୃତ କଲେ। କିନ୍ତୁ ମହାଭାରତ ଓ ରାମାୟଣକୁ କିଭଳି ବର୍ଗୀକୃତ କରାଯିବ ତାହା ନିଶ୍ଚିତ କରିପାରି ନ ଥିଲେ।

ପୁରାତନ ଭାରତରେ ଜଣେ ରାଜା ହେବାକୁ ହେଲେ ମୂଳ ସୂର୍ଯ୍ୟ ରାଜବଂଶ କିମ୍ବା ସୋମ ରାଜବଂଶ ଉପରେ ଗୁରୁତ୍ୱ ଦେବାକୁ ପଡୁଥିଲା। ବୁଦ୍ଧଙ୍କୁ ସୂର୍ଯ୍ୟବଂଶ ସହ ସମ୍ବନ୍ଧିତ କରାଯାଇଛି। ଋଷଭ ତୀର୍ଥଙ୍କରଙ୍କୁ ସୂର୍ଯ୍ୟବଂଶ ସହ ଯୋଡ଼ାଯାଇଛି। ରାମଙ୍କୁ ମଧ୍ୟ ସୂର୍ଯ୍ୟବଂଶ ସହ ସମ୍ବନ୍ଧିତ କରାଯାଇଛି। ବହୁ ରାଜପୁତ ରାଜା ସୂର୍ଯ୍ୟବଂଶର ବଂଶଜ ବୋଲି ଦାବି କରନ୍ତି। ଓଡ଼ିଶାର ପୁରାତନ ରାଜାମାନେ ସୋମବଂଶୀ ଥିଲେ ଓ ପରବର୍ତ୍ତୀ କାଳରେ ସୂର୍ଯ୍ୟବଂଶୀ ରାଜାମାନେ ସେମାନଙ୍କ ସ୍ଥାନ ନେଇଥିଲେ। ରାଜତ୍ୱ ଏକ ବାସ୍ତବିକତା ନୁହେଁ। ଏହା ଏକ ବିଶ୍ୱାସ। ଉକ୍ତ ବିଶ୍ୱାସ ସୃଷ୍ଟି ହୋଇଛି ରାଜା ଏବଂ ଦେବତାଙ୍କ ସମ୍ପର୍କ ଆଧାରରେ। ଯଦି ତୁମେ ଦେବତାଙ୍କୁ ବିଶ୍ୱାସ କରିବ ନାହିଁ ତେବେ ଭୂମି ଓ ଲୋକଙ୍କ ଉପରେ କ୍ଷମତାର ଅଧିକାର ଥିବା ରାଜାଙ୍କୁ ବିଶ୍ୱାସ କରିବ ନାହିଁ। ସାଧାରଣତଃ, ରାଜାମାନେ ବିଜ୍ଞାନ ଓ ତର୍କସଙ୍ଗତକୁ ବିରୋଧ କରନ୍ତି। ସେମାନଙ୍କ ପୂର୍ବପୁରୁଷ ମଣିଷ ଥିଲେ, ବିଶେଷକରି ଦେବତାଙ୍କ ଆଶୀର୍ବାଦ ପ୍ରାପ୍ତ ମଣିଷ ନ ଥିଲେ ବୋଲି ଯେଉଁ ଇତିହାସ ପ୍ରମାଣ କରେ ସେମାନେ ତାହାକୁ ଘୃଣା କରନ୍ତି। କିନ୍ତୁ ଏବେ ଲୋକେ ବିଶ୍ୱାସ ଅପେକ୍ଷା ବିଜ୍ଞାନ ଏବଂ ଇତିହାସକୁ ଅଧିକ ମୂଲ୍ୟାୟନ କରୁଛନ୍ତି। ଆମେ ସତ୍ୟ ତଥା ବାସ୍ତବତା ଜାଣିବାକୁ ସନ୍ଧାନ କରିବାକୁ ଚାହୁଁଛୁ। ତା'ପରେ ହିଁ ଆମେ ବିଶ୍ୱାସ କରିବୁ ଯେ, ସାଂସ୍କୃତିକ ଧରଣାଗୁଡ଼ିକ ଯଥା ସମ୍ପତ୍ତି, ବଂଶାବଳୀ, ରାଷ୍ଟ୍ର,ରାଜ୍ୟ ସବୁ ସାମାଜିକ ସ୍ତରରେ ସୃଷ୍ଟି ହୋଇଛି। ଏହା ବାସ୍ତବ କି କାଳ୍ପନିକ ତାହା ଜାଣିପାରିବୁ। ହେଲେ ଏହିସବୁ ସାମାଜିକ ସୃଷ୍ଟି ସେମାନଙ୍କ ଅସ୍ତିତ୍ୱକୁ ସିଦ୍ଧ କରିବା ପାଇଁ କିମ୍ବଦନ୍ତୀ ଆବଶ୍ୟକ। କିମ୍ବଦନ୍ତୀଗୁଡ଼ିକ ରାଜନୈତିକ ଉଦ୍ଦେଶ୍ୟଗୁଡ଼ିକୁ ପୂରଣ କରନ୍ତି। ପୌରାଣିକ କଥାଗୁଡ଼ିକ ଆଧ୍ୟାତ୍ମିକ ଉଦ୍ଦେଶ୍ୟଗୁଡ଼ିକୁ ପୂରଣ କରିଥାଆନ୍ତି। ଇତିହାସ କିନ୍ତୁ କୌଣସି ଉଦ୍ଦେଶ୍ୟ ପୂରଣ କରି ନ ଥାଏ ; ଯେହେତୁ ସାମାଜିକ କର୍ମକର୍ତ୍ତାମାନେ ଇତିହାସକୁ ସାମାଜିକ ନ୍ୟାୟ ଏବଂ କ୍ରାନ୍ତିଗୁଡ଼ିକ ଉଦ୍ଦେଶ୍ୟରେ ବ୍ୟବହାର କରିଥାନ୍ତି। ଏଥିରୁ ଜଣାପଡ଼େ, ଇତିହାସର ଏକ ନିର୍ଦ୍ଦିଷ୍ଟ ଦିଗ ବା ଲକ୍ଷ୍ୟ ରହିଛି। ସବୁଠୁ ମଜାକଥା ହେଉଛି, ଇତିହାସର ଏକ ଦିଗ ଅଛି ବୋଲି ଯେଉଁ ଧାରଣା ରହିଛି ତାହା ଇହୁଦୀ, ଖ୍ରୀଷ୍ଟିଆନ ଏବଂ ଇସ୍‌ଲାମିକ ପୌରାଣିକ କହାଣୀଗୁଡ଼ିକରେ ଏକ ବିଶ୍ୱାସ ଭାବେ ବି ସୁଦୃଢ଼ ରହିଛି।

devdutt.pattanaik@gmail.com

## ଏଇ ଭାରତରେ

ଚାଷ କାମ ସହିତ ଉଦ୍ଭାବନ ନିଶା ଜଣେ କୃଷକଙ୍କୁ ସଫଳତା ଦେଇଛି। ଗୁଜରାଟ ରାମନଗର ନିବାସୀ ୩୪ ବର୍ଷୀୟ ମହେଶ ଭୂତ୍ ଏକ ଇ–ଟ୍ରାକ୍ଟର ନିର୍ମାଣ କରିଛନ୍ତି ଯାହାକୁ ୧ ଘଣ୍ଟା ଚଳାଇଲେ ଖର୍ଚ୍ଚ ହେଉଛି ମାତ୍ର ୧୫ ଟଙ୍କା। ପୁଅର ନାମାନୁସାରେ ସେ ଏହାର ନାମ ରଖିଛନ୍ତି 'ବ୍ୟୋମ'। ଏବେ ସେଥିରେ ତାଙ୍କ ଚାଷ ଖର୍ଚ୍ଚ ୨୫% କମ୍ ହୋଇପାରିଛି। ୨୦୧୪ରେ ପଢା ଶେଷ ହେବା ପରେ ମହେଶ ଜୈବିକ କୃଷିକୁ ଆପଣାଇଥିଲେ। ଡିଜେଲ ଚାଳିତ ଟ୍ରାକ୍ଟରରେ ଖର୍ଚ୍ଚ ଅଧିକ ହେବା ଯୋଗୁ ସେ ଏକ ବିକଳ୍ପ ଖୋଜିବାରେ ଲାଗିଲେ ଓ ଇ–ଟ୍ରାକ୍ଟର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ସବୁଠୁ ବଡ଼କଥା ହେଉଛି ମହେଶ ବଡ଼ ସହରରେ ରହୁଥିବା ଜଣେ ଇଞ୍ଜିନିୟର ନୁହନ୍ତି। ସେ ଗାଁରେ ରହି ୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏହି ଟ୍ରାକ୍ଟର ନିର୍ମାଣ କରିଛନ୍ତି। ଏଥି ପାଇଁ ତାଙ୍କୁ ଉତ୍ତରପ୍ରଦେଶ ଶାହାଜାନପୁରରେ ଇ–ରିକ୍ସା ନିର୍ମାଣ କୌଶଳ ଶିକ୍ଷା କରିବାକୁ ପଡ଼ିଥିଲା। କେବଳ ଇ–ଟ୍ରାକ୍ଟର ନିର୍ମାଣ କରିବା ଲାଗି ସେ ଉକ୍ତ ପ୍ରଶିକ୍ଷଣ ନେଇଥିଲେ। ୨୦୨୧ରେ ପ୍ରଶିକ୍ଷଣ ଶେଷ ହେବା ପରେ ଇ–ଟ୍ରାକ୍ଟର ନିର୍ମାଣରେ ଲାଗିଗଲେ ଓ ପ୍ରାୟ ୭ ମାସ ପରେ ସଫଳତା ପାଇଲେ। ବ୍ୟାଟେରିଠାରୁ ଆରମ୍ଭ କରି ବଡ଼ି ପର୍ଯ୍ୟନ୍ତ ସବୁ କିଛି ସେ ନିଜେ ତିଆରି କରିଛନ୍ତି। ଏହା ୨୦ ଏଚ୍‌ପି ପାୱାରରେ ଚାଲୁଛି ଓ ଏଥିରେ ୭୨ ୱାଟ୍‌ର ଲିଥିୟମ ବ୍ୟାଟେରି ଲାଗିଛି। ଟ୍ରାକ୍ଟର ଥରେ ଚାର୍ଜ ହେବାକୁ ୪ ଘଣ୍ଟା ଲାଗୁଛି ଓ ଏଥିରେ ୧୦ ଘଣ୍ଟା ଚାଲୁଛି। ମହେଶଙ୍କ କ୍ଷେତରେ ଟ୍ରାକ୍ଟର ଚାଲୁଥିବା ସମୟରେ ବହୁ ଲୋକ ଦେଖିବାକୁ ଆସୁଛନ୍ତି। ଏବେ ଏହି ଟ୍ରାକ୍ଟର ପାଇଁ ଏବେ ଦେଶର ସବୁଆଡୁ ୨୧ଟି ଅର୍ଡର ମିଳିଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ମେ ୧୯୯୭

- ଭାରତୀୟ ସିନେମାର ପ୍ରଥମ ଅଭିନେତ୍ରୀ କମଳାବାଈ ଗୋଖଲେଙ୍କ ୯୭ ବର୍ଷ ବୟସରେ ପରଲୋକ।
- ମଣିପୁରର ସେନାପତି ଜିଲାସ୍ଥିତ ଅପର ମାଓହେଙ୍ଗ ନିକଟରେ ଆଦିବାସୀ ଗେରିଲାମାନେ ଏକ ଟ୍ରକ୍ ଉପରେ ଅଚାନକ ଆକ୍ରମଣ କରିବା ଫଳରେ ୧୧ ନିହତ।
- ରାଜ୍ୟର ସମସ୍ତ ଔଷଧ ଦୋକାନରେ ଡବାକ୍ଷୀର ଓ ଫିଡିଂ (କ୍ଷୀର) ବୋତଲ ବିକ୍ରି ଉପରେ ସରକାର ନିଷେଧାଜ୍ଞା ଜାରି କରିଛନ୍ତି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 4 | |
| | | | 5 | 6 | 7 | 2 | | |
| | 7 | | | 9 | | | | |
| | 9 | 7 | | 2 | 4 | 8 | | |
| | | 6 | | | | | | 5 |
| | 1 | | 9 | | | | | 4 |
| | | 8 | 7 | | | | | |
| | | 9 | | | | | | |
| 3 | 4 | | | | | 6 | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 4 | 9 | 6 | 8 | 2 | 7 | 3 |
| 8 | 6 | 3 | 2 | 7 | 4 | 9 | 5 | 1 |
| 7 | 2 | 9 | 5 | 3 | 1 | 4 | 6 | 8 |
| 9 | 4 | 8 | 3 | 2 | 7 | 5 | 1 | 6 |
| 3 | 1 | 6 | 4 | 9 | 5 | 7 | 8 | 2 |
| 2 | 7 | 5 | 8 | 1 | 6 | 3 | 4 | 9 |
| 4 | 9 | 7 | 6 | 8 | 2 | 1 | 3 | 5 |
| 6 | 3 | 1 | 7 | 5 | 9 | 8 | 2 | 4 |
| 5 | 8 | 2 | 1 | 4 | 3 | 6 | 9 | 7 |

ଗତକାଲିର ଉତ୍ତର



# ଦେଶଦ୍ରୋହ ଆଇନରେ ପରିବର୍ତ୍ତନ ଲୋଡ଼ା

ଅନିଲ କୁମାର ବିଶ୍ୱାଳ

ଦେଶରେ ଅନେକ ସମୟରେ ବିତର୍କର କାରଣ ପାଲଟିଥିବା ଭାରତୀୟ ପିଙ୍ଗଲ କୋଡ୍‌ର ବିବାଦୀୟ ଧାରା ୧୨୪–କ ଉପରେ ସୁପ୍ରିମକୋର୍ଟ ଏବେ ସାମୟିକ ରୋକ୍ ଲଗାଇଛନ୍ତି। କୁହାଯାଉଛି ଏହି ଆଇନ ହଟାଇବା ଦିଗରେ ଏହା ହେଉଛି ପ୍ରଥମ ସୋପାନ। ଆଗରୁ ଅନେକ ସମୟରେ ସଂସଦରେ ପ୍ରାଇଭେଟ ବିଲ୍ ଭାବରେ ଅନେକ ସାଂସଦ ଏହି ଆଇନକୁ ହଟାଇବା ପାଇଁ ପ୍ରସ୍ତାବ ଆଣିଥିଲେ, ହେଲେ ତାହା ସଫଳ ହୋଇ ନ ଥିଲା। ଯେଉଁ ସୁପ୍ରିମକୋର୍ଟ ଦିନେ ୧୯୬୨ରେ ଏହି ଆଇନକୁ ପୁନଃ ଲାଗୁକରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବେ ସେହି ସୁପ୍ରିମକୋର୍ଟ ପୁଣି ୬୦ ବର୍ଷ ପରେ ସେହି ଆଇନକୁ ହଟାଇବା ପାଇଁ ପ୍ରଥମ ପଦକ୍ଷେପ ନେଇଛନ୍ତି। ଏବେ ସବୁକିଛି ନିର୍ଭର କରୁଛି କେନ୍ଦ୍ର ସରକାର ଏହି ଆଇନ ଉପରେ ସୁପ୍ରିମକୋର୍ଟରେ କ'ଣ ଆଭିମୁଖ୍ୟ ରଖୁଛନ୍ତି। କେନ୍ଦ୍ର ସରକାର ବିଗତ ୫ ବର୍ଷ ଭିତରେ ବ୍ରିଟିଶରମାନେ ଗଢିଥିବା ଏପରି ୧୪୫୦ଟି ଆଇନକୁ ରଦ୍ଦ କରିସାରିଛନ୍ତି ; ଯେଉଁ ଆଇନଗୁଡ଼ିକ ମୁକ୍ତ ଓ ଅବାଧ ଗଣତନ୍ତ୍ରର ପରିପନ୍ଥୀ ଥିଲା। ଆଶା କରାଯାଉଛି, କେନ୍ଦ୍ର ସରକାର ଏବେ ଏହି ଦେଶଦ୍ରୋହ ଆଇନକୁ ମଧ୍ୟ ଉଚ୍ଛେଦ କରିଦେବେ।

ପ୍ରଥମତଃ ଏହି ଆଇପିସି ଧାରା ୧୨୪–କ'କୁ ସମୟ ସମୟରେ ଦେଶଦ୍ରୋହ ବୋଲି କୁହାଯାଉଛି। କାରଣ ଏହି ଧାରାକୁ ଇଂଲିଶରେ 'ସିଡେସନ' ବୋଲି କୁହାଯାଉଛି। ସେହି ଇଂଲିଶ ଶବ୍ଦ 'ସିଡେସନ'ର ଅର୍ଥ ହେଉଛି ସରକାରଙ୍କୁ ବିରୋଧ କରିବା। ଭାରତର ଗଣତନ୍ତ୍ର ପରିପ୍ରେକ୍ଷୀରେ ଆଇପିସି ଧାରା ୧୨୪–କ'କୁ 'ଦେଶଦ୍ରୋହ' ନ କହି 'ରାଜଦ୍ରୋହ' ବୋଲି କହିଲେ ବି ଠିକ୍ ହେବ। କାରଣ ଦେଶଦ୍ରୋହର ଅର୍ଥ ଅଲଗା ଏବଂ ସରକାରଙ୍କୁ ବିରୋଧ କରିବା ଅଲଗା। ଏପରି କି ସମ୍ବିଧାନରେ ମଧ୍ୟ 'ଦେଶଦ୍ରୋହ' ଏମିତି କି 'ସିଡେସନ' ଶବ୍ଦ କୌଣସି ସ୍ଥାନରେ ବ୍ୟବହାର ହୋଇନାହିଁ। ଧାରା ୧୨୪(କ) ଅନୁଯାୟୀ କୌଣସି ବ୍ୟକ୍ତି ଭାରତର ପ୍ରତିଷ୍ଠିତ ବ୍ୟବସ୍ଥା, ଆଇନ ପ୍ରତି ଶବ୍ଦ, ଭାଷା, ଲିଖିତ ଭାବରେ ଅସମ୍ମାନ କରିବା, ଅନାସ୍ଥା କରିବା ବା ଘୃଣା ସୃଷ୍ଟି କରିବା ଏକ ଦଣ୍ଡନୀୟ ଅପରାଧ। ଏହି ଆଇନର ବୈଧତାକୁ ନେଇ କେବଳ ସୁପ୍ରିମକୋର୍ଟ ନୁହେଁ ବରଂ ବିଭିନ୍ନ ରାଜ୍ୟର ହାଇକୋର୍ଟରେ ମଧ୍ୟ ଅନେକ ମାମଲା ବିଚାରାଧୀନ ରହିଛି। ଏହି ଆଇନର ସବୁଠାରୁ ବଡ଼ ନକାରାତ୍ମକ ପ୍ରଭାବଟି ହେଲା ଯେ ଏହା ଏକ ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକର ଅଭିବ୍ୟକ୍ତିର ସ୍ୱାଧୀନତା ଭଳି ମୌଳିକ ଅଧିକାରକୁ ପ୍ରଭାବିତ କରିଥାଏ। ସରକାରଙ୍କୁ ସମାଲୋଚନା, ବ୍ୟବସ୍ଥା, ଆଇନ ଉପରେ ପ୍ରଶ୍ନ ଉଠାଇବାର ଅଧିକାର ଉପରେ ଏହି ଆଇନ ସବୁବେଳେ ଏକ ଅଙ୍କୁଶ ଭଳି ରହିଆସିଛି। ବ୍ରିଟିଶରମାନେ ଏହି ଆଇନ କରିଥିଲେ ଭାରତୀୟ ଲୋକମାନେ ଯେମିତି ବ୍ରିଟିଶ ଶାସନକୁ ସମାଲୋଚନା କରିପାରିବେ ନାହିଁ। ଉପନିବେଶବାଦ ହଟି ଆମେ ଏକ ସ୍ୱାଧୀନ ଦେଶରେ ବଞ୍ଚୁଥିବାରୁ ଆଉ ସେପରି ଆଇନର ଆବଶ୍ୟକତା ନାହିଁ। ସାମ୍ପ୍ରତିକ ସମୟରେ ଏହି ଆଇନକୁ କ୍ଷମତାରେ ଥିବା ସରକାରମାନେ ସବୁବେଳେ ନିଜର ରାଜନୈତିକ ଉଦ୍ଦେଶ୍ୟରେ ଦୁରୁପଯୋଗ କରୁଛନ୍ତି।



ଅପରପକ୍ଷେ ଯେଉଁମାନେ ଏହି ଆଇନ ସପକ୍ଷରେ ତର୍କ ରଖନ୍ତି ସେମାନଙ୍କର ଯୁକ୍ତି ହେଲା ଯେ ବିଚ୍ଛିନ୍ନତାବାଦୀ, ବିଭାଜନକାରୀ ଗୋଷ୍ଠୀ, ଆତଙ୍କବାଦୀ ବିଚାର ଉପରେ ରୋକ୍ ଲଗାଇବା ପାଇଁ ଏଭଳି ଆଇନର ଆବଶ୍ୟକତା ରହିଛି। ବିଶେଷ ପରିସ୍ଥିତିରେ ହେଉଥିବା ଦଙ୍ଗା, ହିଂସାକୁ ରୋକିବା ପାଇଁ ସରକାରମାନଙ୍କ ପାଖରେ ଏଭଳି ଆଇନ ରହିବା ଦରକାର। ତେଣୁ ଏବେ ଭାରତ ସରକାର ଏହି ଆଇପିସି ୧୨୪–କ'କୁ ଉଚ୍ଛେଦ କରିବା ସମୟରେ ସେଦିଗରେ ମଧ୍ୟ କିଛି ବିକଳ୍ପ ଆଇନର ବ୍ୟବସ୍ଥା କରିବା ପାଇଁ ପଡ଼ିବ। କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଦେଇଥିବା ସତ୍ୟପାଠରେ କହିଛନ୍ତି ଯେ, ଦେଶ ସ୍ୱାଧୀନତାର ୭୫ ବର୍ଷ ପାଳନ କରୁଥିବା ବେଳେ ନାଗରିକମାନେ ପୁରୁଣା ଔପନିବେଶିକବାଦ ଆଇନରୁ ମୁକ୍ତ ହେବା ନେଇ କେନ୍ଦ୍ର ସରକାର ଯତ୍ନବାନ ଅଛନ୍ତି। ନାଗରିକ ସ୍ୱାଧୀନତା ଓ ମାନବିକ ଅଧିକାରକୁ ବିଚାର କରି କେନ୍ଦ୍ର ସରକାର ଦେଶର ଅଖଣ୍ଡତା ଓ ସାର୍ବଭୌମତା ରକ୍ଷାକରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ତେଣୁ ଏହି ଆଇନକୁ ନେଇ କେନ୍ଦ୍ର ସରକାରଙ୍କ ବର୍ତ୍ତମାନର ଆଭିମୁଖ୍ୟ ଏକ ମୁକ୍ତ ଗଣତନ୍ତ୍ର ଦୃଷ୍ଟିରୁ ସ୍ୱାଗତଯୋଗ୍ୟ ବୋଲି କୁହାଯାଇପାରେ।

ଏହି ଆଇନକୁ ନେଇ ମତ ପାର୍ଥକ୍ୟ ଅଦାଲତମାନଙ୍କର ମଧ୍ୟ ରହିଛି। ଏହି ଆଇନକୁ ନେଇ ୧୯୫୦ରେ ସୁପ୍ରିମକୋର୍ଟରେ ରମେଶ ଥାପର ଓ ମାଡ୍ରାସ ରାଜ୍ୟ ଭିତରେ ହୋଇଥିବା ମୋକଦ୍ଦମାରେ ସୁପ୍ରିମକୋର୍ଟ କହିଥିଲେ ଯେ କେବଳ ଦେଶର ଅଖଣ୍ଡତା, ନିରାପତ୍ତା, ସାର୍ବଭୌମତା ସମ୍ବଳିତ ପ୍ରସଙ୍ଗକୁ ଛାଡିଦେଲେ ଆଉ କୌଣସି ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରିବା ଅଭିବ୍ୟକ୍ତିର ସ୍ୱାଧୀନତା। ସେହିପରି ୧୯୫୧ରେ ପଞ୍ଜାବ ହରିୟାଣା ହାଇକୋର୍ଟ, ୧୯୫୯ରେ ଆଲ୍ଲାହାବାଦ ହାଇକୋର୍ଟ ଏହାକୁ ଔପନିବେଶିକବାଦ ଆଇନ କହିବା ସହିତ ଅଗଣତାନ୍ତ୍ରିକ ବୋଲି କହିଥିଲେ। ହେଲେ ୧୯୬୨ରେ ସୁପ୍ରିମକୋର୍ଟ ସେହି ହାଇକୋର୍ଟମାନଙ୍କର ରାୟକୁ ଖାରଜ କରିଥିଲେ। କୋର୍ଟ ସେହି ସମୟରେ ଦେଇଥିବା ରାୟରେ କହିଥିଲେ ଯେ ନିରାପତ୍ତା, ସାର୍ବଭୌମତା ସମ୍ବଳିତ ପ୍ରସଙ୍ଗ, ସାଧାରଣରେ ବିଶୃଙ୍ଖଳା କରିବା ପାଇଁ ଉଦ୍ଦିଷ୍ଟ ଥିବା ଭାଷଣ, ଲେଖା, ଟିପ୍ପଣୀକୁ ରାଜଦ୍ରୋହ ମାମଲାରେ ପଞ୍ଜୀକୃତ କରାଯିବ।

ରାଜଦ୍ରୋହ ବା ଦେଶଦ୍ରୋହ ଆଇନକୁ ନେଇ ସଦ୍ୟତମ ବିବାଦ ହେଉଛି ମହାରାଷ୍ଟ୍ରରେ ନଭନୀତ ଓ ରବି ରାଣାଙ୍କ ଉପରେ ଲାଗୁ କରି ସେମାନଙ୍କୁ ଜେଲରେ ପୂରାଇବା। ମହାରାଷ୍ଟ୍ର ସରକାର ସେମାନଙ୍କୁ ସେହି ଧାରାରେ ଗିରଫ କରିଲେ କିନ୍ତୁ ପରେ ଅଦାଲତ ସେହି ଦଫାକୁ ହଟାଇଲେ ଓ ସେମାନଙ୍କୁ ଜାମିନ ଦେଲେ। ଏହି ଆଇନର ଏମିତି ଦୁରୁପଯୋଗର ତାଲିକା ବହୁତ ଲମ୍ବା ; ଯାହା ଫଳରେ ଏହି ଆଇନରେ ଯେତିକି ମାମଲା ପୋଲିସ ରୁଜୁ କରୁଛି ତାହାର ୫% ମାମଲାରେ ଦୋଷ ପ୍ରମାଣିତ ହୋଇପାରୁନାହିଁ। ତେଣୁ ପ୍ରସଙ୍ଗ ଏଠାରେ ଏହି ଆଇନର ଆବଶ୍ୟକତା ଓ ଅପବ୍ୟବହାର ଦୁଇଟିକି ନେଇ। ଯଦି ଏହି ଆଇନକୁ କେନ୍ଦ୍ର ସରକାର ରଖିବା ପାଇଁ ଚାହୁଁଛନ୍ତି ତା'ହେଲେ ଏହି ଆଇନ କିପରି କୌଣସି ଭାବରେ ବି କାହାର ଅଭିବ୍ୟକ୍ତିର ସ୍ୱାଧୀନତାକୁ ନଷ୍ଟ କରିବ ନାହିଁ, ସରକାରଙ୍କୁ ସମାଲୋଚନା କାରଣରୁ ଯେମିତି ଆଉ କାହାକୁ ଜେଲ ଯିବାକୁ ପଡ଼ିବ ନାହିଁ ତାକୁ ଧ୍ୟାନରେ ରଖି ଯାହା ପରିବର୍ତ୍ତନ ଦରକାର ତାହା କରିବେ। ଏବଂ ଯଦି ଏହି ଆଇନକୁ ହଟାଯାଏ ତା'ହେଲେ ବାସ୍ତବିକ ଦେଶଦ୍ରୋ କରୁଥିବା ଅପରାଧୀଙ୍କୁ କିଭଳି ଦଣ୍ଡବିଧାନ କରାଯାଇପାରିବ ତାହା ପାଇଁ ନୂଆ ବିକଳ୍ପ ଆଇନ ବ୍ୟବସ୍ଥା କରିବାକୁ ପଡ଼ିବ।

**ହରିରାଜପୁର, ପୁରୀ**

# ଜନତା ଓ ଜନ ପ୍ରତିନିଧି



ଯଦୁମଣି ପାଣିଗ୍ରାହୀ

ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ଅନୁସାରେ ନିର୍ବାଚନ ମୁକ୍ତ, ଅବାଧ ଓ ନିରପେକ୍ଷ ହେବା ପାଇଁ ଆମ ସମ୍ବିଧାନରେ ନିୟମ ରହିଛି। ମାତ୍ର ଏବେର ନିର୍ବାଚନରେ ଏସବୁରେ ବ୍ୟତିକ୍ରମ ଦେଖାଦେଇଛି। ଦିନକୁଦିନ ନିର୍ବାଚନ ବ୍ୟୟବହୁଳ ହେଉଛି। କେବଳ ଆର୍ଥିକ ସ୍ୱଚ୍ଛଳ ବର୍ଗର ଲୋକେ ନିର୍ବାଚନରେ ଅଂଶଗ୍ରହଣ କରିବାର ସୁଯୋଗ ସୃଷ୍ଟି ହେଉଛି ଯେମିତି। ଶାସନରେ ଥିବା ଦଳ ପକ୍ଷରୁ ଭୋଟକୁ ନିଜ ସପକ୍ଷରେ ନେବା ଲକ୍ଷ୍ୟରେ ଲୋକଙ୍କୁ ବିଭିନ୍ନ ମାଗଣା ଉପହାର ବଣ୍ଟନ କରାଯିବା ସହିତ କିଛି ଶସ୍ତା ଯୋଜନା ପ୍ରଣୟନ କରାଯାଉଛି। ନିର୍ବାଚନ ବ୍ୟୟବହୁଳ ହେଉଥିବା କାରଣରୁ ଯୋଗ୍ୟ, ଦକ୍ଷ ଓ ଶିକ୍ଷିତ ଲୋକେ ନିର୍ବାଚନରେ ଭାଗ ନେବାକୁ ସାହସ କରିପାରୁ ନାହାନ୍ତି। ଗତ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନକୁ ପର୍ଯ୍ୟାଲୋଚନା କଲେ ଭୋଟ ହାତେଇବା ଲାଗି ପ୍ରାର୍ଥୀମାନେ କିଭଳି ଆଖିବୁଜା ଟଙ୍କା ଖର୍ଚ୍ଚ କରୁଛନ୍ତି ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି। କେବଳ ସେତିକି ନୁହେଁ ନିର୍ବାଚନରେ ଭୋଟରଙ୍କ ଉପରେ ଆକ୍ରମଣ, ବୁଥ୍ ଜବରଦଖଲଠାରୁ ଆରମ୍ଭ କରି ମାର୍‌ପିଟ, ଗଣ୍ଡଗୋଳ ଓ ହତ୍ୟାକାଣ୍ଡ ସଙ୍ଗଠିତ ହୋଇଛି, ଯାହାକି ସୁସ୍ଥ ଗଣତନ୍ତ୍ରର ପରିଚୟ ନୁହେଁ।

ଗଣତନ୍ତ୍ର ଶାସନକୁ ଠିକଣା ବାଟରେ ଆଗେଇ ନେବାର ଦାୟିତ୍ୱ ହେଉଛି ଜନତାଙ୍କର। ଶାସନ ସ୍ୱଚ୍ଛ ଓ ବଳିଷ୍ଠ ହୋଇପାରିଲେ ଜନତା ତା'ର ସୁଫଳ ଭୋଗ କରିପାରିବେ। ସେଥିପାଇଁ ଜନତାଙ୍କୁ ମତଦାନ କରି ଯୋଗ୍ୟ ଓ ଦକ୍ଷ ଜନପ୍ରତିନିଧି ଚୟନର ଅଧିକାର ଦିଆଯାଇଛି। ତେବେ ଆଜିକାଲି ନିର୍ବାଚନରେ ଅଧିକାଂଶ ଲୋକ ବିନା ପାଉଣାରେ ମତଦାନ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଯାହା କିଛି ନିର୍ବାଚନ ବେଳେ ହିଁ ହେବ। ତାଙ୍କ ପାଖରେ ନେତାଙ୍କ ଗରଜ ପଡିଛି ମାନେ ସେମାନେ ନିଶ୍ଚେ ଆସିବେ। ହାତ ଠଠ ଧରିବେ। ଭୋଟ ଭିକ୍ଷା କରିବେ। ଆଉ ସେତିକିବେଳେ ଆଣ୍ଡେଇ ଦେବାର ଅଛି। ଆଉ ନେତାଏ ବି ଜନତାଙ୍କ ଟିପ ଠିକ୍ ଭାବେ ଠଉରାଇଛନ୍ତି। ନିର୍ବାଚନ ବେଳେ ଯାହା କିଛି ଦେଇଦେବାର ଅଛି। ତା'ପରେ କାଶିଆ କିଏ ନା କପିଳା କିଏ ? ଏସବୁ କେବେ ବି ଭଲକଥା ନୁହେଁ। ଜନତା ନେଉଛନ୍ତି ବୋଲି ସିନା ନେତାଏ ଦେଉଛନ୍ତି। ଯେଉଁଦିନ ଜନତା ନେବାକୁ ବିରୋଧ କରିବେ। ପ୍ରଲୋଭନକୁ ଅନେଇବେ ନାହିଁ। ନିରପେକ୍ଷ ଭାବେ ମତଦାନ କରିବେ, ସେହିଦିନ ଯାଇ ଯୋଗ୍ୟ ଓ ଦକ୍ଷ ପ୍ରାର୍ଥୀମାନେ ଜନ ପ୍ରତିନିଧି ହେବାର ସୌଭାଗ୍ୟ ଅର୍ଜନ କରିବେ। ସତରେ କ'ଣ ସେ ସୁଦିନ ଆସିବ !

ଗଣତନ୍ତ୍ର ଶାସନରେ ନିର୍ବାଚିତ ଜନ ପ୍ରତିନିଧିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାଧାରଣ ଲୋକଙ୍କ ସୁବିଧା ଅସୁବିଧା ଓ ଆପତ୍ତି ଅଭିଯୋଗ ଶୁଣିବା ସହିତ ସେମାନଙ୍କ ସମସ୍ୟାର ସମାଧାନ କରିବା ହେଉଛି ଜନ ପ୍ରତିନିଧିଙ୍କ କର୍ତ୍ତବ୍ୟ। ୱାର୍ଡସଭ୍ୟଟିଏ ନିର୍ବାଚିତ ହେଉଥିବା ଛୋଟିଆ ୱାର୍ଡଟିଏ ହେଉ ଅଥବା ବିଧାୟକ ଓ ସାଂସଦଙ୍କ ନିର୍ବାଚନମଣ୍ଡଳୀର ପ୍ରଶସ୍ତ କ୍ଷେତ୍ର ହେଉ ସବୁଠି ଲୋକଙ୍କ ମୌଳିକ ସମସ୍ୟାକୁ ସମାଧାନ କରିବାର ଦାୟିତ୍ୱ ହେଉଛି ଜନପ୍ରତିନିଧିଙ୍କର। ଜଣେ ଜନପ୍ରତିନିଧି କୌଣସି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥନରେ ଅଥବା ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ିପାରନ୍ତି ମାତ୍ର ନିର୍ବାଚିତ ହେବା ପରେ ସେ ସମସ୍ତଙ୍କର। ତେଣୁ ସମସ୍ତଙ୍କ ସେବାରେ ନିଜକୁ ନିୟୋଜିତ କରିବା ଆବଶ୍ୟକ। ଜଣେ ଜନପ୍ରତିନିଧିଙ୍କର ସ୍ୱଚ୍ଛତା, ସଚ୍ଚୋଟତା ଓ ନିରପେକ୍ଷତା ଉପରେ ଅଞ୍ଚଳର ଉନ୍ନତି ନିର୍ଭର କରିଥାଏ। କେବଳ ରାଜନୈତିକ ମନୋଭାବ ରଖି କାର୍ଯ୍ୟ କଲେ ଲୋକେ ଶାସନର ସୁଫଳ ପାଇପାରିବେ ନାହିଁ। ଲୋକଙ୍କ ପ୍ରତି ତଥା ସେମାନଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ହୋଇପାରିଲେ ଯାଇ ସମସ୍ୟା ସମାଧାନର ବାଟ ଫିଟିପାରିବ। ଲୋକଙ୍କ ସମସ୍ୟାକୁ ସ୍ଥାନୀୟ ପ୍ରଶାସନ ତଥା ସରକାରଙ୍କ ଦୃଷ୍ଟିକୁ ଆଣି ତା'ର ତ୍ୱରିତ ସମାଧାନ କରିବାର ଦାୟିତ୍ୱ ହେଉଛି ଜନପ୍ରତିନିଧିମାନଙ୍କର। ରାଜନୀତି ହେଉଛି ଲୋକଙ୍କ ନିକଟତର ହେବା ଓ ସେମାନଙ୍କ ସେବା କରିବାର ପ୍ରଶସ୍ତ କ୍ଷେତ୍ର। ଜନପ୍ରତିନିଧିମାନେ ଏମିତି ଦୃଷ୍ଟିଭଙ୍ଗୀ ରଖି କାର୍ଯ୍ୟ କରିବା ଉଚିତ। କେବଳ ନିର୍ବାଚନରେ ଫୁଲାଏ ଟଙ୍କା ଖର୍ଚ୍ଚ କରି ବିଜୟୀ ହେବା ଓ ପରେ ଲୋକଙ୍କ ତଣ୍ଟିଚିପି ବଡ଼ ଲୋକ ହେବାର ମାନସିକତାରୁ ଜନପ୍ରତିନିଧିମାନେ କ୍ଷାନ୍ତ ରହିବା ଉଚିତ ନଚେତ୍ ରାଜନୀତି ସେବା ନୁହେଁ ବରଂ ଏକ ବ୍ୟବସାୟ ବୋଲି ପରିଗଣିତ ହେବ, ଯାହା ଗଣତନ୍ତ୍ରର ମର୍ଯ୍ୟାଦା ହାନି କରିବ।

**ଶଙ୍ଖିଡ଼ା, ତିହିଡ଼ି, ଭଦ୍ରକ,**
**ମୋ: ୯୯୩୭୫୬୫୫୨୭**

## ପାଠକ ଶ୍ରେଷ୍ଠ ବିଚାରକ

### ଉଠାଦୋକାନୀଙ୍କୁ ଥଇଥାନ କରାଯାଉ

ମହାଶୟ,

ସହର ଓ ବଜାରଗୁଡ଼ିକରେ ରାସ୍ତାପାର୍ଶ୍ୱରେ ବେପାର କରିଆସୁଥିବା କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ସରକାର ଥଇଥାନ କରିବା ଉଚିତ। କେତେକ ଉଠାଦୋକାନୀଙ୍କୁ ମହାନଗର ନିଗମ ପକ୍ଷରୁ ଆର୍ଥିକ ସହାୟତା ଦିଆଯାଇଥିଲେ ମଧ୍ୟ ଅନେକେ ଏଥିରୁ ବଞ୍ଚିତ ହୋଇଛନ୍ତି। ପ୍ରବଳ ଖରାରେ ରାସ୍ତାପାର୍ଶ୍ୱରେ ପନିପରିବା ଓ ଅନ୍ୟାନ୍ୟ ବେପାର କରିବା ସମ୍ଭବ ହେଉନାହିଁ। ରାସ୍ତାପାର୍ଶ୍ୱରେ ଥିବା ଫାଷ୍ଟଫୁଡ୍ ଦୋକାନ ସନ୍ଧ୍ୟାରେ ଭିଡ଼ ହେବା ସଙ୍ଗେ ସଙ୍ଗେ ରାସ୍ତା ଅପରିଷ୍କାର ରହୁଛି। ପୋଖରୀପୁଟ ଛକରେ ଥିବା ୪୦ଟି ଭେଣ୍ଡିଂ ଜୋନ୍ ୫ବର୍ଷ ହେଲା ନିର୍ମାଣ କରାଯାଇଥିଲେ ମଧ୍ୟ ପାନୀୟ ଜଳ ବିଦ୍ୟୁତ୍ ଓ ରାସ୍ତା ବ୍ୟବସ୍ଥା କରାଯାଇ ନ ଥିବାରୁ ଅକାମୀ ହୋଇ ପଡ଼ିଛି। ଅନ୍ୟପକ୍ଷରେ ଉଠାଦୋକାନୀ ହନ୍ତସନ୍ତ ହେଉଛନ୍ତି। ଅତ୍ୟନ୍ତ ଗରିବ ଉଠାଦୋକାନୀଙ୍କୁ ଭେଣ୍ଡିଂ ଜୋନ୍‌ରେ ଥଇଥାନ କରାଯାଇ ଆର୍ଥିକ ସାହାଯ୍ୟ ଦିଆଯାଉ।

**–ନିର୍ମଳ ଚନ୍ଦ୍ର ସାମଲ, ମଧୁସୂଦନ ପାର୍କ, ପୋଖରୀପୁଟ, ଭୁବନେଶ୍ୱର**

### ଚିରନ୍ତନୀ

ବସି ତହିଁ
ଉଦାସ ବେଦନା ବହି
ଚକ୍ରବାକ ନିର୍ବାକ ଦମ୍ପତି
ଭାଳେ ହରାଇବ ଅବା କି ସ୍ୱର୍ଗ–ସମ୍ପତ୍ତି।
–(ଚକ୍ରବାକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ନୂଆଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟାଳୟଠାରେ ବୁଧବାର ଦଳର ଜେନେରାଲ ସେକ୍ରେଟାରୀ ଏବଂ ପ୍ରଭାରୀଙ୍କ ବୈଠକ ସାରି ଫେରୁଛନ୍ତି ପ୍ରିୟଙ୍କା ଗାନ୍ଧୀ ଭଦ୍ରା।

# ହାତ ଛାଡ଼ିଲେ ହାର୍ଦ୍ଦିକ ପଟେଲ

## ଗୁଜରାଟ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପଦରୁ ଇସ୍ତଫା



ଅହମ୍ମଦାବାଦ,୧୮।୫

୩ ବର୍ଷ ପୂର୍ବେ କଂଗ୍ରେସରେ ଯୋଗଦେଇଥିବା ପଟିଦାର ଆନ୍ଦୋଳନର ନେତା ହାର୍ଦ୍ଦିକ ପଟେଲ ବୁଧବାର ହାତ ଛାଡ଼ିଦେଇଛନ୍ତି। ସେ ନିଜ ଇସ୍ତଫାପତ୍ର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ପଠାଇଦେଇଛନ୍ତି। ଦଳର ଶୀର୍ଷ ନେତୃତ୍ୱ ଗୁଜରାଟ ଓ ଗୁଜରାଟୀଙ୍କୁ ଘୃଣ୍ୟ ବ୍ୟବହାର କରୁଥିବା ଦର୍ଶାଇ ଏହାର ପ୍ରତିବାଦରେ ଦଳ ଛାଡ଼ିଥିବା ହାର୍ଦ୍ଦିକ ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

୨୮ ବର୍ଷୀୟ ପଟିଦାର ନେତା ହାର୍ଦ୍ଦିକ କଂଗ୍ରେସର କାର୍ଯ୍ୟକାରୀ ସଭାପତି ଓ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ହାଇକମାଣ୍ଡଙ୍କ ନିକଟକୁ ଲେଖିଥିବା ନିଜ ଇସ୍ତଫାପତ୍ରରେ ସେ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତାଙ୍କ ଭଳି ଦଳୀୟ କର୍ମକର୍ତ୍ତା ଦିନକୁ ୫୦୦-୬୦୦ କି.ମି. ଯାତ୍ରା କରି କର୍ମୀମାନଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗ ଆଲୋଚନା କରୁଥିବାବେଳେ ଦିଲ୍ଲୀରେ ଥିବା କଂଗ୍ରେସ ନେତାମାନେ ନିଜ ମୋବାଇଲ ଫୋନ୍‌ରେ ବ୍ୟସ୍ତ ଅଛନ୍ତି। ଏପରି କି କେତେଜଣ ନେତା ବିଦେଶ ଗସ୍ତ କରୁଛନ୍ତି ଯେତେବେଳେ କି ଦଳରେ ସେମାନଙ୍କ ଆବଶ୍ୟକତା ରହିଛି। ଦଳୀୟ ନେତାମାନେ କୌଣସି ପ୍ରସଙ୍ଗରେ ଗମ୍ଭୀର ନୁହନ୍ତି ବୋଲି ହାର୍ଦ୍ଦିକ ଉଲ୍ଲେଖ କରିଛନ୍ତି। କିଛିଦିନ ତଳେ ଭାଜପାକୁ ପ୍ରଶଂସା କରିଥିବା ହାର୍ଦ୍ଦିକ ଗୈରିକ ଦଳରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ୨୦୧୫ରେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ପଟିଦାର ସମୁଦାୟର ସଂରକ୍ଷଣ ଦାବିରେ ମୁଣ୍ଡ ଟେକିଥିବା ଆନ୍ଦୋଳନର ନେତୃତ୍ୱ ନେଇ ହାର୍ଦ୍ଦିକ ଏକ ଲୋକପ୍ରିୟ ଚେହେରା ପାଲଟିଥିଲେ। ୨୦୨୦ ଜୁଲାଇରେ ତାଙ୍କୁ କଂଗ୍ରେସ କାର୍ଯ୍ୟକାରୀ ସଭାପତି କରାଯାଇଥିଲା। ଅନ୍ୟପକ୍ଷେ ହାର୍ଦ୍ଦିକ ଭାଜପା କଥାରେ ପରିଚାଳିତ ହେଉଥିବା କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ହାର୍ଦ୍ଦିକଙ୍କ ଇସ୍ତଫା କଂଗ୍ରେସକୁ ବଡ଼ ଝଟକା ଦେଇଛି। ଏହା ପୂର୍ବରୁ ପଞ୍ଜାବର ପୂର୍ବତନ କଂଗ୍ରେସ ସଭାପତି ସୁନୀଲ ଜାଖଡ଼, ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ସମେତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଏବଂ ଆର୍‌ପିଏନ୍ ସିଂଙ୍କ ଭଳି ନେତା କଂଗ୍ରେସରୁ ଇସ୍ତଫା ଦେଇଥିଲେ।

# ଆମ୍ ଆଦମୀ ପାର୍ଟିରୁ ଇସ୍ତଫା ଦେଲେ ଅଜୟ କୋଠିୟାଲ୍



ଡେରାଡୁନ୍, ୧୮।୫

ଉତ୍ତରାଖଣ୍ଡ ଆମ୍ ଆଦମୀ ପାର୍ଟିକୁ ଏକ ବଡ଼ ଝଟ୍‌କା ଲାଗିଛି। ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନରେ ଏଏପି ମୁଖ୍ୟମନ୍ତ୍ରୀ ଚେହେରା ଥିବା କର୍ଣ୍ଣଲ ଅଜୟ କୋଠିୟାଲ୍ ବୁଧବାର ପାର୍ଟିରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫା ପତ୍ର ପାର୍ଟି ସଂଯୋଜକ ଅରବିନ୍ଦ କେଜ୍‌ରିୱାଲଙ୍କ ନିକଟକୁ ପଠାଇ ଦେଇଛନ୍ତି। ଅଜୟ ନିଜ ଇସ୍ତଫାରେ ଲେଖିଛନ୍ତି, ଏପ୍ରିଲ ୧୯, ୨୦୨୧ରେ ମୁଁ ଦଳରେ ସାମିଲ ହୋଇଥିଲି। ଆଜି ମେ ୧୮, ୨୦୨୨ରେ ଦଳ ଛାଡୁଛି। ପ୍ରାୟ ୧୩ ମାସ ଧରି ମୁଁ ଦଳରେ ରହିଛି। ଏବେ ପୂର୍ବତନ ସୈନିକ, ପୂର୍ବତନ ଅର୍ଦ୍ଧସୈନିକ, ବୃଦ୍ଧାବୃଦ୍ଧ, ମହିଳା, ଯୁବଗୋଷ୍ଠୀ ଏବଂ ବୁଦ୍ଧିଜୀବୀଙ୍କ ଭାବନାକୁ ଧ୍ୟାନରେ ରଖି ଦଳ ଛାଡୁଥିବା ସେ କହିଛନ୍ତି। ସୂଚନାଯୋଗ୍ୟ,ଅଜୟ କୋଠିୟାଲ୍ ଫେବୃୟାରୀ ୨୦୨୨ରେ ଗଙ୍ଗୋତ୍ରୀ ଆସନରୁ ନିର୍ବାଚନ ଲଢି ହାରିଯାଇଥିଲେ। ସେ ତୃତୀୟ ସ୍ଥାନରେ ରହିଥିଲେ। ଏଠାରୁ ଭାଜପାର ସୁରେଶ ଚୌହାନ ନିର୍ବାଚନ ଜିତିଥିଲେ। ଅଜୟଙ୍କୁ ମାତ୍ର ୫ ହଜାର ଭୋଟ ମିଳିଥିଲା।

# ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ

## ନିର୍ବାଚନ ପରିଚାଳନା ନେଇ ବିଜେଡି ଷ୍ଟାର କ୍ୟାମ୍ପେନର ବୈଠକ

ଝାରସୁଗୁଡ଼ା ଅଫିସ,୧୮।୫

ବ୍ରଜରାଜନଗର ଉପନିର୍ବାଚନ ଆସନ୍ତା ୩୧ତାରିଖରେ ହେବାକୁ ଥିବାବେଳେ ବିଭିନ୍ନ ରାଜନୈତିକ ଦଳ ନିର୍ବାଚନ ଲଢେଇ ପାଇଁ ରଣନୀତି ପ୍ରସ୍ତୁତ କରି ପ୍ରଚାର ଆରମ୍ଭ କରିଦେଲେଣି। ଏଥିରେ ପ୍ରମୁଖ ୩ ଦଳ ବିଜେଡି, ଭାଜପା ଓ କଂଗ୍ରେସ ରହିଛନ୍ତି। ଦଳୀୟ କର୍ମୀମାନଙ୍କୁ ନେଇ ରଣନୀତି ପ୍ରସ୍ତୁତିରେ ବିଜେଡି ଆଗରେ ରହିଥିବା କୁହାଯାଉଛି। ଦଳୀୟ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ନେତୃବୃନ୍ଦ ଜିଲାରେ ଘନଘନ ବୈଠକ କରି ରଣନୀତି ସମ୍ପର୍କରେ ଗୁରୁମନ୍ତ୍ର ଦେଉଥିବା ଦେଖିବାକୁ ମିଳୁଛି। ନିର୍ବାଚନ ପରିଚାଳନା ପାଇଁ ବିଜେଡି ତରଫରୁ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ଏକ ୪୦ଜଣିଆ ଷ୍ଟାର କ୍ୟାମ୍ପେନର କମିଟି ଗଠନ କରାଯାଇଛି। ଏହି କମିଟିକୁ ପର୍ଯ୍ୟାୟକ୍ରମେ ବ୍ଲକ୍ ଓ ପୌରାଞ୍ଚଳର ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଦାୟିତ୍ୱରେ ଥିବା କମିଟି ସଦସ୍ୟ ଓ ସ୍ଥାନୀୟ କର୍ମୀଙ୍କ ମଧ୍ୟରେ କିଭଳି ସମନ୍ୱୟ ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଝାରସୁଗୁଡା ସହରର ଏକ ହୋଟେଲ୍‌ରେ ବୁଧବାର ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଲଖନପୁର ବ୍ଲକ ୩୩ ପଞ୍ଚାୟତ ଓ ଝାରସୁଗୁଡା ବ୍ଲକ୍‌ର ୫ ପଞ୍ଚାୟତର ଜନପ୍ରତିନିଧି ଓ ଦଳୀୟ କର୍ମୀ ଯୋଗଦେଇଥିଲେ। କମିଟି ସଦସ୍ୟଙ୍କ ମଧ୍ୟରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଜିଲା ପର୍ଯ୍ୟବେକ୍ଷକ ତଥା କଟକ ମେୟର ସୁବାସ ସିଂ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ରୋହିତ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ, ପ୍ରୀତିରଞ୍ଜନ ଘଡେଇ, ପ୍ରଶାନ୍ତ ବେହେରା, ପୁଷ୍ପେନ୍ଦ୍ର ସିଂଦେଓ, ପୂର୍ବତନ ଏମ୍‌ପି କଳିକେଶ ସିଂହଦେଓ, ପୂର୍ବତନ ବିଧାୟକ ଯୋଗେଶ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା ଷ୍ଟାର କ୍ୟାମ୍ପେନର କମିଟି ସଦସ୍ୟମାନେ।

# ଶ୍ମଶାନ ଯାଇ ଭୋଟ ଭିକ୍ଷା

**ବ୍ରଜରାଜନଗର ଉପନିର୍ବାଚନ**

ବ୍ରଜରାଜନଗର, ୧୮।୫(ଡି.ଏନ୍.ଏ.)

ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ବ୍ରଜରାଜନଗର ଉପନିର୍ବାଚନରେ ୧୧ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି। ସେମାନଙ୍କ ମଧ୍ୟରୁ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହେବ। ଏଥିପାଇଁ ବିଭିନ୍ନ ଦଳ ସେମାନଙ୍କ ରଣକୌଶଳ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଏ କ୍ଷେତ୍ରରେ ପାଦେ ଆଗକୁ ଯାଇ କଂଗ୍ରେସ ପ୍ରାର୍ଥୀ କିଶୋର ପଟେଲ ବ୍ରଜରାଜନଗର ଶ୍ମଶାନ ଘାଟକୁ ଯାଇ ଭୋଟ ଭିକ୍ଷା କରିଛନ୍ତି। ସୂଚନା ଅନୁଯାୟୀ, ବ୍ରଜରାଜନଗର ପୌରାଞ୍ଚଳ ହରିଓମ୍ ବିହାରର ଜଣେ ମାରୱାଡ଼ି ସମ୍ପ୍ରଦାୟର ଯୁବକଙ୍କ ଅକାଳ ମୃତ୍ୟୁ ଘଟିଥିଲା। ତାଙ୍କ ସଂସ୍କାର କାର୍ଯ୍ୟ ଚାଲିଥିବା ସମୟରେ କିଶୋର ସେଠାରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଶେଷ ନିର୍ବାଚନ ଲଢୁଥିବାରୁ ତାଙ୍କୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ। ଏହି ଘଟଣା ବ୍ରଜରାଜନଗର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଐତିହ୍ୟ, କୀର୍ତ୍ତିରାଜି ସୁରକ୍ଷାରେ ରାଜ୍ୟ ସରକାର ବିଫଳ: ସମ୍ବିତ

**ପୁରୀ ଅଫିସ,୧୮।୫:** ଇତିହାସ, ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ। ଏହା ସୁରକ୍ଷିତ ରହିନପାରିଲେ ଭବିଷ୍ୟତ ପିଢ଼ୀ ଆମକୁ କ୍ଷମା କରିବେ ନାହିଁ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧିନରେ ଯେଉଁଭଳି ବେଆଇନ ନିର୍ମାଣ କାର୍ଯ୍ୟ ଚାଲୁଛି ତାହା ଆଦୌ ଗ୍ରହଣୀୟ ନୁହେଁ। ପ୍ରକଳ୍ପ ଆରମ୍ଭ ବେଳେ ଯେଉଁ ଆଶଙ୍କା ହେଉଥିଲା ଏହାର ବାସ୍ତବ ପ୍ରତିଫଳନ ହୋଇଛି। ଶ୍ରୀମନ୍ଦିର ପରିଧି ମଧ୍ୟରୁ ଏମାର ମଠ ଖନନ ସ୍ଥଳୀରୁ ସିଂହମୂର୍ତ୍ତିର ଭଗ୍ନାବଶେଷ ମିଳିବା ଚିନ୍ତାଜନକ ପ୍ରସଙ୍ଗ ବୋଲି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି। ସେ ଆହୁରି କହିଛନ୍ତି ମିଳିଥିବା କୀର୍ତ୍ତିରାଜି କେବଳ ଭଗ୍ନ ସିଂହ ମୂର୍ତ୍ତି ନୁହେଁ, ବରଂ ଓଡ଼ିଆ ଜାତିର ଇତିହାସ, ପ୍ରତୀକ ଓ ସ୍ୱାଭିମାନ। ବିନା ଅନୁମତିରେ କାର୍ଯ୍ୟ ହେଉଥିବା ବାରମ୍ବାର ତାଗିଦ ସତ୍ତ୍ୱେ ମଧ ରାଜ୍ୟ ସରକାର ଶୁଣିଲେ ନାହିଁ। ସଂପ୍ରତି ଐତିହ୍ୟ ଓ ଇତିହାସକୁ ନେଇ ପ୍ରଶ୍ନ ଉଠୁଛି। ନୂଆଦିଲ୍ଲୀଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଭଳି ପ୍ରତିକ୍ରିୟା ସମ୍ବିତ ରଖି ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଛନ୍ତି। ପରିକ୍ରମା ପ୍ରକଳ୍ପ ଖନନ ପୂର୍ବରୁ ଗ୍ରାଉଣ୍ଡ ପେନେଟ୍ରେଟିଂ ସର୍ଭେ କରାଗଲା ନାହିଁ। ବେଆଇନ ଖନନ ଦ୍ୱାରା କଣ କ୍ଷତି ହେବ ତାହା ଯାଞ୍ଚ ହେଲା ନାହିଁ। ବଡ଼ ବଡ଼ ମେସିନ ଦ୍ୱାରା ଖନନ କରାଗଲା, ଯାହା ଫଳରେ ପ୍ରାଚୀନ କିର୍ତ୍ତୀରାଜି ମାଟିରେ ମିଶିଗଲା। ବୈଜ୍ଞାନିକ ପଦ୍ଧତିକୁ ବାଦ ଦେଇ ବିନା ଅନୁମତିରେ ରାଜ୍ୟ ସରକାର ଖନନ କାର୍ଯ୍ୟ ଆଗକୁ ବଢ଼ାଇଲେ। ଆମ ଐତିହ୍ୟକୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ହାଇକୋର୍ଟରେ ଦାଖଲ ହୋଇଥିବା ଏଏସଆଇ ସତ୍ୟପାଠରୁ ଏହା ସ୍ପଷ୍ଟ ହୋଇଛି ବୋଲି ସମ୍ବିତ୍ କହିଛନ୍ତି।

ତେବେ ସମ୍ବିତଙ୍କ ଏଭଳି ଅଭିଯୋଗକୁ ଭିତ୍ତିହୀନ କହିବା ସହ ଖନନ ପୂର୍ବରୁ ଜିପିଆରଏସ୍ ସର୍ଭେ କରାଯାଇଥିବା ଦୁଇଟି ଫଟୋ ପୋଷ୍ଟ କରି ଦାବି କରିଛନ୍ତି ପୁରୀ ଏମ୍‌ପି ପିନାକୀ ମିଶ୍ର। ଟୁଇଟ୍ କରି ସେ କହିଛନ୍ତି, ଦସ୍ତାବିଜ ଅନୁଯାୟୀ, ଜିପିଆରଏସ୍ ସର୍ଭେ କରାଯାଇଛି। ବିନା ଜିପିଆରଏସ୍‌ରେ ଖନନ କରାଯାଉଥିବା ଅଭିଯୋଗ ସମ୍ପୂର୍ଣ୍ଣ ରୂପେ ଭିତ୍ତିହୀନ। ହାଇକୋର୍ଟ ସତ୍ୟପାଠରେ ଏହି ପ୍ରସଙ୍ଗରେ ସ୍ପଷ୍ଟତା ଆସିଯିବ। ଆମମାନଙ୍କୁ ସ୍ୱଳ୍ପ ଧୈର୍ଯ୍ୟର ଆବଶ୍ୟକତା ରହିଛି। ମିଛ ଦାବି କରି ଶ୍ରୀମନ୍ଦିର ପରିକ୍ରମା, ଶ୍ରୀମନ୍ଦିର ସୁରକ୍ଷା ଓ ସଂରକ୍ଷଣ ଭଳି ବିକାଶ କାର୍ଯ୍ୟରେ ବାଧା ପହଞ୍ଚାଉଥିବା ବ୍ୟକ୍ତିମାନଙ୍କୁ ଇତିହାସ ଚିହ୍ନଟ କରିରଖିବ। କେତେଜଣ ବ୍ୟକ୍ତି ଓ ଦଳ ସ୍ୱାର୍ଥସାଧନ, କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଏଭଳି କରୁଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଶ୍ରୀମନ୍ଦିର ପାଇଁ ସମସ୍ତ ରାଜନୈତିକ ବ୍ୟକ୍ତି ଦଳୀୟ ଓ ବ୍ୟକ୍ତିଗତ ଆଭିମୁଖ୍ୟରୁ ଊର୍ଦ୍ଧ୍ୱକୁ ଉଠି ନିଷ୍ପତ୍ତି ନିଅନ୍ତୁ।

## ଧୈର୍ଯ୍ୟ ରଖ, ସତ୍ୟପାଠରେ ସବୁ ସ୍ପଷ୍ଟ ହେବ: ପିନାକୀ ମିଶ୍ର

# କର୍ମୀ ସମ୍ମିଳନୀ କରି ପ୍ରଚାର

ବ୍ରଜରାଜନଗର,୧୮।୫(ଡି.ଏନ.ଏ.)

ବ୍ରଜରାଜନଗର ପୌରାଞ୍ଚଳର ଇଟାଭାଟ, ତିନାଲାଇନ, ଲାଜକୁରା, ନୂଆଡିହି ଆଦି ୱାର୍ଡରେ ବୁଧବାର ବିଜେଡି ତରଫରୁ କର୍ମୀ ସମ୍ମିଳନୀ ମାଧ୍ୟମରେ ନିର୍ବାଚନ ପ୍ରଚାର କରାଯାଇଥିଲା। ମନ୍ତ୍ରୀ ପ୍ରତାପ ଜେନା, ସଞ୍ଜୟ ଦାସ ବର୍ମା, ବିଧାୟକ ଦେବେଶ ଆଚାର୍ଯ୍ୟ, ବରିଷ୍ଠ ନେତା ବିଶ୍ୱନାଥ ନାୟକ, ପ୍ରାର୍ଥିନୀ ଅଳକା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଲୋକାଭିମୁଖୀ ଯୋଜନା ତଥା ଅଞ୍ଚଳର ବିକାଶ ସମ୍ପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ନଗର ସଭାପତି ରାଧାକାନ୍ତ ପ୍ରଧାନ ପରିଚାଳନା କରିଥଲେ।

# ୪ ଜିଲାର ଭାଜପା କାର୍ଯ୍ୟକର୍ତ୍ତା ଧାରଣାରେ ସାମିଲ




ଭାଜପା କାର୍ଯ୍ୟକର୍ତ୍ତାଙ୍କ ଧାରଣା।

## ଏମ୍‌କେସିଜି ବଞ୍ଚାଅ ଆନ୍ଦୋଳନ

### ■ଶାସକ ଦଳ କହିଲା ମହଙ୍ଗା ମାଡ଼ରୁ ବର୍ତ୍ତିବା ପାଇଁ ନାଟକ

ବ୍ରହ୍ମପୁର ଅଫିସ,୧୮।୫

ଏମ୍‌କେସିଜି ମେଡିକାଲ ବଞ୍ଚାଅ ଦାବି ନେଇ ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପାର ଗଣଧାରଣା, ବିକ୍ଷୋଭ ବୁଧବାର ଦ୍ୱିତୀୟ ଦିବସ ବିତିଛି। ଏଥିରେ ଦକ୍ଷିଣାଞ୍ଚଳର ଘୁମୁସର, କନ୍ଧମାଳ, ଗଜପତି ଜିଲାର ନେତା ଓ କର୍ମୀ ସାମିଲ ହୋଇଥିବାରୁ ଆନ୍ଦୋଳନ ତେଜିବାରେ ଲାଗିଛି। ଅପରପକ୍ଷରେ ବିରୋଧୀ ଦଳର ଏହି ଆନ୍ଦୋଳନକୁ ମେଡିକାଲ କର୍ତ୍ତୃପକ୍ଷ ଆଦୌ ଗୁରୁତ୍ୱ ଦେଇ ନ ଥିବା ଲକ୍ଷ୍ୟ କରାଯାଇଛି। ଶତାଧିକ କର୍ମୀ ପ୍ରଚଣ୍ଡ ଖରା ଓ ତାତିରେ ଧାରଣା ଦେଉଥିବା ସତ୍ତ୍ୱେ ଡାକ୍ତରଖାନା କର୍ତ୍ତୃପକ୍ଷ ଥରେ ବି ଧାରଣାସ୍ଥଳକୁ ଆସି ଦାବି ସମ୍ପର୍କରେ ଆଲୋଚନା କରି ନ ଥିବା ଉଦ୍‌ବେଗର କାରଣ ହୋଇଛି।

ବିରୋଧୀଙ୍କ ଏହି ଆନ୍ଦୋଳନକୁ ଶାସକ ଦଳ ଭିନ୍ନ ଭାବରେ ତାଚ୍ଛଲ୍ୟ କରିଛି। ତୈଳ ସମେତ ସମସ୍ତ ପଦାର୍ଥର ମହଙ୍ଗା ମାଡ଼ରେ ସାଧାରଣ ଲୋକେ ଅତିଷ୍ଠ ହୋଇଯାଇଛନ୍ତି ଏବଂ କେନ୍ଦ୍ର ସରକାର ଓ ଭାଜପା ପ୍ରତି ବିମୁଖ ହୋଇଯାଇଛନ୍ତି। ଜନ ଅସନ୍ତୋଷକୁ ବାଟବଣା କରିବା ଅଭିପ୍ରାୟରେ ଏଭଳି ନାଟକ ଚାଲିଥିବା କୁହାଯାଇଛି। ବିଜେଡିଶାସନରେ ଏମ୍‌କେସିଜିର ବହୁମୁଖୀ ବିକାଶ ହୋଇଛି ଏବଂ ସ୍ୱାସ୍ଥ୍ୟ ସେବାରେ ସ୍ୱଚ୍ଛତା ଆଣିବା ନିମନ୍ତେ ଅନେକ ପଦକ୍ଷେପ ନିଆଯାଇଛି। ତେଣୁ ଭାଜପାର ଆନ୍ଦୋଳନ ଲୋକଦେଖାଣିଆ ହୋଇଥିବା କଟାକ୍ଷ କରାଯାଇଛି।

ଆନ୍ଦୋଳନ ସ୍ଥଳରେ ବିଭୂତି ଜେନା, କାହ୍ନୁ ଚରଣ ପତି, ଭାରତୀ ବେହେରା, ରଞ୍ଜନ ପଲେଇ, ଗୋକୁଳାନନ୍ଦ ମଲ୍ଲିକ, ମମତାମୟୀ ରଣା, ସୁନୀଲ ସାହୁ, ପ୍ରଭାତ ଷଡ଼ଙ୍ଗୀ, ମହନ୍ତ ଚିନ୍ମୟାନନ୍ଦ ମହାରାଜ, ସରୋଜ ସାବତ, ସିଦ୍ଧାନ୍ତ ଗଙ୍ଗଦେବ, ଗଦାଧର ସ୍ୱାଇଁ ଓ ଅନ୍ୟମାନେ ଉଦ୍‌ବୋଧନ ଦେଇଥିଲେ। ବଡ଼ ଡାକ୍ତରଖାନା ପ୍ରତି ସରକାରୀ ଅବହେଳା ଅବ୍ୟାହତ ରହିଥିବା ଅଭିଯୋଗ କରି ଶାସକ ଦଳ ଉପରେ ବର୍ଷିଥିଲେ। ଗଞ୍ଜାମରେ ସଡ଼କ ଦୁର୍ଘଟଣା ବଢ଼ିଚାଲିଥିବା ବେଳେ ଟ୍ରମା ୟୁନିଟ ଅଚଳ ଅବସ୍ଥାରେ ଥିବା ସମାଲୋଚନା ସହ ଏହାକୁ ତୁରନ୍ତ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ କରାଯିବାକୁ ଗୁରୁତ୍ୱ ଦିଆଯାଇଥିଲା। ଏମ୍‌କେସିଜିରେ ଖାଲି ପଡ଼ିଥିବା ୧୧୨ ଡାକ୍ତର ପଦ ଅବିଳମ୍ବେ ପୂରଣ କରାଯିବାକୁ ଦାବି ହୋଇଛି। ସମସ୍ୟା ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ପୁଣି ଆନ୍ଦୋଳନ ସୂତ୍ରପାତ ହେବାର ଚେତାବନୀ ଦିଆଯାଇଛି। ଭାଜପାର ଏକ ପ୍ରତିନିଧି ଦଳ ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ୍‌ଙ୍କୁ ଭେଟି ଆଲୋଚନା ସହ ଦାବିପତ୍ର ପ୍ରଦାନ କରିଥିଲେ।


**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No.4618 /P.S.C., Dt.17.05.22**
**PF-1E-11-2021/22 (DR-III)**

**No.D-45:** It is for information of all concerned that, pursuant to Advt. No.24 of 2021-22, 09 (Nine) candidates bearing following PPSAN have been allowed to face the interview to determine their eligibility for recruitment to the post of **Post Graduate Teachers in Anthropology.** The Interview in respect of the following candidates will be held in the office of the Commission, 19 Dr. P.K. Parija Road, Cuttack-753001 on 26.05.2022 as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of candidates |
|---|---|---|---|
| 1 | 26.05.2022 | 10.30 A.M. | 00118299,00122461, 00086757, 00122355, 00087761, 00094374, 00089187, 00131422 & 00133035 = **09 Candidates** |

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.
The candidates are advised to report in the office of the Commission **half an hour before the commencement of interview** on the scheduled date and time as mentioned above.
**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**Sd./- Secretary**
**OIPR-12002/11/0055/2223**

**OFFICE OF THE EXECUTIVE ENGINEER, RURAL WORKS DIVISION, BARGARH**
**Email: rd_bgh@yahoo.co.in, Gmail: rwd.bgh@gmail.com**
**No. O-233** **e-Procurement Notice No. ONLINE-BGH-03 of 2022-23**

| | | | |
|---|---|---|---|
| 1 | Name of the work | : | Periodical Renewal works during 2022-23 in the district of Bargarh. |
| 2 | EMD | : | Bid Security Declaration |
| 3 | Other Details | : | As per DTCN |

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-02 of 2022-23 | 24.05.2022 at 11.00 A.M. | 02.06.2022 upto 5.00 P.M. | 02.06.2022 upto 1.00 P.M. | 04.06.2022 at 11.00 A.M. |

Further details can be seen from the website **www.tendersorissa.gov.in**.
**OIPR-25062/11/0004/2223** **Sd./- Executive Engineer, R.W. Division, Bargarh**

**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No.4622 /P.S.C., Dt.17.05.22**
**PF-1E-11-2021/22 (DR-III)**

**No.D-46:** It is for information of all concerned that, the following PPSAN bearing candidates for recruitment to the post of **Post Graduate Teachers in Anthropology**, pursuant to Advt. No.24 of 2021-22 have their candidature rejected on the ground noted below.

| Sl. No. | PPSAN No. | Reason |
|---|---|---|
| 1 | 00025007, 00093216, 00121069 & 00040672 = **04 Candidates** | Absent on the date for physical verification of documents |

**Sd./- Secretary**
**OIPR-12002/11/0057/2223**

**GOVERNMENT OF ODISHA** No. O-229
**"e" PROCUREMENT NOTICE**
**Bid Identification No. Online-AGL-01 of 2022-2023**

1. Name of the work : Road works & Building Work
2. Estimated Cost : Rs.5.89 to Rs.83.48 lakhs
3. Period of Completion : 02 (Two), 03 (Three) & 05 (Five) Calendar Months
4. Date & time of availability of bid document in the portal : From 20.05.2022 to 02.06.2022 upto 5.00 P.M.
5. Last date/time for receipt of bids in the portal : 02.06.2022 upto 5.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website **www.tendersorissa.gov.in**.

**Sd./- Executive Engineer**
**R.W. Division, Angul**
**OIPR-25096/11/0002/2223**

**ODISHA STATE CIVIL SUPPLIES CORPORATION LIMITED**
**BALASORE**
No. 1412 Dated: 17.05.2022
**CORRIGENDUM NOTICE**

No. CAD-529: In pursuance of Order dated 09.05.2022 of Hon'ble High Court of Odisha, Cuttack in W.P. (C) No. 11585 of 2022 and W.P. (C) No. 11622 of 2022, the Notice inviting Tender No. 1239 Dtd.22.04.2022 floated for selection and appointment of Level-II contractor for transportation of Custom Milled Rice (CMR) from Rice Receiving Center (RRC) to Retail Center (FPS) for Balasore district is hereby quashed.

**Sd./- District Manager,**
**OSCSC Ltd., Balasore**
**OIPR-07018/11/0002/2223**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**
**E-mail: rw_sundargarh@yahoo.co.in**
**No. O-232** **E-PROCUREMENT NOTICE**
**BID IDENTIFICATION NO. ONLINE-SESNG-08 OF 2022-23**

1. Name of the Work : Road Works
2. Total No. of Works : 13 Nos. Roads
3. Estimated Cost : Rs.7.43 lakhs to Rs.42.48 lakhs
4. Class of Contractor : 'C' & 'B', 'D', "A"
5. Period of Completion : 01 & 02 Calendar Months
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online - SESNG-08 of 2022-23 | 20.05.2022 10.00 A.M. | 04.06.2022 05.30 P.M. |

Further details can be seen from the website **www.tendersorissa.gov.in**.
**Sd./- Superintending Engineer**
**Rural Works Division, Sundargarh**
**OIPR-25046/11/0009/2223**

## ସଂକ୍ଷେପରେ

### ଗ୍ରାମ୍ୟ ନିର୍ମାଣ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ଭେଟି ବିଭିନ୍ନ ଦାବି ଜଣାଇଲେ ମଙ୍ଗଳା

ସୁନ୍ଦରଗଡ଼,୧୮।୫(ଡି.ଏନ.ଏ): ପୂର୍ବତନ ମନ୍ତ୍ରୀ, ପୂର୍ବତନ ସାଂସଦ, ରାଜଗାଙ୍ଗପୁରର ପୂର୍ବତନ ବିଧାୟକ ତଥା ବର୍ତ୍ତମାନ ରାଜ୍ୟ ବିଜୁ ଜନତା ଦଳର ଉପସଭାପତି ମଙ୍ଗଳା କିଷାନଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ଗ୍ରାମ୍ୟ ନିର୍ମାଣ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବି. ସେଠୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ରାଜଗାଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ଆଲୋଚନା କରିବା ସହିତ ଉକ୍ତ କାର୍ଯ୍ୟଗୁଡିକ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଦାବି କରିଥିଲେ। ଦାବିଗୁଡିକ ମଧ୍ୟରେ ଦୁଇଟି ଅସମ୍ପୂର୍ଣ ରାସ୍ତା ଜରେଇକେଲା ଗ୍ରାମ ପଞ୍ଚାୟତର ମାଲିଡିହି ଠାରୁ ଲୋଧାବସା ଏବଂ ଛତାମ ଗ୍ରାମ ପଞ୍ଚାୟତର ଖଟାଙ୍ଗ ଠାରୁ କୁଲେଇପିଠା ରାସ୍ତା ଦୁଇଟା ସହିତ କୁତ୍ରା ବ୍ଲକର ତିନୋଟି ବ୍ରିଜ, ଲୋଧାବସା ଠାରୁ ବିହାମ ରାସ୍ତା, ରାନିବନ୍ଧ ଠାରୁ ଲାଇଂ ରାସ୍ତା ଏବଂ ଗର୍ବନା ଠାରୁ ତିଳେଇମାଲ ରାସ୍ତାରେ ତିଆରି ହେବାକୁ ଥିବା ଅଲଣ୍ଡା ବ୍ରିଜକୁ ଶୀଘ୍ର ସମ୍ପୂର୍ଣ କରିବା ଉପରେ ଆଲୋଚନା କରିବା ସହିତ ଶୀଘ୍ର ସମ୍ପୂର୍ଣ କରିବାକୁ ଦାବି କରିଥିଲେ। ଦାବିଗୁଡିକ ଶୁଣିବା ପରେ ଉକ୍ତ କାର୍ଯ୍ୟଗୁଡିକ ଖୁବ ଶୀଘ୍ର ଆରମ୍ଭ ହେବ ବୋଲି ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ମଙ୍ଗଳା କିଷାନଙ୍କ ସହିତ ବିଜେଡିର ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀ, ରାଜଗାଙ୍ଗପୁର ବ୍ଲକ ବିଜେଡି ସଭାପତି ରାମ କୁଜୁର ଏବଂ ବିଜେଡି ନେତା ଶରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ୬ବର୍ଷ ପରେ ଫେରାର ବଳାତ୍କାର ଅଭିଯୁକ୍ତ ଗିରଫ

ଲହୁଣୀପଡ଼ା,୧୮।୫(ଡି.ଏନ.ଏ): ଜନୈକା ନାବାଳିକାଙ୍କୁ ବଳାତ୍କାର କରି ଫେରାର ଥିବା ଅଭିଯୁକ୍ତଙ୍କୁ ଲହୁଣୀପଡା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଦେବଗଡ଼ ଜିଲା ବାରକୋଟ ବ୍ଲକ ଝରା ଗୁଗୁଆ ଗ୍ରାମର ରଞ୍ଜିତ ଓରଫ ରିଙ୍କୁ ସେଠୀ( ୨୭) ନାମକ ଜଣେ ଯୁବକ ଲହୁଣୀପଡା ଥାନା ଅନ୍ତର୍ଗତ ନୂଆଁଡିହି ଗ୍ରାମରେ ଥିବା ଏକ ହଲରରେ କାମ କରୁଥିଲେ। ସେହି ଗ୍ରାମର ଜଣେ ନାବାଳିକା ଧାନ ପେସେଇବା ପାଇଁ ଆସି ଥିବାବେଳେ ଏକୁଟିଆ ସୁଯୋଗ ନେଇ ନାବାଳିକା ସହିତ ରିଙ୍କୁ ସେଠୀ ବିଭିନ୍ନ ପ୍ରଲୋଭନ ଦେଖାଇ କଥାବାର୍ତ୍ତା କରୁଥିଲା। ଉଭୟଙ୍କ ମଧରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ନାବାଳିକାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ତା ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲା। ନାବାଳିକା ଗର୍ଭବତୀ ହେବା କଥା ଜାଣିବା ପରେ ଯୁବକ ଜଣକ ବାହାନା କରି ସେଠାରୁ ଫେରାର ହୋଇଯାଇଥିଲା। କିଛି ଦିନ ପରେ ସେ ଗୁଜରାଟକୁ ଯାଇ ସେଠାରେ କାମ କରୁଥିଲା। ନାବାଳିକା ଝିଅର ଏ ଭଳି ଘଟଣା ଜାଣିବା ପରେ ନାବାଳିକାର ବାପମାଆ ଆସି ୧୮।୧୨।୨୦୧୬ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇ ଥିଲେ ମଧ ଅଭିଯୁକ୍ତ ରିଙ୍କୁ ସେଠୀ କୁ ଗିରଫ କରି ପାରି ନ ଥିଲେ। ରିଙ୍କୁ ସେଠୀ ୬ ବର୍ଷ ପରେ ଗାଁକୁ ଆସିଥିବା ଖବର ପାଇ ପୋଲିସ ଚଢାଉକରି ଗିରଫ କରିଛି।

# ପାଣି ପାଇପ୍ ବିଛା ନାମରେ ଦେଢ଼ଲକ୍ଷ ଚଳୁ

ସୁନ୍ଦରଗଡ଼,୧୮।୫ (ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ବନଡେଗା ପଞ୍ଚାୟତର କଣ୍ଟାବାହାଲ ଚାଉଳ ବଣ୍ଟନ କେନ୍ଦ୍ରଠାରେ ଲୋକଙ୍କୁ ପିଇବା ପାଣି ଯୋଗାଇବା ପାଇଁ ହୋଇଥିବା ପାଇପ୍ ବିଛା କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଚାଉଳ ବଣ୍ଟନ କେନ୍ଦ୍ରଠାରୁ ପ୍ରାୟ ଦେଢ ଶହ ମିଟର ଦୂରରେ ଥିବା ସୋଲାର ନଳକୂପ ଟାଙ୍କିରୁ ପାଣି ଯୋଗାଣ ପାଇଁ ପଞ୍ଚଦଶ ଅର୍ଥ କମିଶନ ପାଣ୍ଠିରୁ ୨୦୨୧ -୨୨ ଆର୍ଥିକ ବର୍ଷରେ ଦେଢଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ସୋଲାର ପାଇପ୍ ଜଳଯୋଗାଣ



କଣ୍ଟାବାହାଲରେ ଥିବା ସୋଲାର ନଳକୂପ।

କାର୍ଯ୍ୟ କରାଯାଇଛି। ମାତ୍ର ଏଥିପାଇଁ ୧ଇଞ୍ଚ ମୋଟର ପାଇପ୍ ବିଛା ଯାଇ ଖୋଲାଖୋଲି ୧ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ଦେଖାଇ ଅର୍ଥ ଚଳୁ କରାଯାଇଛି। ୧୫୦ମିଟର ପାଇପ୍ ସଂଯୋଗ ପାଇଁ ସାଧାରଣରେ ୫ରୁ ୧୦ହଜାର ଟଙ୍କା ମାତ୍ର ଖର୍ଚ୍ଚ ହେଉଥିବା ବେଳେ ଦେଢଲକ୍ଷ ଟଙ୍କା କିପରି ଖର୍ଚ୍ଚ

**ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ଗ୍ରାମବାସୀ**

ହୋଇଥିବା ଦର୍ଶାଯାଇଛି ସେ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ରାସ୍ତା ପାର୍ଶ୍ୱରେ ଏହି ପାଇପ୍ ସଂଯୋଗ କରାଯାଇ ଖୋଲାଖୋଲି ସରକାରୀ ଅର୍ଥ ଚଳୁ କରାଯାଇଥିଲେ ହେଁ କୌଣସି ଅଧିକାରୀଙ୍କ ଏଥିପ୍ରତି ଦୃଷ୍ଟି ନ ପଡିବା ମଧ୍ୟ ସନ୍ଦେହ ସୃଷ୍ଟି କରୁଛି। ଏଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ଗ୍ରାମବାସୀ ଦାବି କରିଛନ୍ତି।

# ପ୍ରଥମ ପଞ୍ଚାୟତ ସମିତି ବୈଠକ


ବୈଠକରେ ଉପସ୍ଥିତ ଜନପ୍ରତିନିଧି, ଅଧିକାରୀ।

ଲହୁଣୀପଡ଼ା,୧୮।୫(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ସଭା କକ୍ଷ ଠାରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷା ଶୁକମତି ମୁଣ୍ଡା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉପାଧକ୍ଷ ପଣ୍ଡିତ ଚରଣ ମୁଣ୍ଡା ଲହୁଣୀପଡା ବ୍ଲକ (କ)ଜୋନ ଜିଲ୍ଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର ଓ (ଖ) ଜୋନ ଜିଲ୍ଲା ପରିଷଦ ସଦସ୍ୟା ସୁଶିଳା ନାୟକ ସହକାରୀ ଯନ୍ତ୍ରୀ ଦୁର୍ଯୋଧନ କିଷାନ ଗ୍ରାମ ପଞ୍ଚାୟତ ଅଧିକାରୀ ସାରିଆ ଲାକ୍ରା ସାଂସଦ ପ୍ରତିନିଧି ଚେତନ ଦୀପ ନାୟକ ମଞ୍ଚାସୀନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧନାଇ ଚରଣ ଟୁଡୁ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ୧୭ଟି ପଞ୍ଚାୟତର ପ୍ରାୟ ସମିତି ସଭ୍ୟା ସଭ୍ୟ ଓ ସରପଞ୍ଚ ଯୋଗଦେଇ ନିଜ ପଞ୍ଚାୟତର ସମସ୍ୟାଗୁଡିକ ବିଭିନ୍ନ ବିଭାଗର ଅଧିକାରୀମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ସଦର ବ୍ଲକ ଅଧିନସ୍ଥ ଅନେକ ସରକାରୀ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ଥିବାରୁ ସରପଞ୍ଚ ସମିତି ସଭ୍ୟା ସଭ୍ୟ ମାନେ କ୍ଷୋଭ ପ୍ରକାଶ କରିଥିବା ଜଣାପଡିଛି।

### କାରଖାନାରେ ମହିଳା ଶ୍ରମିକଙ୍କ ମୃତ୍ୟୁ

କୁଆଁରମୁଣ୍ଡା,୧୮।୫(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କୁଆଁରମୁଣ୍ଡା-ହାତୀବାରି ରୋଡରେ ଥିବା ଏକ କୋଇଲା ଗେଟି କାରଖାନାରେ ବୁଧବାର ଅପରାହ୍ନ ସାଢେ ୨ଟାରେ କାର୍ଯ୍ୟ କରୁଥିବା ବେଳେ ମେସିନ୍‌ରେ ଚାପି ହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହାତୀବାରି ଥାନା ଓହ୍ଲାଣି ଗ୍ରାମର ପ୍ରଫୁଲ୍ଲ କୁଜୁରଙ୍କ ସ୍ତ୍ରୀ ପ୍ରଭା(୪୮)। ଖବରପାଇ ପୋଲିସ ଉକ୍ତ କାରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ଶବାଗାରରେ ରଖିଛି। ଘଟଣାସ୍ଥଳରେ ଉପସ୍ଥିତ ଅନ୍ୟ ଶ୍ରମିକମାନେ ମୃତ ମହିଳା ଶ୍ରମିକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିବାରୁ ପୋଲିସ ଉପସ୍ଥିତିରେ କାରଖାନା ମାଲିକ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିଛନ୍ତି। ଏହାପରେ ପରିସ୍ଥିତି ଶାନ୍ତ ପଡିଥିଲା। ବୁଧବାର ମହିଳା ଶ୍ରମିକ ଉକ୍ତ କୋଇଲା ଗେଟି କାରଖାନାରେ କାର୍ଯ୍ୟ କରୁଥିଲାବେଳେ ଏକ ମେସିନ୍‌ରେ ତାଙ୍କର ମୁଣ୍ଡ ଚାପି ଦେଇଥିଲା। ଫଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

### ବିଦ୍ୟୁତ୍ ବିଭ୍ରାଟ ନେଇ ଦାବିପତ୍ର

ରାଜଗାଙ୍ଗପୁର,୧୮।୫ (ଡିଏନଏ)

ରାଜଗାଙ୍ଗପୁର ସହରରେ କିଛି ଦିନ ହେବ ବିଦ୍ୟୁତ୍ ବିଭ୍ରାଟ ଲାଗିରହିଛି। ଏହି ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ଘଣ୍ଟା ଘଣ୍ଟା ଧରି କରେଣ୍ଟ ରହୁନାହିଁ ତ ଆଉ କେତେବେଳେ କରେଣ୍ଟ ରହିଲେ ମଧ ଲୋ ଭୋଲଟେଜ ରହୁଛି। ଏଠାକାର ଟାଟା କମ୍ପାନୀର ବିଦ୍ୟୁତ୍ ବିତରଣରେ ବିଭ୍ରାଟ ପାଇଁ ସାଧାରଣ ଜନତା ବହୁ ମାତ୍ରାରେ ହଇରାଣ ହରକତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ରାଜଗାଙ୍ଗପୁର ପୌରଧକ୍ଷା ମାଧୁରୀ ଲୁଗୁନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜଗାଙ୍ଗପୁର ବିଦ୍ୟୁତ୍ କାର୍ଯ୍ୟାଳୟ ଯାଇ ନିର୍ବାହୀ ଯନ୍ତ୍ରୀଙ୍କୁ ଘେରାଉ କରିବା ସହ ଟାଟା ପାୱାର କମ୍ପାନୀର ନିମ୍ନମାନର ବିଦ୍ୟୁତ୍ ସେବା ଯୋଗାଣ ଓ ନିମ୍ନମାନର ପରିଚାଳନା ପାଇଁ କ୍ଷୋଭ ପ୍ରକାଶ କରିବା ସହ ଏକ ୮ ଦଫା ବିଶିଷ୍ଟ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଚିକିତ୍ସାଧୀନ ଶିଶୁକନ୍ୟା ସ୍ନେହାକୁ ଭେଟିଲେ ଲିଗାଲ ରାଇଟ୍ସ କାଉନସିଲର ରାଜ୍ୟ ସଭାନେତ୍ରୀ


ଶିଶୁକୁ ଭେଟୁଛନ୍ତି ରାଜ୍ୟ ସଭାନେତ୍ରୀ ଅରୁନ୍ଧତୀ କୁମାରୀ ଦେବୀ।

ଦେବଗଡ଼,୧୮।୫(ଡି.ଏନ.ଏ.)

ନିଆଁରେ ଅର୍ଦ୍ଧଦଗ୍ଧ ହୋଇ କଟକ ସ୍ଥିତ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସପିଟାଲରେ ଚିକିତ୍ସିତ ହେଉଥିବା ଦେବଗଡ଼ ଜିଲା ଚକ୍ରପାଲି ଗ୍ରାମର ୭ବର୍ଷର ଶିଶୁକନ୍ୟା ସ୍ନେହାକୁ ବୁଧବାର ଲିଗାଲ ରାଇଟ୍ସ କାଉନଶିଲର ରାଜ୍ୟ ସଭାନେତ୍ରୀ ଅରୁନ୍ଧତୀ କୁମାରୀ ଦେବୀ ସାକ୍ଷାତକରି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ସ୍ନେହାର ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେହିପରି ସ୍ନେହାର ଚିକିତ୍ସା ଏବଂ ଆଗାମୀ ଦିନରେ ହେବାକୁ ଥିବା ପ୍ଲାଷ୍ଟିକ ସର୍ଜରୀ ସମ୍ବନ୍ଧରେ ଚିକିତ୍ସାକାରୀ ଡାକ୍ତର ଏନ.ସି. ଦାସଙ୍କ ସହିତ ମଧ ଆଲୋଚନା କରିଥିବା ଜଣାପଡିଛି। ସ୍ନେହାର ମନୋରଞ୍ଜନ ନିମନ୍ତେ ଅରୁନ୍ଧତୀ କୁମାରୀ କିଛି ଖେଳନା ମଧ ଉପହାର ଦେଇଥିବା ସୂଚନା ମିଳିଛି। ଏଠାରେ ସୂଚନା ଯୋଗ୍ୟ ଯେ, ଚିକିତ୍ସା ଅଭାବରୁ ଦେବଗଡ଼ ଜିଲା ବାରକୋଟ ବ୍ଲକ ଚକ୍ରପାଲି ଗ୍ରାମର ୭ ବର୍ଷର ଅସହାୟ ଶିଶୁ କନ୍ୟା ସ୍ନେହା ବିଛଣାରେ ପଡି ଜ୍ୱାଳା ଯନ୍ତ୍ରଣାରେ ଛଟପଟ ହେଉଥିଲା। ଗତ ୨୪ ତାରିଖ ବିଭିନ୍ନ ଗଣମାଧମରେ ଏ ସମ୍ପର୍କୀତ ଖବର ପ୍ରକାଶିତ ହେବା ପରେ ୨୫ ତାରିଖ ସକାଳେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶ କ୍ରମେ ସ୍ନେହାଙ୍କୁ ଅବିଳମ୍ବେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟର ଶୀତତାପ ନିୟନ୍ତ୍ରିତ କ୍ୟାବିନରେ ଭର୍ତ୍ତି କରାଯାଇଥିଲା। ସ୍ନେହାର ଚିକିତ୍ସା ନିମନ୍ତେ ବାରକୋଟ ବ୍ଲକ ପ୍ରଶାସନ ଓ ଓଡିଶା ଜୀବିକା ମିଶନ କର୍ତ୍ତୃପକ୍ଷ ୪୦ ହଜାର ଟଙ୍କା ଆର୍ଥୀକ ସହାୟତା ମଧ ପ୍ରଦାନ କରିଥିଲେ। ମାତ୍ର ଗତ ୧ ତାରିଖ ଦିନ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଗିରଫ ହୋଇ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିବା ବେଳେ ଦାୟିତ୍ୱହୀନ ଜିଲା ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଉକ୍ତ ଶୀତତାପ ନିୟନ୍ତ୍ରିତ କ୍ୟାବିନରୁ ଅସହାୟ ସ୍ନେହାକୁ ବାହାର କରି ସାଧାରଣ ୱାର୍ଡକୁ ସ୍ଥାନାନ୍ତର କରିବାସହ ତାଙ୍କ ସ୍ଥାନରେ ବିଧାୟକ ପାଣିଗ୍ରାହୀଙ୍କୁ ଭର୍ତ୍ତି କରିଥିଲେ। ଫଳରେ ଏନେଇ ଜିଲାର ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ସ୍ନେହାକୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବାକୁ ଜିଲାର ବିଭିନ୍ନ ମହଲରେ ଦାବି କରାଯାଇଥିଲା। ସୂଚନା ପାଇ ସର୍ବ ପ୍ରଥମେ ସ୍ଥାନୀୟ 'ହାପି ଟୁ ହେଲ୍ପ ଫାଉଣ୍ଡେସନ' ସ୍ନେହାର ଚିକିତ୍ସା ପାଇଁ ସହଯୋଗର ହାତ ବଢାଇଥିଲା। ଗତ ୪ ତାରିଖ 'ହାପି ଟୁ ହେଲ୍ପ ଫାଉଣ୍ଡେସନ'ର ନିଜସ୍ୱ ଖର୍ଚ୍ଚରେ ଜିଲା ମୁଖ୍ୟ ଚିକିତ୍ସାଳୟର ଅନ୍ୟଏକ ଶୀତତାପ ନିୟନ୍ତ୍ରିତ କ୍ୟାବିନରେ ସ୍ନେହାକୁ ଭର୍ତ୍ତୀ କରିବା ସହ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ସ୍ନେହାର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଜିଲା ଭାଜପା ଦଳର ଏକ ପ୍ରତିନିଧି ଏବଂ ବହୁ ବ୍ୟକ୍ତି ବିଶେଷ ସ୍ନେହା ପାଖରେ ପହଂଚି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବାସହ ତାଙ୍କର ଦୃତ ଆରୋଗ୍ୟ କାମନା କରିଥିଲେ। ଅସହାୟ ସ୍ନେହାର ଚିକିତ୍ସାରେ ଅବହେଳା ନେଇ 'ହାପି ଟୁ ହେଲ୍ପ ଫାଉଣ୍ଡେସନ'ର କର୍ମକର୍ତ୍ତାମାନେ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ଏବଂ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଉଭୟେ ଏଘଟଣାକୁ ଗୁରୁତର ସହ ଗ୍ରହଣ କରିବାସହ କଟକ ସ୍ଥିତ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସପିଟାଲରେ ସ୍ନେହାର ଚିକିତ୍ସା ନିମନ୍ତେ ବ୍ୟବସ୍ଥା କରିଥିଲେ। ୭ ତାରିଖ ଦିନ 'ହାପି ଟୁ ହେଲ୍ପ ଫାଉଣ୍ଡେସନ' ସହାୟତାରେ ସ୍ନେହାଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେଏବେ ସ୍ନହାଙ୍କର ଚିକିତ୍ସା ଚାଲିଛି ଓ ସେ ଧିରେ ଧିରେ ସୁସ୍ଥ ହେଉଥିବା ପରିବାର ଲୋକଙ୍କ ସୂତ୍ରରୁ ସୂଚନା ମିଳିଛି।

# ୫-ଟି ରୂପାନ୍ତରିତ ବିଦ୍ୟାଳୟ ସମୂହ ପ୍ରଧାନ ଶିକ୍ଷକଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ


ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ।

ଦେବଗଡ଼,୧୮।୫(ଡି.ଏନ.ଏ.)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଦେବଗଡ଼ ଜିଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଦେବଗଡ଼ ଜିଲାର ୫-ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟଗୁଡିକର ପ୍ରଧାନ ଶିକ୍ଷକମାନଙ୍କ ନିମନ୍ତେ ଚାଲିଥିବା ୫ ଦିନିଆଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଦ୍ୱିତୀୟ ପର୍ଯ୍ୟାରେ ଚାଲିଥିବା ଉକ୍ତ ୫ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲାର ମୋଟ ୪୪ଜଣ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେତୃତ୍ୱ ଏବଂ ଡିଜିଟାଲ ଦକ୍ଷତା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଦେବଗଡ଼ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଯୋଗଦେଇ ୫-ଟି ବିଦ୍ୟାଳୟର ରୂପାନ୍ତରଣ ପ୍ରକ୍ରିୟାର ସଫଳ ରୂପାୟନ ସମେତ ଶିକ୍ଷକମାନେ ଦାୟିତ୍ୱବୋଧ ଓ କର୍ତ୍ତବ୍ୟନିଷ୍ଠ ହେବା ନିମନ୍ତେ ଉପସ୍ଥିତ ପ୍ରଧାନଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଉପସ୍ଥିତ ରହି ପ୍ରଧାନଶିକ୍ଷକ ପ୍ରଧାନଶିକ୍ଷୟିତ୍ରୀଙ୍କ ମଧରେ ନେତୃତ୍ୱର ବିକାଶ, ଜୀବନ କୌଶଳ, ଶିକ୍ଷଣ କୌଶଳ, ଶୈକ୍ଷିକ ଦକ୍ଷତା ଏବଂ ଡିଜିଟାଲ ମାଧ୍ୟମରେ ଶିକ୍ଷାଦାନ କୌଶଳ ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲା ପ୍ରକଳ୍ପ କାର୍ଯ୍ୟାଳୟ କୁଟର ପ୍ରୋଗ୍ରାମର ଶ୍ରୀନିବାସ ପଣ୍ଡା, କୀର୍ତ୍ତୀ ମହାକୁଳ, ତିଲେଇବଣି ଏମଆଇଏସ ସୁମନ ମହାନ୍ତି, ରିଆମାଳ ଏମଆଇଏସ ଧିରେନ କୁମାର ବେହେରା ଓ ବାରକୋଟ ଏମଆଇଏସ ଅଭୟ କୁମାର ସାହୁ ପ୍ରମୁଖ ପ୍ରଧାନ ଶିକ୍ଷକ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଡିଜିଟାଲ ଦକ୍ଷତା ଓ ପିପିଟି ମାଧମରେ ଶିକ୍ଷାଦାନ ଉପରେ ସରଳ ଭାବେ ବୁଝାଇଥିଲେ। ରାଜା ବାସୁଦେବ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ଓ ରିଆମାଳ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାତ୍ର ପ୍ରଶିକ୍ଷଣ ଉପରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ବିଜ୍ଞାନ ନିରୀକ୍ଷକ ସୁଶୀଲ କୁମାର ପରିଡା, ଜିଲା ଶୈକ୍ଷିକ ଉନ୍ନୟନ ସଂଯୋଜିକା ଜୟଶ୍ରୀ ଅମାତ୍ୟ ଓ ସୁଗୁଡା କ୍ଲଷ୍ଟରର ସିଆରସିସି ପ୍ରାଣବନ୍ଧୁ ଘଡେଇ ପ୍ରମୁଖ ପରିଚାଳନା କରିଥିଲେ।

# ଘରେ ପଶି ମହିଳାଙ୍କ ବେକରୁ ସୁନାହାର ଲୁଟ

ସୁନ୍ଦରଗଡ/ ରାଉରକେଲା ଅଫିସ୍,୧୮।୫

ରାଉରକେଲା ସହର ଉଦିତ ନଗର ବାସନ୍ତୀ କଲୋନୀରେ ବୁଧବାର ସକାଳେ ଘରେ ବସିଥିବା ଜଣେ ୭୫ ବର୍ଷୀୟା ମହିଳାଙ୍କ ବେକରୁ ଜଣେ ଦୁର୍ବୃତ୍ତ ଆସି ସୁନାହାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏନେଇ ମହିଳାଙ୍କ ପୁଅ ଚନ୍ଦନ କବି ଉଦିତନଗର ଥାନାରେ ରିପୋର୍ଟ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ବାସନ୍ତୀ କଲୋନୀସ୍ଥିତ ଫେଜ-୧ କ୍ୱାଟର ନଂ ଏଲ୧୧୨ରେ ତାଙ୍କ ମାଆ ବସିଥିବା ବେଳେ ସକାଳ ପ୍ରାୟ ୫ଟା ୧୫ରୁ ୫ଟା ୪୫ ସମୟରେ ଜଣେ ଦୁର୍ବୃତ୍ତ ବାଇକ ଯୋଗେ ଆସି ଘରଭିତରେ ପଶି ତାଙ୍କ ବେକରୁ ସୁନାହାର ଝାମ୍ପି ନେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଜେଏସ୍‌ଡବ୍ଲ୍ୟୁ ଗଣୁଆ ଲୌହ ଖଣିର ଉତ୍ପାଦନ କ୍ଷମତା ବୃଦ୍ଧି ନିମନ୍ତେ ଜନଶୁଣାଣି

ଟେନ୍‌ସା,୧୮।୫(ଡି.ଏନ୍.ଏ)

ରାଜ୍ୟ ପ୍ରଦୂଷଣ ବିଭାଗ ପକ୍ଷରୁ ସୁନ୍ଦରଗଡ଼ ଜିଲା କୋଇଡା ତହସିଲ ଅନ୍ତର୍ଗତ ଗଣୁଆ ଲୌହ ଖଣି ଉତ୍ପାଦନ ବୃଦ୍ଧି ନିମନ୍ତେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ୧୦୦୦ ଟିପିଏଚ କ୍ଷମତା ବିଶିଷ୍ଟ ସେଣ୍ଟରାଲ ପ୍ରୋସେସିଙ୍ଗ ୟୁନିଟ (ସିପିୟୁ) ସ୍ଥାପନ କରିବା ନିମନ୍ତେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ହୋଇଥିଲା। ମେସର୍ସଏ ଜେଏସଡବ୍ଲ୍ୟୁ.ଷ୍ଟିଲ ଲିମିଟେଡ଼ ପ୍ରସ୍ତାବକ ଏହି ଜନଶୁଣାଣି ବୁଧବାର ଗଣୁଆ ଗ୍ରାମସ୍ଥିତ ଫୁଟବଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣିରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ଶିବଶଙ୍କର ଟପ୍ପୋ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ରାଉରକେଲା ଆଞ୍ଚଳିକ ଅଧିକାରୀ ବିନୋଦ ବିହାରୀ ଦାସ, ବୈଜ୍ଞାନିକ ବିଜୟ କୁମାର ଭୋଇ, ସେକ୍ସନ ଅଫିସର ଅନୁପମ ଦତ୍ତ, ବଣାଇ ଉପଜିଲାପାଳ ପ୍ରଦୀପ କୁମାର ଡାଙ୍ଗ, କୋଇଡା ତହସିଲଦାର ଡିଏସ ଶୁଭଦର୍ଶୀ ଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଖଣି ଉତ୍ପାଦନ କ୍ଷମତା ବୃଦ୍ଧି ହେଲେ ପାରିପାର୍ଶ୍ୱିକ ଅଞ୍ଚଳରେ କି ପ୍ରଭାବ ପଡିବ ଓ ଏହାର କିପରି ପ୍ରତିକାର କରାଯିବ ଏ ସମ୍ପର୍କରେ ଜେଏସ.ଡବ୍ଲ୍ୟୁର ଜି.ଏମ ବିରଜା କିଙ୍କର ଦାସ ଜନସାଧାରଣଙ୍କୁ କମ୍ପାନୀ ପକ୍ଷରୁ ଅବଗତ କରାଇବା ପରେ ଜନସାଧାରଣଙ୍କ ଠାରୁ ମତାମତ ଲୋଡ଼ା ଯାଇଥିଲା। ଗଣୁଆ ଓ ପାଟବେଡା ଗ୍ରାମର ପୂର୍ବତନ ସରପଞ୍ଚ ଦିବାକର ନାଏକ, ସମାଜସେବୀ ବାଦଲ ବାରିକ, ଗୋପାଳ ଚନ୍ଦ୍ର ନାଏକ, ନଳିତା ନାଏକ, ବାଇଧର ନାଏକ, ହଳଧର ଦେହୁରୀ, ଆନନ୍ଦ ବାରିକ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଚେୟାରମ୍ୟାନ ସୁରେଶ ନାଏକ, ଜିଲା ପରିଷଦ "କ' ଶୁଶିଳା ମୁଣ୍ଡା, ମାଲଦା ସରପଞ୍ଚ ସୁରବାଲି ପାତ୍ର, ସାଧୁ ନାଏକ, ଭାନୀ ନାଏକ, ବାସନ୍ତି ନାଏକ ସମେତ ୫୦ ରୁ ଉର୍ଦ୍ଧ୍ୱ ଜନସାଧାରଣ ଗଣୁଆ ଲୌହ ପଥର ଖଣି ଉତ୍ପାଦନ ବୃଦ୍ଧି ସପକ୍ଷରେ ମତାମତ ଦେଇଥିଲେ। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଗ୍ରାମକୁ ପାନୀୟଜଳ, ବିଜୁଳି, ଆମ୍ବୁଲାନ୍ସ ଯୋଗାଣ, ରାସ୍ତାଘାଟର ଉନ୍ନତିକରଣ, ଖେଳ ପଡ଼ିଆର ଉନ୍ନତି କରଣ, ଗ୍ରାମର ଥିବା ପୂଜା ମଣ୍ଡପର ଉନ୍ନତି କରଣ, ଅଧିକ ବୃକ୍ଷ ରୋପଣ, ଗ୍ରାମରେ ଶିକ୍ଷକ ନିଯୁକ୍ତି ଆଦିକୁ ଗ୍ରାମବାସୀ ଦାବି କରିଥିଲେ। ଲୁହାପଥର ଉତ୍ପାଦନ ବୃଦ୍ଧି ହେଲେ ଗ୍ରାମର ସମସ୍ତ ଦାବିକୁ ପୁରଣ କରାଯିବ ବୋଲି ଜେଏସଡ଼ବ୍ଲ୍ୟୁର ପ୍ରୋଜେକ୍ଟ ବିଶ୍ୱରଞ୍ଜନ ପ୍ରତିଶ୍ରୁତି ଦେଇଥିଲେ। ଜେଏସ୍‌ଡ଼ବ୍ଲ୍ୟୁର ସିଇଓ ରଞ୍ଜନ ନାୟକ, ଖଣି ପ୍ରୋଜେକ୍ଟ ଉପସଭାପତି ଆଶେସ ପାଢ଼ୀ, ପ୍ରଶାସନ ବିଭାଗର ସଭାପତି ଶ୍ରୀଜିତ ମିଶ୍ର, ପ୍ରୋଜେକ୍ଟ ଅରେଶନ ବିଶ୍ୱରଞ୍ଜନ ପାଢୀ, ଜେ ଏସଡବ୍ଲ୍ୟୁ ମିଡିଆ ରିପ୍ରେଜେଣ୍ଟିଭ ରୂପାଲି କର, ସି ଏସ.ଆରର ମୁଖ୍ୟ କେଦାର ଶର୍ମା, ଦୀପୁଚାନ୍ଦ ବିହାରୀ ସମେତ କମ୍ପାନୀର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ଜନଶୁଣାଣିରେ ମଞ୍ଚାସୀନ ଅଧିକାରୀ।

**ରାତ୍ରିକାଳୀନ ଏସ୍‌ଡିସି କପ୍ କ୍ରିକେଟ ଉଦ୍‌ଯାପିତ**

# ବାଲିଯୋଡ଼ି ଚାମ୍ପିୟନ

ବଡ଼ଗାଁ,୧୮।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମରେ ୧୩ ତାରିଖଠାରୁ ଆରମ୍ଭ ହୋଇଥିବା ରାତ୍ରିକାଳୀନ ଏସଡିସି କପ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଲିଯୋଡ଼ି ଟିମ୍ ଚାମ୍ପିୟନ ହୋଇଛି। ୨୪ଟି ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ସେମିଫାଇନାଲରେ କୁଟିଣ୍ଡାକୁ ହରାଇ ବାଲିଯୋଡି ଓ ସିଆବାହାଲକୁ ହରାଇ ଟାଙ୍ଗରପାଲି ଫାଇନାଲକୁ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚରେ ବାଲିଯୋଡି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରୁ ୮ ଓଭର ୩ ବଲରେ ୬୦ ରନ କରିଥିଲେ। ଟାଙ୍ଗରପାଲି ଟିମ୍ ୯ଓଭର ୩ ବଲରେ ୫୦ରନ କରିଥିଲେ। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ବାଲିଯୋଡି ଟିମ୍‌ର ଡାଡୁଲ ଶେଷ ୨ବଲରେ ଆବଶ୍ୟକ ୧୦ ରନ୍ ଥିଲାବେଳେ ୨ ବଲରେ ୨ ଛକା ମାରି ଟିମ୍‌କୁ ବିଜୟୀ କରାଇଥିଲେ। ବାଲିଯୋଡି ଟିମ୍‌ର ଚନ୍ଦନ ୨ ଓଭରରେ ୪ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ୫ଟି ମ୍ୟାଚରେ ୧୭ ଉଇକେଟ ଅକ୍ତିଆର କରିଥିବା ଟାଙ୍ଗରପାଲି ଟିମ୍‌ର ଅମୀୟଙ୍କୁ ମ୍ୟାନ ଅଫ୍ ଦି ସିରିଜ ଘୋଷଣା କରାଯାଇଥିଲା। ବେଷ୍ଟ ଆମ୍ପିୟାର ଭାବେ ସୁନୀଲ ସାହୁ ଓ ପାନାଙ୍କୁ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଟିମ୍‌କୁ ୨୫ ହଜାର ଟଙ୍କା ସହ ଟ୍ରଫି ଓ ଉପ ବିଜେତା ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବଡ଼ଗାଁ 'କ' ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ଅତିଥି ଭାବେ ବରିଷ୍ଠ ନେତା ବସନ୍ତ ସାହୁ, ବିଜେଡ଼ି ଜିଲା ସମ୍ପାଦକ ଅରୁଣ ଦିକ୍ଷୀତ, ବରିଷ୍ଠ କର୍ମକର୍ତ୍ତା ସରୋଜ ସାହୁ ଯୋଗଦେଇ ପୁରସ୍କାର ବିତରଣ କରିଥଲେ।



ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

## ଶିବିରରେ ୨୭୧ ୟୁନିଟ୍ ରକ୍ତ ସଂଗ୍ରହ

ରେଙ୍ଗାଲି,(ଡି.ଏନ.ଏ.): ସମ୍ବଲପୁର ଜିଲା ଠେଲକଲୋଇ ଥାନା ପୋଲିସ ଓ ଜେଏସ୍‌ଡବ୍ଲ୍ୟୁ ଭୂଷଣର ମିଳିତ ଆନୁକୂଲ୍ୟରେ ବୁଧବାର ଥାନା ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ ସିଇଓ ଉମେଶ ରାୟ ଓ ଆଇଆଇସି ବିଧୁ ଭୂଷଣ ମିଶ୍ର ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୨୭୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ବୁର୍ଲା ରକ୍ତ ଭଣ୍ଡାରର ଦେବାଶିଷ ମିଶ୍ର, ମଣ୍ଟୁ ପ୍ରଧାନ, ଜିଲା ରକ୍ତଭଣ୍ଡାରର ଡାକ୍ତର କଳ୍ପେସ କକ୍କଡ, ସନ୍ତୋଷ ଗଡଡ ପ୍ରମୁଖ ପରିଚାଳନା କରିଥିଲେ। ହାବିଲଦାର ଓ କନେଷ୍ଟବଳ ଶାଖା ସଂଘ ସଭାପତି ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଶିବିର ଆୟୋଜନ ହୋଇଥିଲା।



## ସଂକ୍ଷେପରେ

### କଲ୍ୟାଣ ମଣ୍ଡପ ପାଇଁ ସାଂସଦ ପାଣ୍ଠିରୁ ମିଳିଲା ଦଶଲକ୍ଷ

ରେଢ଼ାଖୋଲ,୧୮।୫(ଡି.ଏନ.ଏ.): ରେଢ଼ାଖୋଲ ସହରରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ତାଙ୍କ ସାଂସଦ ପାଣ୍ଠିରୁ ଦଶ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି। ରେଢ଼ାଖୋଲ ଏନଏସିର ୯ନଂ ୱାର୍ଡ ଗଣେଶ ନଗରରେ ଏହା ନିର୍ମାଣ କରିବାକୁ ସମ୍ବଲପୁର ଜିଲାପାଳଙ୍କୁ ଚିଠି ମାଧମରେ ଜଣାଇଛନ୍ତି। କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ବ୍ଲକ ତତ୍ତ୍ୱାବଧାନରେ କରାଯିବ ବୋଲି ଚିଠିରେ ନିର୍ଦ୍ଦେଶ ରହିଛି। ସାଂସଦ ଆଚାର୍ଯ୍ୟଙ୍କ ଏହି ଅନୁଦାନ ପାଇଁ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ କୃତଜ୍ଞତା ଜଣାଯାଇଛି।

### ଜଳ ସମସ୍ୟା ଦୂର ପାଇଁ ବିଡିଓଙ୍କୁ ଦାବିପତ୍ର

ଜମନକିରା,୧୮।୫(ଡି.ଏନ.ଏ.): ଜମନକିରା ବ୍ଲକ ମହିଳା ଜନ ସଙ୍ଘର୍ଷ ସମିତି ପକ୍ଷରୁ ଆମ ପାଇଁ ପାଣି ଅଭିଯାନ ଆରମ୍ଭ ହୋଇଛି। ସମିତି କର୍ମକର୍ତ୍ତା ବିଭିନ୍ନ ଅଞ୍ଚଳ ବୁଲିବା ପରେ ସିରିଡ଼ି ପଞ୍ଚାୟତର ଧୁଡ଼ିଖୋଲ, କୁଇଲାରିଜୋର, ଡିମିରିମୁଣ୍ଡା ପଞ୍ଚାୟତର ସୁଇପଦର, ତାଲବେଡା, ତିକିଲିପଡ଼ା ପଞ୍ଚାୟତର ଗୁଲଜିଗୁଡା, ଢ଼ାଲେନ, ବଡରମା ପଞ୍ଚାୟତର ଗନ୍ତାବ, ଚିରିଗୁଣ୍ଡିଖୋଲ ପ୍ରଭୃତି ଗ୍ରାମରେ ଜଳ ସମସ୍ୟା ଥିବା ଅବଗତ ହୋଇଥିଲେ। ଏହାର ସମାଧାନ ନିମନ୍ତେ ସମିତି ସଭାନେତ୍ରୀ ପିରବତୀ ସିଂଙ୍କ ନେତୃତ୍ୱରେ ମହିଳାମାନେ ବୁଧବାର ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ଫୁଟ୍‌ବଲ ଖେଳାଳିଙ୍କ ପରଲୋକ



ସମ୍ବଲପୁର, ୧୮।୫(ବ୍ୟୁରୋ) ସମ୍ବଲପୁର ମହାନଗର ନିଗମ ଦୁର୍ଗାପାଲି ନିବାସୀ ରମଣୀ ରଞ୍ଜନ ବକ୍ସିଙ୍କ ପରଲୋକ ଘଟିଛି। ତାଙ୍କୁ ୯୩ ବର୍ଷ ହୋଇଥିଲା। ସମ୍ବଲପୁର ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପରିବାର, ପରିଜନ ସହ ବିଶିଷ୍ଟ ବ୍ୟକ୍ତିମାନେ ଶେଷ ଦର୍ଶନ କରିଥିଲେ। ସେ ଜଣେ ଫୁଟ୍‌ବଲ ଖେଳାଳି ଭାବେ ଜଣାଶୁଣା ଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଗୌରବ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

### ହୋମିଓପାଥି କଲେଜରେ ଶ୍ରଦ୍ଧାଞ୍ଜଳି ସଭା

ସମ୍ବଲପୁର,୧୮।୫(ବ୍ୟୁରୋ): ସମ୍ବଲପୁର ଜିଲା ମାଝିପାଲିସ୍ଥିତ ହୋମିଓପାଥି କଲେଜରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ହୋମିଓପାଥି ଡାକ୍ତର ଗୋପାଳକୃଷ୍ଣ ପାଢ଼ୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଉପସ୍ଥିତ ଅଧାପକ, ଛାତ୍ରୀଛାତ୍ର ଓ କର୍ମଚାରୀମାନେ ନୀରବ ପ୍ରାର୍ଥନ କରିବା ପରେ ସ୍ୱର୍ଗତ ଗୋପାଳକୃଷ୍ଣଙ୍କ ସ୍ମୃତିଚାରଣ କରିଥିଲେ। କଲେଜ ଅଧକ୍ଷ ପ୍ରଫେସର ସୁଧାଂଶୁ ଶେଖର ସିଂହଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଡା. ଦିପ୍ତିକାନ୍ତ ସିଂ, ଛାତ୍ର କଲ୍ୟାଣ ସଂଘ ସଭାପତି ଆଶୁତୋଷ ମିଶ୍ର ସହଯୋଗ କରିଥିଲେ ।

# ଶୀତଳଷଷ୍ଠୀ ଯାତ୍ରା ପାଇଁ ସମନ୍ୱୟ କମିଟି ବୈଠକ

ସମ୍ବଲପୁର,୧୮।୫ (ବ୍ୟୁରୋ)

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ନିମନ୍ତେ ବୁଧବାର ଡିଆର୍‌ଡିଏ ସମିଳନୀ କକ୍ଷରେ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ସ୍ୱାସ୍ଥ୍ୟ ବିଭାଗ, ପିଡବ୍ଲ୍ୟୁଡି, ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ ତଥା ଯାତ୍ରାସହ ଜଡିତ କମିଟି ସହଯୋଗ କରିବାକୁ ଜିଲାପାଳ କହିଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାକାମ ସାରିବା, ଯାତ୍ରା ସମୟରେ ମାଦକ ଦ୍ରବ୍ୟ ବିକ୍ରି ବନ୍ଦ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଷଷ୍ଠୀ ତିନିଦିନ ମଦ ଦୋକାନ ବନ୍ଦ ରହିବ ବୋଲି ଅବକାରୀ ବିଭାଗ ସୂଚନା ଦିଆଯାଇଛି। ଚୋରି, ଲୁଟ୍ ରୋକିବା ପାଇଁ ସାଦା ପୋଷାକଧାରୀ ପୋଲିସ



ବୈଠକରେ ଉପସ୍ଥିତ ଅଧିକାରୀ ଓ କମିଟି କର୍ମକର୍ତ୍ତା ।

### ସହଯୋଗ କରିବ ପ୍ରଶାସନ

ମୁତୟନ ନିମନ୍ତେ ଏସ୍‌ପିଙ୍କୁ କୁହାଯାଇଛି। ସମସ୍ତ ମହାନଦୀ ଘାଟ ସଫା ସହ କଣ୍ଟ୍ରୋଲ ରୁମ, ନୋଡାଲ ଅଫିସର ନିଯୁକ୍ତି, ଡ୍ରେନ ସଫା କାମ ଶୀଘ୍ର ସରିବ ବୋଲି ଏସ୍‌ଏମ୍‌ସି ପକ୍ଷରୁ କୁହାଯାଇଛି। ଶୀତଳ ଷଷ୍ଠୀ ନିମନ୍ତେ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଜିଲାପାଳ ପରିଡା କହିଛନ୍ତି। ବୈଠକରେ ଅନ୍ୟ ମାନଙ୍କ ମଧରେ ଏସ୍‌ପି ବି. ଗଙ୍ଗାଧର, ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ପିଡି ଡିଆର୍‌ଡିଏ ଦିଲୀପ କୁମାର ବଳ, ଏସ୍‌ଏମ୍‌ସି କମିଶନର ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ ଅଜମ୍ବର ମହାନ୍ତି, ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ ଯାତ୍ରା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଟାଟା ପାୱାର ବିରୋଧରେ ସିପିଆଇର ବିକ୍ଷୋଭ

ସମ୍ବଲପୁର,୧୮।୫(ବ୍ୟୁରୋ)

ଟାଟା ପାୱାର ମନମୁଖି କାର୍ଯ୍ୟକୁ ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ବୁଧବାର ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଅଘୋଷିତ ବିଦ୍ୟୁତ୍ କାଟ, ଲୋଭୋଲ୍‌ଟେଜ ସମସ୍ୟା, ମାରପିଟ ନାମରେ ମିଛ ମାମଲା ଭଳି କାର୍ଯ୍ୟକୁ ଦଳ ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଛି। ଅନ୍ୟ ରାଜ୍ୟ ଭଳି ଦୁଇଶହ ୟୁନିଟ୍ ବିଦ୍ୟୁତ୍ ମାଗଣା ଦିଆଯିବା ଏଭଳି ୧୮ଦଫା ଦାବିକୁ ନେଇ ବିକ୍ଷୋଭ କରିଥିଲେ। ଏନ୍ ନାଟୁଗୋପାଳ, ରବିନ୍ଦ୍ର ମହାନ୍ତି, ଅରୁଣ ଖୁଣ୍ଟିଆ, ମିତ୍ରଭାନୁ ପୋଢ଼, ଅମରନାଥ ପଟ୍ଟନାୟକ, ସଞ୍ଜୁ ଓଝା, ସଙ୍ଗୀତା ଦାଶ, ହୀରଦେବୀ, କେ ଦମୟନ୍ତି ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ ।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ଓଷ୍ଟା ପକ୍ଷରୁ ଡିଇଓ ଅଫିସ ଆଗରେ ବିକ୍ଷୋଭ




ଡିଇଓ ଅଫିସ ସମ୍ମୁଖରେ କର୍ମକର୍ତ୍ତା ବିକ୍ଷୋଭ କରୁଛନ୍ତି।

ସମ୍ବଲପୁର,୧୮।୫(ବ୍ୟୁରୋ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ସମ୍ବଲପୁର ଶାଖା ପକ୍ଷରୁ ବୁଧବାର ଡିଇଓଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲର ବିଭିନ୍ନ ସମସ୍ୟା ସମାଧାନ ଦାବି କରି କର୍ମକର୍ତ୍ତା ଆନ୍ଦୋଳନକୁ ଓହ୍ଲାଇଥିଲେ। ପରେ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ତଥା ପ୍ରମୁଖ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଡିଇଓଙ୍କୁ ଦିଆଯାଇଥିଲା। ଓଷ୍ଟା ଜିଲା ସମ୍ପାଦକ ହରି ନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଉପସଭାପତି କ୍ଷୀରୋଦ କୁମାର ପଣ୍ଡା, ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରେମାନନ୍ଦ ଖମାରୀ, ଯୁଗ୍ମ ସମ୍ପାଦକ ବିଭୂତି ଭୂଷଣ ଚାନ୍ଦ, ବିଶ୍ୱାମିତ୍ର ଦୀପ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କେଶବ ଚନ୍ଦ୍ର ନାଏକ, କିଶୋର ଚନ୍ଦ୍ର ପାଣ୍ଡେ, କମଳଲୋଚନ ବେହେରା, ସମୀର ରଞ୍ଜନ ନାଥ, ଭଗବାନ ରାଉତ, ବିଜୟ କୁମାର ପଣ୍ଡା, ଜେହେରୁଲାଲ ପଟେଲ, ନିତ୍ୟାନନ୍ଦ ବଡ଼େଇଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ, ଶିକ୍ଷା କର୍ମଚାରୀ ଉପସ୍ଥିତ ଥିଲେ।

### ମନସୁକଙ୍କ ବିୟୋଗରେ ବନ୍ଦ ପାଳନ



ସମ୍ବଲପୁର,୧୮।୫ (ବ୍ୟୁରୋ)– ସମ୍ବଲପୁର ମାନେଶ୍ୱର ନିବାସୀ ତଥା ବ୍ୟବସାୟୀ ସଂଘ ସଦସ୍ୟ ମନସୁକ ଭାଇ ପଟେଲଙ୍କ ୬୨ ବର୍ଷରେ ବିୟୋଗ ଘଟିଛି। ହୃଦ୍‌ଘାତରେ ପୀଡିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ମାନେଶ୍ୱର ବ୍ୟବସାୟୀ ସଂଘ ପକ୍ଷରୁ ବୁଧବାର ଅପରାହ୍ନରେ ବନ୍ଦ ପାଳନ କରାଯାଇଥିଲା। ମାନେଶ୍ୱର ଛକରେ ଆଇନଜୀବୀ ବିଭୁତି ପଟ୍ଟନାୟକ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମାନେଶ୍ୱର ସମେତ ମିର୍ଗାମୁଣ୍ଡା, ଗୁରୁପାଲି, ରାସନପୁର, ଗୁଲୁଣ୍ଡା, ନକ୍ସାପାଲି, ସର୍ଗିପାଲି, ଝାଙ୍କରପାଲି, ଚାନ୍ଦମୁଣ୍ଡା ପ୍ରଭୃତି ଗ୍ରାମରୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ମାନଧାତା ବାବା ମନ୍ଦିର ଟ୍ରଷ୍ଟ ସହ ଅଞ୍ଚଳର ସ୍କୁଲ, କଲେଜ କମିଟିରେ ସକ୍ରିୟ ସଦସ୍ୟ ରହିଥିଲେ।

# ୧୦ ଦିନ ସମୟ ଦେଲା ଓକିଲ ସଂଘ

ସମ୍ବଲପୁର,୧୮।୫(ବ୍ୟୁରୋ)

ସମ୍ବଲପୁର ଜିଲା ଓକିଲ ସଂଘ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଏକ ଖବରଦାତା ସମ୍ମିଳନୀରେ ସଭାପତି ସୁରେଶ୍ୱର ମିଶ୍ର କହିଥିଲେ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜମାଖାତାକୁ ବେଆଇନ ଭାବେ ଲାଲା ଲଜପତ ରାୟ କଲେଜରୁ ଯାଇଥିବା ୬୨ ଲକ୍ଷ ଟଙ୍କା ଫେରସ୍ତ ସହ ଲ–କଲେଜରେ ଖାଲିପଡିଥିବା ଅଧାପକ, କର୍ମଚାରୀ ପଦ ଶୀଘ୍ର ପୂରଣ କରାଯାଉ। ୧୦ ଦିନ ଭିତରେ ଦାବି ପୂରଣ ନ ହେଲେ ଜିଲା ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇବ। ସେହିପରି ଲଜପତ ରାୟ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଉ ବୋଲି ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ, ଉପସଭାପତି ବସନ୍ତ କୁମାର ମିଶ୍ର, ପ୍ରମୋଦ କୁମାର ଦାସ, ପୂର୍ବତନ ସଭାପତି ପ୍ରମୋଦ ରଥ, ରବି ରଞ୍ଜନ ପୂଜାରୀ, ଜିତେନ୍ଦ୍ରିୟ ପ୍ରଧାନ, ବସନ୍ତ ମିଶ୍ର, ସୁଦାମ ଚରଣ ଲୁହା ଉପସ୍ଥିତ ଥିଲେ।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ

କୁଚିଣ୍ଡା,୧୮।୫(ଡି.ଏନ.ଏ.)

କୁଚିଣ୍ଡା ଏନ୍‌ଏସିରେ ବୁଧବାର ସ୍ଥାନୀୟ ବିଧାୟକ କିଶୋର ଚନ୍ଦ୍ର ନାଏକ ଓ ପୌରାଧକ୍ଷ ପ୍ରଦ୍ୟୁତ କୁମାର ମହାନ୍ତିଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କୁଚିଣ୍ଡା ସହରରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୨ କୋଟି ୧୮ଲକ୍ଷ ଟଙ୍କା ବିନିମୟରେ କଳା ପରିଷଦ ପରିସରରେ ଏକ ଅଡିଟୋରିୟମ, ପର୍ଯ୍ୟଟନର ବିକାଶ ପାଇଁ ୧କୋଟି ୧୮ଲକ୍ଷ ଟଙ୍କା ବିନିମୟରେ ଫରେଷ୍ଟ ପାର୍କଠାରେ ଥିବା ପୋଖରୀର ଉନ୍ନତୀକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। କ୍ରୀଡାର ବିକାଶ ପାଇଁ ମୁକ୍ତା ଯୋଜନାରେ ଏନ୍‌ଏସି ୱାର୍ଡ ନଂ୮ ଘୋଷା, ସଇଡା ୱାର୍ଡ ନଂ.୧୦ ଓ ସଇଡା ୱାର୍ଡ ନଂ୧୧ ସର୍ଗିପଡାଠାରେ ତିନୋଟି ଖେଳପଡିଆ ଲୋକାର୍ପିତ କରାଯାଇଛି। କାର୍ଯ୍ୟକ୍ରମରେ ଉପଜିଲାପାଳ ଆଦିତ୍ୟ ଗୋଏଲ, ଏନ୍‌ଏସି ଉପାଧକ୍ଷା ଦେବଯାନୀ କାଲୋ, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ରଙ୍କ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ।



କୁଚିଣ୍ଡା ଏନ୍‌ଏସିର ଏକ ପ୍ରକଳ୍ପ ଲୋକାର୍ପଣ କରାଯାଉଛି।

## ବ୍ରଜରାଜନଗର ଉପନିର୍ବାଚନ

# ବିଜେଡିର ମୂଳମନ୍ତ୍ର ହେବ ବିକାଶମୂଳକ ଯୋଜନା



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ବିଜେଡି ନେତୃବୃନ୍ଦ।

ଝାରସୁଗୁଡ଼ା ଅଫିସ,୧୮।୫

ବ୍ରଜରାଜନଗର ଉପନିର୍ବାଚନ ପରିପ୍ରେକ୍ଷୀରେ ବିଜେଡି ତରଫରୁ ଝାରସୁଗୁଡା ସହରର ଏକ ହୋଟେଲରେ ବୁଧବାର ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ବିଧାୟକ ଦେବେଶ ଆଚାର୍ଯ୍ୟ, ପୁଷ୍ପେନ୍ଦ୍ର ସିଂହଦେଓ, ବିଜେଡି ରାଜ୍ୟ ଯୁଗ୍ମସମ୍ପାଦକ ସଞ୍ଜୀବ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ଜିଲା ସମ୍ପାଦକ ଜୟନ୍ତ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଜେନା ତାଙ୍କ ବକ୍ତବ୍ୟରେ କହିଥିଲେ ସରକାରଙ୍କ ବହୁ ଜନହିତକର ଯୋଜନା ରହିଛି। ଏହି ଯୋଜନା ମାଧ୍ୟମରେ ରାଜ୍ୟ ତଥା ଝାରସୁଗୁଡା ଜିଲାରେ ବିକାଶମୂଳକ କାର୍ଯ୍ୟ ଚାଲିଛି। ଏଥିମଧ୍ୟରେ ପାନୀୟଜଳ ଯୋଗାଣ, ଉନ୍ନତମାନର ସ୍ୱାସ୍ଥ୍ୟସେବା ଆଦି ରହିଛି। ଜିଲାରେ ଆଗକୁ ଆହୁରି ବିକାଶ ହେବ ବୋଲି ସେ କହିଥିଲେ। ସେହିପରି ଯୋଜନା ବୋର୍ଡ ଉପାଧ୍ୟକ୍ଷ ଦାସବର୍ମା ତାଙ୍କ ବକ୍ତବ୍ୟରେ କହିଥିଲେ ଝାରସୁଗୁଡା ରାଜ୍ୟର ଏକ ବିକଶିତ ଜିଲା ହୋଇଥିବାବେଳେ ଏହାର ଆହୁରି ଅଗ୍ରଗତି ପାଇଁ ସରକାର ବହୁ ଯୋଜନା ରଖିଛନ୍ତି। ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଅଧୁରା ସ୍ୱପ୍ନ ସାକାର କରିବାପାଇଁ ବିଜେଡି ପ୍ରାର୍ଥିନୀ ଅଳକା ମହାନ୍ତିଙ୍କୁ ବିପୁଳ ପରିମାଣରେ ଭୋଟ୍‌ଦେଇ ଜୟଯୁକ୍ତ କରିବାକୁ ନିବେଦନକରିଥିଲେ ।

# ଭାଜପାର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ

ଝାରସୁଗୁଡ଼ା ଅଫିସ,୧୮।୫

ବ୍ରଜରାଜନଗର ଉପନିର୍ବାଚନ ପରିପ୍ରେକ୍ଷୀରେ ଷ୍ଟାର୍ କ୍ୟାମ୍ପେନର କମିଟି ସଦସ୍ୟ ଓ ଦଳୀୟ କର୍ମୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ନେଇ ଲଖନପୁର ବ୍ଲକ୍ ୩ନଂ ଜୋନ୍‌ର ପିପିଲିକାନୀ ପଞ୍ଚାୟତରେ ବୁଧବାର ଭାଜପାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦଳୀୟ ପ୍ରାର୍ଥିନୀ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା,ଏମ୍‌ପି ସୁରେଶ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ରବି ନାୟକ, ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଖଟେଇ, ଜିଲା ସଭାପତି ମଙ୍ଗଳ ସାହୁ, ପୂର୍ବତନ ଜିଲାପରିଷଦ ସଦସ୍ୟ ସାମଲ ନାୟକ, ଏମ୍‌ପି ପ୍ରତିନିଧି ରଘୁନନ୍ଦନ ପଣ୍ଡା ପ୍ରମୁଖ ଯୋଗଦେଇ କର୍ମୀମାନଙ୍କୁ ନିର୍ବାଚନ ପରିଚାଳନା ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ । ଏଥିରେ ଲଖନପୁର ବ୍ଲକ୍ ୩ନଂ ଜୋନ୍ ଅନ୍ତର୍ଗତ ତିଲିଆ, ରମ୍ପେଲା, କୁମ୍ଭାରବନ୍ଧ, ପିପିଲିକାନୀ, ଦଳଗାଁ, ସରଣ୍ଡାମାଲ, ବନ୍ଧବାହାଲ, ତେଲେନପାଲି, କୁଶ୍ରାଲୋଇ ଓ ରେମଣ୍ଡା ପଞ୍ଚାୟତର କର୍ମୀ ଉପସ୍ଥିତ ଥିଲେ ।



କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ଦଳୀୟ ନେତୃବୃନ୍ଦ।

# କୁମ୍ଭକାର ସମାଜର ବାର୍ଷିକ ଅଧିବେଶନ

ନାକଟିଦେଉଳ,୧୮।୫(ଡି.ଏନ୍.ଏ.)

ନାକଟିଦେଉଳ ବ୍ଲକ କୁମ୍ଭକାର ସମାଜର ବାର୍ଷିକ ସାଧାରଣ ବୈଠକ ବୁଧବାର ସ୍ଥାନୀୟ ହାଟପଦାଠାରେ ଅନୁଷ୍ଠିତ ହୋଇଯାଇଛି। ବାଙ୍ଗରୁ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ବଲପୁର ଜିଲା ସଭାପତି ହରିହର ରଣା, ଉପସଭାପତି ପୀତବାସ ରଣା, ସମ୍ପାଦକ ରମେଶ ରଣା, ପୂର୍ବତନ ସଭାପତି ମୋହନ ରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ମୁଖ୍ୟତଃ କୁମ୍ଭକାର ସମାଜର ରୀତିନୀତି, ପରମ୍ପରା ଓ ସାମାଜିକ ଚଳଣି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ତୃଣମୂଳସ୍ତରରୁ ସମାଜକୁ ସୁଦୃଢ଼ କରାଯିବା ଓ ବିଭିନ୍ନ ଅଭାବ ଅସୁବିଧା ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ କୁମ୍ଭକାର ସମାଜର ନାକଟିଦେଉଳ ବ୍ଲକ କମିଟି ଗଠନ ହୋଇଥିଲା। ସଭାପତି ଭାବେ ନାରଦ ରଣା, ଉପସଭାପତି ବିନୋଦ ରଣା, ସମ୍ପାଦକ ପ୍ରମୋଦ ରଣା, କୋଷାଧକ୍ଷ ଭାବେ ପ୍ରସନ୍ନ ରଣାଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ କୁମ୍ଭକାର ସମାଜର ପ୍ରାୟ ୮୦ଜଣ ଯୋଗଦେଇ ମତ ଉପସ୍ଥାପନ କରିଥିଲେ।

# ଶଙ୍ଖଭଙ୍ଗା ପୋଲ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ଜମନକିରା,୧୮।୫(ଡି.ଏନ.ଏ.):

ଜମନକିରା ବ୍ଲକ ଫାଶିମାଲ ପଞ୍ଚାୟତରୁ ଧୁଡ଼ିପାଲି ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ଶଙ୍ଖଭଙ୍ଗା ନଦୀରେ ପୋଲ ନିର୍ମାଣ ପାଇଁ ବୁଧବାର କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ ଶୁଭସ୍ତମ୍ଭ ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଜିଲା ପରିଷଦ ଜୋନ୍ ୧ ସଭ୍ୟା ସୁଜାତା ଖୁଣ୍ଟିଆ, ଜୋନ୍ ୨ର ତନୟା ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଫାଶିମାଲ ପଞ୍ଚାୟତ ସଦର ମହକୁମାଠାରୁ ଧୁଡ଼ିପାଲି ପଞ୍ଚାୟତ ଦେଓଗାଁ ମନ୍ଦିର ଦେଇ ଏକ ପୁରୁଣା ରାସ୍ତା ରହିଥିଲା। ଅଞ୍ଚଳବାସୀଙ୍କ ପକ୍ଷରୁ ଉକ୍ତ ରାସ୍ତାରେ ଏକ ପୋଲ ନିର୍ମାଣ



ପୋଲ ନିର୍ମାଣ ଲାଗି ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

ପାଇଁ ଦାବି ହୋଇଆସୁଥିଲା। କୁଚିଣ୍ଡା ଆର୍ ଆଣ୍ଡ ବି ବିଭାଗ ଦ୍ୱାରା ପରିଚାଳିତ ଏହି ପୋଲର ବ୍ୟୟ ଅଟକଳ ୮ କୋଟି ରହିଥିବା ବେଳେ ଦୈର୍ଘ୍ୟ ୬୩ ମିଟର ଥିବା ବିଭାଗୀୟ ଅଧିକାରୀଙ୍କଠାରୁ ଜଣାଯାଇଛି। ଏହି ପୋଲ ତିଆରି ହେଲେ ଧୁଡ଼ିପାଲି, ଲାଡଙ୍ଗପାଲି, ବୁଦେଲକାନି, କୁମ୍ଭାରୁନିପୋଷି, ଖମାରବାହାଲ, ରାଜାମୁଣ୍ଡା, ଚନ୍ଦନିମାଲ, ଫାଶିମାଲ ଆଦି ଗାଁର ଲୋକେ ଉପକୃତ ହେବେ।

# କୁଡ଼ିଆରେ ବିତୁଛି ବୃଦ୍ଧ ଦମ୍ପତିଙ୍କ ଜୀବନ

ଜମନକିରା,୧୮।୫(ଡି.ଏନ୍.ଏ.):

ଜଣେ ପୁଅ ପାଇଁ ବୃଦ୍ଧ ମାତାପିତା ଅଲୋଡ଼ା ହୋଇପଡ଼ିଛନ୍ତି। ଶେଷରେ ଏହି ବୃଦ୍ଧ ଦମ୍ପତି ଗାଁମୁଣ୍ଡରେ କୁଡିଆ କରି ଜୀବନ ବିତାଉଛନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଜମନକିରା ବ୍ଲକ ଗୁଣ୍ଡୁରୁଚୁଆ ପଞ୍ଚାୟତ ସଦର ମହକୁମାରେ।

ଏଠାରେ ପିଲାମାନଙ୍କ ସହ ଭାସ୍କର ବଗର୍ତ୍ତୀ (୭୮) ଓ ତାଙ୍କ ସ୍ତ୍ରୀ ପଦ୍ମାବତୀ ବଗର୍ତ୍ତୀ(୭୫) ରହୁଥିଲେ। କିଛିବର୍ଷ ତଳେ ଭାସ୍କରଙ୍କ ନାମରେ ଏକ ପକ୍କାଘର ଆସିଥିଲା। ଘର ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ତାଙ୍କ ପୁଅ କୁଆଡ଼େ ମା'ବାପାଙ୍କୁ ତଡ଼ିଦେଇଥିଲେ। ଅନ୍ୟ ଉପାୟ ନ ପାଇ ସେମାନେ ଏକ ଝାଟିମାଟି କୁଡ଼ିଆରେ କପଡ଼ା ଟାଣି ରହୁଛନ୍ତି। ବର୍ଷା ହେଲେ ପାଣି ଗଳୁଥିବାରୁ ରହିବା କଷ୍ଟକର ହୋଇପଡୁଥିବା କହିଛନ୍ତି।



କୁଡ଼ିଆ ଆଗରେ ଭାସ୍କର।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପେଟ ପୋଷିବା ପାଇଁ ସେମାନଙ୍କ ନିକଟରେ କୌଣସି ସାଧନ ନାହିଁ। ବୃଦ୍ଧାବସ୍ଥାରେ ମଜୁରି କରିବା ସମ୍ଭବ ହେଉ ନ ଥିବାରୁ ସେମାନେ ଶିବ ପ୍ରତିମା ଧରି ଘର ଘର ବୁଲି ଭିକ୍ଷାବୃତ୍ତି କରି ଚଳୁଛନ୍ତି। ପୁଅମାନେ ପରିବାର ସହ ବେଶ୍ ଆରାମରେ ରହୁଥିବାବେଳେ ମା'ବାପା ମୁଠାଏ ଦାନା ପାଇଁ ସଙ୍ଘର୍ଷ କରୁଛନ୍ତି। ଭାସ୍କରଙ୍କ ପାଇଁ ସରକାରୀ ଯୋଜନା ସାତସପନ ହୋଇଛି। ତାଙ୍କୁ କୌଣସି ସରକାରୀ ସହାୟତା ମିଳୁନାହିଁ। ମୁଣ୍ଡ ଗୁଞ୍ଜିବା ଲାଗି ଘର ସାଙ୍ଗକୁ ଖାଇବା ପାଇଁ ଚାଉଳ ବ୍ୟବସ୍ଥା କରିବାକୁ ଗାଁ ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜମନକିରା ବିଡିଓ ଟୁନୁ ମେହେରଙ୍କୁ ପଚାରିବାରୁ ସେ ଉଭୟଙ୍କୁ ଥଇଥାନ ସହ ଭତ୍ତା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

## ୩ୟ ଦିନରେ ଶେୟାର ବଜାରରେ ହ୍ରାସ

**ମୁମ୍ବାଇ:** ଚଳିତ ସପ୍ତାହର ପ୍ରଥମ ଦୁଇ କାରବାର ଦିବସରେ ପୁଞ୍ଜିବଜାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ତୃତୀୟ ଦିନ ଅର୍ଥାତ୍ ବୁଧବାର ସ୍ୱଳ୍ପ ହ୍ରାସ ଦେଖିବାକୁ ମିଳିଛି। ଦିନର ଟ୍ରେଡିଂ ସମୟରେ ସେନ୍ସେକ୍ସ ୧୦୯.୦୪ ପଏଣ୍ଟ (୦.୨୦%) ଏବଂ ନିଫ୍ଟିରେ ୧୯ ଅଙ୍କ (୦.୧୨%) ବୃଦ୍ଧି ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୪,୨୦୮.୫୩ ଇଣ୍ଡେକ୍ସ ଏବଂ ୧୬,୨୪୦.୩୦ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନରେ ୧୮୭୧ଟି ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୧୪୩୦ ଶେୟାରରେ ହ୍ରାସ ପରିଲକ୍ଷିତ ହୋଇଛି। ଦିନର ଟପ୍ ଗେନର୍ସ ତାଲିକାରେ ସୁଦର୍ଶନ କେମିକାଲ୍, ଗ୍ରେଟ୍ ଇଷ୍ଟର୍ନ ଶିପିଂ, ଏମ୍ଆରପିଏଲ୍ ରହିଛନ୍ତି।

## ସଂକ୍ଷେପରେ

### ଇଣ୍ଡିଗୋର ନୂଆ ସିଇଓ ହେବେ ପିଟର ଏଲ୍‌ବର୍ସ

**ନୂଆଦିଲ୍ଲୀ, ୧୮।୫:** ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ ପିଟର ଏଲ୍‌ବର୍ସଙ୍କୁ ନୂଆ ସିଇଓ ନିଯୁକ୍ତି ପାଇଁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମନ ଇଣ୍ଡିଗୋ ଏୟାରଲାଇନ୍ସର ସିଇଓ ଦାୟିତ୍ୱରେ ଥିବା ରୋନୋଜୟ୍ ଦତ୍ତ ଆସନ୍ତା ସେପ୍ଟେମ୍ବର ୩୦ ତାରିଖରେ ଅବସର ନେବାକୁ ଯାଉଛନ୍ତି। ଦତ୍ତଙ୍କ ପରେ ଅକ୍ଟୋବର ୧ରୁ ଏଲ୍‌ବର୍ସ ଦାୟିତ୍ୱ ଗ୍ରହଣ କରିବେ। ଇଣ୍ଡିଗୋ ଆଭିଏସନ୍ ଲିମିଟେଡ୍ ବୋର୍ଡ ପକ୍ଷରୁ ଏନେଇ ମଞ୍ଜୁରୀ ମିଳିସାରିଛି। ରୋନୋଜୟ୍ ଦତ୍ତ ୨୦୧୯ ଜାନୁୟାରୀରୁ ଇଣ୍ଡିଗୋ ଏୟାରଲାଇନ୍ସର ସିଇଓ ପଦବୀରେ ରହି ଆସିଛନ୍ତି। କୋଭିଡ୍ ମହାମାରୀ ଭଳି କଠିନ ସମୟରେ ଦତ୍ତ ଇଣ୍ଡିଗୋ ଏୟାରଲାଇନ୍ସକୁ ଅନେକ ସହଯୋଗ କରିଥିଲେ। ଅନ୍ୟପଟେ ପିଟର ଏଲ୍‌ବର୍ସ ୨୦୧୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ କେଏଲ୍ଏମ୍ ରୟାଲ ଡଚ୍ ଏୟାରଲାଇନ୍ସର ସିଇଓ ପଦରେ କାର୍ଯ୍ୟ କରୁଛନ୍ତି। ଦତ୍ତଙ୍କର ଅବଦାନକୁ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ରାହୁଲ ଭାଟିଆ ପ୍ରଶଂସା କରିଥିବା ବେଳେ ଏଲ୍‌ବର୍ସଙ୍କ ନିଯୁକ୍ତି ଦ୍ୱାରା କମ୍ପାନୀ ଆହୁରି ସୁଦୃଢ଼ ହେବ ବୋଲି କହିଛନ୍ତି।

### ରାଇସ୍ ବ୍ରାନ୍ ତେଲ ଉତ୍ପାଦନକାରୀ ସଂସ୍ଥା ଉପରେ ଚଢ଼ାଉ

**କଟକ,୧୮।୫:** ଓଡ଼ିଶା ରାଜ୍ୟ ସିଟି ଏବଂ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଶାଖା ପାଖରେ ବିଭିନ୍ନ ରାଇସ୍ ବ୍ରାନ୍ ତେଲ ଉତ୍ପାଦନକାରୀ ସଂସ୍ଥା ବିରୋଧରେ ଟିକସ ଫାଙ୍କି ଅଭିଯୋଗ ବାରମ୍ବାର ଆସୁଥିଲା। ଏହି ଅଭିଯୋଗ ଭିତ୍ତିରେ ରାଜ୍ୟ ପ୍ରବର୍ତ୍ତନ ସଂସ୍ଥା ବିଭିନ୍ନ ରାଇସ୍ ବ୍ରାନ୍ ତେଲ ଉତ୍ପାଦନକାରୀ କମ୍ପାନୀଙ୍କ ଉପରେ ନଜର ରଖିଥିଲା। କମ୍ପାନୀଗୁଡ଼ିକୁ ନେଇ ଥିବା ବିଭିନ୍ନ ତଥ୍ୟ ଏବଂ ଫଳାଫଳ ଆଧାରରେ ରାଜ୍ୟ ସିଟି ଏବଂ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଶାଖା ପକ୍ଷରୁ ସମ୍ବଲପୁର, ବରଗଡ଼ ଏବଂ କଳାହାଣ୍ଡି ଜିଲାରେ ଅବସ୍ଥିତ ୭ଟି ରାଇସ୍ ବ୍ରାନ୍ ତେଲ ଉତ୍ପାଦନକାରୀ ସଂସ୍ଥାଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଉତ୍ପାଦନ ୟୁନିଟ୍, ବ୍ୟବସାୟ ସ୍ଥାନ ଏବଂ ଗୋଦାମ ଉପରେ ବୁଧବାର ଏକକାଳୀନ ଚଢ଼ାଉ ହୋଇଥିଲା। ଚଢ଼ାଉ ସମୟରେ ମିଳିଥିବା କମ୍ପ୍ୟୁଟର, ଲାପ୍‌ଟପ୍ ଏବଂ ଅନ୍ୟାନ୍ୟ ଦଲିଲଗୁଡ଼ିକୁ ଅଧିକ ଅନୁସନ୍ଧାନ ପାଇଁ ଜବତ କରାଯାଇଛି।

# ରୋଜଗାର ଗ୍ୟାରେଣ୍ଟି ଯୋଜନା ଆସିବ

ନୂଆଦିଲ୍ଲୀ,୧୮।୫



କୋଭିଡ୍ ମହାମାରୀ କାରଣରୁ ମାନ୍ଦା ଅର୍ଥ ବ୍ୟବସ୍ଥା ଏବଂ ବଢୁଥିବା ବେରୋଜଗାରୀ ଉପରେ ଅଙ୍କୁଶ ଲଗାଇବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ (ଇଏସି-ପିଏମ୍) ପକ୍ଷରୁ ସରକାରଙ୍କୁ ସହରାଞ୍ଚଳ ବେରୋଜଗାରୀଙ୍କ ପାଇଁ ରୋଜଗାର ଗ୍ୟାରେଣ୍ଟି ଯୋଜନା ଆଣିବାକୁ ପ୍ରସ୍ତାବ ଦିଆଯାଇଛି। ପରିଷଦ ପକ୍ଷରୁ ଦେଶର ଆୟରେ ଅସମାନତାକୁ କମ୍ କରିବା ପାଇଁ ଏକ ସମାନ (ୟୁନିଭର୍ସାଲ) ଢାଞ୍ଚାରେ ଆୟ ଯୋଜନା ଆରମ୍ଭ କରିବା ସହିତ ସାମାଜିକ କ୍ଷେତ୍ରରେ ଅଧିକ ଅର୍ଥ ଆବଣ୍ଟନ କରିବାକୁ ସୁପାରିସ ହୋଇଛି। ଇଏସି-ପିଏମ୍ ଦ୍ୱାରା ପ୍ରକାଶିତ ରିପୋର୍ଟ 'ଭାରତରେ ଅସମାନତା ସ୍ଥିତି'କୁ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କମ୍ପିଟେଟିଭ୍‌ନେସ୍ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ପ୍ରକାଶିତ ରିପୋର୍ଟରେ ଇଏସି-ପିଏମ୍‌ର ଚେୟାରମ୍ୟାନ୍ ବିବେକ ଦେବରାୟ କହିଛନ୍ତି, ଗ୍ରାମୀଣ ଏବଂ ସହରାଞ୍ଚଳରେ ଶ୍ରମବଳର ଭାଗୀଦାରି ହାର ମଧ୍ୟରେ ଯେଉଁ ଅନ୍ତର ରହିଛି, ତାହାକୁ ନଜରରେ ରଖିଲେ ସହରାଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଭଳି ଯୋଜନା ଆରମ୍ଭ କରାଯିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ସହରାଞ୍ଚଳର ଅଧିକରୁ ଅଧିକ ଲୋକ ନିଯୁକ୍ତି ପାଇବାକୁ ସକ୍ଷମ ହେବେ ବୋଲି ଦେବରାୟ କହିଛନ୍ତି। ତଥ୍ୟ ଅନୁସାରେ, ସର୍ବନିମ୍ନ ଆୟ ବୃଦ୍ଧି କରିବା, ସମାନ ଢାଞ୍ଚାରେ ଆୟ କରିବା ଏହି ପ୍ରସ୍ତାବର ମୂଳ ଉଦ୍ଦେଶ୍ୟ। ଏହାଦ୍ୱାରା ଶ୍ରମ କ୍ଷେତ୍ରରେ ଆୟ ମଧ୍ୟରେ ରହିଥିବା ତଫାତ୍ କମ୍ ହେବା ସହିତ ଆୟର ସମାନ ବିତରଣ ହୋଇପାରିବ ବୋଲି ଆଶା ରଖାଯାଇଥିବା ତଥ୍ୟରେ ଉଲ୍ଲେଖ କରାଯାଇଛି। ଆର୍ଥିକ ପରାମର୍ଶଦାତାମାନେ ସେମାନଙ୍କ

### ସହରାଞ୍ଚଳ ବେରୋଜଗାରୀଙ୍କ ପାଇଁ ଚିନ୍ତା

ସୁପାରିସରେ କହିଛନ୍ତି, ସରକାରଙ୍କୁ ସାମାଜିକ ସେବା କ୍ଷେତ୍ରରେ ଖର୍ଚ୍ଚ କରିବା ପାଇଁ ଅଧିକ ଅର୍ଥ ଆବଣ୍ଟନ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ କୌଣସି ଅଚାନକ ଏବଂ ସମ୍ଭାବ୍ୟ ଅସୁବିଧା ସହିତ ଲଢ଼ିବାରେ ସହଯୋଗ କରିବ ଓ ସେମାନଙ୍କୁ ଅଧିକରୁ ଅଧିକ ଆର୍ଥିକ ଅନଗ୍ରସରତା ଆଡ଼କୁ ଟାଣିନେବାରୁ ରକ୍ଷା କରିବ ବୋଲି ପରାମର୍ଶଦାତା ପରିଷଦ ପକ୍ଷରୁ କୁହାଯାଇଛି। ଇଏସି-ପିଏମ୍‌ର ସୂଚନା ଅନୁସାରେ ସ୍ୱାସ୍ଥ୍ୟ, ଶିକ୍ଷା, ଘରୋଇ ବିଶେଷତା ଏବଂ ଶ୍ରମ ବଜାରରେ ଅସମାନତା ଆଧାରରେ ଏହି ତଥ୍ୟ ପ୍ରସ୍ତୁତ କରାଯାଇଛି।

# ଏଚ୍‌ସିସିବିର ୨୫ ବର୍ଷ ପୂର୍ତ୍ତି




ଭୁବନେଶ୍ୱର,୧୮।୫

ଦେଶର ଅନ୍ୟତମ ଅଗ୍ରଣୀ ଏଫ୍ଏମ୍‌ସିଜି କମ୍ପାନୀ ହିନ୍ଦୁସ୍ଥାନ କୋକାକୋଲା ବେଭରେଜେସ୍ (ଏଚ୍‌ସିସିବି)ର ୨୫ ବର୍ଷ ପୂର୍ତ୍ତି ପାଳନ ହୋଇଛି। ବର୍ଷତମାମ ଏହାର ୨୫ ବର୍ଷ ପୂର୍ତ୍ତିକୁ ଏକାଧିକ କାର୍ଯ୍ୟକ୍ରମ ଜରିଆରେ ପାଳନ କରାଯିବ। ଓଡ଼ିଶାରେ ଏହି ଅବସର ପାଳନ ପାଇଁ କମ୍ପାନୀ ପକ୍ଷରୁ ଏକାଧିକ ପ୍ରୟାସ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଜରିଆରେ ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଥିବା କାରଖାନାରେ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ଆହୁରି ୩୦୦ କୋଟି ଟଙ୍କା ନିବେଶ କରାଯିବ। ଏହାଛଡ଼ା ଏଚ୍‌ସିସିବି ପକ୍ଷରୁ ଓଡ଼ିଶାରେ ୧ ଲକ୍ଷ ବୃକ୍ଷଚାରା ରୋପଣ ଯୋଜନା କରାଯାଇଛି। ଏଥିସହିତ କମ୍ପାନୀ ନିଜର କ୍ୟାରିୟର ଡେଭଲପମେଣ୍ଟ ସେକ୍ଟରରେ ଅଧିକ ସଂଖ୍ୟକ ଶିକ୍ଷିତ ବେକାର ଯୁବଗୋଷ୍ଠୀଙ୍କୁ ସାମିଲ କରିବ। ଏଚ୍‌ସିସିବିର ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଥିବା କାରଖାନାରେ ସମ୍ପ୍ରତି ୫ଟି ଉତ୍ପାଦନ ଲାଇନ ରହିଛି ଯାହା ଜୁସ୍ ଏବଂ ସ୍ପାର୍କଲିଂ ବେଭରେଜ ପ୍ରସ୍ତୁତ କରୁଛି। କମ୍ପାନୀ ଏହି କାରଖାନାରେ ୫୦୦ କୋଟି ଟଙ୍କା ନିବେଶ କରିସାରିଛି। ଉକ୍ତ କାରଖାନାରେ ୫୫୦ ଜଣ ପ୍ରତ୍ୟକ୍ଷ ଏବଂ ୧୦୦୦ ଲୋକ ପରୋକ୍ଷ ନିଯୁକ୍ତି ପାଇଛନ୍ତି। ସମ୍ପ୍ରସାରଣ ଦ୍ୱାରା ଆଉ ୨୦୦ ନିଯୁକ୍ତି ସୃଷ୍ଟିହେବ। ଏହି ଅବସରରେ ଏଚ୍‌ସିସିବିର ଚେୟାରମ୍ୟାନ୍ ଓ ସିଇଓ ନିରଜ ଗର୍ଗ ରାଜ୍ୟରେ ଏଚ୍‌ସିସିବିକୁ ମିଳିଥିବା ବିପୁଳ ସମର୍ଥନ ଓ ଉତ୍ସାହକୁ ଯଥେଷ୍ଟ ଗୁରୁତ୍ୱ ଦେଉଥିବା କହିଛନ୍ତି।

# ସୃଷ୍ଟି ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୧୮।୫



ରାଜ୍ୟରେ ପ୍ରଥମକରି ଏକ ଘରୋଇ ହସ୍ପିଟାଲରେ ପିଟ୍ୟୁଟାରି ସର୍ଜରି ସଫଳ ହୋଇଛି। ରୋଗୀର ମସ୍ତିଷ୍କରେ ବଢୁଥିବା ମାଂସ ପିଣ୍ଡୁଳାକୁ ଖପୁରିରୁ ଖୋଲି ସିଧାସଳଖ ଅସ୍ତ୍ରୋପଚାର କରା ନ ଯାଇ ନାକ ବାଟେ ଏଣ୍ଡୋସ୍କୋପିକ୍ ସର୍ଜରି ଦ୍ୱାରା ଉକ୍ତ ମାଂସକୁ କଢ଼ାଯାଉଛି। ପିଟ୍ୟୁଟାରି ସର୍ଜରି ଦ୍ୱାରା ସଫଳତାର ସହ ଟ୍ୟୁମରକୁ ବାହାର କରାଯାଇଛି। ପୂର୍ବରୁ ଏଭଳି ଅସ୍ତ୍ରୋପଚାର ଲାଗି ରୋଗୀଙ୍କୁ ରାଜ୍ୟ ବାହାରକୁ ଯିବାକୁ ପଡୁଥିଲା। ଏହା ଅତ୍ୟନ୍ତ ବ୍ୟୟବହୁଳ ଥିଲା। ଏବେ ଅଳ୍ପ ଖର୍ଚ୍ଚରେ କଟକରେ ଏହା ସମ୍ଭବ ହୋଇପାରିଛି। ଏହି ଅସ୍ତ୍ରୋପଚାର ଦ୍ୱାରା ୪ ଜଣ ରୋଗୀ ସୁସ୍ଥ ହୋଇସାରିଲେଣି। କାଠଗୋଲାସାହିସ୍ଥିତ ସୃଷ୍ଟି ହସ୍ପିଟାଲରେ ଏଭଳି ଚାରୋଟି ଅସ୍ତ୍ରୋପଚାର ସଫଳ ହୋଇଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଏ ନେଇ

### ସ୍ୱଳ୍ପ ଖର୍ଚ୍ଚ ଏବଂ ମେଡିକାଲ ବୀମାରେ ଚିକିତ୍ସା ସମ୍ଭବ

ନିକଟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ଯାଜପୁରର ଜଣେ ମହିଳାଙ୍କ ଆଖିକୁ ଭଲ ଦେଖାଯାଉ ନ ଥିଲା। ସେ ବିଭିନ୍ନ ହସ୍ପିଟାଲାକୁ ଯାଇଥିଲେ ହେଁ ତାଙ୍କୁ ସୁଫଳ ମିଳି ନ ଥିଲା। ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ତାଙ୍କ ମସ୍ତିଷ୍କରେ ଟ୍ୟୁମର ହୋଇଥିବା ଜଣାପଡ଼ିଥିଲା। ତେବେ ଏଠାରେ ପିଟ୍ୟୁଟାରି ସର୍ଜରି ମାଧ୍ୟମରେ ତାଙ୍କର ସଫଳ ଅସ୍ତ୍ରୋପଚାର କରାଯାଇପାରିଛି। ଅସ୍ତ୍ରୋପଚାରର ୩ ମାସ ପରେ ସେ ସୁସ୍ଥ ହୋଇଛନ୍ତି। ଇଏନ୍‌ଟି ବିଶେଷଜ୍ଞ ଡାକ୍ତର ଦୀପ୍ତିରଞ୍ଜନ ବଳିୟାରସିଂହ ଓ ନ୍ୟୁରୋ ସର୍ଜନ ଡାକ୍ତର ଆତ୍ମାରଞ୍ଜନ ଦାଶଙ୍କ ମିଳିତ ସହଯୋଗରେ ଏହି ଅସ୍ତ୍ରୋପଚାର କରାଯାଇଥିଲା। ଅନ୍ୟ ଜଣେ ରୋଗୀଙ୍କର ଟ୍ୟୁମର ମସ୍ତିଷ୍କଠାରୁ ବଢ଼ି ନାକ ପର୍ଯ୍ୟନ୍ତ ୪ ସେଣ୍ଟିମିଟର ହୋଇଯାଇଥିଲା। ତାଙ୍କର ମଧ୍ୟ ଏହି ନୂତନ ପ୍ରଣାଳୀରେ ଅସ୍ତ୍ରୋପଚାର କରାଯାଇଛି।

# ରୁଚି ସୋୟାର ନାମରେ ପରିବର୍ତ୍ତନ

ନୂଆଦିଲ୍ଲୀ, ୧୮।୫

ଫାଷ୍ଟ ମୁଭିଂ କଞ୍ଜ୍ୟୁମର ଗୁଡ୍ସ (ଏଫ୍‌ସିଜି) ସେକ୍ଟରର ପ୍ରମୁଖ କମ୍ପାନୀ ରୁଚି ସୋୟାର ନାମ ପରିବର୍ତ୍ତନ କରାଯାଇ 'ପତଞ୍ଜଳି ଫୁଡ୍ସ ଲିମିଟେଡ୍' ରଖାଯାଇଛି। ଏହା ପତଞ୍ଜଳି ଆୟୁର୍ବେଦ ଲିମିଟେଡ୍ (ପିଏଏଲ୍)ର ଫୁଡ୍ ରିଟେଲ ବ୍ୟବସାୟର ଅଧିଗ୍ରହଣ କରିବା ନେଇ କମ୍ପାନୀର ଷ୍ଟକ୍ ଫାଇଲିଂରେ ସୂଚନା ଦିଆଯାଇଛି। ଏହି ଏଗ୍ରିମେଣ୍ଟ ଅନୁସାରେ ରୁଚି ସୋୟା ପିଏଏଲ୍‌ର ଫୁଡ୍ ପ୍ରଡକ୍ଟର ତିଆରି, ପ୍ୟାକେଜି, ଲେବଲିଂ ଏବଂ ରିଟେଲ ଟ୍ରେଡିଂ କାର୍ଯ୍ୟ କରିବ। ତେବେ ପତଞ୍ଜଳି ବ୍ରାଣ୍ଡ, ଟ୍ରେଡ୍ ମାର୍କ, କପିରାଇଟ୍, ବ୍ୟାଙ୍କ ବାଲାନ୍ସ ପିଏଏଲ୍ ସହିତ ଯୋଡ଼ିହୋଇ ରହିବ। ନାମରେ ପରିବର୍ତ୍ତନ ପାଇଁ ମିନିଷ୍ଟ୍ରି ଅଫ୍ କର୍ପୋରେଟ୍ ଆଫେୟାର୍ସ ଏବଂ ଅନ୍ୟ ରେଗୁଲେଟୋରି ଅଧିକାରୀଙ୍କଠାରୁ ଅନୁମୋଦନ ଆଣିବାକୁ ପଡ଼ିବ।

# ଓଡ଼ିଶାର ଅଭିବୃଦ୍ଧି ସମ୍ଭାବନାକୁ ଜାଗ୍ରତ କରୁଛି ଡିସ୍‌କମ୍

ଭୁବନେଶ୍ୱର,୧୮।୫

ବିଗତ କିଛି ଦଶନ୍ଧିରେ ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟରେ ପରିଣତ ହେବା ଲାଗି ଓଡ଼ିଶା ଉଲ୍ଲେଖନୀୟ ଉଦ୍ୟମ କରିଥିବା ବେଳେ କୋଭିଡ୍ ପ୍ରଭାବରୁ ପ୍ରଭାବଶାଳୀ ଢଙ୍ଗରେ ସୁଧାର ହାସଲ କରିଛି। ବିଦ୍ୟୁତ୍ ବିତରଣ କ୍ଷେତ୍ର ପ୍ରମୁଖ ମାନଦଣ୍ଡ ଯଥା ଶିଳ୍ପ ବିକାଶ, ପ୍ରଯୁକ୍ତିରେ ଉନ୍ନତି, ସାମାଜିକ, ଅର୍ଥନୈତିକ ବିକାଶ ଓଡ଼ିଶାର ଲୋକମାନଙ୍କୁ ସଶକ୍ତ କରିବାରେ ସହାୟକ ହୋଇଛି। ଏହା ଭାରତ ମାନଚିତ୍ରରେ ରାଜ୍ୟକୁ ଉଜ୍ଜ୍ୱଳ କରିପାରିଛି। ଶିଳ୍ପ ଗ୍ରାହକଙ୍କୁ ସେମାନଙ୍କ ବିଦ୍ୟୁତ୍ ଆବଶ୍ୟକତା ପୂରଣ କରିବାରେ ସହାୟତା ଦେଇ ଓଡ଼ିଶାର ଅଭିବୃଦ୍ଧି ପ୍ରତି ଡିସ୍‌କମ୍‌ଗୁଡ଼ିକ ଯୋଗଦାନ ପ୍ରଦାନ କରୁଛନ୍ତି। ଉପକରଣଗୁଡ଼ିକର ସ୍ଥିତିର ସର୍ବେକ୍ଷଣ ପାଇଁ ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ 'ଥର୍ମାଲ୍ ଇଜେମିଂ କ୍ୟାମେରା' ଜରିଆରେ ଥର୍ମାଲ ସ୍କାନିଂ କରାଯାଉଛି ଏବଂ ଏହାର ଉପଭୋକ୍ତା ଓ ବ୍ୟବସାୟ ହବ୍‌ଗୁଡ଼ିକୁ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ପାଇଁ ଏହାର ବ୍ୟାପକ ନେଟ୍‌ୱର୍କର ନିୟମିତ ଯୋଜନାବଦ୍ଧ ରକ୍ଷଣାବେକ୍ଷଣ କରାଯାଉଛି। ରାଜ୍ୟକୁ ସୁଯୋଗ ସ୍ଥଳରେ ପରିଣତ କରି ସମାଜର ଉପେକ୍ଷିତ ବର୍ଗର ଲୋକମାନଙ୍କ ସାମଗ୍ରିକ ସାମାଜିକ, ଅର୍ଥନୈତିକ ବିକାଶ ପାଇଁ ଡିସ୍‌କମ୍‌ଗୁଡ଼ିକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଦୁଇ ବର୍ଷରୁ କମ୍ ସମୟର କାର୍ଯ୍ୟରେ ଓଡ଼ିଶା ଡିସ୍‌କମ୍ ପରୋକ୍ଷ ଭାବେ ୨୦ହଜାର ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି ଓ ସମସ୍ତ ଚାରି ଡିସ୍‌କମ୍ ପ୍ରତ୍ୟକ୍ଷ ଭାବେ ୨୫୦୦ ନିଯୁକ୍ତି ଦେଇଛନ୍ତି।

## ଫୁର୍‌ସତ୍

# ସୋସିଆଲ ମିଡିଆରୁ ବିରତି: ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି



**ନୂଆଦିଲ୍ଲୀ:** ବର୍ତ୍ତମାନର ଇଣ୍ଟରନେଟ୍ ଯୁଗରେ ଲୋକଙ୍କ ମଧ୍ୟରେ ଦୂରତା କମିଛି, ଯାହା ସୋସିଆଲ ମିଡିଆ ଜରିଆରେ ସହଜ ହୋଇଛି। ମୋବାଇଲ୍ ଦେଖୁ ଦେଖୁ କେତେବେଳେ ଏକାଧିକ ଘଣ୍ଟା ବିତିଯାଉଛି ତାହା ଜଣାପଡୁନାହିଁ। ଯଦିଓ ଏଥିରୁ ଆମେ ନୂଆ କଥା ଜାଣିବାକୁ ପାଉଛୁ କିନ୍ତୁ ଏହାର ବହୁଳ ବ୍ୟବହାର ମନୁଷ୍ୟ ଶରୀର ଉପରେ ନକାରାତ୍ମକ ପ୍ରଭାବ ପକାଉଥିବା ଦେଖାଯାଉଛି। ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି, ବହୁଳଭାବେ ବ୍ୟବହାର ହେଉଥିବା ସୋସିଆଲ ମିଡିଆରୁ ବିରତିର ଆବଶ୍ୟକତା ରହିଛି। ଏହାଦ୍ୱାରା ବ୍ୟକ୍ତିଙ୍କ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ ବୋଲି କୁହାଯାଇଛି। ଅନ୍ୟୂନ ଗୋଟିଏ ସପ୍ତାହ ଯଦି ସୋସିଆଲ ମିଡିଆରୁ ବ୍ରେକ୍ ନିଆଯାଏ ତେବେ ଏହା ମାନସିକ ଚାପ, ବିରକ୍ତିଭାବ ଏବଂ ମେଣ୍ଟାଲ୍ ହେଲ୍‌ଥ ସୁଧାରିବାରେ ସାହାଯ୍ୟ କରିବ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଅଧ୍ୟୟନରେ ସାମିଲ ୟୁଜରଙ୍କୁ ଗୋଟିଏ ସପ୍ତାହ ସୋସିଆଲ ମିଡିଆର ବ୍ୟବହାରରୁ ନିବୃତ ରହିବା ପାଇଁ କୁହାଯାଇଥିଲା। ପ୍ରତ୍ୟେକ ଦିନ ଏମାନଙ୍କର ମାନସିକ ସ୍ଥିତିର ନିରୀକ୍ଷା କରାଯାଉଥିବା ବେଳେ ସପ୍ତମ ଦିନ ଏହା ସକାରାତ୍ମକ ଫଳାଫଳ ଦେଇଥିଲା। ପ୍ରତ୍ୟେକ ଦିନ ଫେସ୍‌ବୁକ୍, ହ୍ୱାଟ୍ସଆପ୍ ଏବଂ ଇନ୍‌ଷ୍ଟାଗ୍ରାମ ବ୍ୟବହାର କରୁଥିବା ୟୁଜରଙ୍କ ମାନସିକ ସ୍ଥିତି ତୁଳନାରେ ସର୍ଭେରେ ସାମିଲ ହୋଇଥିବା ୟୁଜରଙ୍କ ମାନସିକ ସ୍ଥିତି ଉତ୍ତମ ରହିଥିଲା। ପ୍ରତ୍ୟେକ ୬ ଜଣରୁ ଜଣେ ଏବେ ମାସିକ ଚାପଗ୍ରସ୍ତ। ୧୮ରୁ ୭୨ ବର୍ଷର ବୟସ ବର୍ଗଙ୍କଠାରେ ଏହି ଅଧ୍ୟୟନ କରାଯାଇଥିଲା। ଏଥିରେ ୧୫୨ ଜଣ ସୋସିଆଲ ମିଡିଆ ୟୁଜରଙ୍କୁ ସାମିଲ କରାଯାଇଥିଲା। ଏବେକା ସମୟରେ ସୋସିଆଲ ମିଡିଆ ପ୍ରତ୍ୟେକ ବ୍ୟକ୍ତିଙ୍କ ଏକ ଅଂଶ ପାଲଟିଯାଇଛି। ଶଯ୍ୟା ତ୍ୟାଗଠାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ମୋବାଇଲ ସ୍କ୍ରିନ୍ ସ୍କ୍ରୋଲ୍ କରିଥାନ୍ତି । ଏହା ନୂଆ ଲୋକ ଏବଂ ସମ୍ପର୍କୀୟଙ୍କ ସହ ଯୋଡ଼ି ହେବା ପାଇଁ ଏକ ମାଧ୍ୟମ ପାଲଟିଥିଲେ ହେଁ ଏହା ଆମ ମେଣ୍ଟାଲ୍ ହେଲ୍‌ଥ ଉପରେ ନକାରାତ୍ମକ ପ୍ରଭାବ ପକାଉଥିବାର ଦେଖିବାକୁ ମିଳିଛି। ୧୫ ବର୍ଷ ପୂର୍ବେ ଲେକାଙ୍କ ସହ ଯୋଗାଯୋଗ ସ୍ଥାପନ ପାଇଁ ସୋସିଆଲ ମିଡିଆର ଅଭ୍ୟୁଦୟ ହୋଇଥିଲା। ବର୍ତ୍ତମାନ ଏହା ଏକ ଯୋଗାଯୋଗର ମୁଖ୍ୟ ଉତ୍ସ ପାଲଟିଯାଇଛି। ବିଶ୍ୱରେ ୧୬ରୁ ୪୪ ବର୍ଷ ବୟସର ୯୭ ପ୍ରତିଶତ ଲୋକ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି।

# କମେଡି ପାଇଁ ହଟହଟା



**ମୁମ୍ବାଇ:** କମେଡିଆନ୍ ଭାରତୀ ସିଂଙ୍କୁ ଶିଖ୍ ସମ୍ପ୍ରଦାୟଙ୍କ ଉପରେ କମେଣ୍ଟ କରିବା ଭାରି ପଡ଼ିଛି। ନିକଟରେ ଭାରତୀ ଟିଭି ଶୋ' ଖତରା ଖତରାରେ ଶିଖ୍ ସମ୍ପ୍ରଦାୟଙ୍କୁ ନେଇ 'ଦାଢ଼ି-ମୁଚ୍ଛ' କମେଣ୍ଟ କରିଥିଲେ ଯାହାକୁ ନେଇ ଏବେ ଭାରତୀଙ୍କୁ ହଟହଟା ହେବାକୁ ପଡ଼ିଛି। ସୋସିଆଲ ମିଡିଆରେ ଏହି କ୍ଲିପ୍ ଘୂରି ବୁଲିବା ପରେ ସୋସିଆଲ ମିଡିଆ ୟୁଜର ଏ ନେଇ କମେଡିଆନଙ୍କୁ ସମାଲୋଚନା କରିଥିଲେ। ତେବେ ଶିଖ୍ କମ୍ୟୁନିଟି ପକ୍ଷରୁ ଭାରତୀଙ୍କ ବିରୋଧରେ ଏଫ୍‌ଆଇଆର୍ ଦାଏର କରାଯାଇଛି। ଏ ନେଇ ଭାରତୀ ଇନ୍‌ଷ୍ଟାଗ୍ରାମରେ କ୍ଷମା ମାଗିଛନ୍ତି। ଲୋକଙ୍କୁ ହସାଇବା ପାଇଁ କମେଡି କରୁଥିବାବେଳେ କାହାରି ମନରେ କଷ୍ଟ ଦେବାକୁ ସେ ଚାହୁଁ ନ ଥିବା କହିଥିଲେ। ଏଥିସହ ଯଦି ତାଙ୍କର କୌଣସି କମେଣ୍ଟ କୌଣସି ବ୍ୟକ୍ତିଙ୍କୁ ଆଘାତ କରିଛି ଏ ନେଇ ସେ ଦୁଃଖିତ ଥିବା ଭାରତୀ କହିଥିଲେ।

# ୭୪ ବର୍ଷ ପରେ ଖୋଲିବ ବ୍ଲ୍ୟୁ ହାଉସ୍

**ସିଓଲ:** ସାଉଥ୍ କୋରିଆର ପୂର୍ବତନ ରାଷ୍ଟ୍ରପତିଙ୍କ ରାଜପ୍ରାସାଦ ପର୍ଯ୍ୟଟକଙ୍କ ପାଇଁ ଖୋଲିବାକୁ ଯାଉଛି। ୭୪ ବର୍ଷ ପରେ ପ୍ରଥମ ଥର ଏହା ଖୋଲିବାକୁ ଯାଉଛି। ପ୍ରତ୍ୟେକ ଦିନ ୩୯,୦୦୦ ପର୍ଯ୍ୟଟକ ବ୍ଲ୍ୟୁ ହାଉସ୍ ବୁଲିପାରିବେ। ଏ ନେଇ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲ ବ୍ଲ୍ୟୁ ହାଉସ୍‌ରେ ଥିବା ରାଷ୍ଟ୍ରପତି କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ କରିଛନ୍ତି। ବ୍ଲ୍ୟୁ ହାଉସ୍ ରୂପରେଖ ପରିବର୍ତ୍ତନ କରାଯାଇଥିବା କୁହାଯାଇଛି। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜାପାନ ସରକାର ଏହି ପ୍ରାସାଦ ନିର୍ମାଣ କାରିଥିଲେ । ୧୯୪୫ରେ ଜାପାନଠାରୁ କୋରିଆ ସ୍ୱାଧୀନ ହେବା ପରେ ଆମେରିକା ସେନା ଏହି ପ୍ରସୋଦକୁ କବ୍‌ଜା କରି ରଖିଥିଲା।



# ଅଣ୍ଡରଗ୍ରାଉଣ୍ଡ ଆଶ୍ରୟସ୍ଥଳରେ ରହିପାରିବେ ୯ ଲକ୍ଷ

**ହେଲସିଙ୍କି:** ଫିନ୍‌ଲାଣ୍ଡରେ ତିଆରି ହୋଇଥିବା ଅଣ୍ଡରଗ୍ରାଉଣ୍ଡ ଆଶ୍ରୟ ସ୍ଥଳକୁ ନେଇ ଏବେ ଚାରିଆଡେ ଚର୍ଚ୍ଚା। ବ୍ଲାଷ୍ଟ ପ୍ରୁଫ୍, ଗ୍ୟାସ୍ ପ୍ରୁଫ୍, ବିଷାକ୍ତ ରାସାୟନିକ ପଦାର୍ଥ ଆଦିରୁ ରକ୍ଷା କରିବାକୁ ଏହି ବଙ୍କର ସକ୍ଷମ। ଫିନ୍‌ଲାଣ୍ଡରେ ନିର୍ମାଣ ହୋଇଥିବା ନେଟୱାର୍କ ଅଣ୍ଡରଗ୍ରାଉଣ୍ଡ ଆଶ୍ରୟ ସ୍ଥଳରେ ଏକକାଳୀନ ୯ ଲକ୍ଷ ଲୋକ ରହିପାରିବେ । ରାଜଧାନୀ ହେଲସିଙ୍କିରେ ଏହା ନିର୍ମାଣ ହୋଇଥିବାବେଳେ ୬୦ ଫୁଟ ତଳେ ଏହା ଅବସ୍ଥିତ। ଏଠାରେ ପିଲାଙ୍କ ପାଇଁ ଖେଳ ପଡ଼ିଆ ସାଙ୍ଗକୁ କାପେଟ୍ ଏରିଆ ଏବଂ କାର୍ ପାର୍କିଂର ସୁବିଧା ରହିଛି। ଏହି ବିଶାଳ ଆଶ୍ରୟ ସ୍ଥଳରେ ପାଖାପାଖି ୫,୫୦୦ ଟି ବଙ୍କର ରହିଛି। ଅଣ୍ଡରଗ୍ରାଉଣ୍ଡରେ ସେଲଟରର ସୁବିଧା ୧୯୮୦ରୁ ତିଆରି କରାଯାଇଥିଲା। ବିଶେଷକରି ଶତ୍ରୁ ରାଷ୍ଟ୍ରର ଆକ୍ରମଣରୁ ଦେଶବାସୀଙ୍କୁ ରକ୍ଷା କରିବା ପାଇଁ



ଏହି ଭୂତଳ ଆଶ୍ରୟସ୍ଥଳ ନିର୍ମାଣ କରାଯାଇଛି। ସବୁପ୍ରକାର ଅସ୍ତ୍ରଶସ୍ତ୍ରର ପ୍ରଭାବକୁ ଦୃଷ୍ଟିରେ ରଖି ଏହି ଆଶ୍ରୟ ସ୍ଥଳ ନିର୍ମାଣ କରାଯାଇଛି। ରୁଷିଆ ଆକ୍ରମଣ ଆଶଙ୍କା କରି ଫିନ୍‌ଲାଣ୍ଡ ଆଗୁଆ ସତର୍କ ହେଉଥିବା କଥା ଏବେ ଚର୍ଚ୍ଚା ହେଉଛି। ନିକଟରେ ନାଟୋର ସଦସ୍ୟତା ହାସଲ କରିବା ପାଇଁ ଫିନ୍‌ଲାଣ୍ଡ ଆଗ୍ରହୀ ଥିବାବେଳେ ଏ ନେଇ ଶତ୍ରୁରାଷ୍ଟ୍ର ରୁଷିଆର ଆକ୍ରମଣ ଆଶଙ୍କା କରି ଫିନଲ୍ୟାଣ୍ଡ ସେନା ସୁରକ୍ଷା ବଳୟକୁ ମଧ୍ୟ ବଢ଼ାଇ ଦେଇଛି।

# ମହିଳାଙ୍କୁ ବାଘଠାରୁ ରକ୍ଷାକଲା କୁକୁର

ବିଗ୍‌ବାର

ନର୍ଦ୍ଦର୍ନ କାଲିଫର୍ନିଆରେ ଏକ ପାହାଡ଼ି ବାଘ କବଳରୁ ୨୪ ବର୍ଷୀୟା ୱିଲ୍‌ସନ୍‌ଙ୍କୁ କୁକୁର ରକ୍ଷା କରିଛି । ବାଘଟି ମହିଳାଙ୍କୁ ଆକ୍ରମଣ କରିବା ବେଳେ କୁକୁରଟି ବାଘ ଉପରକୁ ଲମ୍ଫ ମାରିଥିଲା। ବାଘ ଓ କୁକୁର ମଧ୍ୟରେ କିଛି ସମୟର ସଂଘର୍ଷ ଲାଗିଥିଲା। ବାଘଟି କୁକୁରକୁ କ୍ଷତାକ୍ତ କରିପକାଇଥିବା ମହିଳା ଜଣକ କହିଛନ୍ତି। ସୋମବାର ୱିଲସନ୍ ତାଙ୍କ ଅଢ଼େଇ ବର୍ଷର କୁକୁର ଇଭା ସହ ରାଜଧାନୀ ବିଗ୍‌ବାର ଯାଉଥିଲେ। ଅଧା ରାସ୍ତାରେ ସେମାନେ ପାହାଡି ବାଘକୁ ଦେଖିଥିଲେ। ବାଘଟି ୱିଲ୍‌ସନ୍‌ଙ୍କୁ ଆକ୍ରମଣ କରିବା ପାଇଁ ତାଙ୍କ ନିକଟକୁ ବଢୁଥିବାବେଥେଳ ଇଭା ବାଘ ଉପରକୁ ଡେଇଁ ପଡ଼ିଥିବା ୱିଲ୍‌ସନ୍ କହିଛନ୍ତି।

# ‘ନନ୍ଦ ମୃତ୍ୟୁର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ’

## କୁମ୍‌କି ଅପରେଶନ ମୂଲ୍ୟାୟନ ପାଇଁ କମିଟି ଗଠନ ଦାବି


ମୃତ ହାତୀ ନନ୍ଦ

ଭୁବନେଶ୍ୱର, ୧୮।୫(ବ୍ୟୁରୋ)

ଚନ୍ଦକା ବନଖଣ୍ଡରେ କୁମ୍‌କି ପ୍ରଶିକ୍ଷଣ ଭେଳିକି ଦେଖାଇ କୋଟି କୋଟି ଟଙ୍କା ବରବାଦ କରାଯିବା ସହ ପୋଷା ହାତୀ ‘ନନ୍ଦ’କୁ ମାରିଦେବା ଘଟଣାକୁ ସହଜରେ ହଜମ କରି ପାରୁନାହାନ୍ତି ରାଜ୍ୟବାସୀ। ନନ୍ଦର କ୍ୟାମ୍ପ ମ୍ୟାନେଜମେଣ୍ଟ ଠିକ୍ ନ ଥିଲା ବୋଲି ଖୋଦ୍ କୁମ୍‌କି ଅପରେଶନ ସହ ଜଡ଼ିତ ବନ କର୍ମଚାରୀମାନେ ଖୋଲାଖୋଲି କହିବାକୁ ଲାଗିଲେଣି। ଏପରିକି ସୋସିଆଲ ମିଡିଆରେ ଏହି ଘଟଣା ପାଇଁ ଆନିମଲ ରାଇଟ୍ସ କର୍ମୀମାନେ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କ ଇସ୍ତଫା ମଧ୍ୟ ଦାବି କଲେଣି। ତେବେ ନନ୍ଦର ମୃତ୍ୟୁକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଓଡ଼ିଶାରେ ଚାଲିଥିବା କୁମ୍‌କି ଅପରେଶନର ମୂଲ୍ୟାଙ୍କନ ହେଲେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ସେମାନେ କହିଛନ୍ତି। ଏଥିପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯିବା ଉଚିତ ବୋଲି ଖୋର୍ଦ୍ଧା ଜିଲ୍ଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ପିସିସିଏଫ୍‌ଙ୍କୁ ଇମେଲ୍ ମାଧ୍ୟମରେ ଅନୁରୋଧ କରିଛନ୍ତି। କମିଟିରେ ପୂର୍ବତନ ପିସିସିଏଫ୍ ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ବନ୍ୟପ୍ରାଣୀ ପିସିସିଏଫ୍ ସରୋଜ ପଟ୍ଟନାୟକ, ପୂର୍ବତନ ଚନ୍ଦକା ଡିଏଫ୍‌ଓ ସୁରେଶ କୁମାର ମିଶ୍ର, ପୂର୍ବତନ ଡିସିଏଫ୍ କମଳଲୋଚନ ପୁରୋହିତଙ୍କୁ ସାମିଲ କରିବା ପାଇଁ ଶୁଭେନ୍ଦୁ ପ୍ରସ୍ତାବ ଦେଇଛନ୍ତି। ସେହିଭଳି କେନ୍ଦ୍ରୀୟ ବନ୍ୟପ୍ରାଣୀ ବୋର୍ଡର ପୂର୍ବତନ ସଦସ୍ୟ ବିଶ୍ୱଜିତ ମହାନ୍ତିଙ୍କୁ ମଧ୍ୟ ସାମିଲ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ତେବେ ନନ୍ଦର ସ୍ୱାସ୍ଥ୍ୟ ଓ ମୃତ୍ୟୁକୁ ନେଇ ଘୋର ସନ୍ଦେହ ଉଠିଥିବାରୁ ବିଶ୍ୱର ଶ୍ରେଷ୍ଠ ଭେଟେରିନାରି ସର୍ଜନ, ପୂର୍ବତନ ଭେଟେରିନାରି ନିର୍ଦ୍ଦେଶକ ତଥା ଭେଟେରିନାରି କଲେଜର ପୂର୍ବତନ ଡିନ୍ ଡା. ଜୀବନାନନ୍ଦ ମହାନ୍ତିଙ୍କୁ ନେବା ପାଇଁ ମଧ୍ୟ ସେ ପ୍ରସ୍ତାବ ଦିଆଯାଇଛି। ଉକ୍ତ ଇମେଲ୍‌ର ଏକ କପି ସେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ୫-ଟି ସଚିବଙ୍କୁ ମଧ୍ୟ ଦେଇଛନ୍ତି।

ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ନନ୍ଦ ହାତୀକୁ କୁମ୍‌କି ପ୍ରଶିକ୍ଷଣ ପାଇଁ ଚନ୍ଦକା ନିଆଯାଇଥିଲେ ମଧ୍ୟ କୌଣସି ପ୍ରଶିକ୍ଷଣ ଦିଆଯାଇ ନ ଥିଲା। ୨୪ ଘଣ୍ଟା ତା’ ଗୋଡ଼ରେ ବେଡ଼ି ବାନ୍ଧି ରଖାଗଲା। ବାରମ୍ବାର ଟ୍ରାଙ୍କୁଲାଇଜ୍ କରାଯାଇ ସ୍ୱାର୍ଥ ହାସଲ ହେଲା। କୁମ୍‌କି ନାଁରେ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ କୌଣସି ଫଳ ମିଳିଲା ନାହିଁ। ପ୍ରଶିକ୍ଷଣ ପାଇଁ ନିଯୁକ୍ତ ହୋଇଥିବା ଆସାମ ମାହୁନ୍ତ ଠିକାଦାର ଗୋଟିଏ ବି କୁମ୍‌କି ହାତୀ ତିଆରି କରି ପାରିଲେ ନାହିଁ। କୋଟି କୋଟି ଟଙ୍କା ସରକାରୀ ଅର୍ଥ ଖର୍ଚ୍ଚ ସତ୍ତ୍ୱେ କୌଣସି ଫଳ ମିଳିଲା ନାହିଁ। ତେଣୁ ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ହେବା ଦରକାର। ଆଗକୁ ଯେମିତି ଏହି ଘଟଣାର ପୁନରାବୃତ୍ତି ନ ହେବ, ସେଥିପାଇଁ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି।

# ବାପାଙ୍କ କଟୁରି ଚୋଟରେ ପୁଅ ମୃତ

**ଦେବଗଡ଼,୧୮।୫(ଡି.ଏନ୍.ଏ.):** ଯେଉଁ ପୁଅକୁ କାଖେଇ କୋଳେଇ ବଡ଼ କରିଥିଲେ, ସେହି ବଢ଼ିଲା ପୁଅଙ୍କୁ କଟୁରିରେ ହାଣି ହତ୍ୟା କରିଛନ୍ତି ବାପା। ମଙ୍ଗଳବାର ରାତିରେ ଏଭଳି ଦୁଃଖଦ ଘଟଣା ଘଟିଛି ଦେବଗଡ଼ ଜିଲା ଆଦର୍ଶ ଥାନା ଗୁଣ୍ଡୁରିପୋଷି ଗ୍ରାମରେ। ରାତି ପ୍ରାୟ ୧୧ଟା ୩୦ରେ ଉକ୍ତ ଗ୍ରାମର ଗୋଲବଦନ ପାତ୍ର(୩୨) ଘରେ ଶୋଇଥିଲେ। ପାରିବାରିକ କଳହକୁ ନେଇ ତାଙ୍କ ବାପା ମୁଚି (୬୨) ସେଠାକୁ ଆସି ତାଙ୍କୁ ନିଦରୁ ଉଠାଇବା ସହ ଗାଳିଗୁଲଜ କରିଥିଲେ। ଫଳରେ ଉଭୟ ବାପ ପୁଅଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ମୁଚି ଘରେ ଥିବା ଏକ କଟୁରି ସାହାଯ୍ୟରେ ଗୋଲବଦନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଗୋଲବଦନଙ୍କ ମୃତ୍ୟୁ ଘଟିଥିଲା। ମୁଚି ଘଟଣାସ୍ଥଳରେ କଟୁରିକୁ ଫିଙ୍ଗିଦେବା ସହ ଦେବଗଡ଼ ଆଦର୍ଶ ଥାନାକୁ ଆସି ଆତ୍ମସମର୍ପଣ କରିଥିଲେ। ପୋଲିସ ଗୋଲବଦନଙ୍କ ମୃତଦେହ ଏବଂ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରି ଜବତ କରିଛି।


ନବମ ଜନ୍ମଦିନ ଶୁଭେଚ୍ଛା

ଅକ୍ଳେଶ କୁମାର ବରାଡ଼
ଅଶୋକ ନଗର, କୋରାପୁଟ
ଶୁଭେଚ୍ଛା ସହ: ବାବା, ମାଆ, ଅଜୁ ବାବା, ବିଜୁ ବାବା, ମିଲି ବୋଉ, ପିଲି ବୋଉ, ବୋଉ, ଅଜା, ଆଈ, ମାମୁ, ମାଇଁ, ସୋନୁଭାଇ, ମୁନୁ ଭାଇ, ମାମା ଦିଦି, ଗୁଡୁନୁ ଦିଦି।
ଧ-୪୯୦


# ୪ ଡିଗ୍ରୀ ଯାଏ ବଢ଼ିବ ତାତି

## ଫେରିବ ଗ୍ରୀଷ୍ମ ପ୍ରବାହ

ଭୁବନେଶ୍ୱର, ୧୮।୫(ବ୍ୟୁରୋ)

ରାଜ୍ୟକୁ ପୁଣି ଗ୍ରୀଷ୍ମ ପ୍ରବାହ ଫେରିବ। ୩ଦିନ ପରେ ଦିନ ତାପମାତ୍ରା ୩ରୁ ୪ ଡିଗ୍ରୀ ଯାଏ ବୃଦ୍ଧି ହେବା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୨୨ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର, ବୌଦ୍ଧ ଏବଂ ବଲାଙ୍ଗୀର ଜିଲାକୁ ଗ୍ରୀଷ୍ମ ପ୍ରବାହ ରହିଛି। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର।

ସେପଟେ ବୁଧବାର ବୌଦ୍ଧରେ ସର୍ବାଧିକ ତାପମାତ୍ରା ୪୨.୫ ଡିଗ୍ରୀ ରହିଥିଲା। ସେହିଭଳି ଝାରସୁଗୁଡ଼ାରେ ୪୧.୨, ସୁନ୍ଦରଗଡ଼ ୪୦, ବଲାଙ୍ଗୀର ୪୦.୫, ଟିଟିଲାଗଡ଼ ୪୦.୫, ମାଲକାନଗିରି ୪୦, ସୋନପୁର ୪୧.୫, ଦେବଗଡ଼ ୪୧.୨, ନୂଆପଡ଼ା ୪୦, ଭୁବନେଶ୍ୱର ୩୬, କଟକ ୩୬.୨, ପୁରୀରେ ୩୪.୧ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଭିନ୍ନ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବ। ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା ଆଦି ଜିଲାକୁ ଝଡ଼ତୋଫାନ ଓ ବଜ୍ରପାତ ହେବା ସମ୍ଭାବନା ରହିଛି। ଏ ସବୁ ଜିଲାରେ ଝଡ଼ତୋଫାନ ସମୟରେ ପବନର ବେଗ ଘଣ୍ଟାପ୍ରତି ୩୦ ରୁ ୪୦କି.ମି. ରହିବ। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଏଥିସହିତ ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼, ମୟୂରଭଞ୍ଜ, ଗଜପତି, ଗଞ୍ଜାମ ଓ କେନ୍ଦୁଝର ଜିଲାର କିଛି ସ୍ଥାନରେ ମଧ୍ୟ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ବାରଙ୍ଗ,୧୮।୫(ଡି.ଏନ୍.ଏ.):** ଗୋଡ଼ିସାହି ଫାଣ୍ଡି ଗୋଡିସାହି ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ମହିଳାଙ୍କା ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ଶୁଭଦର୍ଶିନୀ ବେହେରା(୨୬)। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶୁଭଦର୍ଶିନୀଙ୍କ ସ୍ୱାମୀ ବାହାର ରାଜ୍ୟରେ ରହି କାର୍ଯ୍ୟ କରୁଛନ୍ତି। ମଙ୍ଗଳବାର କୌଣସି କାର୍ଯ୍ୟରେ ଶୁଭଦର୍ଶିନୀଙ୍କ ପରିବାର ଲୋକେ ବାହାରକୁ ଯାଇଥିଲେ। ରାତିରେ ସେମାନେ ଫେରିବାବେଳେ ବୋହୂ ଡାକିବାରେ ଶୁଣି ନ ଥିଲେ। ସନ୍ଦେହରେ ଝରକା ବାଟେ ଦେଖିବାବେଳେ ସେ ବେକରେ ଲୁଗା ଲଗାଇ ପଙ୍ଖାରେ ଝୁଲୁଥିବା ଦେଖିଥିଲେ। ଏ ନେଇ ପରିବାର ଲୋକ ଶୁଭଦର୍ଶିନୀଙ୍କ ସ୍ୱାମୀ ଓ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଛି। ପରେ ତାଙ୍କ ସ୍ୱାମୀ ଆସି ପହଞ୍ଚିବା ସହ ବାପଘରର ଲୋକ ସହାୟତାରେ ଗୋଡିସାହି ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ।

# ବିବାହିତ ପ୍ରେମିକଙ୍କ ଘର ଆଗରେ ପ୍ରେମିକାଙ୍କ ଧାରଣା

■ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ରଖିଥିଲେ ସମ୍ପର୍କ

■ ୭ ମାସର ଗର୍ଭବତୀ ହେବାପରେ ହାତ ଛାଡ଼ିଦେଲେ

ପାପଡ଼ାହାଣ୍ଡି,୧୮।୫(ଡି.ଏନ୍.ଏ.)

ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ୭ ବର୍ଷ ହେଲା ପ୍ରେମିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପ୍ରେମିକା ୭ ମାସର ଗର୍ଭବତୀ ହେବାପରେ ହାତ ଛାଡ଼ିଦେଲେ ପ୍ରେମିକ। ଏବେ ସ୍ତ୍ରୀର ମାନ୍ୟତା ଏବଂ ଘରକୁ ପଶିବାକୁ ଅନୁମତି ଦାବିକରି ପ୍ରେମିକା ପ୍ରେମିକଙ୍କ ଘର ଆଗରେ ଧାରଣାରେ ବସିଛନ୍ତି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଘାଟଗୁଡ଼ା ପଞ୍ଚାୟତର ଛତ୍ରବର ଗାଁରୁ ଏଭଳି ଅଭିଯୋଗ ଆସିଛି। ନ୍ୟାୟ ଦାବିକରି ଯୁବତୀ ଜଣକ ୧୫ ଦିନ ହେଲା ବୁଲୁଥିବାବେଳେ ଶେଷରେ ପ୍ରେମିକଙ୍କ ଘର ଆଗରେ ଧାରଣା ଦେଇଛନ୍ତି।

ସୂଚନା ଅନୁଯାୟୀ, ଛତ୍ରଭର ଗାଁର ଲାଇଜର ଖରା ବିବାହିତ ହୋଇ ମଧ୍ୟ ତେନ୍ତୁଳିଖୁଣ୍ଟି ଥାନା ଖାତିଗୁଡ଼ା ଗାଁର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ଲାଇଜର ନିଜ ସ୍ତ୍ରୀଙ୍କୁ ଭାଉଜ ଏବଂ ଝିଅକୁ ଝିଆରୀ ବୋଲି ମିଛ କହି ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଯୁବତୀ ଜଣଙ୍କ ବିବାହ ପାଇଁ ଜିଦ୍ କରିବାରୁ ଲାଇଜର ତାଙ୍କୁ ନେଇ ପାପଡ଼ାହାଣ୍ଡି ଗାଁରେ ଏକ ମାସ ଓ ପରେ ଉମରକୋଟ ଡଙ୍ଗରିସାହିସ୍ଥିତ ତାଙ୍କ ଭଉଣୀ ଘରେ ୨ ବର୍ଷ ରଖିଥିଲେ। ଏହାପରେ ଡାବୁଗାଁର ସ୍ୱଧାର ଗୃହରେ ଏକ ମାସ ରଖିବା ପରେ ନିଜ ଘରକୁ ନେଇ ଆସିଥିଲେ। ହେଲେ ଲାଇଜରଙ୍କ ପରିବାର ଲୋକେ ଯୁବତୀଙ୍କୁ ଘରେ ପୂରାଇ ଦେଇ ନ ଥିଲେ। ତାଙ୍କର ଲୁଗାପଟା ବାହାରେ ଫୋପାଡ଼ି ଦେଇଥିଲେ। ଫଳରେ ବାଧହୋଇ ଗର୍ଭବତୀ ଯୁବତୀ ଲାଇଜରଙ୍କ ଘର ଆଗରେ ଧାରଣା ଦେଇଛନ୍ତି। ଅନ୍ୟପକ୍ଷରେ ଲାଇଜର ଘର ଛାଡ଼ି ଫେରାର ହୋଇଯାଇଛନ୍ତି।

ଖବର ପାଇ ମା’ ଘର ଅଧକ୍ଷା କାଦମ୍ବିନୀ ତ୍ରିପାଠୀ ପହଞ୍ଚି ଧାରଣାସ୍ଥଳରୁ ଯୁବତୀଙ୍କୁ ଉଦ୍ଧାର କରିଛନ୍ତି। ଗର୍ଭବତୀ ଥିବାରୁ ତାଙ୍କୁ ଶୀଘ୍ର ନ୍ୟାୟ ମିଳୁ ବୋଲି ସେ ଦାବି କରିଛନ୍ତି। ଗୁରୁବାର ଯୁବତୀ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିବେ ବୋଲି କହିଛନ୍ତି।

# ଘରେ ଶୋଇଥିବା ଯୁବକଙ୍କୁ ଦଳିଦେଲେ ହାତୀ


ଦେଉଳି ରେଞ୍ଜରେ ଝାଡ଼ଖଣ୍ଡୀ ହାତୀପଲ।

■ଝାଡ଼ଖଣ୍ଡୀ ହାତୀପଲଙ୍କ ଉପଦ୍ରବ

■୧୫ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଲେ

ବାରିପଦା ଅଫିସ,୧୮।୫

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଅଧୀନ ଦେଉଳି ରେଞ୍ଜ ଚୁହାଟ ପଞ୍ଚାୟତ କାଠଶିରିଶି ଗ୍ରାମରେ ଝାଡ଼ଖଣ୍ଡୀ ହାତୀପଲ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ପଲରେ ୬୦ରୁ ଊର୍ଦ୍ଧ୍ୱ ହାତୀ ରହିଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ଦେଇଛନ୍ତି। ଏପରିକି ଧାନ ଖାଇବାକୁ ହାତୀପଲ ଘର ଭାଙ୍ଗିବା ସହ ଆକ୍ରମଣରେ ଭିତରେ ଶୋଇଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଚାଟୁ ଟୁଡୁ(୨୫)। ସେ ଚିତ୍କାର କରିବା ପରେ ହାତୀମାନେ ଦଳିଚକଟି ଦେବାରୁ ଘଟଣାସ୍ଥଳରେ ତାଙ୍କର ଜୀବନ ଯାଇଥିବା ସୂଚନା ମିଳିଛି। ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ହାତୀର ଚଲାପଥ ପ୍ରତି ନଜର ରଖିଛି। ମୃତକଙ୍କ ପରିବାର ଓ ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରତିବର୍ଷ ଖାଦ୍ୟ ଅନ୍ୱେଷଣରେ ଝାଡ଼ଖଣ୍ଡୀ ହାତୀପଲ ମୟୂରଭଞ୍ଜ ଜିଲା ଦେଇ ପ୍ରବେଶ କରି ନୀଳଗିରି ମୁହାଁ ହୋଇଥାନ୍ତି। ଯିବାଆସିବା ସମୟରେ ହାତୀଙ୍କ ହାବୁଡ଼ରେ ପଡ଼ି ବହୁ ଧନଜୀବନ ନଷ୍ଟ ହେଉଥିବା ବେଳେ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ କରି ଜନଅସନ୍ତୋଷ ବୃଦ୍ଧି ପାଉଛି।

## ୪ ଦୋକାନ, ୨ ବାଇକ୍‌କୁ ଧକ୍କା ଦେଲା ହାଇୱା

**ବାରଙ୍ଗ, ୧୮।୫(ଡି.ଏନ୍.ଏ.):** ତ୍ରିଶୂଳିଆ ଟ୍ରାଫିକ ଛକ ନିକଟରେ ବୁଧବାର ସକାଳେ ଏକ ହାଇୱା ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ୪ଟି ଦୋକାନକୁ ଧକ୍କା ଦେବା ପରେ ୨ଟି ବାଇକ୍ ଉପରେ ଚଢ଼ିଯାଇଛି। ବାଇକ୍ ଚାଳକଦ୍ୱୟ ନିକଟସ୍ଥ ଚା’ ଦୋକାନରେ ବାଇକ୍ ରଖି ଚା’ ପିଉଥିବାବେଳେ ସୌଭାଗ୍ୟବଶତଃ ବଞ୍ଚିଯାଇଛନ୍ତି। ସୂଚନା ଅନୁଯାୟୀ, ବାଙ୍କୀ- ତ୍ରିଶୂଳିଆ ମୁଖ୍ୟରାସ୍ତାରେ ଓଡି ୦୫ ଜେ ୮୭୫୮ ନଂ. ବିଶିଷ୍ଟ ହାଇୱା ସକାଳେ ଦ୍ରୁତଗତିରେ ଆସୁଥିଲା। ହେଲେ ତ୍ରିଶୂଳିଆ ଛକ ନିକଟରେ ହଠାତ୍ ନିୟନ୍ତ୍ରଣ ହରାଇ ରାସ୍ତାକଡ଼ରେ ଥିବା ୪ଟି ଦୋକାନ ଉପରେ ଚଢ଼ିଯାଇଥିଲା। ଏଥିସହ ନିକଟରେ ଥିବା ୨ଟି ବାଇକ୍‌କୁ ମଧ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇ ହାଇୱାଟି ଦ୍ରୁତଗତିରେ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ହାଇୱା ଗାଡିକୁ ପିଛା କରିବାରୁ କିଛିବାଟ ଯିବାପରେ ରାସ୍ତାକଡରେ ଚାଳକ ଗାଡିକୁ ଛାଡି ଫେରାର ହୋଇଯାଇଥିଲା।

# ରଥ ନିର୍ମାଣ: ରେଢ଼ାଖୋଲରୁ କାଠ ପୁରୀ ଗଲା

ରେଢ଼ାଖୋଲ,୧୮।୫(ଡି.ଏନ.ଏ.)

ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରଭୁ ଜଗନ୍ନାଥ, ଦେବୀ ସୁଭଦ୍ରା ଓ ବଳଭଦ୍ରଙ୍କ ରଥ ନିର୍ମାଣ ଲାଗି ସମ୍ବଲପୁର ଜିଲା ରେଢ଼ାଖୋଲ ବନଖଣ୍ଡର ଲଣ୍ଡାକୋଟ ସଂରକ୍ଷିତ ଜଙ୍ଗଲରୁ ବୁଧବାର ୬୧ ଖଣ୍ଡ କାଠ ପଠାଯାଇଛି। ପ୍ରଥମଥର ପାଇଁ ରେଢ଼ାଖୋଲରୁ ଠାକୁରଙ୍କ ରଥ ନିର୍ମାଣ ଲାଗି କାଠ ପଠାଯାଉଥିବାରୁ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ବନ ବିଭାଗ ପକ୍ଷରୁ ସଂଗୃହୀତ କାଠ ବନ୍ତଲୋଇ ଗ୍ରାମଠାରେ ପୂଜାର୍ଚ୍ଚନା ପରେ ଟ୍ରକ୍‌ରେ ବୋଝେଇ କରାଯାଇଥିଲା। ପୂଜାର୍ଚ୍ଚନା ବେଳେ ଡିଏଫ୍‌ଓ ରମାକାନ୍ତ ନାୟକ, ଏସିଏଫ୍ ଦେବୀପ୍ରସାଦ ରାଉତ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବୁର୍ଡା ସରପଞ୍ଚ ରାଜା ପାଲ, ସାମାଜିକ କର୍ମୀ ଅନାଦି ସାହୁଙ୍କ ସମେତ ବହୁ ଜଗନ୍ନାଥ ଭକ୍ତ ଓ ବନ ଅଧିକାରୀ ଉପସ୍ଥିତ ଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପୂଜକ ରଞ୍ଜନାଭ ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। କାଠ ବୋଝେଇ ଟ୍ରକ୍‌କୁ ସହରର ବିଭିନ୍ନ ସ୍ଥାନରେ ଲୋକେ କଳସ ବସାଇ ସ୍ୱାଗତ କରିଥିଲେ। ନାମ ସଂକୀର୍ତ୍ତନ କରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ଟ୍ରକ୍ ପୁରୀ ଅଭିମୁଖେ ଗଡ଼ିଥିଲା।


ପୁରୀ ଅଭିମୁଖେ ବାହାରିଥିବା ରଥକାଠ ବୋଝେଇ ଟ୍ରକ୍।

# ୧୧ରେ ଶରଧାବାଲିରେ ହିନ୍ଦୁ ମହାକୁମ୍ଭ

**ପୁରୀ ଅଫିସ, ୧୮।୫:** ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସମ୍ମିଳିତ ହିନ୍ଦୁତ୍ୱ ସୁରକ୍ଷା ମହାକ୍ରାନ୍ତି ତରଫରୁ ବୁଧବାର ହିନ୍ଦୁ ମହାକୁମ୍ଭର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାକ୍ରାନ୍ତିର ସଭାପତି ପ୍ରଦ୍ୟୁମ୍ନ ମିଶ୍ର ଅଧକ୍ଷତା କରିଥିଲେ। ଉଦ୍‌ଘାଟକ ଭାବେ ଜଗନ୍ନାଥ ସିଂହାରୀ ଏବଂ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇଥିଲେ। ସଂଯୋଜକ ସତ୍ୟ ନାରାୟଣ ମିଶ୍ର ହିନ୍ଦୁ ମହାକୁମ୍ଭ ସମ୍ପର୍କିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ହିନ୍ଦୁ ଏକତା ତଥା ଭାରତକୁ ଅଖଣ୍ଡ ହିନ୍ଦୁ ରାଷ୍ଟ୍ର ଘୋଷଣା ପ୍ରଭୃତି ପ୍ରସଙ୍ଗକୁ ନେଇ ଏହି ହିନ୍ଦୁ ସଭା ଆୟୋଜନ ହେବ। ଆଲୋକ ଖୁଣ୍ଟିଆ ଏବଂ ପ୍ରିୟପ୍ରସାଦ ମିଶ୍ର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଗଠନମୂଳକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଆସନ୍ତା ଜୁନ ୧୧ ଓ ୧୨ ତାରିଖରେ ଶରଧାବାଲିରେ ବିଶାଳ ହିନ୍ଦୁତ୍ୱ ସୁରକ୍ଷା ସଭା ବା ହିନ୍ଦୁ ମହାକୁମ୍ଭ ସଭା ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ରାଷ୍ଟ୍ରରୁ ହିନ୍ଦୁମାନେ ଆସି ଯୋଗଦେବେ। ଏହି ଅବସରରେ ସସ୍ମିତା ସାହୁ, ଅରୁଣିମା ସାହୁ, ସ୍ୱପ୍ନାରାଣୀ ପାତ୍ର ପ୍ରମୁଖ ମାତୃଶକ୍ତି ମହାକୁମ୍ଭର ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ପ୍ରତିଶ୍ରୁତି ବଦ୍ଧ ହୋଇଥିଲେ। ସେହିପରି ବରିଷ୍ଠ କର୍ମୀ ନିକୁଞ୍ଜ ଦାସ, ସୂର୍ଯ୍ୟ ରଥ, କୃଷ୍ଣଚନ୍ଦ୍ର ରାୟ ପ୍ରମୁଖ ହିନ୍ଦୁ ମହାକୁମ୍ଭକୁ ସଫଳ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ।

# ବାଇକ୍ ଦୁର୍ଘଟଣାରେ ୨ମୃତ, ଜଣେ ଗୁରୁତର

ଦାମନଯୋଡ଼ି, ୧୮।୫(ଡି.ଏନ.ଏ.)

ଦାମନଯୋଡ଼ି-କାକିରିଗୁମା ରାସ୍ତାର ଝଡ଼ିଗୁଡ଼ା ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ଘଟିଛି। ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଦୁଇ ମୃତକ ହେଲେ ଅନନ୍ତ ନାୟକ(୨୨) ଓ ବାପି କମାର। ଅନନ୍ତଙ୍କ ଘର ଦଶମନ୍ତପୁର ବ୍ଲକର ଟାମକସିଲ ଗ୍ରାମରେ। ବାପିଙ୍କ ଘର ସେହି ବ୍ଲକର ଭିତରବାଗ୍ରୀ ଗ୍ରାମରେ ବୋଲି ଜଣାପଡ଼ିଛି। ସେହିପରି ଆହତ ଦୈତାରି କମାରଙ୍କ ଘର ଲକ୍ଷ୍ମୀପୁର ବ୍ଲକ ବସ୍ତରବନ୍ଧ ଗ୍ରାମରେ ବୋଲି ଜଣାପଡ଼ିଛି।

ଖବରରୁ ଜଣାପଡ଼ିଛି କାକିରିଗୁମା ଅଞ୍ଚଳର ଅନନ୍ତ, ବାପି ଓ ଦୈତାରି ଏକ ବାଇକ୍ (ଓଡି୧୦କ୍ୟୁ-୬୦୦୩)ରେ ଦାମନଯୋଡ଼ି ପୁଟ୍ରାଘାଟି ଗ୍ରାମରୁ ଭୋଜି ଖାଇ ମଙ୍ଗଳବାର ରାତିରେ ଗ୍ରାମକୁ ଫେରୁଥିଲେ। ଝଡ଼ିଗୁଡ଼ା-ଲିଟିଗୁଡ଼ା ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ସେମାନେ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ପାର୍ଶ୍ୱରେ ଥିବା ୩ଫୁଟ ଖାଲ ଭିତରକୁ ଖସିପଡ଼ିଥିଲେ। ଘଟଣାସ୍ଥଳରେ ଅନନ୍ତ ଓ ବାପିଙ୍କ ମୃତ୍ୟୁ ହୋଇଥିଲା। ସକାଳୁ ଲୋକେ ଦେଖିବା ପରେ ଆହତ ଦୈତାରିଙ୍କୁ ଚିକିତ୍ସା ନିମନ୍ତେ ମେଡିକାଲ ନିଆଯାଇଥିଲା। ସୂଚନା ପାଇ ଦାମନଯୋଡ଼ି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବିରଳ ସାଲିଭାରୀ ଗ୍ଲାଣ୍ଡ୍ କ୍ୟାନ୍‌ସରର ସଫଳ ଚିକିତ୍ସା

ଭୁବନେଶ୍ୱର,୧୮।୫(ବ୍ୟୁରୋ)

କଟକସ୍ଥିତ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲରେ ଏକ ବିରଳ ସାଲିଭାରୀ ଗ୍ଲାଣ୍ଡ କ୍ୟାନସର ‘ପାରୋଟିଡ୍ ଗ୍ଲାଣ୍ଡ କାର୍ସିନୋମା’ର ସଫଳ ଚିକିତ୍ସା କରାଯାଇଛି। ପଶ୍ଚିମ ଓଡ଼ିଶାର ଜଣେ ୩୩ବର୍ଷ ବୟସ୍କା ମହିଳାଙ୍କ କର୍ଣ୍ଣପଟଳ ତଳ ମାଂସାଳ ସ୍ଥାନ(ଇୟର ଲୋବ୍)ରେ ଥିବା ସାଲିଭାରୀ ଗ୍ଲାଣ୍ଡରେ ଏହି କ୍ୟାନ୍‌ସର ହୋଇଥିଲା। ଫଳରେ ୮ ମାସ ଧରି ତାଙ୍କ ମୁହଁ ଏବଂ କର୍ଣ୍ଣପଟଳ ତଳଭାଗରେ ବହୁତ ଯନ୍ତ୍ରଣା ହେଉଥିଲା। ସେ ଅନେକ ହସ୍ପିଟାଲ ଓ ବହୁ ନ୍ୟୁରୋଲୋଜିକାଲ ସ୍ପେଶାଲିଷ୍ଟଙ୍କ ନିକଟକୁ ଯାଇଥିଲେ ମଧ୍ୟ କେଉଁଠି ତାଙ୍କର ପ୍ରକୃତ ରୋଗ ଚିହ୍ନଟ ହୋଇପାରି ନ ଥିଲା। ପରେ ସେ ଏଚ୍‌ସିଜି କ୍ୟାନ୍‌ସର ହସ୍ପିଟାଲକୁ ଆସି ଡାକ୍ତରଙ୍କ ସହିତ ପରାମର୍ଶ କରିଥିଲେ। ସେଠାରେ ଡାକ୍ତରମାନେ ତାଙ୍କ କର୍ଣ୍ଣପଟଳ ତଳଭାଗରେ ଅସ୍ୱାଭାବିକ ଫୁଲା ରହିଥିବା ଦେଖି ତାହା ଟ୍ୟୁମର ବୋଲି ସନ୍ଦେହ କରିଥିଲେ। ହେଲେ କ୍ୟାନ୍‌ସର ଆକ୍ରାନ୍ତ କି ନୁହେଁ ଜାଣିବାକୁ ତାଙ୍କର ପରୀକ୍ଷା ହୋଇଥିଲା। ରିପୋର୍ଟରେ ସେ କ୍ୟାନ୍‌ସର ଆକ୍ରାନ୍ତ ସ୍ପଷ୍ଟ ହେବାପରେ ଚିକିତ୍ସା ଆରମ୍ଭ ହୋଇ ଶେଷରେ ଅସ୍ତ୍ରୋପଚାର ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସୁପରଫିସିଆଲ ଲୋବ୍ ଏବଂ ଡିପ୍ ଲୋବ୍ ଦେଇ ଯାଇଥିବା ମୁଖମଣ୍ଡଳର ସ୍ନାୟୁଗୁଡ଼ିକୁ ସଂରକ୍ଷିତ ରଖି ଦୀର୍ଘ ସାଢ଼େ ଚାରିଘଣ୍ଟା କାଳ ଏହି ଅସ୍ତ୍ରୋପଚାର କରାଯାଇଥିଲା। କାରଣ ଏହି ସ୍ନାୟୁଗୁଡ଼ିକ ପ୍ରଭାବିତ ହୋଇଥିଲେ ମୁଖମଣ୍ଡଳ ଅସୁନ୍ଦର ହୋଇଯାଇଥାନ୍ତା, ମୁହଁର ଗୋଟିଏ ପଟ ପକ୍ଷାଘାତର ଶିକାର ହୋଇଥାନ୍ତା, ନିଜର ମନୋଭାବ ପରିପ୍ରକାଶ କରିବାର ଅଭାବ, ଚକ୍ଷୁ ବନ୍ଦ କରିବାର ଅସାମର୍ଥ୍ୟ ଏବଂ ଭୁଲତା ଚଳନ ଅସମ୍ଭବ ହୋଇଯାଇଥାନ୍ତା। ଏହି ଚିକିତ୍ସାକୁ ସିନିୟର କନ୍‌ସଲଟାଣ୍ଟ ସର୍ଜିକାଲ ଅଙ୍କୋଲୋଜିଷ୍ଟ ଡା. ମୁନାଥ ଏନ୍‌ଏମ୍‌ଏଲ୍ ଏବଂ ତାଙ୍କ ଟିମ୍ ସଫଳତାର ସହ କରିଥିଲେ। ଏ ନେଇ ଡା. ମୁନାଥ କହିଛନ୍ତି, ଏହା ଯୁବତୀଙ୍କ କ୍ଷେତ୍ରରେ ଏକ ଅନନ୍ୟ ଓ ବିରଳ ଘଟଣା। ବର୍ଷକୁ ଏଭଳି ଗୋଟିଏ ବା ଦୁଇଟି ଘଟଣା ଦେଖିଥାଉ। ଏହା ଏକ ଚାଲେଞ୍ଜପୂର୍ଣ୍ଣ ଅସ୍ତ୍ରୋପଚାର ଥିଲା। କାରଣ କ୍ୟାନ୍‌ସର ଟ୍ୟୁମରଗୁଡ଼ିକ ମୁଖମଣ୍ଡଳର ସ୍ନାୟୁକୁ ଲାଗିକରି ରହିଥିଲା ଏବଂ ଆମକୁ ସ୍ନାୟୁ ପ୍ରତି କୌଣସି ପ୍ରଭାବ ନ ପକାଇ ଯତ୍ନର ସହିତ ଟ୍ୟୁମରଗୁଡ଼ିକୁ କାଟି ବାହାର କରିବାର ଥିଲା।


# ମନେ ପଡ଼ନ୍ତି

ମାମାଙ୍କର ପ୍ରଥମ ବାର୍ଷିକ ଉତ୍ସବ ଉପଲକ୍ଷେ ଭାବବିହ୍ୱଳ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

Baishnavi Narayani Dasi
୰ନଳିନୀ ପଟ୍ଟନାୟକ
(1940-2021)
ସ୍ୱାମୀ- ବୈଷ୍ଣବଶ୍ରୀ ଅବଧୂତଚରଣ ଦାସ (ପଟ୍ଟନାୟକ)
ସା. ଦଇତାପଡ଼ାସାହି (ସାନମଠ ସାମ୍ନାରେ), ପୋ. / ଜିଲ୍ଲା- ପୁରୀ-୭୫୨୦୦୧
ମାମା, ଆପଣଙ୍କୁ ଭଲ ପାଇବାର ସ୍ମୃତିରେ, ଆପଣ ଯେଉଁଠି ଥାଆନ୍ତୁ, ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀଗିରିଧାରୀ, ଶ୍ରୀମଦନମୋହନଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:- ସ୍ୱାମୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜ୍ୱାଇଁ, ନାତିନାତୁଣୀମାନେ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୪୨୫

ଶ୍ରଦ୍ଧାଞ୍ଜଳି

୰ଆଶିଷ କୁମାର ଜେନା (ବାବୁଲି)
ହଣ୍ଡପା, ଅନୁଗୋଳ
ଆବିର୍ଭାବ-୦୨।୦୮।୧୯୬୮
ତିରୋଧାନ- ୧୯।୦୫।୧୯୯୯
ତୁମେ ଯେଉଁଠାରେ ବି ଥାଅ ଭଲରେ ଥାଅ। ତୁମ ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଜେନା ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୪୮୬

ଶ୍ରଦ୍ଧାଞ୍ଜଳି

ପଦ୍ମଶ୍ରୀ ସ୍ୱର୍ଗତ ରଜତ କୁମାର କର
ଆବିର୍ଭାବ: ୦୨।୦୯।୧୯୩୩
ତିରୋଧାନ: ୦୮।୦୫।୨୦୨୨
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ପରିବାରବର୍ଗ
D-491

କଥା ସେଦିନର

## ଲିପଷ୍ଟିକ୍ କଥା ଭୁଲି ହେଉନି

ସୈଫ ତନୟା ସାରା ଅଲ୍ଲୀ ଖାଁ ନିଜ ପିଲାଦିନର ଏକ ଘଟଣାକୁ ଏ ପର୍ଯ୍ୟନ୍ତ ଭୁଲି ପାରୁନାହାନ୍ତି। ସେତେବେଳେ ସୈଫ-ପ୍ରୀତି ଜିଣ୍ଟାଙ୍କୁ ନେଇ 'କ୍ୟା କହେନା'ର ଶୁଟିଂ ଚାଲିଥାଏ। ସେଦିନ ଶୁଟିଂ ସେଟ୍‌କୁ ତାଙ୍କ ସହ ସାରା ଯାଇଥିଲେ। ତା'ପରେ କ'ଣ ହେଲା ସେ ନେଇ ସାରା କହନ୍ତି, 'ମୁଁ ଶୁଟିଂ ସେଟ୍‌ରେ ପହଞ୍ଚିଲା ପରେ ଦେଖିଲି ଯେ ପ୍ରୀତି ଜିଣ୍ଟା ମେକ୍‌ଅପ୍ ନେଉଛନ୍ତି। ମୁଁ ସିଧା ସେହି ରୁମ୍ ଭିତରକୁ ଯାଇଥିଲି। ଏତେଗୁଡାଏ ଲିପ୍‌ଷ୍ଟିକ୍ ଦେଖି ସେଗୁଡିକୁ ଲଗାଇବାକୁ ଚାହିଁଥିଲି। ମୁଁ ଯେତେବେଳେ ସେ କଥା ପ୍ରୀତି ମ୍ୟାଡାମଙ୍କୁ କହିଲି ସେ ପ୍ରଥମେ ହସିଥିଲେ। ତା'ପରେ ମୋତେ କହିଥିଲେ ଯେ ତୁମ ଚଏସ୍ ଅନୁସାରେ ଲିପ୍‌ଷ୍ଟିକ୍ ନେଇ ଲଗାଇପାର। ମୋର ତ ପିଲାଟି ଦିନରୁ ଅଭିନୟ ପ୍ରତି ଆଗ୍ରହ ଥିଲା। ତେଣୁ ମୁଁ ମେକ୍‌ଅପ୍‌ମ୍ୟାନ୍‌ଙ୍କୁ କହିଥିଲି ଯେ ମୋତେ ଟିକେ ମେକ୍‌ଅପ୍ କରିଦିଅନ୍ତୁ। ମେକ୍‌ଅପ୍ ନେବା ପରେ ମୁଁ ଲିପ୍‌ଷ୍ଟିକ୍ ଲଗାଇ ଯେତେବେଳେ ପାପାଙ୍କ ସାମନାକୁ ଆସିଲି ସେ ମୋତେ ଦେଖି ହସି ହସି ଗଡି ଯାଇଥିଲେ। ଏହି ଘଟଣା ଏବେ ମୋର ମନେପଡିଲେ ଭାରି ହସ ଲାଗିଥାଏ।'

## ଗାର୍ଡେନିଂ ନିଶା

କଥାରେ ଅଛି ବସିବାଠାରୁ କାଶିବା ଭଲ। ତେଣୁ ଘରେ ବସି ବସି କାହିଁକି ବୋର୍ ହେବେ, ତେଣୁ ତାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଛି। ପ୍ରତିଦିନ କିଛି ସମୟ ସେ ଗାର୍ଡେନିଂ ପାଇଁ ଦେଉଛନ୍ତି। ସେ କିଏ ଜାଣନ୍ତି ? ରକୁଲ୍ ପ୍ରୀତ ସିଂ। ଯେହେତୁ ଏବେ ଶୁଟିଂ ନାହିଁ ତେଣୁ ଗାର୍ଡେନିଂରେ ମନୋନିବେଶ କରିଛନ୍ତି। ଏ ବିଷୟରେ ସେ କହନ୍ତି, 'ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା। କିନ୍ତୁ ପାଠ ପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି। ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି। ନୂଆ ଫୁଲ ଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି।' କେବଳ ସେତିକି ନୁହେଁ, ନିଜ ଗାର୍ଡେନ୍‌ରେ ସେ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସେଗୁଡିକୁ ନିଜର ସୋସିଆଲ ମିଡିଆରେ ଅପଲୋଡ୍ କରୁଛନ୍ତି। ସେଗୁଡିକ ମଧ୍ୟ ବେଶ୍ ଭାଇରାଲ ହୋଇଛି। ଅନ୍ୟପକ୍ଷରେ ଏବେ ରକୁଲ୍‌ଙ୍କ ହାତରେ ୨-୩ଟି ଅଫର ରହିଛି। ତେବେ ସେଗୁଡ଼ିକୁ ଭଲ ଭାବରେ ତର୍ଜମା କରିବା ପରେ ସେ ନେଇ ନିଷ୍ପତ୍ତି ନେବେ ବୋଲି କହନ୍ତି ଏହି ଅଭିନେତ୍ରୀ।

## ଅପେକ୍ଷାରେ ଫଳ ମିଠା

କୋଭିଡ୍ ଆତଙ୍କ ଅନେକାଂଶରେ ଦୂର ହେବା ପରେ ଏବେ ବଲିଉଡ୍ ପୁଣି ଥରେ ଚଳଚଞ୍ଚଳ ହୋଇଉଠିଛି। ଶୁଟିଂ ଚାଲୁ ରହିବା ସହ ଅନେକ ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ମୁକ୍ତିଲାଭ କରୁଛି। ନିକଟରେ 'ଆର୍‌ଆର୍‌ଆର୍' ଏବଂ 'କେଜିଏଫ୍-୨' ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଛି। ଚଳିତ ମାସ ୨୦ରେ ଦୁଇଟି ସିନେମା- 'ଭୁଲ୍ ଭୁଲେୟାଁ-୨' ଏବଂ 'ଧକଡ' ରିଲିଜ ହେଉଛି। ଆନିଶ ବାଜମୀଙ୍କ ନିର୍ଦ୍ଦେଶିତ 'ଭୁଲ୍ ଭୁଲେୟାଁ-୨'ରେ କାର୍ତ୍ତିକ ଆର୍ଯ୍ୟନ ଏବଂ କିଆରା ଆଡଭାନୀ ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ବେଳେ 'ଧକଡ'ର ମୁଖ୍ୟ ଆକର୍ଷଣ ସାଜିବେ କଙ୍ଗନା ରାଣାଓ୍ୱତ। ଏହି ଫିଲ୍ମରେ କଙ୍ଗନାଙ୍କୁ ଭିନ୍ନ ଗେଟ୍‌ଅପ୍‌ରେ ଦେଖିବାକୁ ମିଳିବ। ସେପଟେ ନିଜ ସିନେମାର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି କିଆରା। ସେ କହନ୍ତି, 'କଥାରେ ଅଛି ଅପେକ୍ଷାର ଫଳ ମିଠା। ଏହି ଫିଲ୍ମର କାହାଣୀ ବଳିଷ୍ଠ। ଏହା ବ୍ୟତୀତ ଏଥିରେ ଅଭିନୟ କରିଥିବା ସମସ୍ତ କଳାକାର ନିଜ ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛନ୍ତି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' ଅନ୍ୟପକ୍ଷରେ 'ଧକଡ' ମାଧ୍ୟମରେ ପୁଣି ନିଜ ଇମେଜ ବଜାୟ ରଖିବାକୁ ଚେଷ୍ଟା କରିବେ କଙ୍ଗନା। ତେବେ ଫିଲ୍ମଦ୍ୱୟ ବକ୍ସ ଅଫିସରେ କେତେ ସକସେସ ହେଉଛି ତାହା ଦେଖିବାକୁ ବାକି ରହିଲା।




କିଆରା

## ନାୟିକା ହେବ ଏମିତି

ଦିନ ଥିଲା ବଲିଉଡ୍‌ରେ ମାଧୁରୀ ଦୀକ୍ଷିତ ରାଜ୍ କରୁଥିଲେ। ସେ ଅଭିନୟ କରିଥିବା ଅଧିକାଂଶ ସିନେମା ତାଙ୍କ ଅଭିନୟ ଦକ୍ଷତାର ସ୍ୱାକ୍ଷର ବହନ କରେ। ତେବେ 'ପୁକାର୍' ସିନେମାର ଶୁଟିଂ ସମୟରେ ଏପରି ଏକ ଘଟଣା ଘଟିଥିଲା, ଯାହା ସମ୍ପର୍କରେ ନିକଟରେ ସୂଚନା ଦେଇଛନ୍ତି ଏହାର ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲି। ଏହି ଫିଲ୍ମର ଶୁଟିଂ ଉଟିରେ ଚାଲିଥାଏ। ସେତିକିବେଳେ ମାଧୁରୀଙ୍କୁ ଏକ କମେଡି ଶଟ୍ ଦେବାର ଥାଏ। ହେଲେ ସେ ଟିକେ ବିଚଳିତ ଦେଖାଯାଉ ଥାଆନ୍ତି। ଏ ନେଇ ସଞ୍ଜୟ କହନ୍ତି, 'ସେଦିନ ଜଣେ ସ୍ପଟ୍ ବୟ ଆସି ମୋତେ କହିଲେ ଯେ, ମାଧୁରୀ ଅପରାହ୍ନରେ ଏକ ଜରୁରୀ କାମରେ ବମ୍ବେ ଫେରିବେ। ତେଣୁ ତିନିଟା ଭିତରେ ପ୍ୟାକ୍ କରିବାକୁ ସେ ଅନୁରୋଧ କରିଛନ୍ତି। ଲଞ୍ଚ୍ ବ୍ରେକ୍ ସମୟରେ ମୁଁ ମାଧୁରୀଙ୍କ ସହ କଥା ହୋଇ ଜାଣିଲି ଯେ ତାଙ୍କ ବାପାଙ୍କ ଘରେ ରେଡ୍ ହେବାର ଅଛି। ଯେହେତୁ ତାଙ୍କର ମମି ତାଙ୍କ ସହ ଅଛନ୍ତି ତେଣୁ ଦୁହେଁ ଶୀଘ୍ର ଘରକୁ ଯିବାକୁ ଚାହୁଁଛନ୍ତି। ହେଲେ ଶଟ୍ ଦେବା ସମୟରେ ମୁଁ ମାଧୁରୀଙ୍କୁ ଚାହିଁଲା ବେଳକୁ ସତେ ଯେମିତି ଜଣାପଡୁଥିଲା ସେ ଟେନ୍‌ସନ ଫ୍ରି ଅଛନ୍ତି। ପାଖାପାଖି ଘଣ୍ଟାଏ ସେ କ୍ୟାମେରା ସାମନା କରିଥିଲେ ଏବଂ କେତୋଟି ଶଟ୍ ଏକାଥରେ ଓକେ ହୋଇଥିଲା।' ଏହି ଫିଲ୍ମରେ ମାଧୁରୀଙ୍କ ନାୟକ ସାଜିଥିଲେ ଅନିଲ କପୁର।



ମାଧୁରୀ

ରିଲିଜ୍ ଅପେକ୍ଷାରେ

## ପ୍ରେମମ୍

ଓଲିଉଡ୍‌ର ଲଭର ବୟ ବାବୁସାନ୍‌ଙ୍କୁ ଦର୍ଶକ ଖୁବ୍‌ଶୀଘ୍ର ବଡ଼ ପରଦାରେ ଭିନ୍ନ ଭୂମିକାରେ ଦେଖିବାକୁ ପାଇବେ। ଫିଲ୍ମଟିର ଟାଇଟଲ ରହିଛି 'ପ୍ରେମମ୍'। ଇମୋଜି ଫିଲ୍ମସ୍ ବ୍ୟାନରରେ ଏହାର ସମସ୍ତ କାମ ଶେଷ ହୋଇ ରିଲିଜ ଅପେକ୍ଷାରେ ରହିଛି। ଏଥିରେ ବାବୁସାନ୍‌ଙ୍କ ଅପୋଜିଟ୍‌ରେ ଅଛନ୍ତି ପ୍ରକୃତି ମିଶ୍ର। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଶିଶିର କୁମାର ଷଡ଼ଙ୍ଗୀ। ଖାସ୍ କଥା ହେଲା ଏହି ଫିଲ୍ମର ସହ ପ୍ରଯୋଜକ ସାଜିଛନ୍ତି ବାବୁସାନ୍। କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ଅନିମା ପ୍ରଡକ୍ସନ। କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ତାପସ ସରଘରିଆ। ଭରଦ୍ୱାଜ ପଣ୍ଡା ଏବଂ ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଗୌରବ ଆନନ୍ଦ। ଚିତ୍ରନାଟ ସହ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ସୁବ୍ରତ ଖଟୋଇ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇ ଥିବାବେଳେ ଏଡିଟିଂ ଭାର ସମ୍ଭାଳିଛନ୍ତି ରାଜେଶ ଦାଶ। ଗିରିଶ ମହାନ୍ତିଙ୍କ କୋରିଓଗ୍ରାଫି ଏହି ଫିଲ୍ମର ଅନ୍ୟତମ ଆକର୍ଷଣ ହେବ। କାହାଣୀରେ ଲଭ୍, ଇମୋଶନ, ଆକ୍ସନ ଏବଂ କମେଡି ଭରି ରହିଛି ଯାହା ବର୍ତ୍ତମାନର ଯୁବପିଢ଼ିକୁ ଆକର୍ଷିତ କରିବ ବୋଲି କହନ୍ତି ନିର୍ଦ୍ଦେଶକ ତାପସ। ଅନ୍ୟତମ ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କୁ ଏଥିରେ ଏକ ଖାସ୍ ଚରିତ୍ର ଓ ଗେଟ୍‌ଅପ୍‌ରେ ଦେଖିବାକୁ ମିଳିବ।



'ପ୍ରେମମ୍' ଚଳଚ୍ଚିତ୍ରରେ ବାବୁସାନ୍-ପ୍ରକୃତି

## ରଜରେ 'ବିଶ୍ୱନାଥ'



'ବିଶ୍ୱନାଥ' ଚଳଚ୍ଚିତ୍ରରେ ସମ୍ବିତ

ସମୟ ଚକ୍ରରେ ପଡି ଜଣେ ଅନାଥ ଯୁବକ ସହରରୁ ଗୋଟିଏ ଗାଁକୁ ଫେରିଛି। ହେଲେ ସେ ଜାଣିନି ଯେ ଏହି ଗାଁ ହେଉଛି ତାହାର ଜନ୍ମଭୂମି। ତାହାର କିଛି ଦୋଷ ଥିବାରୁ ତାକୁ ସହରରେ ଛାଡି ଦିଆଯାଇଥିଲା। ନିଜ ଗାଁକୁ ଫେରି ଆସିଥିବା ଜଣେ ଯୁବକ କେତେକ ପରିସ୍ଥିତିର ସାମନା କରୁଛି। ତାହାକୁ ସେ ମୁକାବିଲା କରୁଛି ନା ପୁଣି ଥରେ ଗାଁରୁ ଫେରିଯାଉଛି ତାହାର ଉତ୍ତର ରହିଛି କାହାଣୀରେ। ଏପରି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'ବିଶ୍ୱନାଥ'। ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ସମ୍ବିତ। ତାଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ସମ୍ଭାବନା ମହାନ୍ତି। ଏଚ୍‌ଏମ୍‌ଟି ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଦିବ୍ଦୁ ଶେଖର ଗୌଡ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବବ୍‌ଲି କିରନ୍। ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ସମ୍ବିତ-ସମ୍ଭାବନାଙ୍କ ବ୍ୟତୀତ ମିହିର ଦାସ, ରାଇମୋହନ, ପୃଥ୍ୱୀରାଜ, ସଲିଲ ମିତ୍ର, ମନୀଷା ମିଶ୍ର, ପ୍ରତିଭା ପଣ୍ଡା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ ଏପରି ଏକ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସମ୍ବିତ। ରଜ ଅବସରରେ ଫିଲ୍ମଟି ରିଲିଜ ହେବାର ଯୋଜନା ରହିଛି।

## ଆସିଲା ରିଲିଜ ଋତୁ

ଚଳିତ ମାସ ୨୦ରେ ଦୁଇଟି ସିନେମା-'ଲଭ୍ ଫିଭର' ଏବଂ 'ଆଉ ଗୋଟେ ଲଭ୍ ଷ୍ଟୋରି' ମୁକ୍ତିଲାଭ କରିବାକୁ ଯାଉଛି। ଅନ୍ୟପକ୍ଷରେ 'ଦେଲେ ଧରା କଥା ସରେ' ପରେ ଦେବୋଲିନା ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ହୋଇଛି ଓଡ଼ିଆ ଚିତ୍ର 'ଭାବେ ସିନା କହି ପାରେନା' ଆସନ୍ତା ମାସ ୩ରେ ରିଲିଜ ହେବାର ଯୋଜନା ରହିଛି। ଖାସ୍ କଥା ହେଲା ଖଳନାୟକ ଭାବରେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଅସିତ ପତିଙ୍କର ଏହା ହେଉଛି ପ୍ରଥମ ନିର୍ଦ୍ଦେଶିତ ସିନେମା। ପଙ୍କଜ କୁମାର ରାଉତଙ୍କ ପ୍ରଯୋଜିତ ଏହି ଚିତ୍ରର ନାୟକ ସାଜିଛନ୍ତି ଅଭିଷେକ ରଥ ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ବେଶ୍ କେତୋଟି ଧାରାବାହିକରେ ଅଭିନୟ କରିସାରିଥିବା ଅର୍ଚ୍ଚିତା। ଉକ୍ତ ସିନେମାରୁ ସେ ଓଲିଉଡ୍‌ରେ ଡେବ୍ୟୁ କରୁଛନ୍ତି। ଏମାନଙ୍କ ବ୍ୟତୀତ ଦୁଷ୍ମନ୍ତ ପଣ୍ଡା, ପ୍ରଦ୍ୟୁମ୍ନ ଲେଙ୍କା, ଅସିତ ପତି, ମନୀଷା ରଥ ଏବଂ ପୁପୁନ୍ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। 'ଏହି ସିନେମାଟିର ନିର୍ମାଣ ସମୟରେ ସବୁ ଦିଗ ପ୍ରତି ଦୃଷ୍ଟି ଦିଆଯାଇଛି। ଦର୍ଶକଙ୍କ ମନକୁ ଛୁଇଁଲା ଭଳି କାହାଣୀ, ସଙ୍ଗୀତ ଫିଲ୍ମଟିକୁ ସଫଳ ତାଲିକାଭୁକ୍ତ କରିବ ବୋଲି ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ ଅସିତ। ଅନ୍ୟପକ୍ଷରେ ଚନ୍ଦନ ଜାନାଙ୍କ ନିର୍ଦ୍ଦେଶିତ 'ଲଭ୍ ଫିଭର'ରେ ରାଜବୀର ଦେଓ-ବନ୍ଦନା ଯୋଡିଙ୍କୁ ଦେଖିବାକୁ ମିଳିବ। ଏ ସମ୍ପର୍କରେ ରାଜବୀର କହନ୍ତି, 'ବିଶେଷଭାବରେ ମୁଁ ଆକ୍ସନଭିତ୍ତିକ ଫିଲ୍ମରେ ଅଭିନୟ କରିବାକୁ ପସନ୍ଦ କରିଥାଏ। ଏହି ଫିଲ୍ମରେ ଲଭ୍, ଆକ୍ସନ ଭରି ରହିଛି। ମୋ ଅଭିନୀତ 'ଅରୁନ୍ଧତୀ'କୁ ଦର୍ଶକ ଗ୍ରହଣ କରିଥିଲେ। ଏଥର 'ଲଭ୍ ଫିଭର' ମଧ୍ୟ ସେମାନଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛି।' ଏହାବ୍ୟତୀତ ରମେଶ ବାରିକଙ୍କ ପ୍ରଯୋଜିତ ଏବଂ ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶିତ 'ଆଉ ଗୋଟେ ଲଭ୍ ଷ୍ଟୋରି' ମଧ୍ୟ ଚଳିତ ମାସ ୨୦ରେ ରିଲିଜ ହେଉଛି। କିଛି ବର୍ଷର ଗ୍ୟାପ୍ ପରେ ପୁଣି ଥରେ ନିର୍ଦ୍ଦେଶକ ସଞ୍ଜୟ ନାୟକ ମଇଦାନକୁ ଓହ୍ଲାଉଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ମୋର ପୂର୍ବ ଫିଲ୍ମ ପରି ଏଥିରେ ମଧ୍ୟ ଭିନ୍ନତା ରହିଛି। ଏଥିରୁ ଦର୍ଶକ ଲଭ୍, ଇମୋଶନ ଏବଂ ଫ୍ୟାମିଲି ଡ୍ରାମାର ଚାର୍ମ ପାଇବେ। ଏହାର ନାୟକ ସାଜିଛନ୍ତି ଜ୍ୟୋତି ନାୟକ ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ଭୂମିକା ଦାଶ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ। ଅନ୍ୟପକ୍ଷରେ ଏଥର ରଜରେ 'ବିଦ୍ୟାରାଣି' (ବାବୁସାନ୍-ଶିବାନୀ), 'ଦିଲ୍ ମୋର ମାନେନା' (ସ୍ୱରାଜ-ଶିବାନୀ) ଏବଂ 'ବିଶ୍ୱନାଥ' (ସମ୍ବିତ-ସମ୍ଭାବନା) ରିଲିଜ ହେବାର ଯୋଜନା ରହିଛି।



ରାଜବୀର-ବନ୍ଦନା



ଭୂମିକା-ଜ୍ୟୋତି



ଅର୍ଚ୍ଚିତା-ଅଭିଷେକ

## ବଡ଼ ବ୍ରେକ୍ ଆଶାରେ ସ୍ନେହା

ମିସ୍ ବେଙ୍ଗଲ ଟାଇଟଲ ବିଜୟିନୀ ସ୍ନେହା ଖୁବ୍‌ଶୀଘ୍ର ଓଡ଼ିଆ ସିନେମା 'ମାୟାବୀ'ରୁ ନିଜ ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ଅନିଶ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହି ଚିତ୍ରର ଶୁଟିଂ ଚାଲୁରହିଛି। ଅନ୍ୟପକ୍ଷରେ ଏହି ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ମ୍ୟୁଜିକ ଆଲବମ୍ 'ଚାରୁ ଚିତ୍ରଲେଖା'ରେ ତାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏହି ଆଲବମ୍ ଦର୍ଶକଙ୍କୁ ଫୁଲ୍ ଏଣ୍ଟରଟେନ୍‌ମେଣ୍ଟ ଦେବ ବୋଲି ଆଶା ରଖିଛନ୍ତି ସେ। ଖାସ୍ କଥା ହେଲା, ଏହି ବ୍ୟାନରରେ ନିର୍ମାଣାଧୀନ 'ମାୟାବୀ'ରେ ସେ ମଧ୍ୟ ଅଭିନୟ କରୁଛନ୍ତି। ତା' ସହ ଓଲିଉଡ୍‌ରେ ଏକ ବଡ଼ ବ୍ରେକ୍ ସନ୍ଧାନରେ ଅଛନ୍ତି ଏହି ଅଭିନେତ୍ରୀ। ସ୍ନେହା ବେଶ୍ କେତୋଟି ନାମୀ ବ୍ରାଣ୍ଡ ପ୍ରଡକ୍ଟଗୁଡିକର ବିଜ୍ଞାପନ ପାଇଁ କାମ କରିସାରିଛନ୍ତି ଏବଂ ମଡେଲିଂ ଜଗତରେ ସକ୍ରିୟ ଅଛନ୍ତି। ତପନ ଦାଶଙ୍କ ପ୍ରଯୋଜିତ ଏହି ଆଲବମ୍‌ରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଅଙ୍କିତ ପଟ୍ଟନାୟକ। ବାପୁ ଗୌସ୍ୱାମୀଙ୍କ ରଚିତ ଗୀତକୁ ସ୍ୱର ଦେଇଛନ୍ତି ବନିଗୌରବ ଏବଂ କଣ୍ଠଦାନ କରିଛନ୍ତି କୁଳଦୀପ ପଟ୍ଟନାୟକ। 'ଚାରୁ ଚିତ୍ରଲେଖା'ରେ ଅଙ୍କିତ-ସ୍ନେହାଙ୍କ ଅଭିନୟକୁ ଦର୍ଶକ ଗ୍ରହଣ କରିବେ ବୋଲି ଆଶା ରଖିଛନ୍ତି ପ୍ରଯୋଜକ। କୋରିଓଗ୍ରାଫି ସାଙ୍ଗକୁ ମ୍ୟୁଜିକ୍ ଭିଡିଓର ନିର୍ଦ୍ଦେଶନା ଦେଇଛନ୍ତି ଜୟା ବିଶ୍ୱାସ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ମେ ୧୯/୨୦୨୨ Sambalpur, Thursday, May 19/ 2022

## ହୁଇଲ୍ ଚେୟାର ଫେନ୍ସିଂ ବିଶ୍ୱକପ୍‌ରେ ୪ ଓଡ଼ିଆ

**ଭୁବନେଶ୍ୱର, ୧୮।୫ (କ୍ରୀଡ଼ା ପ୍ରତିନିଧି):** ଥାଇଲାଣ୍ଡର ପଟାୟାଠାରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଥିବା ହୁଇଲ୍ ଚେୟାର ଫେନ୍ସିଂ ବିଶ୍ୱକପ୍‌ରେ ଓଡ଼ିଶାର ୪ ଖେଳାଳି ଭାଗନେବେ। ସେମାନେ ହେଲେ ପୂଜାସ୍ୱିନୀ ନାୟକ, ଭି.ରମେଶ ରାଓ, ରାଖାଲ୍ କୁମାର ସେଠୀ ଓ ପ୍ରଫୁଲ୍ଲ କୁମାର ଖଣ୍ଡାୟତରାଏ। ପୂର୍ବରୁ ଭି.ରମେଶ ରାଓ, ରାଖାଲ୍ ସେଠୀ ଓ ପୂଜାସ୍ୱିନୀ ବିଶ୍ୱକପରେ ଖେଳିବାର ଅଭିଜ୍ଞତା ରଖିଥିବାବେଳେ ପ୍ରଥମ ଥର ପାଇଁ ପ୍ରଫୁଲ୍ଲ କୁମାର ଚୟନ ହୋଇଛନ୍ତି। ୨୦୨୧-୨୨ ଜାତୀୟ ଚାମ୍ପିୟନଶିପ୍‌ରେ ରାଖାଲ ଓ ପୂଜାସ୍ୱିନୀ ବ୍ୟକ୍ତିଗତ ଓ ଦଳଗତ ୬ ପଦକ ହାସଲ କରିଥିଲା ବେଳେ ଭି.ରମେଶ ରାଓ ବ୍ୟକ୍ତିଗତ ଓ ଦଳଗତ ଏବଂ ପ୍ରଫୁଲ୍ଲ ବ୍ୟକ୍ତିଗତ ଓ ଦଳଗତ ୪ଟି ଲେଖାଏ ପଦକ ପାଇଥିଲେ। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଉପରୋକ୍ତ ୪ ଖେଳାଳିଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପ୍ରତିଯୋଗିତା ୨୨ ତାରିଖରେ ଶେଷ ହେବ।

## ‘ଜେଡ୍’ ସିମ୍ବଲ ପାଇଁ ରୁଷିଆ ଜିମ୍ନାଷ୍ଟ ବାସନ୍ଦ

**ଲାଉସାନେ (ସୁଇଜରଲାଣ୍ଡ), ୧୮।୫ (ଏପି):** ୟୁକ୍ରେନ ଉପରେ ରୁଷିଆର ସାମରିକ କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରି ପୋଷାକରେ ଏକ ‘ଜେଡ୍’ ସିମ୍ବଲ ଦେଖାଇବାରୁ ରୁଷିଆନ ଜିମ୍ନାଷ୍ଟ ଭାନ କୁଲିଆକଙ୍କୁ ୧ ବର୍ଷ ଲାଗି ବାସନ୍ଦ କରାଯାଇଛି। କୁଲିଆକ ମାର୍ଚ୍ଚରେ ବିଶ୍ୱକପ୍ ପଦକ ବିତରଣ ଉତ୍ସବ ବେଳେ ନିଜ ପୋଷାକରେ ‘ଜେଡ୍’ ପ୍ରତୀକ ଟେପ୍ ଲଗାଇଥିଲେ, ଯାହାକି ୟୁକ୍ରେନ ଉପରେ ଆକ୍ରମଣ କରିଥିବା ରୁଷିଆ ଟ୍ୟାଙ୍କ୍ ଏବଂ ସାମରିକ ଗାଡ଼ିର ପ୍ରତୀକ। ବାସନ୍ଦାଦେଶ ସହିତ କୁଲିଆକଙ୍କୁ ପାରାଲାଲ ବାର୍ସରେ ଜିତିଥିବା ବ୍ରୋଞ୍ଜ ପଦକ ମଧ୍ୟ ଫେରାଇବାକୁ ପଡ଼ିବ। ଏ ନେଇ ଅନ୍ତର୍ଜାତୀୟ ଜିମ୍ନାଷ୍ଟିକ୍ସ ଫେଡେରେଶନ ପକ୍ଷରୁ କୁହାଯାଇଛି। ୨୦ ବର୍ଷୀୟ କୁଲିଆକ ସ୍ୱର୍ଣ୍ଣ ପଦକ ବିଜେତା ୟୁକ୍ରେନ ଆଥ୍‌ଲେଟ୍‌ଙ୍କ ସହ ପୋଡିୟମରେ ଛିଡ଼ା ହୋଇଥିଲେ। କୁଲିଆକ ‘ଜେଡ୍’ ପ୍ରତୀକ ପରିଧାନ କରି ଫେଡେରେଶନର ଶୃଙ୍ଖଳା, ନୈତିକତା, କୋଡ୍ ଅଫ୍ କଣ୍ଡକ୍ଟ ଓ ଟେକନିକାଲ ରେଗୁଲେଶନ ଭଙ୍ଗ କରିଥିବା ଘଟଣାର ତଦନ୍ତକାରୀ କମିଶନ ପକ୍ଷରୁ କୁହାଯାଇଛି। ଟୋକିଓ ଅଲିମ୍ପିକ୍ସରେ ଅଂଶ ଗ୍ରହଣ କରି ନ ଥିବା କୁଲିଆକ ଫେଡେରେଶନର ଦଣ୍ଡାଦେଶ ବିରୋଧରେ ୨୧ ଦିନ ମଧ୍ୟରେ ଆବେଦନ କରିପାରିବେ।

# ଲକ୍ଷ୍ନୌର ରୋମାଞ୍ଚକ ବିଜୟ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ କ୍ୱିଣ୍ଟନ ଡି'କକ୍।

**ମୁମ୍ବାଇ, ୧୮।୫**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ଏକ ହାଇସ୍କୋରିଂ ମ୍ୟାଚରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ମାତ୍ର ୨ ରନରେ କୋଲକାତା ନାଇଟ ରାଇଡର୍ସଙ୍କୁ ପରାସ୍ତ କରିଛି। ଲକ୍ଷ୍ନୌ କୌଣସି ଉଇକେଟ ନ ହରାଇ ୨୦ ଓଭରରେ ୨୧୦ ରନ କରିଥିବାବେଳେ କୋଲକାତା ୨୦ ଓଭରରେ ୮ ଉଇକେଟ ହରାଇ ୨୦୮ ରନ କରିବାକୁ ସକ୍ଷମ ହୋଇଥିଲା। ଏହି ବିଜୟ ସହ ଲକ୍ଷ୍ନୌର ପଏଣ୍ଟ ସଂଖ୍ୟା ୧୮ରେ ପହଞ୍ଚି ଯାଇଥିବାବେଳେ କୋଲକାତା ୧୪ ମ୍ୟାଚରୁ ୮ମ ପରାଜୟ ସହ ଅଭିଯାନ ଶେଷ କରିଛି। ଶେଷ ଓଭରରୁ ୨୧ ରନ ଆବଶ୍ୟକ ଥିବାବେଳେ ମାର୍କସ ଷ୍ଟୋଇନିସଙ୍କ ପ୍ରଥମ ୩ ବଲ୍‌ରୁ ୧୬ ରନ ସଂଗ୍ରହ କରି କୋଲକାତାକୁ ବିଜୟ ଦ୍ୱାରରେ ପହଞ୍ଚାଇ ଦେଇଥିଲେ ରିଙ୍କୁ ସିଂ। ମାତ୍ର ଷ୍ଟୋଇନିସ ୪ର୍ଥ ବଲ୍‌ରେ ୨ ରନ ଦେଇଥିବାବେଳେ ୫ମ ଓ ୬ଷ୍ଠ ବଲ୍‌ରେ ଉଇକେଟ ହାସଲ କରି ଲକ୍ଷ୍ନୌକୁ ରୋମାଞ୍ଚକ ବିଜୟ ଦେଇଥିଲେ। କୋଲକାତା ପକ୍ଷରୁ ଅଧିନାୟକ ଶ୍ରେୟସ ଆୟାର ସର୍ବାଧିକ ୫୦ (୨୯ ବଲ, ୪ ଚୌକା, ୩ ଛକା), ନୀତୀଶ ରାଣା ୪୨(୨୨ ବଲ, ୯ ଚୌକା) ଓ ରିଙ୍କୁ ସିଂ ୪୦ (୧୫ ବଲ, ୨ ଚୌକା, ୪ ଛକା) ରନ କରିଥିଲେ। ଲକ୍ଷ୍ନୌ ବୋଲର ମହସିନ ଖାଁ ଓ ଷ୍ଟୋଇନିସ ୩ଟି ଲେଖାଏ ଉଇକେଟ ନେଇଥିଲେ।

**ଡି'କକ୍ ୧୪୦*, ରାହୁଲ ୬୮***

ଟସ୍‌ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଲକ୍ଷ୍ନୌ ପକ୍ଷରୁ ଡି'କକ୍ ଓ ରାହୁଲ ଛକା, ଚୌକା ବର୍ଷା ସହ ଏକାଧିକ ରେକର୍ଡ଼ କରିଥିଲେ। ଓପନିଂ ଯୋଡ଼ିରେ ଦୁହେଁ ୨୧୦ ରନର ଭାଗୀଦାରି ଗଢ଼ିଥିଲେ। ଆଇପିଏଲ ଇତିହାସରେ ଏହା ସର୍ବାଧିକ ଓପନିଂ ପାର୍ଟନରଶିପ୍। ଏହା ବ୍ୟତୀତ ଆଇପିଏଲରେ ପ୍ରଥମ ଥର ପାଇଁ କୌଣସି ଦଳ ପୂରା ୨୦ ଓଭର ଖେଳି ଗୋଟିଏ ହେଲେ ଉଇକେଟ ନ ହରାଇବା ମଧ୍ୟ ପ୍ରଥମ ଦୃଷ୍ଟାନ୍ତ ଥିଲା। ଡି'କକ୍ ୧୨ ରନ୍ କରିଥିବା ବେଳେ ପଦାର୍ପଣକାରୀ ଅଭିଜିତ ତୋମାର କ୍ୟାଚ୍ ହାତଛଡ଼ା କରି ତାଙ୍କୁ ଜୀବନ ଦାନ ଦେଇଥିଲେ। ଏହାପରେ ଦୁଇ ଓପନର ପୂରା ଇନିଂସରେ କେକେଆର୍‌ର କୌଣସି ବୋଲରଙ୍କୁ କ୍ଷମା ଦେଇ ନ ଥିଲେ। ଡି'କକ୍ ୭୦ ବଲରେ ୨୦୦ ଷ୍ଟ୍ରାଇକ୍‌ରେଟ୍‌ରେ ଖେଳିଥିଲେ ୧୪୦ ରନ୍‌ର ଇନିଂସ। ତାଙ୍କର ଏହି ଇନିଂସରେ ସାମିଲ ଥିଲା ୧୦ ଲେଖାଏ ଚୌକା ଓ ଛକା। ଏହାର ଅର୍ଥ ସେ କେବଳ ଚୌକା ଓ ଛକାରେ ହିଁ ୧୦୦ ରନ୍ ପୂରଣ କରିଥିଲେ। ଅଧିନାୟକ ଲୋକେଶ ୫୧ ବଲରେ ୬୮ (୩ ଚୌକା ଓ ୪ ଛକା) ରନ୍ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ: ୨୦ ଓଭରରେ ୨୧୦/୦ (କ୍ୱିଣ୍ଟନ ଡି'କକ୍-୧୪୦*, ଲୋକେଶ ରାହୁଲ-୬୮*)। କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୨୦୮/୮ (ଶ୍ରେୟସ ଆୟାର-୫୦, ନୀତୀଶ ରାଣା-୪୨, ରିଙ୍କୁ ସିଂ-୪୦, ସାମ୍ ବିଲିଙ୍ଗ୍ସ-୩୬, ମହସିନ ଖାଁ-୩/୨୦, ମାର୍କସ ଷ୍ଟୋଇନିସ-୩/୨୩, କ୍ରିଷ୍ଣାପ୍ପା ଗୋଥାମ-୧/୨୩, ରବି ବିଷ୍ଣୋଇ-୧/୩୪)।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ଗୁଜରାଟ ଟାଇଟାନ୍ସ

ସ୍ଥାନ: ମୁମ୍ବାଇ

ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୧୩ | ୧୦ | ୩ | ୨୦ | +୦.୩୯୧ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୪ | ୯ | ୫ | ୧୮ | +୦.୨୫୧ |
| ରାଜସ୍ଥାନ ରୟାଲ୍ସ | ୧୩ | ୮ | ୫ | ୧୬ | +୦.୩୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୭ | ୬ | ୧୪ | +୦.୨୫୫ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୩ | ୭ | ୬ | ୧୪ | -୦.୩୨୩ |
| କୋଲକାତା ନାଇଟ ରାଇଡର୍ସ | ୧୪ | ୬ | ୮ | ୧୨ | +୦.୧୪୬ |
| ପଞ୍ଜାବ କିଙ୍ଗ୍ସ | ୧୩ | ୬ | ୭ | ୧୨ | +୦.୦୪୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୩ | ୬ | ୭ | ୧୨ | -୦.୨୩୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୪ | ୯ | ୮ | +୦.୨୦୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୩ | ୧୦ | ୬ | -୦.୫୭୭ |

## ବିଶ୍ୱ ମହିଳା ବକ୍ସିଂ ଫାଇନାଲରେ ଜରିନ

**ନୂଆଦିଲ୍ଲୀ, ୧୮।୫ (ପି.ଟି.)**

ଇସ୍ତାନବୁଲରେ ଚାଲିଥିବା ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ନିଖତ ଜରିନ (୫୨ କେଜି)। ଅନ୍ୟ ୨ ଭାରତୀୟ ବକ୍ସର ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେମାନେ ହେଲେ ମନୀଷା ମୌନ (୫୭ କେଜି) ଓ ପରବୀନ ହୁଦା (୬୩ କେଜି)। ସେମିଫାଇନାଲରେ ବ୍ରାଜିଲର କାରୋଲିନ ଡି ଆଲମେଇଦାଙ୍କୁ ୫-୦ରେ ହରାଇ ଭାରତର ଏକମାତ୍ର ବକ୍ସରଭାବେ ଜରିନ ଟାଇଟଲ ମୁକାବିଲାରେ ପହଞ୍ଚିଛନ୍ତି। ମନୀଷା ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ଇଟାଲିର ଇରମା ଟେଷ୍ଟାଙ୍କଠାରୁ ୦-୫ ଓ ପରବୀନ ୟୁରୋପିଆନ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜୟିନୀ ଆମି ବ୍ରଡ୍‌ହୁର୍ଷ୍ଟଙ୍କଠାରୁ ହାରିଯିବାରୁ ବ୍ରୋଞ୍ଜ ପଦକ ପାଇଥିଲେ।



ନିଖତ ଜରିନ

ପୂର୍ବତନ ଜୁନିୟର ବିଶ୍ୱ ଚାମ୍ପିୟନ ଜରିନ ଧୈର୍ଯ୍ୟର ସହିତ ମୁକାବିଲା କରି ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଆଧିପତ୍ୟ ବିସ୍ତାର କରିଥିଲେ। କାରୋଲିନଙ୍କୁ ସେ ପ୍ରତ୍ୟାବର୍ତ୍ତନର ସୁଯୋଗ ନ ଦେଇ ପୂରା ୫ ପଏଣ୍ଟ ହାସଲ କରିଥିଲେ। ୬ ଥର ଚାମ୍ପିୟନ ଏମ୍.ସି. ମେରୀକମ୍, ସରିତା ଦେବୀ, ଜେନି ଆର.ଏଲ୍. ଓ ଲେଖା ସି. ପୂର୍ବରୁ ଭାରତୀୟ ମହିଳାଭାବେ ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ଏବେ ହାଇଦ୍ରାବାଦ୍ ଭିତ୍ତିକ ଜରିନ ଏହି ଏଲିଟ ତାଲିକାରେ ସାମିଲ ହେବାକୁ ସୁବର୍ଣ୍ଣ ସୁଯୋଗ ପାଇଛନ୍ତି। ନିଜର ଦ୍ୱିତୀୟ ବିଶ୍ୱ ଚାମ୍ପିୟନଶିପ୍‌ରେ ଅବତୀର୍ଣ୍ଣ ହୋଇଥିବା ୨୦୧୯ ଏସିଆନ ଚାମ୍ପିୟନଶିପ୍ ବ୍ରୋଞ୍ଜ ମେଡାଲିଷ୍ଟ ମନୀଷା ଶକ୍ତିଶାଳୀ ପଞ୍ଚ୍ ମାଧ୍ୟମରେ ବିଜୟ ପାଇଁ ବହୁ ଚେଷ୍ଟା କରିଥିଲେ। ମାତ୍ର ବୈଷୟିକ ଦୃଷ୍ଟିରୁ ଉନ୍ନତ ଟେଷ୍ଟା ଚମତ୍କାର ଭାବେ ଡିଫେଣ୍ଡକରି ଫାଇଦାରେ ରହିଥିଲେ। ୨୦୦୬ରେ ଭାରତକୁ ପ୍ରତିଯୋଗିତାରୁ ସର୍ବାଧିକ ସଫଳତା ମିଳିଥିଲା। ଏହି ସଂସ୍କରଣରେ ଭାରତ ୪ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ସମେତ ମୋଟ ୮ଟି ପଦକ ପାଇଥିଲା।

## ଆଇଡବ୍ଲ୍ୟୁଏଲ୍: ସୁପ୍ରିୟାଙ୍କ ହ୍ୟାଟ୍ରିକ

**ଭୁବନେଶ୍ୱର, ୧୮।୫ (କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ବୁଧବାର ୭ମ ବାଟାଲିଅନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ୬-୦ ଗୋଲରେ ହଂସ ଓମେନ ଫୁଟବଲ କ୍ଲବକୁ ପରାସ୍ତ କରିଛି। ଦଳ ପକ୍ଷରୁ ସୁପ୍ରିୟା ରାଉତରାୟ ୫୩, ୬୮ ଓ ୮୨ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନିତା ୨୧, ସୁଭଦ୍ରା ସାହୁ ୩୯ ଓ ପ୍ୟାରୀ ଖାଖା ୬୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୯ ମ୍ୟାଚରୁ ସ୍ପୋର୍ଟ୍ସ ଓଡ଼ିଶାର ଏହାଥିଲା ୫ମ ବିଜୟ। ୨ଟି ମ୍ୟାଚ ହାରିଥିବାବେଳେ ଦଳ ଅନ୍ୟ ୨ଟି ମ୍ୟାଚ ଡ୍ର ରଖି ମୋଟ ୧୭ ପଏଣ୍ଟ ହାସଲ କରିଛି।

## କ୍ରିକେଟ୍‌ର ବିକାଶ ପାଇଁ ବିସିଏ ବଦ୍ଧପରିକର

**ଭୁବନେଶ୍ୱର, ୧୮।୫ (କ୍ରୀଡ଼ା ପ୍ରତିନିଧି)**

ରାଜଧାନୀ ଭୁବନେଶ୍ୱରରେ କ୍ରିକେଟ ଖେଳ ଓ ଖେଳାଳିଙ୍କ ଉନ୍ନତି ତଥା ପ୍ରତିଭାର ବିକାଶ ପାଇଁ ନବଗଠିତ ଭୁବନେଶ୍ୱର କ୍ରିକେଟ ଆସୋସିଏଶନ (ବିସିଏ) ବଦ୍ଧପରିକର। ଏହାକୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସ୍ଥାୟୀ ସ୍ୱୀକୃତି ଓ ସରକାରଙ୍କଠାରୁ ଅନୁଦାନ ମିଳିଲେ କ୍ରିକେଟ ଓ କ୍ରିକେଟରଙ୍କ ବିକାଶ ପାଇଁ ଥିବା ଲକ୍ଷ୍ୟ ହାସଲ ସହଜ ହୋଇପାରିବ ବୋଲି ବୁଧବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିସିଏ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ରାଜଧାନୀରେ ବିଭିନ୍ନ ଖେଳ ଓ ଖେଳାଳିଙ୍କ ବିକାଶର ଲକ୍ଷ୍ୟ ରଖି ୧୯୬୭ ମସିହାରେ ଗଠିତ ହୋଇଥିବା ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର ଭୂମିକା ଯେପରି ରହିବା କଥା ତାହା ହୋଇନାହିଁ। ଯେଉଁ କ୍ରିକେଟ ଖେଳ ହେଉଛି କିମ୍ବା ଖେଳାଳି ବାହାରୁଛନ୍ତି ତାହା କ୍ଲବଗୁଡ଼ିକର ନିଷ୍ଠା ଓ ସମ୍ପୃକ୍ତ ଖେଳାଳିଙ୍କ ବ୍ୟକ୍ତିଗତ ସାଧନା ଯୋଗୁ ସମ୍ଭବ ହୋଇ ପାରିଛି। ତେଣୁ ଭୁବନେଶ୍ୱରର କ୍ରିକେଟ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଏବଂ ରାଜଧାନୀର କ୍ରିକେଟ କ୍ଲବଗୁଡ଼ିକୁ ଅଧିକ ସକ୍ରିୟ ଓ ସୁଦୃଢ଼ କରିବା ନିମନ୍ତେ ନୂଆ ସଙ୍ଗଠନର ପରିକଳ୍ପନା କରାଯାଇଛି। ଭୁବନେଶ୍ୱରର ବହୁ ପୂର୍ବତନ କ୍ରିକେଟର, କ୍ରିକେଟ ପ୍ରଶିକ୍ଷକ, କ୍ରିକେଟ କ୍ଲବମାନଙ୍କର ମିଳିତ ପ୍ରୟାସରେ ଗତ ମାର୍ଚ୍ଚ ମାସରେ ଭୁବନେଶ୍ୱର କ୍ରିକେଟ ଆସୋସିଏଶନ ଜନ୍ମ ନେଇଛି। ଏହା ସୋସାଇଟି ଆଇନ୍‌ରେ ପଞ୍ଜୀକୃତ ହୋଇଛି ଏବଂ ଲୋଧା କମିଶନ ସୁପାରିସ କରିଥିବା ନିୟମକୁ ପାଳନ କରାଯାଇଛି। ତେବେ ଆଗକୁ ବଢ଼ିବା ପାଇଁ ସଂଘକୁ ସ୍ୱୀକୃତି ଓ ମାନ୍ୟତାର ଆବଶ୍ୟକତା ରହିଛି। ତେଣୁ ବିସିଏକୁ ଭୁବନେଶ୍ୱରର ଅଧିକୃତ କ୍ରିକେଟ ଆସୋସିଏଶନ ଭାବେ ସ୍ୱୀକୃତି ଦେବାକୁ ଆମେ ଓସିଏ ସମ୍ପାଦକଙ୍କୁ ଅନୁରୋଧ କରିଛୁ ବୋଲି ସଭାପତି ମିହିର କୁମାର ମହାନ୍ତି ପ୍ରକାଶ କରିଛନ୍ତି। ଏଥିସହିତ ଭୁବନେଶ୍ୱର ସବ୍‌ଡିଭିଜନର ସମସ୍ତ ପଞ୍ଜୀକୃତ କ୍ରିକେଟ କ୍ଲବଗୁଡ଼ିକ ସଂଘ ସହିତ ଅନୁବନ୍ଧିତ ହୋଇ କ୍ରିକେଟ ଖେଳକୁ ଆଗେଇ ନେବାପାଇଁ ପୂର୍ଣ୍ଣ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିସିଏ ସମ୍ପାଦକ ବିଜୟ କୁମାର ରାୟ, ପ୍ରତିଷ୍ଠାତା ସଦସ୍ୟ ମନୋଜ ମହାପାତ୍ର, ରାଧାମାଧବ ହରିଚନ୍ଦନ, ପାରାମାଉଣ୍ଟ ସ୍ପୋର୍ଟିଂ କ୍ଲବ ସଭାପତି ପ୍ରତାପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀ ଅବସରରେ ବିସିଏ କର୍ମକର୍ତ୍ତା ଓ ଅନ୍ୟମାନେ।

## ରାଜ୍ୟ ପୁରୁଷ ରଗ୍‌ବୀ: କିସ୍ ଚାମ୍ପିୟନ

**ଭୁବନେଶ୍ୱର, ୧୮।୫ (କ୍ରୀଡ଼ା ପ୍ରତିନିଧି):** କିଟ୍ ଓ କିସ୍‌ର ଆଥଲେଟିକ୍ ଷ୍ଟାଡିୟମରେ ବୁଧବାର ୭ମ ରାଜ୍ୟ ସିନିୟର ପୁରୁଷ ରଗ୍‌ବୀ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୪ଟି ଜିଲା ଦଳ ଅଂଶଗ୍ରହଣ କରିଥିବାବେଳେ କିସ୍ ଚାମ୍ପିୟନ ହୋଇଛି। ଭୁବନେଶ୍ୱର ରନର୍ସଅପ୍ ଏବଂ ଜଗତ୍‌ସିଂହପୁର ତୃତୀୟ ସ୍ଥାନ ଅଧିକାର କରିଛି। ଫାଇନାଲରେ କିସ୍ ୨୫-୦୫ ପଏଣ୍ଟରେ ଭୁବନେଶ୍ୱରକୁ ପରାସ୍ତ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, କୋଷାଧ୍ୟକ୍ଷ ଶକ୍ତି ରଞ୍ଜନ ମହାନ୍ତି, କିସ୍‌ର ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରାକେଶ ଜେନା, ରଗ୍‌ବୀ ଇଣ୍ଡିଆ ହାଇପରଫର୍ମାନ୍ସ ସଂଯୋଜକ ମାନସ କୁମାର ଜେନା ଓ ଧିରେନ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଭୋପାଳରେ ଅନୁଷ୍ଠିତ ଜାତୀୟ ସିନିୟର ମହିଳା ହକିରେ ଚାମ୍ପିୟନ ଓଡ଼ିଶା ଦଳକୁ ବୁଧବାର ଭୁବନେଶ୍ୱର ଫେରିବାପରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି।

## ହକି ୫ଏସ୍ ପାଇଁ ଭାରତୀୟ ଦଳ ଘୋଷିତ

**ନୂଆଦିଲ୍ଲୀ, ୧୮।୫**

ସୁଇଜରଲାଣ୍ଡର ଲାଉସାନେରେ ଜୁନ ୫ ଓ ୬ ତାରିଖରେ ହେବାକୁଥିବା ସର୍ବପ୍ରଥମ ଏଫ୍ଆଇଏଚ୍ ହକି ୫ଏସ୍ ଟୁର୍ନାମେଣ୍ଟ ପାଇଁ ବୁଧବାର ଭାରତୀୟ ଦଳ ଘୋଷିତ ହୋଇଛି। ୯ ଜଣିଆ ଦଳର ନେତୃତ୍ୱ ନେବେ ଗୁରିନ୍ଦର ସିଂ ଏବଂ ତାଙ୍କ ଡେପୁଟି ରହିବେ ସୁମିତ। ଭାରତୀୟ ପୁରୁଷ ହକି ଦଳ ମାଲେସିଆ, ପାକିସ୍ତାନ, ପୋଲାଣ୍ଡ ଓ ଆୟୋଜକ ସୁଇଜରଲାଣ୍ଡ ସହ ମ୍ୟାଚ ଖେଳିବ।



ଏଫ୍ଆଇଏଚ୍ ହକି ୫ଏସ୍ ପାଇଁ ମନୋନୀତ ଭାରତୀୟ ଦଳ।

**ଭାରତୀୟ ଦଳ:** ପୱନ, ସଞ୍ଜୟ, ମନଦୀପ ମୋର, ଗୁରିନ୍ଦର ସିଂ (ଅଧିନାୟକ), ସୁମିତ (ଉପ-ଅଧିନାୟକ), ରବିଚନ୍ଦ୍ର ସିଂ, ଦିଲପ୍ରୀତ ସିଂ, ମହମ୍ମଦ ରାହିଲ ମୌସିନ, ଗୁରସାହିବଜିତ ସିଂ। ଷ୍ଟାଣ୍ଡବାଇ: ପ୍ରଶାନ୍ତ କୁମାର ଚୌହାନ, ବବି ସିଂ ଧାମି, ସୁଦୀପ ଚିରମାକୋ।

## ଶୁଟିଂ ପ୍ରଶିକ୍ଷଣ ଶିବିରରେ ୧୦ ଉତ୍ତୀର୍ଣ୍ଣ

**ଭୁବନେଶ୍ୱର, ୧୮।୫ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଇଫଲ ଆସୋସିଏଶନ ଆନୁକୂଲ୍ୟରେ ଫାୟାରଆର୍ମ ଟ୍ରେନିଂର ସାର୍ଟିଫିକେଟ କୋର୍ସ ଆରମ୍ଭ ହୋଇଛି। ପ୍ରଶିକ୍ଷଣର ଦ୍ୱିତୀୟ ବ୍ୟାଚ୍‌ରେ ୧୦ ଜଣ ପରୀକ୍ଷାର୍ଥୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ସାର୍ଟିଫିକେଟ ହାସଲ କରିଛନ୍ତି। କଳିଙ୍ଗ ଷ୍ଟାଡିୟମର ୫୦ ମିଟର ଫାୟାରଆର୍ମ ଶୁଟିଂ ରେଞ୍ଜ୍‌ରେ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ଏହାକୁ ଓଡ଼ିଶା ରାଇଫଲ ଆସୋସିଏଶନ ଯୁଗ୍ମ ସମ୍ପାଦକ ବଳଭଦ୍ର ଦାସ ଓ ଓଡ଼ିଶାର ଏକମାତ୍ର ଆଇଏସ୍ଏସ୍ଏଫ୍ ସାର୍ଟିଫାଏଡ୍ କୋଚ୍ ଆଶିଷ ନାୟକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୩ ଦିନିଆ ଶିବିରରେ ପରୀକ୍ଷାର୍ଥୀ ମାନଙ୍କୁ ରାଇଫଲ, ପିସ୍ତଲ ଓ ଶଟ୍‌ଗନ୍ ସମ୍ବନ୍ଧିୟ ଜ୍ଞାନ, ବ୍ୟବହାର ବିଧି, ସୁରକ୍ଷା ନିୟମ ଓ ବନ୍ଧୁକର ଯତ୍ନ ସହ ବନ୍ଧୁକ ଚାଳନା ପ୍ରଶିକ୍ଷଣ ଦିଆ ଯାଇଥିଲା। କୃତକାର୍ଯ୍ୟ ହୋଇଥିବା ଶିବିରାର୍ଥି ମାନଙ୍କୁ ଓଡ଼ିଶା ରାଇଫଲ ଆସୋସିଏଶନ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହାର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ୨୦ରୁ ତିନିଦିନଧରି ଅନୁଷ୍ଠିତ ହେବ। ସଫଳତା ଅର୍ଜନ କରିଥିବା ଶିବିରାର୍ଥୀମାନେ ହେଲେ ଗାଙ୍ଗୁଲା ରାଜେଶ, ଶ୍ରୀକାନ୍ତ ପାଣ୍ଡେ, ରତନ କୁମାର ଶର୍ମା, ପାଣ୍ଡବ ପ୍ରଧାନ, ପ୍ରଦୀପ କୁମାର ସାହୁ, ସଂଗ୍ରାମ କେଶରୀ ପ୍ରଧାନ, ଲୋସନଲାଲ ପ୍ରଧାନ, ପଦ୍ମଲୋଚନ ପାଢ଼ୀ।



କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଶୁଟିଂ ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ବ୍ୟାଚ୍‌ରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନେ ପ୍ରଶିକ୍ଷକଙ୍କ ସହ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ

## ସଂକ୍ଷେପରେ

### ଆଇପିଏଲ୍ ବ୍ୟାଟିଂ କାରବାର ନେଇ ଏସ୍‌ପିଙ୍କୁ ଭେଟିଲେ ଏନ୍‌ସି ଅଧକ୍ଷ



**ଭବାନୀପାଟଣା,୧୮।୫(ସ୍ୱ.ପ୍ର.):** କଳାହାଣ୍ଡି ଜିଲ୍ଲା ଜୁନାଗଡ ସହରରେ ଗତ କିଛି ଦିନ ହେଲା ଆଇପିଏଲ ବ୍ୟାଟିଂ କାରବାର ଜୋରସର ଚାଲିଛି। ଅଧିକ ଅର୍ଥ ଲାଳସାରେ ଯୁବପିଢ଼ୀ ଏବେ ସର୍ବସାନ୍ତ ହେବାକୁ ଲାଗିଛନ୍ତି। ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରି ସ୍ଥାନୀୟ ଏନ୍‌ସି ଅଧକ୍ଷ ମୁକେଶ ଅଗ୍ରୱାଲ ମଙ୍ଗଳବାର ସନ୍ଧ୍ୟାରେ କଳାହାଣ୍ଡି ନୂତନ ଏସ୍‌ପି ଅଭିଲାସ ଜିଙ୍କୁ ସାକ୍ଷାତ କରି ଏହାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜଣାଇଛନ୍ତି। ସେହିପରି ଜୁନାଗଡ ସହରରେ ଟ୍ରାଫିକ ସମସ୍ୟା ଓ ଆଇନଶୃଙ୍ଖଳା ଉପରେ ମଧ ସେ ଅବଗତ କରାଇଛନ୍ତି।

### ନକ୍‌ଆଉଟ କ୍ରିକେଟ୍: ବଙ୍କାକୁଣ୍ଡରୁ ବିଜୟୀ



କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀରେ ଅତିଥିଙ୍କ ସହ ଖେଳାଳିମାନେ।

**ଲାଞ୍ଜିଗଡ଼,୧୮।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଗାଁ ଖେଳପଡିଆଠାରେ ମା' କନକ ଦୁର୍ଗା ନିଜେପୁର ନକଆଉଟ କ୍ରିକେଟ ନୁର୍ଟାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ସିଙ୍ଗାରି ଓ ବଙ୍କାକୁଣ୍ଡରୁ ଦଳ ମଧରେ ହୋଇଥିଲା। ସିଙ୍ଗାରି ଟସ ଜିତି ବ୍ୟାଟିଂ କରି ୧୦ ଓଭରରେ ୫୮ ରନ କରିଥିଲା। ଜବାବରେ ବଙ୍କାକୁଣ୍ଡରୁ ୫୯ ରନ କରି ବିଜୟ ହୋଇଥିଲେ। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ଜୋନ ୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ସମ୍ମାନିତ ଅତିଥି ଭାବେ ବିଜେପୁର ସରପଞ୍ଚ ଜନନୀ ମାଝି, ନାଏବ ସରପଞ୍ଚ ଭକ୍ତ ମାଝି, ଶିକ୍ଷକ କାଳିଦାସ ବାଗ ପ୍ରମୁଖ ଯୋଗଦେଇଥିଲେ। ବରୁଣ ନାଏକ ଓ ରାଜ କିଶୋର ବାଗ ଖେଳ ପରିଚାଳନା କରିଥିବା ବେଳେ ସ୍କୋର ବୋର୍ଡରେ ମଳୟ ନାଏକ ଓ ରମେଶ ବାଗ ଧାରାବିବରଣୀ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜେପୁର ମା' କନକ ଦୁର୍ଗା ନକଆଉଟ କ୍ରିକେଟ ସଂଘ ପକ୍ଷରୁ ବରୁଣ ନାଏକ, ଜଗତରାମ ବାଗ, ରମେଶ ବାଗ, ଉମାକାନ୍ତ ନାଏକ, ମକର ନାଏକ ରାଜକିଶୋର ବାଗ, ରାଜ ନାଏକ, ମହେଶ୍ୱର ନାଏକ, ଜଗନ୍ନାଥ ନାଏକ, ପଙ୍କଜ ବାଗ, ସୁକାନ୍ତ ନାଏକ, ବରୁଣ ନାଏକ ଓ ଆମର ନାଏକ ସହଯୋଗ କରିଥିଲେ। ଟୁର୍ନାମେଣ୍ଟରେ ୨୪ ଗୋଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଜୁନ ୧ରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ଠିକ୍ ଭାବେ ମିଳୁ ନି ପିଡିଏସ୍ ଚାଉଳ

### କେସିଙ୍ଗା ପଞ୍ଚାୟତ ସମିତିର ତୃତୀୟ ସାଧାରଣ ବୈଠକ

**କେସିଙ୍ଗା,୧୮।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧକ୍ଷ ଓ ଉପାଧକ୍ଷ ନିର୍ବାଚନ ପରେ ପ୍ରଥମ ସାଧାରଣ ବୈଠକ ବ୍ଲକ ଅଧକ୍ଷ ଚନ୍ଦନ ସେନାପତିଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ (ପୁସୁ) ଯୋଗଦେଇଥିବା ବେଳେ କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଅଦୁ, ଉପାଧକ୍ଷ ରାଜଲକ୍ଷ୍ମୀ ପଟ୍ଟନାୟକ, ନର୍ଲା ବିଧାୟକ ପ୍ରତିନିଧି ସନ୍ତୋଷ ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ଆଜିର ଏଜେଣ୍ଡାରେ ପ୍ଲାନିଂ କମିଟି ଗଠନ, ପାନୀୟ ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, ଲଘୁ ବନଜାତ ଦ୍ରବ୍ୟ ଓ




ପଞ୍ଚାୟତ ବୈଠକରେ ଯୋଗଦେଇଥିବା ଅତିଥିବୃନ୍ଦ।

ସଭାପତିଙ୍କ ଅନୁମୋଦନ କ୍ରମେ ଅନ୍ୟାନ୍ୟ ବିଷୟରେ ଆଲୋଚନା ପାଇଁ ସ୍ଥିର କରାଯାଇଥିଲା। ତେବେ ପାନୀୟ ଜଳ ଓ ପରିମଳ, ମହିଳା ଶିଶୁବିକାଶ ଓ ପିଡିଏସ ଚାଉଳ ହିତାଧିକାରୀଙ୍କୁ ଠିକ ଭାବେ ମିଳୁ ନ ଥିବା ବିଷୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଚଳିତବର୍ଷ କମ ବର୍ଷା ଯୋଗୁ ଅନେକ ନଦୀନାଳ, କୂଅ ଓ ପୋଖରୀ ଶୁଖିଯାଇଥିବା ବେଳେ ପାନୀୟ ଜଳ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ବହୁସ୍ଥାନରେ ନଳକୂପ ଅଚଳ ଯୋଗୁ ଲୋକେ ପାଣି ପାଇଁ ଅନେକ ଅସୁବିଧା ଭୋଗୁଛନ୍ତି ବୋଲି ସରପଞ୍ଚ ଓ ସମିତିସଭ୍ୟମାନେ ଅଭିଯୋଗ କରିଥିଲେ। ବହୁ ପଞ୍ଚାୟତରେ ପାଣି ଟାଙ୍କି ନିର୍ମାଣ ହୋଇଥିଲେ ମଧ କାର୍ଯ୍ୟକାରୀ ହୋଇପାରୁନାହିଁ। ତୁରନ୍ତ ଗଭୀର ନଳକୂପ ଖୋଳାଯାଇ ପାନୀୟ ଜଳ ବ୍ୟବସ୍ଥା କରାଯାଉ ବୋଲି ଦାବି କରିଥିଲେ। ବର୍ତ୍ତମାନ ଗଭୀର ନଳକୂପ ଖୋଳିବା ପାଇଁ ଅନୁମତି ନାହିଁ, ଲୋକଙ୍କ ସୁବିଧା ପାଇଁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଉଛି। କିଛି ସ୍ଥାନରେ ଆବଶ୍ୟକ ହେଲେ ନଳକୂପ ଖୋଳାଯାଇ ପାରିବା ବୋଲି ଆରଡବ୍ଲ୍ୟୁଏସ ପକ୍ଷରୁ କୁହାଯାଇଥିଲା। ବୈଠକରେ ବ୍ଲକର ୨୬ଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତିସଭ୍ୟାସଭ୍ୟ, ବ୍ଲକ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ପିଇଓ, ବିଭିନ୍ନ ବିଭାଗ ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ ଯୋଗଦେଇଥିଲେ।

### ରକ୍ତଦେଇ ମହିଳାଙ୍କ ଜୀବନ ବଞ୍ଚାଇଲେ ଯୁବକ



ରକ୍ତଦାନ କରିଥିବା ସଚିନ ମେହେର ରୋଗୀଙ୍କ ସହ ଆଲୋଚନା କରୁଛନ୍ତି।

**ଲାଞ୍ଜିଗଡ,୧୮।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ କାନକଟୁ ପଞ୍ଚାୟତର ଆବାସ ନଗରର ରୁପେରା ମାଝି (୪୦) ରୋଗରେ ଆକ୍ରାନ୍ତ ହୋଇ ଅର୍ଥ ଅଭାବ ଯୋଗୁ କିଛି ଦିନ ହେଲା ଘରେ ଶଯ୍ୟାଶାୟୀ ଅବସ୍ଥାରେ ପଡିଥିଲେ। ଏହି ଖବର ଜାଣିବା ପରେ ବିଡିଓ ଜିତେନ୍ଦ୍ର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଗତ ୧୬ ତାରିଖରେ ରୁପେରା ମାଝିଙ୍କୁ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ବୁଧବାର ରୁପେରାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ବିଡିଓ ମିଶ୍ର, କେକେଡିଏ ପ୍ରକଳ୍ପ ସଂଯୋଜକ ଲମ୍ବୋଦର ପ୍ରଧାନ ଡାକ୍ତରଖାନାରେ ପହଞ୍ଚିଥିଲେ। ତାଙ୍କ ସ୍ୱାସ୍ଥ୍ୟକୁ ନେଇ ଡାକ୍ତରଙ୍କ ସହିତ ଆଲୋଚନା କରିବା ପରେ ରୁପେରାଙ୍କୁ ଅତିଶୀଘ୍ର ରକ୍ତର ଆବଶ୍ୟକତା ଅଛି ବୋଲି ଡାକ୍ତର କହିଥିଲେ। ଭବାନୀପାଟଣା ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଥିବାରୁ ରୁପେରାଙ୍କୁ ରକ୍ତ ଦେବାରେ ବିଳମ୍ବ ହେଉଥିଲା। ଏହି ଖବର ପାଇ କେସିଙ୍ଗା ବ୍ଲକ ଉକ୍ଳେଲା ପଞ୍ଚାୟତ କାଦୋପଡ଼ା ଗ୍ରାମର ସଚିନ ମେହେର ନାମକ ଯୁବକ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ରୁପେରାଙ୍କୁ ରକ୍ତଦାନ କରିଥିଲେ। ଏହି ମହତ କାମ ପାଇଁ ବିଡିଓ ମିଶ୍ର, କେକେଡିଏ ପ୍ରକଳ୍ପ ସଂଯୋଜକ ପ୍ରଧାନ ସଚିନଙ୍କୁ ସାଧୁବାଦ ଜଣାଇଛନ୍ତି।

## ଚାଷୀନେତା ସୁଧୀର ପରିଚ୍ଛାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

### ଚାଷୀଙ୍କ ସ୍ୱାର୍ଥ ପାଇଁ କାମ କଲେ ହେବ ପ୍ରକୃତ ଶ୍ରଦ୍ଧାଞ୍ଜଳି: ନରସିଂହ

**ବଲାଙ୍ଗୀର ଅଫିସ, ୧୮।୫**

ଚାଷୀନେତା ଡା. ସୁଧୀର କୁମାର ପରିଚ୍ଛାଙ୍କ ପ୍ରତିମୂର୍ତ୍ତି ତାଙ୍କ ପୈତୃକ ଗ୍ରାମ ସଦର ବ୍ଲକ୍ ଅନ୍ତର୍ଗତ ଜନକପୁରଠାରେ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ସହସ୍ରାଧିକ ଚାଷୀଙ୍କ ଗହଣରେ ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପରିଚ୍ଛାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସ୍ୱର୍ଗତ ପରିଚ୍ଛା ଥିଲେ ମହାନ ଚାଷୀନେତା। ସେ କେବଳ ବଲାଙ୍ଗୀର ଜିଲା ନୁହେଁ ସମଗ୍ର ରାଜ୍ୟର ଚାଷୀଙ୍କ ସ୍ୱାର୍ଥ ପାଇଁ ଲଢେଇ କରୁଥିଲେ । ତାଙ୍କ ଭଳି ସାହାସୀ ଚାଷୀନେତା କମ୍ ଦେଖା ଯାଆନ୍ତି। ଅତୀତରେ ଚାଷୀଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନ କରି ସେ ଜେଲ ଯାଇଥିଲେ। ଆଜି ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପୂର୍ଣ୍ଣାବୟବ ମୂର୍ତ୍ତି ଉନ୍ମୋଚିତ ହୋଇଛି। ଚାଷୀଙ୍କ ନାର୍ଯ୍ୟ ଅଧିକାର ପାଇଁ ଲଢ଼େଇ କରିବା ହିଁ ସ୍ୱର୍ଗତ ପରିଚ୍ଛାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ।

ଜିଲା କୃଷକ ମହାସଂଘ ସଭାପତି ଯତି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସଭାରେ ବିଧାୟକ ମିଶ୍ରଙ୍କ ସହ ମହାସଂଘ ସମ୍ପାଦକ ଚଗଲା ପରିଚ୍ଛା, ଜିଲା କିଶାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ଶିବତଲା ପୂର୍ବତନ ସରପଞ୍ଚ ବାଳକୃଷ୍ଣ ବେହେରା, ବିଶ୍ୱଜିତ ନାଥ, ରାଜ୍ଯ କିଶାନ କଂଗ୍ରେସ ସଭାପତି ସରୋଜ ରଥ, ବିଶ୍ୱଜିତ ନାଥ, ପରିଚ୍ଛା



ପରିବାର ସଦସ୍ୟ ସୁରେଶ ପରିଚ୍ଛା, ମୁନା ପରିଚ୍ଛା, ବିରେନ୍ଦ୍ର ରାଉତ, ପଞ୍ଚାନନ ବିଶି, ଗୋପ ମେହେର, କଳାକାହ୍ନୁ ବେହେରା, ମହେଶ୍ୱର ପଟେଲ, ସରୋଜ ଗୁରୁ, ଲଳିତ ପଟେଲ, ପୂର୍ବତନ ବ୍ଲକ ଅଧକ୍ଷ ନରେନ୍ଦ୍ର ମେହେର, ଚୁଡାପାଲି ସରପଞ୍ଚ ଘାସିରାମ ବେହେରା, ଆଦିବାସୀ ନେତା ଲୋକନାଥ କୁମୁରା ଉପସ୍ଥିତ ଥିଲେ। ଆଗକୁ ପ୍ରତିବର୍ଷ ଏହିଦିନ ସ୍ୱର୍ଗତ ପରିଚ୍ଛାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଚାଷୀ ସମାବେଶ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଚାଷୀନେତା ସରୋଜ ରଥ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଚାଷୀ ଓ ଜନସାଧାରଣ ଯୋଗଦାନ କରିଥିଲେ।




ଡା ସୁଧୀର ପରିଚ୍ଛା ପ୍ରଥମ ଶ୍ରାଦ୍ଧବାର୍ଷିକୀ ସଭାରେ ମଞ୍ଚାସୀନ ଅତିଥି।

## କାନ୍ଦ ବୋବାଳିରେ ଫାଟିଲା ଗାଁ

### ପିକ୍‌ଅପ୍ ଭ୍ୟାନ ଓଲଟି ୪ ମୃତ୍ୟୁ ଘଟଣା

**ଭବାନୀପାଟଣା,୧୮।୫(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା କଲମପୁର-ଥୁଆମୂଳ ରାମପୁର ବ୍ଲକକୁ ସଂଯୋଗ କରୁଥିବା ସିଙ୍ଗାରୀଘାଟିରେ ମଙ୍ଗଳବାର ପିଡିଏସ୍ ଚାଉଳ ଧରି ଫେରୁଥିବା ବେଳେ ଏକ ପିକ୍‌ଅପ୍ ଭ୍ୟାନ ଓଲଟି ପଡିବାରୁ ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ହୋଇଥିଲା। ସେମାନେ ହେଲେ ଥୁଆମୂଳ ରାମପୁର ବ୍ଲକ ବାର୍ଷିକୋନା ଗ୍ରାମର ଲାଲୁ ମାଝି (୨୫) ଓ ମୁଡିଚୁଆଁ ଗ୍ରାମର ଡଙ୍ଗର ମାଝି (୩୫)। ଚିକିତ୍ସାଧୀନ ଅବସ୍ଥାରେ ରାତିରେ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥୁଆମୂଳ ରାମପୁର ବ୍ଲକ ବାର୍ଷିକୋନା ଗ୍ରାମର ସାନୁ ମାଝି (୩୦) ଓ ଶୋଭାଦେଇ ମାଝି (୪୮)ଙ୍କ ମୃତ୍ୟୁ ଘଟିଥିଲା। ବାର୍ଷିକୋନା ଗୋଟିଏ ଗ୍ରାମରେ ୨ ଦିନରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ମଙ୍ଗଳବାର ଲାଲୁଙ୍କ ଏଠାରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବୁଧବାର ପୁଣି ସାନୁ ଓ ଶୋଭାଦେଇଙ୍କ ମୃତ ଶରୀର ଗାଁରେ ପହଞ୍ଚିବା ପରେ କାନ୍ଦ ବୋବାଳିରେ ଗାଁ ଫାଟିପଡିଥିଲା। ପିଡଏସ୍ ଚାଉଳ ପାଇଁ ୪ ନିରୀହ ଜୀବନ ଚାଲିଯାଇଥିବାରୁ ଜିଲାରେ ଶୋକର



ବାର୍ଷିକୋନା ଗ୍ରାମରେ ପ୍ରଶାସନିକ ଅଧିକାରୀମାନେ ଅନୁଧ୍ୟାନ କରୁଛନ୍ତି।

ଛାୟା ଖେଳିଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଉପରୋକ୍ତ ୨ଟି ଗାଁକୁ ସିଧାସଳଖ ପିଡିଏସ ଚାଉଳ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

ଅନ୍ୟପଟେ, ବୁଧବାର ପ୍ରଶାସନ ପକ୍ଷରୁ କଲମପୁର ତହସିଲଦାର କରିଷ୍ମା ବେଶ୍ରା, ବିଡିଓ ପ୍ରଶନ୍ନ ପଟେଲ, ଥୁଆମୂଳ ରାମପୁର ବିଡିଓ ଶୁଭକାନ୍ତ ନାଏକଙ୍କ ସମେତ ବ୍ଲକ କର୍ମଚାରୀ ବାର୍ଷକୋନା ଗ୍ରାମକୁ ଯାଇ ଘଟଣାର ଅନୁଧ୍ୟାନ କରିଛନ୍ତି। ସେଠାରେ ମୃତକଙ୍କ ପରିବାରକୁ ସେମାନେ ସାକ୍ଷାତ କରି ସମବେଦନା ଜଣାଇବା ସହ ସରାକାରୀ ସ୍ତରରେ ଯାହାକିଛ ସୁବିଧା ରହିଛି ତାହା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ବିଧାୟକ ପ୍ରଦୀପ ଦିଶାରୀ ମୃତକଙ୍କ ପରିବାରକୁ ଅନ୍ତେଷ୍ଟିକ୍ରିୟା ପାଇଁ ୪ ହଜାର ଟଙ୍କା ଲେଖାଏଁ ଦେଇଥିବା ଜଣାପଡିଛି।

## ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଓଷ୍ଟା

**ନୂଆପଡ଼ା ଅଫିସ,୧୮।୫**

ରାଜ୍ୟରେ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ସପ୍ତମ ବେତନ ପ୍ରଦାନ ନାମରେ ନୂତନ ଅନୁଦାନ ନୀତି ୨୦୨୧ ପ୍ରଣୟନ କରାଗଲା। ତାହା ଲାଗୁ କରିବା ପାଇଁ ୨୦୨୨ ମେ ୧୩ରେ ପଦ୍ଧତି ନିର୍ଦ୍ଧାରଣ କରାଗଲା, ତାହା ଶିକ୍ଷକ ମହଲରେ ହତାଶ କରିଛି। ଏହାର ପ୍ରତିବାଦରେ ବୁଧବାର ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ନୂଆପଡା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସ୍ୱାଧାଦେବ ସିଂ ଓ ଜିଲା ଶିକ୍ଷା ଅଧିକାରୀ ଫୁଲମଣୀ




ଶିକ୍ଷକମାନେ ଜିଲାପାଳଙ୍କ ଗେଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ମୁର୍ମୁଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସପ୍ତମ ବେତନ କମିଶନଙ୍କ ସୁପାରିଶ ଅନୁଯାୟୀ ନୂତନ ବେତନ ନିର୍ଦ୍ଧାରଣ ପାଇଁ ସ୍ପଷ୍ଟ ନୀତି ବାସିକ ପେ+ଗ୍ରେଡ ପେ ୨.୫୭କୁ ବାଦ ଦେଇ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଅବାସ୍ତବ ବାସିକ ପେ ୧୪୨ ପ୍ରତିଶତ ଡିଏ ଅବଲମ୍ବନରେ ଦରମା ନିର୍ଦ୍ଧାରଣ ପଦ୍ଧତିକୁ ଗ୍ରହଣ କରାଯାଇଛି। ଏହା ଦ୍ୱାରା ହଜାର ହଜାର ଶିକ୍ଷକଙ୍କ ଆର୍ଥିକ ଭାବରେ କ୍ଷତିଗ୍ରସ୍ତ କରିବା ସହିତ ସେମାନଙ୍କ ସ୍ୱାଭିମାନକୁ ବ୍ୟାହତ କରିବ। ୨୦୧୭ ଅନୁଦାନକୁ ମଧ୍ୟ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ଷଷ୍ଠ ବେତନରେ ୬୦ ପ୍ରତିଶତ କିମ୍ବା ୭୫ ପ୍ରତିଶତ ପାଉଥିବା ଶିକ୍ଷକମାନଙ୍କୁ ଅନୁପାତ ଭିତିକ ଭାବେ ସପ୍ତମ ବେତନ ପ୍ରଦାନ ବ୍ୟବସ୍ଥା, ୨୦୨୨ ଜାନୁୟାରୀ ୧ରେ ଶତପ୍ରତିଶତ ଅନୁଦାନ ଅନୁଦାନ ଯୋଗ୍ୟ ବିବେଚିତ ହେଲେ ସେମାନଙ୍କୁ ସପ୍ତମ ବେତନରେ ଅନ୍ତର୍ଭୁକ୍ତ କରିବା, ସମସ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ନିର୍ଦ୍ଧାରଣର ସର୍ବନିମ୍ନ ଗ୍ରେଡ ପେ ୧୭୦୦ ଟଙ୍କା ପ୍ରଦାନ ପାଇଁ ଦାବି କରିଛନ୍ତି।

## ପ୍ରକଳ୍ପ ପ୍ରଭାବିତଙ୍କ ସୂଚନା ପାଇଁ ମାର୍ଗଦର୍ଶିକା ଉନ୍ମୋଚିତ

### ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ

**ବଲାଙ୍ଗୀର ଅଫିସ, ୧୮।୫**

ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଏକ ବିଳମ୍ବିତ ପ୍ରକଳ୍ପ ଭାବେ ଦୀର୍ଘଦିନ ହେଲା ପଡିରହିଥିଲା। ବହୁ ବିଳମ୍ବ ଏବଂ ବହୁ ବିବାଦ ପରେ ପ୍ରକଳ୍ପ କାମ ତ୍ୱରାନ୍ୱିତ ହୋଇଛି। ପ୍ରକଳ୍ପ ନିର୍ମାଣ ତଥା ପ୍ରକଳ୍ପ ପ୍ରଭାବିତଙ୍କ କ୍ଷତିପୂରଣ ଓ ଥଇଥାନ ସମ୍ବନ୍ଧରେ ଆଗକୁ କୌଣସି ପ୍ରକାରର ପ୍ରତିରୋଧ ଓ ଦ୍ୱନ୍ଦ୍ୱ ଯେପରି ନହେବ ସେନେଇ ସରକାର ଓ ପ୍ରଶାସନ ସଜାଗ ହୋଇଛନ୍ତି। ରାଜ୍ୟ ସରକାରଙ୍କ ୫-ଟି ଅଧିନରେ କାମ କରୁଥିବା ଏହି ପ୍ରକଳ୍ପର ସବିଶେଷ ତଥ୍ୟ ପ୍ରକଳ୍ପ ବିସ୍ଥାପିତଙ୍କ ଅବଗତି ନିମନ୍ତେ ଜଣାଇବା ପାଇଁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ପ୍ରକଳ୍ପର ଭୂମି ଅଧିଗ୍ରହଣ, ଥଇଥାନ ଏବଂ ପୁର୍ନବସତିରେ କ୍ଷତିପୂରଣ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ ୨୦୧୩ ତଥା ଓଡିଶା ପୁନର୍ବାସ ଓ ଥଇଥାନ ନୀତି ୨୦୦୬ ସମ୍ବନ୍ଧୀୟ ଏହି ମାର୍ଗଦର୍ଶିକାକୁ ଗୁରୁବାର ଜିଲାପାଳ ଚଞ୍ଚଳ ରାଣା ଜିଲାପାଳ କାର୍ଯ୍ୟଳୟରେ ଉନ୍ମୋଚନ କରିଥିଲେ। ଉନ୍ମୋଚନ ଉତ୍ସବରେ ଅତିରିକ୍ତ



ଜିଲାପାଳ ଚଞ୍ଚଳ ରାଣା ଓ ଅନ୍ୟ ଅଧିକାରୀମାନେ ଲୋୟର ସୁକ୍‌ତେଲ ମାର୍ଗଦର୍ଶିକା ଉନ୍ମୋଚନ କରୁଛନ୍ତି।

ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କୁମାର ନାଗଭୂଷଣ, ଜିଲା ଭୂ-ଅର୍ଜନ ଅଧିକାରୀ ଫାଲଗୁନୀ ଶବର ଉପସ୍ଥିତ ଥିଲେ। ଏହି ମାର୍ଗଦର୍ଶିକାକୁ ପ୍ରକଳ୍ପ ପ୍ରଭାବିତଙ୍କୁ ବଣ୍ଟନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ମାର୍ଗଦର୍ଶିକାରୁ ପ୍ରକଳ୍ପ ପ୍ରଭାବିତମାନେ ପ୍ରକଳ୍ପ ସମ୍ବନ୍ଧୀୟ, ଥଇଥାନ ଓ କ୍ଷତିପୂରଣ ପ୍ରସଙ୍ଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇପାରିବେ ବୋଲି କୁହାଯାଇଛି।

ପୁସ୍ତିକାରେ ଭୂମି ଅଧିଗ୍ରହଣ ଏବଂ ପୁର୍ନବସତିରେ କ୍ଷତିପୂରଣ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ ୨୦୧୩ରେ ପ୍ରକଳ୍ପ ପ୍ରଭାବିତ ଗ୍ରାମମାନଙ୍କ ବିବରଣୀ, ୨୦୧୩ ଆଇନର ଦିଗ, ଜମି ଅଧିଗ୍ରହଣ, କ୍ଷତିପୂରଣ, ଲାଗି ଜମର ବଜାର ମୂଲ୍ୟର ସ୍ଥିରୀକରଣ ଦୃଷ୍ଟାନ୍ତ, ପୁନର୍ବାସ ଓ ଥଇଥାନ ନୀତି ୨୦୦୬ର କାର୍ଯ୍ୟକାରିତା, ଜଳସେଚନ ପ୍ରକଳ୍ପ କ୍ଷେତ୍ରରେ ବିସ୍ଥାପିତ ପରିବାର ଓ କ୍ଷତିଗ୍ରସ୍ତ ପରିବାରମାନଙ୍କ ପାଇଁ ଥଇଥାନ ପ୍ୟାକେଜ୍, ପୁନର୍ବାସ ଓ ଥଇଥାନ କ୍ଷତିପୂରଣ ରାଶି ସ୍ଥିରୀକରଣ ପ୍ରକ୍ରିୟା କ୍ରମ, ଢାଞ୍ଚାମାନଙ୍କ ବର୍ଗଫୁଟ୍ ପିଛା ଦର, ଗଛ, ଫଳବତୀ ଗଛର ବିବରଣୀ, ପ୍ରକଳ୍ପ ପ୍ରଭାବିତ ପରିବାର ଏବଂ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ପରିବାରଙ୍କ ତୁଳନାତ୍ମକ ସୂଚନା ଏବଂ ପୁର୍ନବସତି ଓ ଥଇଥାନ ବାସିନ୍ଦାଙ୍କ ଭିତ୍ତିଭୂମି ସମ୍ବନ୍ଧୀୟ ସୂଚନା ଏହି ମାର୍ଗଦର୍ଶିକାରେ ପ୍ରଦାନ କରାଯାଇଛି। ଉନ୍ମୋଚନ ଉତ୍ସବରେ ଜିଲାପାଳ ରାଣା କହିଥିଲେ ଯେ, ପ୍ରକଳ୍ପ ସମ୍ବନ୍ଧରେ ଜନସାଧାରଣଙ୍କୁ ତଥ୍ୟଗତ ସୂଚନା ଦେବା ଏବଂ ପ୍ରକଳ୍ପ ସମ୍ବନ୍ଧୀୟ ସ୍ୱଚ୍ଛତା ଅବଲମ୍ବନ କରିବା ହିଁ ଏହି ମାର୍ଗଦର୍ଶିକାର ଉଦ୍ଦେଶ୍ୟ। କିଛି ମଧ୍ୟସ୍ଥି ବିଭିନ୍ନ ସମୟରେ ପ୍ରକଳ୍ପକୁ ନେଇ ଲୋକଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରିଥିଲେ, ଭୁଲ ତଥ୍ୟ ଦେଉଥିଲେ। ଏହି ମାର୍ଗଦର୍ଶିକା ଲୋକଙ୍କ ଭିତରେ ଦ୍ୱନ୍ଦ୍ୱ ଦୂର କରିବ ଏବଂ ପ୍ରଶାସନ ଓ ପ୍ରକଳ୍ପ ପ୍ରଭାବିତଙ୍କ ମଧ୍ୟରେ ଆସ୍ଥାବିଶ୍ୱାସ ଜନ୍ମାଇବ ବୋଲି ଜିଲାପାଳ ରାଣା କହିଥିଲେ।

## କନିଷ୍ଠ ଯନ୍ତ୍ରୀ ମୃତ୍ୟୁ ମାମଲାର ଉଚିତ୍ ତଦନ୍ତ ଦାବି

### ଡିପ୍ଲୋମା ଇଞ୍ଜିନିୟର ସେବାସଂଘର କ୍ୟାଣ୍ଡେଲ ଶୋଭାଯାତ୍ରା

**ବଲାଙ୍ଗୀର ଅଫିସ,୧୮।୫**

ପାଟଣାଗଡ ବ୍ଲକ କନିଷ୍ଠ ଯନ୍ତ୍ରୀ ସୁରେଶ ଚନ୍ଦ୍ର ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ପ୍ରତିବାଦରେ ଗୁରୁବାର ସନ୍ଧ୍ୟାରେ ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ବଲାଙ୍ଗୀର ଶାଖା ପକ୍ଷରୁ ହାତୀଶାଳପଡ଼ାସ୍ଥିତ ଓଡେଶା ଭବନଠାରୁ ଏକ ନୀରବ କ୍ୟାଣ୍ଡେଲ୍ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। କ୍ୟାଣ୍ଡେଲ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିବା ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ୱର୍ଗତ ଇଂ. ସାହୁଙ୍କୁ ସେଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସ୍ୱର୍ଗତ ଯନ୍ତ୍ରୀ ସାହୁଙ୍କ ଅପମୃତ୍ୟୁ ମାମଲାର ଉଚିତ ତଦନ୍ତ ଓ ନ୍ୟାୟ ନିମନ୍ତେ ଦାବି ଉପସ୍ଥାପନା କରିଥିଲେ। ଏଥିରେ ସଂଘ ସଭାପତି ଇଂ. ଏ. ସିମାଦ୍ରୀ ଦୋରା, ଉପସଭାପତି ଇଂ.ଖୋଲେନ ସିଂ, ସମ୍ପାଦକ ଇଂ. ବଳରାସ ପାତ୍ର ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସଂଘ ସଦସ୍ୟ ଏବଂ ଜିଲା ଇଞ୍ଜିନିୟରିଂ ଡିପାର୍ଟମେଣ୍ଟର ଶତାଧିକ କର୍ମୀ ଯୋଗଦେଇଥିଲେ। କିଛିଦିନ ପୂର୍ବରୁ ପାଟଣାଗଡ଼ ବ୍ଲକ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଇଂ .ସାହୁଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ବନକାବିହାର ଗାଁ ନିକଟ କପାକିଆରିରୁ ଉଦ୍ଧାର କରାଯାଇଥିଲା। ଇଂ. ସାହୁଙ୍କ ପରିବାର ଲୋକେ ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ଅଭିଯୋଗ କରିଥିଲେ। ହତ୍ୟାର ୧୨ ଦିନ ବିତିଯାଇଥିଲେ ମଧ ପୋଲିସ ଦୋଷୀଙ୍କୁ ଗିରଫ କରି ନ ଥିବାରୁ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆଗାମୀ ଦିନରେ ସଂଘ ପକ୍ଷରୁ ପ୍ରତି ବ୍ଲକ୍‌ସ୍ତରରୁ ଜିଲା ସ୍ତରରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।




ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ବଲାଙ୍ଗୀର ଶାଖା ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଉଛି।

## ସଂକ୍ଷେପରେ

### ଇନପୁର ଶିବମନ୍ଦିରରୁ ଚୋରି

**ପାଟଣାଗଡ,୧୮।୫ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲରମ୍ବା ଥାନା ଅଧିନ ଇନପୁର ଶିବମନ୍ଦିରରୁ ମଙ୍ଗଳବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ମନ୍ଦିର ସମ୍ମୁଖ ଗେଟର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ମନ୍ଦିରର ବିଭିନ୍ନ ସାମଗ୍ରୀ ଚୋରି କରିନେଇଛନ୍ତି। କଂସା, ପିତଳ, ଥାଳି, ଗଡୁ, ଘଣ୍ଟି ସହ ହୁଣ୍ଡିରେ ଥିବା ଟଙ୍କା ଚୋରି ହୋଇଥିବା ଇନପୁର ଗ୍ରାମର କାର୍ତ୍ତିକ ମହାକୁଡ ଥାନାରେ ଅଭିଯୋଗ କରିଛନ୍ତି। ବୁଧବାର ସକାଳେ ପୂଜକ ମନ୍ଦିରକୁ ପୂଜା କରିବାକୁ ଆସିବା ସମୟରେ ଚୋରି ହୋଇଥିବା ଦେଖିଥିଲେ। ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଚଳାଇଛନ୍ତି। ଏ ନେଇ ଥାନାରେ ଏକ ମାମଲା (୬୭/୨୨)ରୁଜୁ ହୋଇଥିବା ଲରମ୍ବା ଥାନାଧିକାରୀ ରାଜେନ୍ଦ୍ର ବେହେରା କହିଛନ୍ତି।

### ବୋଲେରୋ-ଟ୍ରାକ୍ଟର ମୁହାଁମୁହିଁ ଧକ୍କା

**ରୁପ୍ରା ରୋଡ,୧୮।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ ଭମରପଡା ନିକଟରେ ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ଏକ ସଡକ ଦୁର୍ଘଟଣା ଘଟିଛି। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡିଛି। ବୋଲେରୋ ସହିତ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ହୋଇଛି। ଟ୍ରାକ୍ଟର ଭାଙ୍ଗି ଚୁରମାର ହୋଇଥିବା ବେଳେ ବୋଲେରୋର ସମ୍ମୁଖ ଭାଗ ଭାଙ୍ଗି ଯାଇଛି। ଏଥିରେ ବୋଲେରୋ (ନଂ.ଓଆର୦୮ବି-୮୧୧୧)ରେ ବସିଥିବା ୫ ଜଣ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି। ଟ୍ରାକ୍ଟର ରେଖପୁର ଗ୍ରାମର ଥୟ ଭୋଇଙ୍କ ହୋଇଥିବା ବେଳେ ମେଦିନୀପୁର ସରଲାଞ୍ଜିର ଡ୍ରାଇଭର ଆନନ୍ଦ ପୁଟେଲଙ୍କୁ ସାମାନ୍ୟ ଆଘାତ ଲାଗିଛି। ତାଙ୍କୁ ନର୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ଡିବିଟି ମାଧମରେ ଭତ୍ତା ପ୍ରଦାନ




**କୋକସରା,୧୮।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକରେ ବୁଧବାରଠାରୁ ଡିବିଟି ମାଧମରେ ଭତ୍ତା ପ୍ରଦାନ ଶୁଭାରମ୍ଭ ହୋଇଛି। ବ୍ଲକର ୨୨ ପଞ୍ଚାୟତରେ ଡିବିଟି ଜରିଆରେ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ହିତାଧିକାରୀଙ୍କୁ ଡିବିଟି ବା ଅନଲାଇନରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଭତ୍ତା ରାଶି ପ୍ରଦାନ କରାଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ରହିଥିବା ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ରରେ ଏହାର ଶୁଭାରମ୍ଭ ହୋଇଛି। ଜାତୀୟ ବାର୍ଦ୍ଧକ୍ୟ ଭତ୍ତାକୁ କେନ୍ଦ୍ର ସରକାର ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବ୍ଲକର ୨୨ ପଞ୍ଚାୟତ ୬୧୪୬ଜଣ ହିତାଧିକାରୀଙ୍କୁ ଡିବିଟି ଜରିଆରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିବା ବିଏସଏସଓ ଦୀପକ କୁମାର ବେହେରା ସୂଚନା ଦେଇଛନ୍ତି।

### ନୃସିଂହ ଚତୁର୍ଦ୍ଦଶୀ ମେଳା ଉପଲକ୍ଷେ ନାମଯଜ୍ଞ

**ଲୋଇସିଂହା,୧୮।୫(ଡି.ଏନ.ଏ):** ନୃସିଂହ ଚତୁର୍ଦ୍ଦଶୀ ଅବସରରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ବିଭିନ୍ନ ଗ୍ରାମରେ ଚାଲିଥିବା ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ବୁର୍ଡା ଉପରପଡା ପଥାଇ ଦୁର୍ଗା ସଂକୀର୍ତ୍ତନ ମଣ୍ଡଳୀ ଆନୁକୂଲ୍ୟରେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଶତାଧିକ ବ୍ୟକ୍ତି କଳସ ଶୋଭାଯାତ୍ରା କରି ମଣ୍ଡପରେ ପୂର୍ଣ୍ଣ କଳସ ସ୍ଥାପନ କରିଥିଲେ। ଶନିବାର ପୂର୍ବାହ୍ନରୁ ନାମ ଯଜ୍ଞ ଆରମ୍ଭ ହୋଇ ସୋମବାର ଉଦ୍‌ଯାପିତ ହୋଇଥିଲା। ଆର୍ତ୍ତତ୍ରାଣ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଦୀପକ ସାହୁ ସସ୍ତ୍ରିକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ ଛେଲବାହାଲ ଗ୍ରାମର ସଂକୀର୍ତ୍ତନ ପାର୍ଟି ପକ୍ଷରୁ ଅଷ୍ଟ ପ୍ରହର ନାମ ଯଜ୍ଞ ଆୟୋଜିତ ହୋଇଥିଲା। ଏଠାରେ ଷଡାନନ ବାରି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ବୁଢୀପଦର ପଞ୍ଚାୟତ ନେଗିପାଲିରେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସେହିପରି ବୁର୍ଡା ହରିଜନ ପଡା ଅଲେଖ ମଣ୍ଡପଠାରେ ଅଲେଖ ମହିମା ଯଜ୍ଞ ଅନୁଷ୍ଠିତ ହୋଇଯାଇଛି।

# ସମ୍ଭାବ୍ୟ ବନ୍ୟା, ବାତ୍ୟା ମୁକାବିଲାକୁ ଗୁରୁତ୍ୱ

**ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ**

**ବଲାଙ୍ଗୀର ଅଫିସ,୧୮।୫**

ଆଗାମୀ ଦିନରେ ସମ୍ଭାବ୍ୟ ବନ୍ୟା, ବାତ୍ୟା ମୁକାବିଲା ପାଇଁ ଗୁରୁବାର ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ବଲାଙ୍ଗୀର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପୌରାଧ୍ୟକ୍ଷା ଲିକା ସାହୁ, କଣ୍ଟାବାଞ୍ଜି ଏନ୍ଏସି ଅଧ୍ୟକ୍ଷ ବରିୟମ୍ ସିଂ ସାଲୁଜା, ତୁଷରା ଏନ୍ଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲ, ବଲାଙ୍ଗୀର ବିଧାୟକଙ୍କ ପ୍ରତିନିଧି ମନୀଷ ମିଶ୍ର, ଲୋଇସିଂହା ବିଧାୟକଙ୍କ ପ୍ରତିନିଧି ଦେବୀଲାଲ ମିଶ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ପଟେଲ, ଡିଆରଡିଏ ପିଡି ସୁଶାନ୍ତ କୁମାର ସିଂ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପିଡି ସୁଦର୍ଶନ ସାଏ, ଟିଟିଲାଗଡ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନ, ପାଟଣାଗଡ ଉପଜିଲାପାଳ ଡ. ବିଜୟାନନ୍ଦ ସେଠୀ, ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର, ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଟିମ୍ ଉପସ୍ଥିତ ଥିଲେ।


ବଲାଙ୍ଗୀର ଡିଆରଡିଏ କକ୍ଷରେ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀ।

ଜିଲାରେ ସମ୍ଭାବ୍ୟ ବନ୍ୟା, ବାତ୍ୟା ମୁକାବିଲା ପାଇଁ ଆଗୁଆ ପଦକ୍ଷେପ ନେବାକୁ ଏବଂ ଏହାର ସୁପରିଚାଳନା ସକାଶେ ସଜାଗ ରହିବାକୁ ବିଭାଗୀୟ ଓ କ୍ଷେତ୍ର ଅଧିକାର କର୍ମଚାରୀଙ୍କୁ ଜିଲାପାଳ ରାଣା ନିର୍ଦ୍ଦେଶ ଦେଇଥିଲେ। ବୈଠକ ନିଷ୍ପତ୍ତି ଅନୁସାରେ ଜୁନ୍ ୧ରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଜିଲା କାର୍ଯ୍ୟାଳୟ, ଉପଖଣ୍ଡ କାର୍ଯ୍ୟାଳୟ, ବ୍ଲକ୍, ତହସିଲ ଏବଂ ଜରୁରୀ ସେବା ଯୋଗାଉଥିବା କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ଜିଲାର ବନ୍ୟା ପ୍ରବଣ ଅଞ୍ଚଳ ତଥା ସହରାଞ୍ଚଳର ତଳି ଅଞ୍ଚଳରେ ସମ୍ଭାବ୍ୟ ପରିସ୍ଥିତିରୁ ଜନସାଧାରଣଙ୍କୁ ଉଦ୍ଧାର ଓ ଥଇଥାନ କରିବା ନିମନ୍ତେ ଅସ୍ଥାୟୀ ଆଶ୍ରୟ ସ୍ଥଳୀଗୁଡିକ ଚିହ୍ନଟ କରି ପ୍ରସ୍ତୁତ ରଖିବାକୁ ଜିଲାପାଳ ରାଣା ନିର୍ଦ୍ଦେଶ ଦେଇଥିଲେ। ଜିଲାର ପାଣି ଜମି ରହୁଥିବା ସ୍ଥାନ ଚିହ୍ନଟ କରି ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ସମସ୍ତ ନାଳନର୍ଦ୍ଦମା ସଫା କରିବା ଓ ବଲାଙ୍ଗୀର ଲକ୍ଷ୍ମୀଯୋର ସଫେଇ କାମ ତ୍ୱରାନ୍ୱିତ କରି ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବଲାଙ୍ଗୀର ମ୍ୟୁନିସିପାଲିଟି ଅଞ୍ଚଳରେ ଡ୍ରେନ୍ ସଫା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ପୂର୍ବରୁ ଲକ୍ଷ୍ମୀଯୋର ଡ୍ୟାମର ଚାବି ଖୋଲି ରଖିବା ଏବଂ ସଜାଗ ରହିବାକୁ ଜିଲାପାଳ ରାଣା ନିର୍ଦ୍ଦେଶ ଦେଇଥିଲେ। କୌଣସି ପରିସ୍ଥିତିରେ ଅବହେଳାକୁ ପ୍ରଶ୍ରୟ ଦିଆଯିବନାହିଁ ବୋଲି ସେ କହିଥିଲେ। କଣ୍ଟାବାଞ୍ଜି ବିଧାୟକ ସାଲୁଜା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକକୁ ସ୍ୱାଗତ କରିବା ସହ ପ୍ରଶାସନ ଆଗୁଆ ପଦକ୍ଷେପ ଏବଂ ସତର୍କତାକୁ ପ୍ରଶଂସା କରିଥିଲେ। ପୌରାଧ୍ୟକ୍ଷା ଲିକା ସାହୁ ଲକ୍ଷ୍ମୀଯୋର ସଫେଇ ଶୀଘ୍ର ସମାପ୍ତ କରାଯିବ ବୋଲି କହିଥିଲେ। ବୈଠକରେ ବଲାଙ୍ଗୀର ବିଧାୟକଙ୍କ ପ୍ରତିନିଧି ମନୀଷ ମିଶ୍ର ସହର ମଧ୍ୟରେ ଥିବା ସମସ୍ତ ବନ୍ଧକଟାର ପାଣି ବ୍ୟବହାର ଯୋଗ୍ୟ ନ ଥିବାରୁ ତାର ପ୍ରତିକାର କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଲକ୍ଷ୍ମୀଯୋର ସଫେଇ କାମ ତ୍ୱରାନ୍ୱିତ କରିବା, ପୌରାଞ୍ଚଳ ଅନ୍ତର୍ଗତ ସମସ୍ତ ନାଳା ଠିକ୍ ହିସାବରେ ସଫା କରି କୃତ୍ରିମ ବନ୍ୟାରୁ ଲୋକଙ୍କୁ ରକ୍ଷା କରିବା ପାଇଁ ବ୍ୟବସ୍ଥା, ବନ୍ୟାରୁ ରକ୍ଷା କରିବା ପାଇଁ ଦେଓଗାଁରୁ ଜରାସିଂହ ପର୍ଯ୍ୟନ୍ତ ବନ୍ୟା ପ୍ରତିରୋଧକ ବାଡ ନିର୍ମାଣ ବ୍ୟବସ୍ଥା ଏବଂ ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁବରଣ କରୁଥିବା ଆର୍ଥିକ ସ୍ତରରେ ପ୍ରଭାବିତ ପୀଡିତଙ୍କୁ ୨୪ ଘଣ୍ଟା ମଧ୍ୟରେ ସର୍ଭେ କରି କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ। ଜିଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ତଥା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଔଷଧ, ସାପ କୁମୁଡା ଇଞ୍ଜେକସନ୍ ଓ ବ୍ଲିଚିଂ ପାଉଡର ମହଜୁଦ ରଖିବାକୁ କହିଥିଲେ। ବନ୍ୟା ଓ ବାତ୍ୟା ସମୟରେ ପ୍ରାଣୀଧନ ସୁରକ୍ଷା, ବନ୍ୟାପ୍ରବଣ ଅଞ୍ଚଳରେ ଖାଦ୍ୟସାମଗ୍ରୀ ପହଞ୍ଚାଇବାକୁ ଗୁରୁତ୍ୱ ଦିଆଯାଇଥିଲା। ଜିଲା ଜରୁରୀକାଳୀନ ଅଧିକାରୀ ରୀନା ନାଏକ ଧନ୍ୟବାଦ ଅପଣ କରିଥିଲେ।

## ବିଶ୍ୱହିନ୍ଦୁ ପରିଷଦ ପ୍ରଶିକ୍ଷଣ ଶିବିର

**ଟିଟିଲାଗଡ଼,୧୮।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ମହାବୀର ଧର୍ମଶାଳା ପରିସରରେ ଚାଲିଥିବା ପଶ୍ଚିମ ଓଡିଶାର ୨୨ଟି ସାଙ୍ଗଠନିକ ଜିଲାସ୍ତରୀୟ ବାର୍ଷିକ ବିଶ୍ୱହିନ୍ଦୁ ପରିଷଦର ୧୦ଦିନିଆ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ବିଚାର, ବୌଦ୍ଧିକ କ୍ଷମତାର ଉନ୍ନତି, ଯୋଗାସନ, ପ୍ରାଣାୟମ, ଶାରୀରିକ କାର୍ଯ୍ୟକ୍ଷମତାର ବିକାଶ ଆଦିନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରାନ୍ତ ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ସୁଦର୍ଶନ ଦାଶଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରୀୟ ସଂଗଠନ ମହାମନ୍ତ୍ରୀ ବିନାୟକ ରାଓ ଦେଶପାଣ୍ଡେ, କେନ୍ଦ୍ରୀୟ ଧର୍ମ ପ୍ରସାରକ ପ୍ରମୁଖ ସୁଧାଂଶୁ ମୋହନ ପଟ୍ଟନାୟକ, କେନ୍ଦ୍ରୀୟ ସତ୍‌ସଙ୍ଗ ପ୍ରମୁଖ ବସନ୍ତ ରଥ, କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ସପନ ମୁଖାର୍ଜୀ, ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ ପ୍ରଧାନ, ପ୍ରାନ୍ତ ସମ୍ପାଦକ ଭକ୍ତଚରଣ ସାହୁ, ପ୍ରାନ୍ତ ସଭାପତି ରାଜକୁମାର ବଡପଣ୍ଡା, ପ୍ରାନ୍ତ କାର୍ଯ୍ୟକାରୀ ସଭାପତି ଅଶୋକ ଗାନ୍ଧୀ, କୋଷାଧ୍ୟକ୍ଷ କମଲ ଅଗ୍ରୱାଲ, ସହ ସଂଗଠନ ମନ୍ତ୍ରୀ ସତ୍ୟନାରାୟଣ ଥାନାପତି, କ୍ଷେତ୍ର ଧର୍ମ ପ୍ରସାରକ ପ୍ରମୁଖ ଅଚ୍ୟୁତାନନ୍ଦ କର ପ୍ରଶିକ୍ଷଣକାରୀଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହ ଟିଟିଲାଗଡ ବ୍ଲକ ଅନ୍ତର୍ଗତ ୪ଟି ଗ୍ରାମରେ ସତ୍‌ସଙ୍ଗ, ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଆରଏସଏସ ବିଭାଗ ସଞ୍ଚାଳକ କମ୍ବୁପ୍ରସାଦ ପାଢୀ, କ୍ଷୀରସିନ୍ଧୁ ସାହୁ, ପ୍ରକାଶ ଗୋୟଲ, ପିଲକି ଭାଇ, ଡମ୍ବରୁଧର କର୍ମୀ, ରାଜେଶ ବାବୁ ଏଥିରେ ସହାୟତା କରିଥିଲେ। ସହର ଉପକଣ୍ଠ ଦେସିଲ ପ୍ରହରୀ ମଣ୍ଡପରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ କଲିକତା କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ସପନ ମୁଖାର୍ଜୀ, କେନ୍ଦ୍ରୀୟ ସଂସଦ ପ୍ରମୁଖ ଡ. ବସନ୍ତ ରଥ ଉପସ୍ଥିତ ଥିଲେ। ୧୦ଦିନିଆ ଶିବିରର ବିବରଣୀ ପଠନ, ଶାରୀରିକ କୌଶଳ ପ୍ରଦର୍ଶନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବଚନ ଆଦି ଅନୁଷ୍ଠିତ ହୋଇଥିଲା। ଗତ ୮ତାରିଖରେ ପରିଷଦର କେନ୍ଦ୍ରୀୟ ସହମନ୍ତ୍ରୀ ହରିଶଙ୍କରଜୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

## ଦବିଗଲା କଲଭର୍ଟ କଂକ୍ରିଟ

**ଲୋଇସିଂହା,୧୮।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା-ପଦ୍ମପୁର ରାସ୍ତାର ଡୋଲମହୁଲରଠାରେ ନୂତନ ଭାବେ କଲଭର୍ଟ ନିର୍ମାଣ କରାଯାଇଛି। ନିର୍ମାଣର ଅଳ୍ପଦିନ ମଧ୍ୟରେ କଲଭର୍ଟ କଂକ୍ରିଟ ଦାବି ଯାଇଛି। ଫଳରେ ଉକ୍ତ ରାସ୍ତାରେ ଯାତାୟତ କରୁଥିବା ବାଇକ ଆରୋହୀମାନେ ଜାଣି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଲୋଇସିଂହା-ପଦ୍ମପୁର ପିଡବ୍ଲୁଡି ରାସ୍ତାର ବନ ବିଭାଗ ପୁରୁଣା କାର୍ଯ୍ୟାଳୟ ନିକଟରେ ନୂତନ କଲଭର୍ଟ ନିର୍ମାଣ କରାଯାଇଛି। ନିମ୍ନମାନର କାମ ଯୋଗୁଁ କଲଭର୍ଟ ଛାତ ଦବି ଯାଇଛି। ଦୀର୍ଘମାସ ହେଲା କଲଭର୍ଟ ଦବି ଥିଲେ ବି ସେହି ସ୍ଥାନକୁ ମରାମତି କରାଯାଇନାହିଁ। ଦୁମଦୁମିପଟରୁ ଆସିଲା ବେଳେ ରାସ୍ତା ଗଡାଣିଆ ଥିବାରୁ ଯାତ୍ରୀମାନେ ଜାଣି ନ ପାରି କଲଭର୍ଟରେ ଦବି ଥିବା ସ୍ଥାନରେ ପଡି ଦୁର୍ଘଟଣାର ଶିକାର ହେଉଛନ୍ତି। କାମ କରିଥିବା ଠିକାଦାର କିମ୍ବା ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏସ୍‌ପି ଅଫିସ ଘେରାଉ

**ନୂଆପଡ଼ା ଅଫିସ,୧୮।୫**

ନୂଆପଡା ଜିଲା ଖଡିଆଳ ଥାନାକୁ ଏକ ହତ୍ୟା ଘଟଣାର ଖବର ସଂଗ୍ରହ ପାଇଁ ଯାଇଥିବା ଖବରଦାତା ରବିକାନ୍ତ ଠେଲାଙ୍କୁ ଗତ ୧୨ ତାରିଖରେ କେତେକ ଆସାମାଜିକ ବ୍ୟକ୍ତି ମରଣାତ୍ମକ ଆକ୍ରମଣ କରିଥିଲେ। ଏଥିରେ ରବିକାନ୍ତ ଗୁରୁତର ହୋଇଥିଲେ। ପୋଲିସକୁ ଖବର ଦିଆଯାଇଥିଲେ ମଧ୍ୟ ଘଟଣାସ୍ଥଳକୁ ନ ଆସିବା, ମୁଖ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ ନ କରି ପାଖରେ ଦେଖୁଥିବା ଲୋକଙ୍କୁ ଗିରଫ କରି ବାହାବା ମାରୁଥିବା ପ୍ରତିବାଦରେ ବୁଧବାର ଜିଲା ସାମ୍ବାଦିକ ସମନ୍ୱୟ ସମିତି ପକ୍ଷରୁ ନୂଆପଡା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜିଲା ସାମ୍ବାଦିକ ସମନ୍ୱୟ ସମିତି ପକ୍ଷରୁ ୩ ଦଫା ସମ୍ବଳିତ ଏକ ଦାବିପତ୍ର ନୂଆପଡା ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ପ୍ରଦାନ କରାଯାଇଛି। ୩ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିବା ସହିତ ଜିଲାକୁ ବନ୍ଦ କରାଯିବ ବୋଲି ଜିଲା ସାମ୍ବାଦିକ ସମନ୍ୱୟ ସମିତି ଚେତାବନୀ ଦେଇଛି।



ଏସ୍‌ପି ଅଫିସ ସମ୍ମୁଖରେ ଖବରଦାତାମାନେ ଧାରଣାରେ ବସିଛନ୍ତି।

**ଖବରଦାତାଙ୍କୁ ମାଡ଼ ଘଟଣା**

ଜିଲା ସାମ୍ବାଦିକ ସମନ୍ୱୟ ସମିତି ଆବାହକ ବିଜୟ କୁମାର ସହିସଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ଯଦୁମଣି ପାଣିଗ୍ରାହୀ, ଗରିବସେନା ଆବାହକ ରବି ମଙ୍ଗରାଜ, କୋମନା ବ୍ଲକ ସରପଞ୍ଚ ସଂଘ ସଭାପତି ମୃତ୍ୟୁଞ୍ଜୟ ପାଣିଗ୍ରାହୀ ପ୍ରମୁଖ ଧାରଣାରେ ସାମିଲ ହୋଇ ସମର୍ଥନ ଜଣାଇଥିଲେ। ସିସିଟିଭି ଫୁଟେଜରୁ ଚିହ୍ନଟ କରି ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବା ସହିତ କାର୍ଯ୍ୟରେ ଅବହେଳା କରିଥିବା ପୋଲିସ କର୍ମଚାରୀ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୂଆପଡା ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଅବିକଳ ସପ୍ତମ ବେତନ କମିଶନ ପାଇଁ ଓଷ୍ଟାର ଦାବି**

**ଭବାନୀପାଟଣା,୧୮।୫(ସ୍ୱ.ପ୍ର.)**

ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) କଳାହାଣ୍ଡି ଜିଲା ଶାଖା ପକ୍ଷରୁ ବୁଧବାର ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଅବିକଳ ସପ୍ତମ ବେତନ କମିଶନ ପାଇଁ ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ଜିଲାପାଳ ଏବଂ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହାସହ ଏହି ଦାବିପତ୍ର ଓଡିଶା ମୁଖ୍ୟ ଶାସନ ସଚିବ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ମଧ୍ୟ ପ୍ରେରଣ କରାଯାଇଛି। ତେବେ ଜିଲାପାଳ ଉପସ୍ଥିତ ନ ଥିବାରୁ ସହକାରୀ ଜିଲାପାଳ ଶଙ୍କର ବାଗ ଦାବିପତ୍ରକୁ ଗ୍ରହଣ କରିଥିଲେ। ସେହିପରି ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେ ଦାବିପତ୍ର ଗ୍ରହଣ କରିଥିଲେ। ଓଡିଶାରେ ନୂତନ ଅନୁଦାନ ବିଦ୍ୟାଳୟଗୁଡ଼ିକୁ ସପ୍ତମ ବେତନ ପ୍ରଦାନ ନାମରେ ଯେଉଁ ନୂତନ ଅନୁଦାନ ନୀତି ୨୦୨୧ ପ୍ରଣୟନ କରାଗଲା ତାହା ସପ୍ତମ ବେତନ କମଶନଙ୍କ ସୁପାରିଶ ଅନୁଯାୟୀ ନୂତନ ବେତନ ନିର୍ଦ୍ଧାରଣ ନିମନ୍ତେ ଥିବା ସ୍ପଷ୍ଟ ନୀତି (ବେଶିକ ପେ + ଗ୍ରେଡ ପେ) ଘ ୨.୫୭ ଅନୁଯାୟୀ ଦିଆଯିବା, ଷଷ୍ଠ ବେତନରେ ୬୦ ଶତକଡା ୭୫ ଶତକଡା ପାଉଥିବା ଶିକ୍ଷକ କର୍ମଚାରୀଙ୍କୁ ଅନୁପାତିକ ଭିତ୍ତିକ ସପ୍ତମ ବେତନ ପ୍ରଦାନର ବ୍ୟବସ୍ଥା ଓ ୧।୧।୨୦୨୨ରେ ଶହେ ଶତକଡା ଅନୁଦାନ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ବିଦ୍ୟାଳୟଗୁଡିକ ସପ୍ତମ ବତନରେ ସାମିଲ କରିବା ଓ ସମସ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ନିର୍ଦ୍ଧାରଣ ସର୍ବନିମ୍ନ ଗ୍ରେଡ ପେ ୧୭୦୦ ପ୍ରଦାନ ଆଦି ବିଚାରକୁ ନେବା ପାଇଁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ସମ୍ପାଦକ ପ୍ରଭାତ ରଥ, ରାଜ୍ୟ ସହସମ୍ପାଦକ ମୃତ୍ୟୁଞ୍ଜୟ ବେହେରା, ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ସାରଙ୍ଗ ଠାକୁର, ଜିଲା ଯୁଗ୍ମ ସମ୍ପାଦକ ରମେଶ ଚନ୍ଦ୍ର ନାଏକ, ସଞ୍ଜୟ ମିଶ୍ର, ପ୍ରଦୀପ୍ତ ପଣ୍ଡା, ମଳୟ କରୁଁଆ, ଲଳିତ ସାହୁ, ରାଜେନ୍ଦ୍ର ମହାନ୍ତି, ବିଷ୍ଣୁ ଗଉଡ, ସନାତନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।


ସହକାରୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବସ୍ତିବାସିନ୍ଦାଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

**କେସିଙ୍ଗା,୧୮।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସି ପରିସରରେ ୫-ଟି ଜାଗା ସମ୍ପର୍କ ବସ୍ତିବାସିନ୍ଦାଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍ଏସି ଅଧ୍ୟକ୍ଷ ନୃପରାଜ ଯାଦବ ଯୋଗଦେଇଥିଲେ। ବସ୍ତିବାସିନ୍ଦାଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଆବଶ୍ୟକ ଭିତ୍ତିଭୂମି ଯଥା ଆଲୋକିକରଣ, ବିଶୁଦ୍ଧ ପାନୀୟଜଳ ଯୋଗାଣ, ପକ୍କା ରାସ୍ତା, ଶୌଚାଳୟ, ଶିକ୍ଷା, ସ୍ମାର୍ଟ ସ୍କୁଲ ନିର୍ମାଣ, ବର୍ଜ୍ୟବସ୍ତୁ ପ୍ରସ୍ତୁତି କେନ୍ଦ୍ର, ଚିଲଡ୍ରେନ ପାର୍କ ନିର୍ମାଣ କରାଯାଇଛି। ଏହି ସବୁକୁ ରକ୍ଷଣାବେକ୍ଷଣ କରିବା ସହିତ ସହର ୱାର୍ଡ଼ ନମ୍ବର୨, ୬, ୧୦ ଓ ୧୧ରେ ଦ୍ୱିତୀୟ ପର୍ଯ୍ୟାୟରେ ନୂତନ ଭାବେ ଏକ ବସ୍ତିବାସିନ୍ଦାଙ୍କ ସଭାପତି, ସମ୍ପାଦିକା ଓ ଏନ୍ଏସି ନିର୍ବାହୀ ଅଧିକାରିଣୀ ମିସ କିରଣ ବେହେରାଙ୍କ ସହ ବୁଝାମଣା ପତ୍ରରେ ସ୍ୱାକ୍ଷରିତ ହୋଇଥିଲା। ଗତ ୧୫ରୁ ୧୭ ତାରିଖ ଯାଏ ତିନିଦିନିଆ କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରିଣୀ ମିସ କିରଣ ବେହେରା ଓ ଅଧ୍ୟକ୍ଷ ନୃପରାଜ ବସ୍ତିବାସିନ୍ଦାଙ୍କ ବିଷୟରେ ଆଲୋଚନା କରିଥିଲେ। ଏନ୍ଏସିର ଡଙ୍ଗରପଡା ୪୬୦, ଫ୍ଲଡ଼ କଲୋନୀ ୩୫୪, ବଗାଡ଼ ମିଲପଡା, ହାଇସ୍କୁଲ ପଡାର ୨୪୫ଜଣ ହାଉସ ହୋଲ୍ଡରମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ଏହି ସବୁ କାର୍ଯ୍ୟପନ୍ଥା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। କରୋନା ପାଇଁ ଏହିସବୁ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ବସ୍ତିବାସିନ୍ଦାଙ୍କ ପାଇଁ ପ୍ରସ୍ତୁତି ଦକ୍ଷତା ବୃଦ୍ଧିର ସୂଚନା ପୁସ୍ତକ ଅଧ୍ୟକ୍ଷ, ନିର୍ବାହୀ ଅଧିକାରିଣୀ ଉନ୍ମୋଚନ କରି ସମସ୍ତ ବସ୍ତିବାସିନ୍ଦାଙ୍କୁ ପ୍ରଦାନ କରିଥିଲେ।

# ପାଲା ମାଧ୍ୟମରେ ଜନସଚେତନତା

**ଖପ୍ରାଖୋଲ, ୧୮।୫(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକର ବିଭିନ୍ନ ଗାଁରେ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ପ୍ରାଣୀ ପାଳନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ପାଲା ମାଧ୍ୟମରେ କରାଯାଇଛି। ମା ଦୁର୍ଗା ପାଲା ଦଳ ସାନ ଉଡେନ ତରଫରୁ ପାଲା ମାଧ୍ୟମରେ ଗାଈ, କୁକୁଡା, ଘୁଷୁରୀ ପାଳନ ସହ ସମନ୍ୱିତ କୃଷି ଉପଯୋଗ, ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାନ ପ୍ରାଣୀ ଚିକିତ୍ସା, ଘାସ ଚାଷ, ମାଗଣା ଟୀକାକରଣ ସହ ବିଭିନ୍ନ ସରକାରୀ ଯୋଜନା ଉପରେ ସଚେତନ କରିଥିଲେ। ପ୍ରଣୀ ସମ୍ପଦ ପାଳନ ଦ୍ୱାରା ଦାଦନ ରୋକାଯାଇ ପାରିବ ବୋଲି ବ୍ଲକ ପ୍ରାଣୀଧନ ଅଧିକାରୀ ଡା ସୁଜିତ କୁମାର ଶତପଥୀ କହିଥିଲେ।


ପାଲା ମାଧ୍ୟମରେ ପ୍ରାଣୀ ପାଳନ ସମ୍ପର୍କିତ ସଚେତନତା କରାଯାଉଛି।

# ଦେଢ଼ମାସ ବିତିଲା, କାର୍ଯ୍ୟାନୁଷ୍ଠାନ ଶୂନ

**ଖେଳପଡ଼ିଆ ଜବରଦଖଲ ଘଟଣା**

■ ବିବାଦ ପରେ କ୍ଷେତ୍ର ପରିଦର୍ଶନ କରିଥିଲେ ତହସିଲଦାର

**ଲୋଇସିଂହା,୧୮।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବୁର୍ଡା ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିପାଲି ଗାଁ ଖେଳପଡିଆକୁ ଗୋଟିଏ ପରିବାର ଜବରଦଖଲ କରି ଚାଷ ଜମି ପ୍ରସ୍ତୁତି କରୁଛନ୍ତି। ଗାଁର ପିଲାମାନେ ଖେଳକୁଦରୁ ବଞ୍ଚିତ ହେବା ପରେ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର କ୍ଷେତ୍ର ପରିଦର୍ଶନ କରିଥିଲେ। ବେଆଇନ ଜବରଦଖଲ ଜାଣି ଜମି ଛାଡିବା ସହ ଜେସିବିରେ ଖୋଲିଥିବା ଗାତକୁ ପୂରଣ କରିବାକୁ ସମ୍ପୃକ୍ତ ପରିବାରକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଇତିମଧ୍ୟରେ ଦେଢମାସ ବିତିଗଲାଣି। ତହସିଦାରଙ୍କ ନିର୍ଦ୍ଦେଶକୁ ସମ୍ପୃକ୍ତ ପରିବାର ବେଖାତିର କରୁଛନ୍ତି। ଜମି ଛାଡିବା ଦୂରେ ଥାଉ ଖୋଲିଥିବା ଗାତ ନ ଭରିବାରୁ ଗାଁର ପିଲାମାନେ ଖେଳକୁଦ କରିପାରୁନାହାନ୍ତି। ଏ ନେଇ ବୁଧବାର ଲୋଇସିଂହା ତହସିଲଦାର ସଂଘମିତ୍ର କାଲୋଙ୍କୁ ଯୁବଗୋଷ୍ଠୀ ଭେଟିବାକୁ ଯାଇଥିଲେ। ହେଲେ ତହସିଲଦାର କାର୍ଯ୍ୟାଳୟରେ ନଥିବାରୁ ନିରାଶ ହୋଇ ଫେରିଥିଲେ। ପରେ ନୂତନ ଭାବେ ଯୋଗଦେଇଥିବା ରାଜସ୍ୱ ନିରୀକ୍ଷକ ଆର୍ଜୁ ପଟେଲଙ୍କୁ ଭେଟି ଘଟଣା ସଂକ୍ରାନ୍ତରେ ଜଣାଇଥିଲେ।

ସୂଚନା ଅନୁଯାୟୀ ବାଞ୍ଜିପାଲି ଗ୍ରାମର ଏକ ଧର୍ମାନୁଷ୍ଠାନ ନିକଟରେ ୧୨ଏକର ଗୋଚର ଜମି ରହିଛି। ଗୋଚର ଜମିରେ ଏକ ଖେଳପଡିଆ ଥିବାରୁ ଗ୍ରାମର ପିଲାମାନେ ଖେଳକୁଦ କରି ଆସୁଥିଲେ। ହେଲେ ଗତ ଫେବୃୟାରୀ ୨୭ତାରିଖରେ ଗ୍ରାମର ଜଣେ ବ୍ୟକ୍ତି ଓ ତାଙ୍କ ପରିବାର ସଦସ୍ୟ ଖେଳପଡିଆ ଅଧାଜମିକୁ ଜେସିବି ଲଗାଇ ଚାଷ ଜମି ପ୍ରସ୍ତୁତି ପାଇଁ ବନ୍ଧ ଦେଇଛନ୍ତି। ଏହାପରେ ଗ୍ରାମବାସୀ ସ୍ଥାନୀୟ ତହସିଲଦାରଙ୍କଠାରେ ଫେରାଦ ହୋଇଥିଲେ। ଅଭିଯୋଗ ପାଇ ତହସିଲଦାର ଆରଆଇ ଓ ଅମିନଙ୍କୁ ଘଟଣାର ସରଜମିନ ତଦନ୍ତ ପାଇଁ ପଠାଇଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏହାପରେ ୨୫ ମାର୍ଚ୍ଚରେ ଗ୍ରାମବାସୀ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଗତ ମାର୍ଚ୍ଚ ୩୦ରେ ତହସିଲଦାର କାଲୋ କ୍ଷେତ୍ର ପରିଦର୍ଶନ ବେଳେ ଜବରଦଖଲ ହଟାଇ ଖେଳପଡିଆ ହିତକୁ ସମତୁଲ ନିର୍ଦ୍ଦେଶ ଦେଇଥିଲେ। ନଚେତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦେଇଥିଲେ।


ଲୋଇସିଂହା ରାଜସ୍ୱ ନିରୀକ୍ଷକଙ୍କୁ ଭେଟୁଛନ୍ତି ବାଞ୍ଜିପାଲି ଗାଁର ଯୁବଗୋଷ୍ଠୀ।

## ସଂକ୍ଷେପରେ

### ପୋଖରୀରୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

କନ୍ଧମାଳ,୧୮।୫(ଡି.ଏନ.ଏ.)
ବୌଦ୍ଧ ଜିଲା କନ୍ଧମାଳ ଥାନା ଖଟଖଟିଆ ଗ୍ରାମର ଏକ ପୋଖରୀରୁ ଉକ୍ତ ଗ୍ରାମର ଶୁଭ୍ରଶିବ କ୍ଷେତିଙ୍କ ମୃତଦେହ ବୁଧବାର ଉଦ୍ଧାର କରାଯାଇଛି । ଖଟଖଟିଆ ଗ୍ରାମର ମାଧବ କ୍ଷେତୀଙ୍କ ପୁଅ ଶୁଭ୍ରଶିବ(୩୦) ଗତ ୧୬ ତାରିଖଠାରୁ ନିଖୋଜ ଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରି ପାଇ ନ ଥିଲେ । ବୁଧବାର ଗାଁର କେତେଜଣ ବ୍ୟକ୍ତି ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ମୃତଦେହ ପାଣିରେ ଭାସୁଥିବା ଦେଖିବାକୁ ପାଇଥିଲେ । ଏ ନେଇ ସଙ୍ଗେ ସଙ୍ଗେ ମନମୁଣ୍ଡା ପୋଲିସ ଓ ଦମକଳ କେନ୍ଦ୍ରକୁ ଖବର ଦିଆଯାଇଥିଲା । ମୃତଦେହ ଉଦ୍ଧାର ପରେ ଏହା ଶୁଭ୍ରଶିବଙ୍କର ବୋଲି ଜଣାପଡିଥିଲା । କନ୍ଧମାଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ତପସ୍ୱିନୀ କହଁର ପ୍ରକାଶ କରିଛନ୍ତି ।

### ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନା ହେବ ୫୦ ଶଯ୍ୟା ବିଶିଷ୍ଟ ଆଇସିୟୁ କୋଠା

**୧୬ କୋଟି ଟଙ୍କା ମଞ୍ଜୁର**

ଅମରପାଲି, ୧୮।୫(ଡି.ଏନ.ଏ):
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ହେବ ୫୦ ଶଯ୍ୟା ବିଶିଷ୍ଟ ନୂତନ କୋଠା। ଏଥିପାଇଁ ୧୬କୋଟି ଟଙ୍କା ମଞ୍ଜୁର ହୋଇଛି। ଏହାର ଟେଣ୍ଡର ପ୍ରକ୍ରିୟା ସରିଛି। ଚଳିତ ମାସ ଭିତରେ ଏହାର କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି । ମିଳିଥିବା ସୂଚନା ଅନୁସାରେ ତିନି ମହଲା ବିଶିଷ୍ଟ କୋଠା ସହିତ ଅତ୍ୟାଧୁନିକ ଲିଫ୍ଟର ବ୍ୟବସ୍ଥା ରହିବ । ବିଶେଷ ଭାବରେ ଶିଶୁ ଓ ବୟସ୍କ ଲୋକଙ୍କ ପାଇଁ ୨୫ ଟି ଲେଖାଏ ମୋଟ ୫୦ଟି ଆଇସିୟୁ ବେଡରେ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବସ୍ଥା କରାଯିବ। ବୀରମହାରାଜପୁର ଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ଅବହେଳିତ ଅଞ୍ଚଳରେ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ହେବାକୁ ଯାଉଥିବାରୁ ବିଭିନ୍ନ ମହଲରେ ଏହାକୁ ସ୍ୱାଗତ କରାଯାଇଛି ।

### କାଦୋଦରରେ ମହିଳା ଏସ୍‌ଏଚ୍‌ଜି ଦ୍ୱାରା ଧାନକିଣାର ଶୁଭାରମ୍ଭ

ଅମରପାଲି,୧୮।୫(ଡି.ଏନ.ଏ.):
ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କାଦୋଦରରେ ରବିଧାନ କିଣାର ଶୁଭାରମ୍ଭ ହୋଇଛି। ବାବା ସିଦ୍ଧେଶ୍ୱର ସ୍ୱୟଂ ସହାୟିକା ଗୋଷ୍ଠୀ ଧାନକିଣା ଦାୟିତ୍ୱ ନେଇଛି। ବୁଧବାର ମଣ୍ଡିରେ ପ୍ରଥମେ ପୂଜାପାଠ କରାଯାଇ ଥିଲା। ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ ଲତିକା ପଧାନ, ସମ୍ପାଦିକା ସରୋଜିନୀ ବଡମାଲିଙ୍କ ସମେତ ଆରଏମସିର କର୍ମଚାରୀ ସୁଧାଂଶୁ ପୁରୋହିତ ଏବଂ ପ୍ରତ୍ୟୁଶ ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ଚାଷୀ ଆନନ୍ଦ ବାରିକ, ଚିତ୍ତରଞ୍ଜନ ପାଢୀ, ଅଭିମନ୍ୟୁ ପ୍ରଧାନ ଏହି ଅବସରରେ ଉପସ୍ଥିତ ଥିଲେ। ଗୁରୁବାରଠାରୁ ବିଧିବଦ୍ଧ ଭାବେ ଧାନ କିଣା ହେବ ବୋଲି ସୂଚନା ଦିଆଯାଇଛି।

# ୫ବର୍ଷ ହେଲା ଜଳ ପ୍ରକଳ୍ପ ଅଚଳ

- ଗୋବିନ୍ଦପୁର ଗ୍ରାମରେ ପାନୀୟ ଜଳ ସଙ୍କଟ
- ଅଭିଯୋଗ କଲେ ବି ହେଉନି ମରାମତି
- ପ୍ରକଳ୍ପ ମରାମତି କରି ପାଣି ଯୋଗାଇ ଦେବାକୁ ଦାବି
- ଖୁବ ଶୀଘ୍ର ପ୍ରକଳ୍ପ ମରାମତି ହେବ: ବିଡିଓ

ଅମରପାଲି,୧୮।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଦୀର୍ଘ ୫ ବର୍ଷ ହେଲା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇପଡିଛି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରକଳ୍ପକୁ ମରାମତି କରାଯାଉ ନ ଥିବାରୁ ଗ୍ରାମରେ ଦେଖାଦେଇଛି ପାନୀୟ ଜଳ ସଙ୍କଟ। ଗୋଟିଏ ୱାର୍ଡ ବିଶିଷ୍ଟ ଉକ୍ତ ଗ୍ରାମର ଲୋକସଂଖ୍ୟା ପ୍ରାୟ ୬ଶହ ହେବ। ଉକ୍ତ ଲୋକଙ୍କ ପାଇଁ ଗ୍ରାମରେ ତିନୋଟି ନଳକୂପ ଥିବା ବେଳେ ସେଥିରୁ ଗୋଟିଏ ଅଚଳ ହୋଇ ପଡିଛି। ଅନ୍ୟ ଦୁଇ ନଳକୂପରୁ ବ୍ୟବହାର ଉପଯୋଗୀ ପାଣି ବାହାରୁ ନାହିଁ । ଯେଉଁ ପାଣି ବାହାରୁଛି ତାହା ମଧ୍ୟ ଆବଶ୍ୟକତା ପୂରଣ କରି ପାରୁ ନାହିଁ। ଏବେ ଗ୍ରୀଷ୍ମ ପ୍ରବାହ ଯୋଗୁ ଗ୍ରାମର ପୋଖରୀ, କୂଅ ଆଦି ଶୁଖିଲା ପଡିଛି। ଲୋକେ ସ୍ନାନଶୌଚଠାରୁ ଆରମ୍ଭ କରି ପାନୀୟ ଜଳ ପାଇଁ ଏବେ ପ୍ରାୟ ଦେଢ କିମି ଦୂରରେ ଥିବା ମହାନଦୀ ଉପରେ ନିର୍ଭର କରୁଛନ୍ତି। ଗ୍ରାମରେ ପାନୀୟ ଜଳ ସମସ୍ୟାକୁ ଦେଖି ପ୍ରାୟ ୫ବର୍ଷ ପୂର୍ବେ ଏକ ଜଳ ଯୋଗାଣ ପ୍ରକଳ୍ପ କରାଯାଇ ଥିଲା। ପ୍ରକଳ୍ପ ପାଇଁ ମୋଟର ଲଗାଇ ବିଦ୍ୟୁତ ସଂଯୋଗ କରାଯାଇ ଥିଲା। ଗାଁକୁ ପାଇପ ଲାଇନ ବିଛାଇ ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ କରାଯାଇଥିଲା। ମାତ୍ର ୩ରୁ ୪ ମାସ ଜଳ ଯୋଗାଣ ପରେ ପ୍ରକଳ୍ପ ଅଚଳ ହୋଇ ପଡିଥିଲା। ସେହିଦିନ ଠାରୁ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ପ୍ରକଳ୍ପ ମରାମତି କରାଯାଉ ନାହିଁ। ଫଳରେ ଗ୍ରାମକୁ ଜଳ ଯୋଗାଣ ହୋଇ ପାରୁନାହିଁ। ଏହାକୁ କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ସମୟରେ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରୁଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପଟେ ଜିଲା ପ୍ରଶାସନ ଜିଲାର ଯେ କୌଣସି ସ୍ଥାନର ପାନୀୟ ଜଳ ପ୍ରକଳ୍ପ ଅଚଳ ହେଲେ ୨୪ ଘଣ୍ଟା ମଧ୍ୟରେ ମରାମତି କରି କାର୍ଯ୍ୟକ୍ଷମ କରିବାର ନିର୍ଦ୍ଦେଶ ଦେଇଥିଲେ ହେଁ ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏନେଇ ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆଙ୍କୁ ପଚାରିବାରେ ଖୁବଶୀଘ୍ର ପ୍ରକଳ୍ପ ମରାମତି କରାଯିବ ବୋଲି ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଉକ୍ତ ଗ୍ରାମର ପାନୀୟ ଜଳ ସମସ୍ୟା ଦୂର ଦିଗରେ ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।


ଗୋବିନ୍ଦପୁର ଗ୍ରାମର ପାନୀୟ ଜଳ ପ୍ରକଳ୍ପର ପାଣିଟାଙ୍କି ।

## ବୌଦ୍ଧ ଜିଲା ସୀମାନ୍ତରେ ଲାଗିଲା ମାଓବାଦୀ ପୋଷ୍ଟର


ସୀମାନ୍ତ ଖଡ଼ଙ୍ଗ ପୋଲ ଉପରେ ଲଗାଯାଇଥିବା ମାଓ ପୋଷ୍ଟର ।

**ପୁଣି ସ୍ଥିତି ଜାହିର କଲେ ମାଓବାଦୀ**

ବୌଦ୍ଧ/କନ୍ଧମାଳ/ଘଣ୍ଟାପଡା, ୧୮।୫ (ସ୍ୱ.ପ୍ର./ଡି.ଏନ୍.ଏ.)

ଦୀର୍ଘଦିନର ନୀରବତା ପରେ ବୌଦ୍ଧ ଜିଲାରେ ମାଓବାଦୀ ପୁଣି ମାଓବାଦୀ ପୋଷ୍ଟର ମାରି ନିଜର ସ୍ଥିତି ଜାହିର କରିଛନ୍ତି। ବୁଧବାର ବୌଦ୍ଧ –କନ୍ଧମାଳ ଜିଲା ସୀମାନ୍ତରେ ମାଓ ପୋଷ୍ଟର ଦେଖିବାକୁ ମିଳିଛି । ଜିଲାର କନ୍ଧମାଳ ଥାନା ଖୁଣ୍ଟିଗୋରା ପଞ୍ଚାୟତର ସିନ୍ଧୁଗୋରା ଗାଁ ନିକଟସ୍ଥ ଖଡଙ୍ଗ ନଦୀ ପୋଲ ଉପରେ ମାଓବାଦୀ ପୋଷ୍ଟର ଓ ବ୍ୟାନର ଦେଖିବାକୁ ମିଳିଛି । ସେପଟେ କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଓଲଣ୍ଡା ଗାଁ ଥିବା ଜଣାପଡିଛି । ପୋଷ୍ଟର ଦେଖିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ବ୍ୟାନରରେ ଓଡ଼ିଶା ଓ ପୂର୍ବ ଛତିଶଗଡ଼ରେ ଆସନ୍ତା ୨୦ ତାରିଖରେ ୨୪ ଘଣ୍ଟିଆ ବନ୍ଦ ପାଳନ ସଫଳ କରିବାକୁ ଆହ୍ୱାନ କରାଯାଇଛି । ଏହାଛଡ଼ା ମୁକୁନ୍ଦ କହଁର ହତ୍ୟାକାଣ୍ଡରେ ସଂପୃକ୍ତ ପୋଲିସ କର୍ମଚାରୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରାଯାଇଛି । ପୋଲିସ ପାଇଁ ଖଞ୍ଜାଯାଇଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ସାମ୍ବାଦିକ ରୋହିତ ବିଶ୍ୱାଳଙ୍କ ମୃତ୍ୟୁ ନେଇ ଦୁଃଖ ପ୍ରକାଶ କରାଯାଇଛି । ପୋଷ୍ଟରରେ କେକେବିଏନ୍ ଓ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଲେଖାଥିବା ଜଣାପଡ଼ିଛି । ଏ ନେଇ କନ୍ଧମାଳ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କୁ ପଚାରିବାରେ ପୋଷ୍ଟର କନ୍ଧମାଳ ଜିଲା ବାଲିଗୁଡା ଥାନା ଅଞ୍ଚଳରେ ଲଗାଯାଇଛି । ବାଲିଗୁଡ଼ା ପୋଲିସ ସୀମାନ୍ତରୁ ପୋଷ୍ଟର ଜବତ କରିଛି । ଏହାଛଡ଼ା ଆହୁରି ୪ଟି ସ୍ଥାନରୁ ପୋଷ୍ଟର ଜବତ ହୋଇଥିବା ପ୍ରକାଶ କରିଛନ୍ତି ।

# ଅଭିଯୁକ୍ତଙ୍କୁ ୨୫ ବର୍ଷ କାରାଦଣ୍ଡାଦେଶ

**ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର ମାମଲା**

ବୌଦ୍ଧ,୧୮।୫ (ସ୍ୱ.ପ୍ର.)

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଆନନ୍ଦ ନାରାୟଣ ମହାରଣା ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୫ ବର୍ଷ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି ।
କନ୍ଧମାଳ ଥାନା ଗୁଣ୍ଡୁଚିତରା ଗ୍ରାମର ରୁକେଶ ଦୀପ (୨୧) କନ୍ଧମାଳ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମ ନିବେଦନ କରି ବିଭିନ୍ନ ପ୍ରଲୋଭନ ଦେଖାଇ ଘରୁ ଏକ ମୋଟର ସାଇକେଲରେ ନେଇ ଯାଇଥିଲେ । ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ନେବା ବେଳେ ଜଙ୍ଗଲ ରାସ୍ତାରେ ଜୋର ଜବରଦସ୍ତ ଶାରୀରିକ ସଂପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଦେଇ ନିଜ ସମ୍ପର୍କୀୟ ଘରେ ରଖିଥିଲେ । ଦୀର୍ଘ ୪ ମାସ ସେଠାରେ ଦୁହେଁ ରହିବା ପରେ ଅଭିଯୁକ୍ତ ରୁକେଶ ବାପ ଘରୁ ସୁନା ,ରୂପା ଆଦି ଆଣିବାକୁ କହି ନାବାଳିକାଙ୍କୁ ନିର୍ଯାତନା ଦେଇଥିଲେ । ନାବାଳିକା ମନା କରିବାରୁ ବାପ ଘରେ ଛାଡି ଦେଇ ଅଭିଯୁକ୍ତ ଫେରାର ହୋଇଯାଇଥିଲେ । ଉଭୟେ ଏକା ଜାତିର ହୋଇଥିବାରୁ ନାବାଳିକାଙ୍କ ପରିବାର ଗାଁରେ ଏକ ସଭା କରି ନାବାଳିକାଙ୍କୁ ବୋହୁ କରି ନେବାକୁ କହିଥିଲେ । କିନ୍ତୁ ଅଭିଯୁକ୍ତଙ୍କ ପରିବାର ସଭାକୁ ଆସିଲେ ନାହିଁ। ଓଲଟା ନାବାଳିକାଙ୍କ ପରିବାରକୁ ଗାଳି ମନ୍ଦ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ । ଏନେଇ ନାବାଳିକା ଜଣକ ଗତ ୧୧।୨।୨୦୨୦ରେ କନ୍ଧମାଳ ଥାନାରେ ନ୍ୟାୟ ପାଇବା ପାଇଁ ଅଭିଯୋଗ କରିଥିଲେ । ଏ ନେଇ କନ୍ଧମାଳ ଥାନା ପକ୍ଷରୁ କେଶ ନଂ ୫/୨୦ରେ ଏକ ମାମଲା କରି ତଦନ୍ତ ଆରମ୍ଭ କରିଥିଲା । ପୋଲିସ ଗତ ୨୯।୧।୨୦୨୧ ରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରେ ଏହି ମାମଲା ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ସ୍ପେଶାଲ କେସ ୨/୨୦(ପକ୍ସୋ) ହୋଇ ବିଚାର ହୋଇଥିଲା । ମାମଲାରେ ସରକାରଙ୍କ ପକ୍ଷରୁ ୨୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଆନନ୍ଦ ନାରାୟଣ ମହାରଣା ପ୍ରମାଣ ଥିବା ନେଇ ଅଭିଯୁକ୍ତ ରୁକେଶ ଦୀପଙ୍କୁ ୨୫ ବର୍ଷ କାରାଦଣ୍ଡାଦେଶ ଓ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ମାମଲାକୁ ସରକାରୀ ଓକିଲ ଧୁରୀଣ କୁମାର ଦେହୁରୀ ପରିଚାଳନା କରିଥିଲେ ।

## କୃଷକ ଉତ୍ପାଦକ ସଂଗଠନର ବୈଠକ

ସୋନପୁର,୧୮।୫(ନି. ପ୍ର.)

ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାରେ ନାବାର୍ଡ ଅନୁଦାନପ୍ରାପ୍ତ କୃଷକ ଉତ୍ପାଦକ ସଂଗଠନଗୁଡ଼ିକର ଏକ ତ୍ରୟମାସିକ ବୈଠକ ବୁଧବାର ସୁବର୍ଣ୍ଣପୁର କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷତା କରିଥିଲେ ନାବାର୍ଡ ଡ଼ି.ଡି.ଏମ. ତାପସ ଶଙ୍କର ରାଉତ । ସଦସ୍ୟ ଭାବେ ଯୋଗଦେଇଥିଲେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଜୀବନଜୀତ ସେନ ଏବଂ ସହକାରୀ ବୈଜ୍ଞାନିକ ସୁପ୍ରଭା ସେଠୀ। ନାବାର୍ଡ ସହାୟତାପ୍ରାପ୍ତ ସାଧନ ସହାୟକ ସଂସ୍ଥା (ଆର୍.ଏସ.ଏ.) ସହଭାଗୀ ବିକାଶ ଅଭିଯାନଙ୍କ ଦ୍ୱାରା ଆୟୋଜିତ ବୈଠକରେ ଉଭୟ ଜିଲାରୁ ୧୧ଟି କୃଷକ ସଂଗଠନ ଏବଂ ଚାରୋଟି ପ୍ରମୋଟିଂ ସଂଗଠନର ପ୍ରତିନିଧିଗଣ ଯୋଗ ଦେଇଥିଲେ । ନାବାର୍ଡ ଦ୍ୱାରା ସ୍ଥିରୀକୃତ ଲକ୍ଷ୍ୟ ହାସଲ ଦିଗରେ ସମସ୍ତ ସଂଗଠନ କେଉଁ କେଉଁ ପଦକ୍ଷେପ ନେବେ ତାହା ଆଲୋଚନା କରାଯାଇ ଆଗାମୀ ଖରିଫ ଋତୁ ପାଇଁ ସମସ୍ତ ସଦସ୍ୟଙ୍କୁ ବିହନ ଓ ସାର କିପରି ଯୋଗାଇ ଦେଇ ହେବ ତାହା ଉପରେ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଉଭୟ ଜିଲାରେ ଧାନ ଚାଷ ଅଞ୍ଚଳକୁ ହ୍ରାସ କରି କିପରି ମକା, ପନିପରିବା, କପା ଏବଂ କଦଳୀ ଭଳି ଲାଭଜନକ ଫସଲ ଚାଷକୁ ବୃଦ୍ଧି କରାଯାଇପାରିବ ସେ ଦିଗରେ 'ବିହନ ଠାରୁ ବଜାର ପର୍ଯ୍ୟନ୍ତ' ନୀତିରେ ସମସ୍ତ କୃଷକ ସଂଗଠନ ନିଜ ନିଜର ବ୍ୟବସାୟ ଯୋଜନା ପ୍ରସ୍ତୁତ କରିବାକୁ ଡିଡିଏମ ଓ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ପରାମର୍ଶ ଦେଇଥିଲେ । ଏ ଦିଗରେ ଏସ୍‌ଭିଏ ସମେତ ସଂପୃକ୍ତ ଅନ୍ୟ ତିନୋଟି ପ୍ରମୋଟିଂ ଅନୁଷ୍ଠାନ ଯଥା ମାସ ପି, ପିସ୍କୁଲ ସୋସାଇଟି ଏବଂ ୱାଇ.ସି.ଭି.ଏ. ଧ୍ୟାନ ଦେବେ ବୋଲି ନାବାର୍ଡ ଡିଡିଏମ. ଆଶାବ୍ୟକ୍ତ କରିଥିଲେ । ପବିତ୍ର କୁମାର ପଟ୍ଟନାୟକ ଏବଂ କଲ୍ୟାଣ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ମୃତ୍ୟୁ ଆସେ ଏମିତି ...

ବୌଦ୍ଧ,୧୮।୫ (ସ୍ୱ.ପ୍ର.)

ମୃତ୍ୟୁ ଆସେ ଏମିତି । ବୁଧବାର ସକାଳେ ଅଫିସ କାମରେ ବୌଦ୍ଧ ଯାଇ ମୋଟର ସାଇକେଲରେ ଫେରିବା ବେଳେ ବାଟରେ ଏକ ବଳଦକୁ ଧକ୍କା ଦେଇ ଗୁରୁତର ହୋଇଥିବା ବୌଦ୍ଧ ପୋଲିସର ଜଣେ ଯୁବ କନଷ୍ଟେବଲଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତକ ହେଲେ ଅଶୋକ କହଁର (୩୦) । ତାଙ୍କ ଘର ପୁରୁଣାକଟକରେ ବୋଲି ଜଣାପଡିଛି ।
ସୂଚନା ମୁତାବକ, ବୌଦ୍ଧ ଜିଲା ହରଭଙ୍ଗା ଥାନାରେ କାର୍ଯ୍ୟରତ କନଷ୍ଟେବଲ ଅଶୋକ ଅଫିସ କାମରେ ବୌଦ୍ଧ ଯାଇଥିଲେ । ମଧ୍ୟାହ୍ନରେ ଫେରୁଥିବା ବେଳେ ବୌଦ୍ଧ ଥାନା ଅନ୍ତର୍ଗତ ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥରେ ଏକ ବଳଦ ହଠାତ୍ ରାସ୍ତା ଉପରକୁ ଧାଇଁ ଆସିଥିଲା । ସେ ବାଇକ୍ ଉପରୁ ନିୟନ୍ତ୍ରଣ ହରାଇ ବଳଦକୁ ଧକ୍କା ଦେଇ କିଛି ଦୂରକୁ ଛିଟିକି ପଡିଥିଲେ । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାନ୍ତି, ଡିଏସପି ତପସ୍ୱିନୀ କହଁର, ବୌଦ୍ଧ ଥାନା ଅଧିକାରୀ ମାଧବାନନ୍ଦ ନାଏକ, ହରଭଙ୍ଗା ଥାନା ଅଧିକାରୀ ହାବିଲଦାର ଓ କନଷ୍ଟେବଲ ସଂଘର ସଭାପତି ବୁଲୁ କୁମାର ମିଶ୍ର, ସଂପାଦକ ହୃଷୀକେଶ ମେହେର ପ୍ରମୁଖ ବୌଦ୍ଧ ମେଡିକାଲକୁ ଯାଇ ଶେଷଦର୍ଶନ କରିଥିଲେ । ତାଙ୍କ ବିୟୋଗରେ ଜିଲା ପୋଲିସ ମହଲରେ ଶୋକ ପ୍ରକାଶ ପାଇଛି ।

# କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରତିରୋପଣ ଶିବିର

ବୌଦ୍ଧ,୧୮।୫ (ସ୍ୱ.ପ୍ର.)


ଶିବରରେ ଯୋଗ ଦେଇଥିବା ଅଧିକାରୀ ।

ବୌଦ୍ଧ ଜିଲା ଟାଉନହଲଠାରେ ଜିଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ପ୍ରତିରୋପଣ ଶିବିର ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କନ୍ଧମାଳ ଜିଲା ଭିନ୍ନକ୍ଷମ ଥଇଥାନ ଅଧିକାରୀ ଅକ୍ଷୟ ପଣ୍ଡା ଯୋଗଦେଇ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ପ୍ରତିରୋପଣ ଉପରେ ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କହଁର ଓ ବାଲ ସୁରକ୍ଷା ଅଧିକାରୀ ଉତ୍ପଳ ପଟ୍ଟନାୟକ ଅତିଥି ଭାବରେ ଯୋଗ ଦେଇଥିଲେ । ଏଥିରେ ୫୭ ଜଣ ଭିନ୍ନକ୍ଷମ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ । ବିଦ୍ୟାଧର ମେହେର, ଦେବେନ୍ଦ୍ର ପାଣିଗ୍ରାହୀ, ରାଜେନ୍ଦ୍ର ପ୍ରଧାନ, ରଞ୍ଜିତ ମହାନ୍ତି , ମନୋଜ ବେହେରା,ସାନନ୍ଦ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ମାଟ୍ରିକ ପରୀକ୍ଷା ଖାତା ଦେଖା ବର୍ଜନ ଚେତାବନୀ

ବୌଦ୍ଧ,୧୮।୫(ସ୍ୱ.ପ୍ର.)

ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ ନ କଲେ ଆଗକୁ ହେବାକୁ ଥିବା ମାଟ୍ରିକ ପରୀକ୍ଷା ଖାତା ଦେଖା ବର୍ଜନ କରିବାକୁ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଚେତାବନୀ ଦେଇଛନ୍ତି । ଏନେଇ ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ ସଂଘର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଜିଲା ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିସହ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ସାକ୍ଷାତ କରି ଆଲୋଚନା କରିଥିବା ଜଣାଯାଇଛି।
ପ୍ରକାଶ ଯେ, ରାଜ୍ୟ ସରକାର ଗତ ପଞ୍ଚାୟତ ନିର୍ବାଚନ ବୈତରଣୀ ପାର ହେବାପାଇଁ ନୂତନ ଅନୁଦାନପ୍ରାପ୍ତ ଶିକ୍ଷକମାନଙ୍କୁ ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ ପାଇଁ ଘୋଷଣା କରିଥିଲେ। ଏନେଇ ଜାନୁଆରୀ ୧୧ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ବ୍ୟତିକ୍ରମ ଦେଖାଯାଇଥିଲା। ସମସ୍ତ ବିଦ୍ୟାଳୟ ଶିକ୍ଷକଙ୍କୁ ସପ୍ତମ ବେତନ ଆଧାରରେ ଦରମା ପ୍ରଦାନ କରା ନ ଯାଇ କେବଳ ଶତପ୍ରତିଶତ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକଙ୍କୁ ଏହା ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଗତ ଜାନୁୟାରୀ ଓ ଫେବୃୟାରୀ ଦୁଇମାସ ସପ୍ତମ ବେତନ ଆଧାରରେ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସରକାର ଦରମା ପ୍ରଦାନ କରିବା ପରେ ଗତ ମାର୍ଚ୍ଚ ମାସରୁ ପୁଣିଥରେ ନୂତନ ଦରମା ନୀତିକୁ ସ୍ଥଗିତ ରଖିଛନ୍ତି। ସରକାର ଏ ସମ୍ପର୍କରେ ନିଜର ନୀତି ସ୍ପଷ୍ଟ କରୁନାହାନ୍ତି ବୋଲି ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି।

# ମଡେଲ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାର ଶୁଭାରମ୍ଭ

ବିନିକା,୧୮।୫(ଡି.ଏନ୍.ଏ.)


ବିନିକା ବସଷ୍ଟାଣ୍ଡ ନିକଟରେ ଉଚ୍ଛେଦ ଚାଲିଛି ।

**ବିନିକା ବସଷ୍ଟାଣ୍ଡ ହେବ ନବକଳେବର**

ସୁବର୍ଣ୍ଣପୁର ଜିଲା ବିନିକା ବସଷ୍ଟାଣ୍ଡର ହେବ ନବ କଳେବର । ଓଏସଆରଟିସି ପକ୍ଷରୁ ବିନିକା ସହରରେ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ । ପଶ୍ଚିମ ଓଡିଶାର ୧୦ଟି ବସଷ୍ଟାଣ୍ଡର ନବ କଳେବର ହେବା ତାଲିକାରେ ବିନିକା ବସଷ୍ଟାଣ୍ଡ ବି ରହିଛି।। ତେବେ ବିନିକା ସହରରେ ହେବାକୁ ଥିବା ଏହି ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ପାଇଁ ଆବଶ୍ୟକ ରହିଛି ୧ଏକର ୧୫୮ ଡିସମିଲ ଜମି । ମାତ୍ର ବିନିକା ସହର ବସଷ୍ଟାଣ୍ଡ କ୍ଷେତ୍ର ୪ଶହ ଡିସମିଲରୁ ମଧ୍ୟ କମ । ଏଣୁ ବୁଧବାର ବିନିକା ଏନ୍‌ଏସି ଓ ରାଜସ୍ୱ ବିଭାଗ ପକ୍ଷରୁ ବିନିକା ମଡେଲ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଆବଶ୍ୟକ ପଡୁଥିବା ଜମି ଲାଗି ସରକାରୀ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି । ବିନିକା ବସଷ୍ଟାଣ୍ଡ ସଂଲଗ୍ନରେ ରହିଥିବା ୮ଟି ସରକାରୀ ପ୍ଲଟ ଯାହାର ଖାତା ସଂଖ୍ୟା–୯୦୬/ ୯୦୮/୯୦୯ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି । ଉକ୍ତ ସରକାରୀ ପ୍ଲଟରେ ୨୨ରୁ ଉର୍ଦ୍ଧ୍ୱ ଲୋକ ଗୃହ ନିର୍ମାଣ କରି ରହୁଥିଲେ । ବୁଧବାର ଉଭୟ ବିଭାଗ ଜେସିବି ଏବଂ ବୁଲଡୋଜର ଲଗାଇ ସରକାରୀ ଜମିରୁ କିଛି ଭାଗ ଅଧିଗ୍ରହଣ କରିଛି । ସକାଳ ୧୦ଟାରୁ ଅପରାହ୍ନ ୫ଟା ଯାଏ ଜମି ଉଚ୍ଛେଦ କାର୍ଯ୍ୟ ଚାଲିଥିଲା । ଆସନ୍ତାକାଲି ମଧ୍ୟ ଉପରୋକ୍ତ ସରକାରୀ ଜମି ଅଧିଗ୍ରହଣ ଅଭିଯାନ ଜାରି ରହିବ । ଏଥିସହ ବିନିକା ଏନ୍‌ଏସି ପକ୍ଷରୁ ବସଷ୍ଟାଣ୍ଡରେ ନିର୍ମାଣାଧୀନ ଥିବା ୩୦ରୁ ଉର୍ଦ୍ଧ୍ୱ ଦୋକାନ ଗୃହ ମଡେଲ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଆଗକୁ ଭଙ୍ଗାଯିବ । ଆଜି ଏହି ସରକାରୀ ଜମି ଅଧିଗ୍ରହଣ ଅଭିଯାନ ବିନିକା ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ରୀକୁମାର ରଥ ଓ ବିନିକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କ ନେତୃତ୍ୱରେ ଚାଲିଥିଲା । ବିନିକା ଥାନା ଅଧିକାରୀ ପବିତ୍ର ସାହୁ ଓ ତାଙ୍କର ଟିମ୍ ଉଚ୍ଛେଦ ଅଭିଯାନରେ ନିୟୋଜିତ ରହିଥିଲେ ।
ତେବେ ଗୃହ ଉଚ୍ଛେଦ ହୋଇଥିବା ଲୋକଙ୍କ ଥଇଥାନ ବିଷୟରେ ବିନିକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କୁ ପଚାରିବାରେ କହିଥିଲେ ଯେ, ୨୨ ପରିବାର ମଧ୍ୟରୁ କେତେଜଣଙ୍କୁ ପୂର୍ବରୁ ଅନ୍ୟତ୍ର ରହିବା ପାଇଁ ଜମି ସହ ସରକାରୀ ଜମି ପଟ୍ଟା ମିଳିସାରିଛି । ଯେଉଁମାନେ ପାଇନାହାନ୍ତି ସେମାନଙ୍କୁ ମଧ୍ୟ ଥଇଥାନ କରାଯିବ ବୋଲି କହିଥିଲେ ।

# ଜବରଦଖଲକାରୀଙ୍କ କବ୍‌ଜାରେ ପ୍ରାକୃତିକ ନାଳ

ସୋନପୁର, ୧୮।୫ (ନି.ପ୍ର.)


ମହାରାଜ ହାଇସ୍କୁଲ ଓ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମଝିରେ ଥିବା ନାଳ ଜବରଦଖଲ ଯୋଗୁ ସଙ୍କୁଚିତ ହୋଇଯାଇଛି ।

**ବର୍ଷା ଋତୁରେ ସହର ଜଳାର୍ଣ୍ଣବ ହେବା ଆଶଙ୍କା**

ସୁବର୍ଣ୍ଣପୁର ଜିଲା ଘୋଷଣା ହେବା ପରେ କାମଧନ୍ଦା ପାଇଁ ଗ୍ରାମାଞ୍ଚଳରୁ ଏହି ସହରକୁ ଲୋକଙ୍କ ସୁଅ ଛୁଟିଲା। ଲୋକେ ବିଭିନ୍ନ ସ୍ଥାନରେ ଘରଦ୍ୱାର ନିର୍ମାଣ କରି ରହିଲେ। ଲୋକଙ୍କ ଚାହିଦା ଅନୁସାରେ ବଢି ଚାଲିଲା ଜମିର ମୂଲ୍ୟ। ସରକାରଙ୍କ ଧାର୍ଯ୍ୟ ଦରଠାରୁ ଢେର ଚଢା ଦରରେ ସୋନପୁରରେ ବିକ୍ରି ହେଉଛି ଘରଡିହ। ଜଣେ ମଧ୍ୟବିତ୍ତ ଶ୍ରେଣୀର ଲୋକ ପାଇଁ ସୋନପୁରରେ ଘର ଖଣ୍ଡିଏ ତୋଳିବା କାଠିକର ପାଠ ହୋଇଗଲାଣି । ତେବେ ସବୁଠାରୁ ଚିନ୍ତାଜନକ ପ୍ରସଙ୍ଗ ହେଲା ସରକାରୀ ଜମି ହେଉ କି ନାଳ ନର୍ଦ୍ଦମା ସବୁଠାରେ ଏବେ ଜବରଦଖଲକାରୀଙ୍କ ନଜର। ପ୍ରାକୃତିକ ନାଳଗୁଡିକୁ ବାନ୍ଧି ଘର କରିଦେଲେଣି ଲୋକେ। କେଉଁ ନାଳକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଲେଣି ତ କେଉଁ ନାଳରେ ମାଟି ପକାଇ ସରୁ ଡ୍ରେନ ଭଳି ଅବସ୍ଥା ହେଲାଣି।
ରାଜାରାଜୁଡା ସମୟରୁ ସହରର ବର୍ଷାଜଳ ବିଭିନ୍ନ ନାଳ ଦେଇ ମହାନଦୀକୁ ନିଷ୍କାସନ ହେଉଥିଲା। କେବଳ ସହରରେ ୭୨ଟି ଜଳାଶୟ ଥିଲା। ଏବେ ମାତ୍ର ୨୨ଟି ଅଛି। ପୂର୍ବରୁ କେବେ ବର୍ଷା ଦିନରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉ ନ ଥିଲା। ତେବେ କିଛି ବର୍ଷ ହେଲା ବର୍ଷାଦିନେ ସୋନପୁର ସହରର ବିଭିନ୍ନ ସ୍ଥାନ ଜଳାର୍ଣ୍ଣବ ହୋଇଯାଉଛି। ଆମ୍ବେଡ଼କର ଛକ–ଜୟଗୁରୁ ମାର୍କେଟ କମ୍ପ୍ଲେକ୍ସ ମୁଖ୍ୟ ରାସ୍ତାରେ ବୋହୁଛି ଆଣ୍ଠୁଏ ପାଣି । ମହାରାଜା ହାଇସ୍କୁଲ ଏବଂ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଫିସ ମଧ୍ୟରେ ଯାଇଥିବା ମୁଖ୍ୟ ନାଳ ଉଭୟ ପାର୍ଶ୍ୱରେ ଲୋକେ ମାଟି ପକାଇ ଘର କରିଦେଲେଣି। ଫଳରେ ଏହି ନାଳ ଏବେ ସଙ୍କୁଚିତ ହୋଇ ଡ୍ରେନ ଭଳି ଦେଖାଯାଉଛି। ସେହିଭଳି ରାଜାଙ୍କ ଦୁର୍ଗର ସୁରକ୍ଷା ଏବଂ ଜଳ ନିଷ୍କାସନ ପାଇଁ ସମଲେଇ ମନ୍ଦିର ନିକଟରେ ଥିବା ଖାଇ ଏବେ ଇତିହାସ ହୋଇଗଲାଣି। ଏହି ନାଳ ଉପରେ ଏବେ ବଡ ବଡ ଘର। ଏହି ନାଳ ମୁହଁରେ ମାଟି ପକାଇ ନାଳକୁ ସମ୍ପୂର୍ଣ୍ଣ ବନ୍ଦ କରି ପୌର ପରିଷଦ ଦ୍ୱାରା ନିର୍ମିତ ହୋଇଛି କଲ୍ୟାଣ ମଣ୍ଡପ। ସେହିପରି ବିସାଗରରୁ ଯେଉଁ ନାଳ ଦ୍ୱାରା ପୂର୍ବରୁ ବର୍ଷା ଜଳ ନିଷ୍କାସନ ହେଉଥିଲା, ଏବେ ସେହି ନାଳ ଉପରେ ଗଢି ଉଠିଲାଣି ଦୋକାନ ବଜାର। ବଡବଜାର ଅଞ୍ଚଳରେ ଥିବା ବହୁ ପ୍ରାକୃତିକ ନାଳ ମଧ୍ୟ ଏବେ ସତ୍ତା ହରାଇବାକୁ ବସିଲାଣି। ଜବରଦଖଲକାରୀଙ୍କ ବେପରୁଆ ମନୋଭାବ ଯୋଗୁ ଭବିଷ୍ୟତରେ ବର୍ଷା ଋତୁରେ ସାରା ସହର ଜଳାର୍ଣ୍ଣବ ହୋଇଯିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।